R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୩୧
ତିଥି: ନବମୀ
୦୫ ସେପ୍ଟେମ୍ବର ୨୦୨୬, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 331
05 September 2026, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur




# ସିଏମ୍ କିଷାନ ସହାୟତା ନୁହେଁ, ଚାଷୀଙ୍କ ପରିଶ୍ରମକୁ ସମ୍ମାନ : ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, ୪।୯ (ସବ୍ୟୁ) : ପବିତ୍ର ଜନ୍ମାଷ୍ଟମୀ ଓ କୃଷି ଭିତ୍ତିକ ଗଣପର୍ବ 'ନୂଆଁଖାଇ'ର ଅବ୍ୟବହିତ ପୂର୍ବରୁ ରାଜ୍ୟର ଅଗଣିତ ଚାଷୀ ଭାଇ ଓ ଭଉଣୀମାନଙ୍କ ପାଇଁ ବଡ଼ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆଜି ସ୍ଥାନୀୟ ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନ ଠାରେ ଆୟୋଜିତ ସି.ଏମ୍-କିଷାନ୍ ଯୋଜନାର ପଞ୍ଚମ କିସ୍ତି ବାବଦକୁ ରାଜ୍ୟର ୪୧ ଲକ୍ଷ ୩୫ ହଜାର ୯୭୮ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୧୩ ହଜାର ୯୪୯ ଭୂମିହୀନ କୃଷି ପରିବାରଙ୍କ ଆକାଉଣ୍ଟକୁ ଡିବିଟି ମାଧ୍ୟମରେ ୮୩୩ କୋଟିରୁ ଅଧିକ ଟଙ୍କାର ସହାୟତା ରାଶି ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହସ୍ତାନ୍ତର କରାଯାଇଛି। ସୂଚନା ଯୋଗ୍ୟଯେ, ୨୦୨୬-୨୭ ରବି ଫସଲ ପୂର୍ବରୁ ବିହନ, ସାର ଓ କୀଟନାଶକ କିଣିବାରେ ଏହି ଅର୍ଥ ଚାଷୀମାନଙ୍କୁ ସହାୟକ ହେବ।

- ୪୧.୩୫ ଲକ୍ଷ ଚାଷୀଙ୍କ ଖାତାକୁ ଗଲା ୮୩୩ କୋଟି
- ରବି ଫସଲ ପୂର୍ବରୁ ମିଳିଲା ସହାୟତା
- କୃଷକଙ୍କ ସମୃଦ୍ଧି ହିଁ ଓଡ଼ିଶା ପ୍ରଗତିର ପ୍ରକୃତ ମୂଳଦୁଆ

ସମାବେଶକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ସରକାର ସଦାସର୍ବଦା ଚାଷୀ ଓ ଭୂମିହୀନ ପରିବାରଗୁଡ଼ିକର କଲ୍ୟାଣ ପାଇଁ ପ୍ରତିବଦ୍ଧ। କୃଷକଙ୍କ ସମୃଦ୍ଧି ହିଁ ଓଡ଼ିଶାର ପ୍ରଗତିର ପ୍ରକୃତ ମୂଳଦୁଆ। (୯ ପୃଷ୍ଠାରେ)

# ୯ ଦିନ ପରେ ଟନେଲରୁ ୨ ଶ୍ରମିକ ଉଦ୍ଧାର

ନୂଆଦିଲ୍ଲୀ, ୪।୯ : ନେପାଳର ପ୍ରଳୟକାରୀ ବନ୍ୟାରେ କ୍ଷୟକ୍ଷତି ୨.୫୬ ବିଲିୟନ ଡଲାର କ୍ଷୟକ୍ଷତି ହୋଇଛି ବୋଲି ପ୍ରାରମ୍ଭିକ ଆକଳନ କରାଯାଇଛି। ଗତ ସପ୍ତାହରେ ହୋଇଥିବା ଏହି ପ୍ରଳୟଙ୍କାରୀ ବନ୍ୟାରେ ଭିତ୍ତିଭୂମି ରାସ୍ତାଘାଟ ଓ

**'ହରେ କୃଷ୍ଣ ହରେ କୃଷ୍ଣ' ଜପୁଥିଲେ, ଜନ୍ମାଷ୍ଟମୀରେ ଉଦ୍ଧାର**

**କ୍ଷୟକ୍ଷତି ପରିମାଣ ୨.୫୬ ବିଲିୟନ୍ ଡଲାର**

କୋଠା ବାଡି ଭାଙ୍ଗି ଯାଇଛି। ନେପାଳ ବିପର୍ଯ୍ୟୟ କର୍ତ୍ତୃପକ୍ଷ ମୁଖ୍ୟ ଏହି କ୍ଷୟକ୍ଷତି ଆକଳନର ସୂଚନା ଦେଇଛନ୍ତି। ନେପାଳ ମୁଦ୍ରାରେ ଏହାର ପରିମାଣ ୩୮୭.୫ ବିଲିୟନ ବୋଲି ଦର୍ଶାଯାଇଛି। ବର୍ତ୍ତମାନ ସୁଦ୍ଧା ବନ୍ୟା ଯୋଗୁଁ ୧୨୮୨ ଜଣଙ୍କର



ମୃତ୍ୟୁ ହୋଇଥିବା ବେଳେ ୫୦୫୩ ଜଣ ନିଖୋଜ ଅଛନ୍ତି। ଆଉ ଏକ ଘଟଣାକ୍ରମରେ ତ୍ରିଶୂଳୀ ହାଇଡ୍ରୋ ପୋଜେକ୍ଟ ଟ୍ରନେଲରୁ ଶୁକ୍ରବାର ଦୁଇ ଜଣ ଶ୍ରମିକଙ୍କୁ ଜୀବିତ ଉଦ୍ଧାର କରାଯାଇଛି।

୯ ଦିନ ପରେ ଏହି ଶ୍ରମିକମାନେ ବାହାର ଦୁନିଆ ଦେଖିଛନ୍ତି। ଉଦ୍ଧାର ହୋଇଥିବା ଶ୍ରମିକ ସଞ୍ଜୟ ଶାହ କହିଛନ୍ତି ଯେ, ଫଶି ରହିଥିବା ସମୟରେ ସେମାନେ ହରେକୃଷ୍ଣ ମହାମନ୍ତ୍ର ଜପୁ ଥିଲେ ଆଶା ରଖୁଥିଲେ ନିଶ୍ଚିତ ଉଦ୍ଧାର ହେବେ। ଆଜି ଜନ୍ମାଷ୍ଟମୀରେ ସେମାନଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି। ସଞ୍ଜୟ ଏହି ଜଳବିଦ୍ୟୁତ ପ୍ରକଳ୍ପରେ (୯ ପୃଷ୍ଠାରେ)

# ଇଓଏସ୍-୦୫ ଉପଗ୍ରହର ସଫଳ ଉତ୍କ୍ଷେପଣ



ନୂଆଦିଲ୍ଲୀ, ୪।୯ : ଇସ୍ରୋର ସତୀଶ ଧାୱନ ସ୍ପେଶ୍ ସେଣ୍ଟରରୁ ଜିଏସ୍ଏଲ୍ଭି-ଏଫ୍ ୧୭ ରକେଟ୍‌ରୁ ଇଓଏସ୍-୦୫ ସାଟେଲାଇଟ୍‌ର ସଫଳତାର ସହ ଉତ୍କ୍ଷେପଣ କରାଯାଇଛି। ଏହାର ନାମ ନଟି ବୟ ରଖାଯାଇଛି। ଶତ୍ରୁର ଗତିବିଧି ଉପରେ ଏହା ମହାକାଶରୁ ନଜର ରଖିବ। ଏହାଛଡ଼ା ଘୂର୍ଣ୍ଣିଝଡ଼, ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିରୀକ୍ଷଣ ଓ ଉଦ୍ଧାର କାର୍ଯ୍ୟରେ ମଧ୍ୟ ସହାୟତା କରିବ।

ପୃଥିବୀ ଠାରୁ ୩୬ ହଜାର କିମି ଉଚ୍ଚତାରେ ରହି ଏହି ଉପଗ୍ରହ ୩୦ ମିନିଟ୍‌ରେ ଭାରତର ଚିତ୍ର ଉତ୍ତୋଳନ କରିବ। ଏହାଦ୍ୱାରା ଦେଶର ନିରନ୍ତର ପୃଥିବୀ ପର୍ଯ୍ୟବେକ୍ଷଣ କ୍ଷମତା ବଢ଼ିବା ସହ ପାଣିପାଗ, ପ୍ରାକୃତିକ ବିପର୍ଯ୍ୟୟ, ଜରୁରୀ ପରିସ୍ଥିତିରେ ନୀରିକ୍ଷଣ କାର୍ଯ୍ୟ ସହଜ ହେବ। ଭୋର ୨.୫୫ ମିନିଟ୍‌ରେ ଏହାକୁ ସଫଳତାର ସହ ଉତ୍କ୍ଷେପଣ କରାଯାଇଛି। ଏହି ସଫଳତା ପରେ ଇସ୍ରୋର ମୁଖ୍ୟ ଡ. ଭି. ନାରାୟଣନ୍ ମିଶନକୁ ସଫଳ ବୋଲି ଘୋଷଣା କରିଛନ୍ତି। ୫୧.୭ ମିଟର ଉଚ୍ଚର ଜିଏସ୍ଏଲ୍ଭି-୧୭ ରକେଟ୍‌ର ଓଜନ ୪୨୦.୫ ଟନ୍। ଭାରତର ଇଓଏସ୍-୦୫ କୌଣସି ବିଭାଗର ଫଟୋ ମାତ୍ର ୩୦ ମିନିଟ୍‌ରେ ନେଇପାରିବ। ଭାରତୀୟ ଉପ-ମହାଦୀପକୁ ଲଗାତର ନିରୀକ୍ଷଣ କରିବ।

## ଦଶରଥପୁର ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା କମୁନି

# ଆଶ୍ରୟସ୍ଥଳୀ, ବନ୍ଧ, ଛାତ ଉପରେ କଟିଲାଣି ୩୭ ଦିନ



ମଙ୍ଗଳପୁର, ୪।୯ (ସବ୍ୟୁ) : ୬୦ ଦିନରେ ୭ ଟି ବନ୍ୟା ଦେଖିସାରିଲାଣି ଦଶରଥପୁର । ଫଳରେ ବନ୍ୟା ବିପନ୍ନ ଦହଗଞ୍ଜ ହେଉଥିବା ଦେଖିବାକୁ ମିଳିଛି। ଶାଖା ନଦୀ କାଣୀ ଗୋଟିଏ ପରେ ଗୋଟିଏ ତାଣ୍ଡବ ରଚି ଚାଲିଛି। ପୂର୍ବ ବନ୍ୟାରେ ଯଦିଓ ବନ୍ୟା ଜଳ କମିଥିଲା ମାତ୍ର ବିଲ ଏବଂ ଖାଲୁଆ ସ୍ଥାନରୁ ପାଣି ଶୁଖିନଥିଲା । ପୁନଶ୍ଚ ପାଣି ପ୍ରବେଶ କରିବାରୁ ୧୯ ପଞ୍ଚାୟତର ୬୨ ରାଜସ୍ୱଗ୍ରାମର ୧ ଲକ୍ଷ ୧୦ ହଜାର ୨୯୯ ଜଣ ପ୍ରଭାବିତ ହୋଇଛନ୍ତି । ପ୍ରାୟ ୨୦ ପଞ୍ଚାୟତ୍ର ୬ ହଜାର ୨ ଶହ ହେକଟର ଚାଷ ନଷ୍ଟ ହୋଇଥିବା କୃଷି ବିଭାଗ ରିପୋର୍ଟ ଦେଇଛି । ଶତାଧିକ ଘର ଭାଙ୍ଗିଛି ।

ଅହିୟାସ ବଜାରରେ ପ୍ରାୟ ୩୦୦ ଦୋକାନ ବ୍ୟବସାୟ ଠପ ହୋଇଯାଇଛି।

**ଏବେବି ସମସ୍ତ ୧୯ ପଞ୍ଚାୟତର ୬୨ ଗାଁ ଜଳମଗ୍ନ**

ଫଳରେ ବ୍ଲକର କସପା, ତରପଦା, ମଳିକାପୁର, ଛଚିଣା, ଶୁଶୁଆ, କଟିକଟା, ଜୟନ୍ତରା, କନିକାପଡା, ଦୁଦୁରା ଅଣ୍ଟା, ଦଉପୁର, ନିଜାମ୍ପୁର, ଥାଲକୁଡ଼ି, ମଙ୍ଗଳପୁର, ବିରିପଟା, ଜାଫାରପୁର, ପାଲଟପୁର, ଖାନନଗର, କମାରଡିହ, କୟାଁ ଆଦି ପଞ୍ଚାୟତ ଜଳ ମଗ୍ନ ହୋଇଛି । ସବୁଠୁ ଦୁଃଖର ବିଷୟ ଦଶରଥପୁର ବନ୍ୟାରେ ପ୍ରଥମ ବନ୍ୟା ଜୁଲାଇ ୬ରେ କାଣୀ ନଦୀ କଣ୍ଟପଡା ଠାରେ ଘାଇ ହୋଇଥିବାବେଳେ ଦ୍ୱିତୀୟ ବନ୍ୟା ଗତ ଜୁଲାଇ ୨୮ ତାରିଖ କାଣୀ ନଦୀର ଡୋଭାବିଲ ପାଟଣା (୯ ପୃଷ୍ଠାରେ)

## ୧୮୩ କିଲୋ ଗଞ୍ଜେଇ, ପୁଳାପୁଳା ଟଙ୍କା ଜବତ

ପୁରୀ, ୪।୯ (ସବ୍ୟୁ) : ଶୁକ୍ରବାର ଦିନ ପୁରୀ ମେରାଇନ ଥାନା ପକ୍ଷରୁ ସ୍ଥାନୀୟ ଆଇଏମ୍‌ଟି ଫାର୍ମାସୀ କଲେଜ ନିକଟରେ ଥିବା ଏକ ଭଡା ଘର ଉପରେ ଅତର୍କିତ ଭାବେ ଚଢ଼ାଉ କରାଯାଇ ବିପୁଳ ପରିମାଣର ଗଞ୍ଜେଇ ଜବତ କରାଯାଇଛି। ଜବତ ଗଞ୍ଜେଇ ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ।

ପୋଲିସର ଚଢାଉ ବେଳେ ୭ଟି ଜରି ବସ୍ତାରେ ୧୭୬ ଗଞ୍ଜେଇ ପ୍ୟାକେଟ ଥିଲା। ଜବତ ଗଞ୍ଜେଇ ପ୍ରାୟ ଏକ କ୍ୱିଣ୍ଟାଲ ୮୩ କେଜି ଓଜନ ଅଟେ। ପୁରୀ ତାଳବଣିଆ ଥାନା ଅନ୍ତର୍ଗତ ଟିକରପଡାର କାର୍ତ୍ତିକ ସାମନ୍ତରାୟ ଓ ତାଙ୍କ ସହଯୋଗୀ ଭାବରେ କାମ କରୁଥିବା ପୁରୀ ସିଦ୍ଧମହାବୀରର ଦେବେନ୍ଦ୍ର କୁମାର ସାହୁଙ୍କୁ ବେଆଇନ ଗଞ୍ଜେଇ ରଖିବା ଅଭିଯୋଗରେ ଗିରଫ୍ କରିଛି ପୁଲିସ । ଧାର୍ମିକ (୯ ପୃଷ୍ଠାରେ)

## ନଭେମ୍ବର ୧୦ରେ ପ୍ରକାଶ ପାଇବ ସୋନିଆଙ୍କ ପୁସ୍ତକ



ନୂଆଦିଲ୍ଲୀ, ୪।୯ : ସୋନିଆ ଗାନ୍ଧିଙ୍କ ଆତ୍ମଜୀବନୀ ପୁସ୍ତକ 'ବିଲଙ୍ଗିଙ୍ଗ' 'ଏ ଜର୍ନି ଅଫ୍ ଲ'ର ପ୍ରକାଶନ ଅଧିକାର ହାର୍ପର କଲିନସ ଇଣ୍ଡିଆ ନେଇଛି। ପେଙ୍ଗୁଇନ ରାଣ୍ଡମ ହାଉସ ଇଣ୍ଡିଆ ସହ ବିବାଦ ପରେ ଏହି ପୁସ୍ତକର ପ୍ରକାଶନ ଦାୟିତ୍ୱ ଉକ୍ତ ସଂସ୍ଥାକୁ ମିଳିଛି। ୧୦ ନଭେମ୍ବରରେ ଏହି ପୁସ୍ତକ ଭାରତରେ ପ୍ରକାଶ ପାଇବ।

ହାପର କଲିନ୍ସ ସୋନିଆଙ୍କର ସ୍ମୃତିର ଏହି ପୁସ୍ତକକୁ ପ୍ରକାଶ କରିବାକୁ ଯାଉଛି। ଏଥିରେ ତାଙ୍କ ସମର ରାଜନୈତିକ ଘଟଣା ଭଳି ସମେତ ଅନେକ ପ୍ରସଙ୍ଗ ଉଲ୍ଲେଖ ରହିଛି। ପ୍ରଥମେ ଏହି ପୁସ୍ତକର ପ୍ରକାଶନ ଦାୟିତ୍ୱ ପେଙ୍ଗୁଇନ ରାଣ୍ଡମ ହାଉସ ଇଣ୍ଡିଆ ନେଇଥିଲା। ମାତ୍ର ସେମାନେ ଏହାର ସମ୍ପାଦକୀୟରେ କିଛି ପରିବର୍ତ୍ତନ ଚାହିଁଥିଲେ। ମାତ୍ର ସୋନିଆ ଗାନ୍ଧୀ ଏଥିରେ ରାଜି ହୋଇନଥିଲେ। ଫଳରେ ସମ୍ପୃକ୍ତ ସଂସ୍ଥା ପ୍ରକାଶନରୁ ଓହରି ଯାଇଥିଲା।

## ଦୁର୍ଦ୍ଦାନ୍ତ ଡକାୟତ ଲୋକେଶଙ୍କୁ ଏନ୍‌କାଉଣ୍ଟର

ବାଲେଶ୍ୱର, ୪।୯ (ସବ୍ୟୁ) : ସିମୁଳିଆ ଥାନା ଅନ୍ତର୍ଗତ ଅଡା କେନାଲ ନିକଟରେ ସିମୁଳିଆ ଥାନା ପୋଲିସ ଦୁର୍ଦ୍ଦାନ୍ତ ଡକାୟତ ଲୋକେଶ ସିଂହକୁ ଗୁଳି ମାରି ଜଖମ କରିଛି । ତା'ର ବାମ ଗୋଡ଼ର ଆଣ୍ଠୁ ତଳେ ଗୁଳି ବାଜି ଥିବାରୁ ତାକୁ ଗୁରୁତର ଅବସ୍ଥାରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କଡା ସୁରକ୍ଷା ବଳୟରେ ଭର୍ତ୍ତି କରିଛି ପୋଲିସ । ଶୁକ୍ରବାର ମଧ୍ୟାହ୍ନରେ ବାଲେଶ୍ୱର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର ଏକ ସାମ୍ବାଦିକ ସମ୍ମିଳନୀ ରେ ଏ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି।

ଗୁରୁବାର ବିଳମ୍ବିତ ରାତି ପ୍ରାୟ ଦୁଇଟା ସମୟରେ ସିମୁଳିଆ ପୋଲିସ ଜାତୀୟ ରାଜପଥରେ ଯାନବାହନ ଯାଞ୍ଚ କରୁଥିବାବେଳେ ଏକ ୫ ଜଣିଆ ଡକାୟତ ଦଳ ଗୋଟିଏ ନିର୍ଜନ ସ୍ଥାନରେ ଏକ ଜୁଟ ହୋଇ ଡକାୟତି ପାଇଁ ଯୋଜନା କରୁଥିବା (୯ ପୃଷ୍ଠାରେ)

# ସଂସଦମାର୍ଗ ଥାନା ଘେରିଲା ସିଜେପି

## ଆତ୍ମଘୋଷିତ ଇନ୍‌ଫ୍ଲୁଏନ୍‌ସର ସ୍ୱତନ୍ତ୍ର ଭରଦ୍ୱାଜଙ୍କ ଗିରଫ ଦାବି




ନୂଆଦିଲ୍ଲୀ, ୪।୯ : ପୁଣି ସିଜେପି କର୍ମକର୍ତ୍ତା ରାଜରାସ୍ତାକୁ ଓହ୍ଲାଇଛନ୍ତି। ଆତ୍ମଘୋଷିତ ଇନଫ୍ଲୁଏସନର ସ୍ୱତନ୍ତ୍ର ଭରଦ୍ୱାଜାଙ୍କୁ ତୁରନ୍ତ ଗିରଫ କରିବା ଦାବିରେ ସିଜେପି ପକ୍ଷରୁ ଦାବି କରାଯାଇଛି। ସିଜେପିର ପ୍ରତିବାଦ ପରେ ଭରଦ୍ୱାଜକୁ ଅଟକ ରଖିଥିବା ପୋଲିସ ପକ୍ଷରୁ କୁହାଯାଇଛି।

ଅଭିଯୋଗ ଅନୁଯାୟୀ ଜୁନ ୨୩ରେ ଜନ୍ତରମନ୍ତରରେ ହେଉଥିବା ଆନ୍ଦୋଳନ ବେଳେ ଜଣେ ଛାତ୍ର ପ୍ରତିବାଦକାରୀ ନିଶୁ ଆଜାଦଙ୍କ ବାପାଙ୍କୁ ଭରଦ୍ୱାଜ ମାଡ଼ମାରି ମୁଣ୍ଡ ଫଟାଇ ଦେଇଥିଲା। ଏକ କୋଡକାଷ୍ଟରେ ଭରଦ୍ୱାଜ କହିଥିଲେ ଯେ, ନିଶୁଙ୍କ ବାପାଙ୍କ ମୁଣ୍ଡକୁ ଆମେ ଫଟାଇଛୁ। ତାଙ୍କ ମୁଣ୍ଡରେ ୬୦ ଷ୍ଟିଚ୍ ପଡିଛି। ଏଭଳି ଘଟଣାରେ ହତ୍ୟା ଉଦ୍ୟମ ଭଳି ଧାରା ରହିବା କଥା ମାତ୍ର ସେ ଗୋଟିଏ ରାତି ଜେଲରେ ବିତାଇନାହାନ୍ତି। ଦିଲ୍ଲୀ (୯ ପୃଷ୍ଠାରେ)


## ୧୨ ଯାଏଁ ମୌସୁମୀ ଦୁର୍ବଳ

# ଡେରିରେ ଆସିବ, ଶୀଘ୍ର ଯିବ ଶୀତ

ଭୁବନେଶ୍ୱର, ୪।୯ (ସବ୍ୟୁ) : ଅଗଷ୍ଟ ମାସ ସାରା ପ୍ରବଳ ବର୍ଷିଲା । ଏପରିକି ବର୍ଷା ଋତୁ ସରିବା ପୂର୍ବରୁ କୋଟା ବି ପୂରଣ କଲା । ପ୍ରବଳ ବର୍ଷା ଯୋଗୁଁ ରାଜ୍ୟରେ ତିନିଥର ବନ୍ୟା ସୃଷ୍ଟି ହେଲା । ଫଳରେ ଭଦ୍ରକ, ଯାଜପୁର, ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦ୍ରାପଡ଼ା ଜିଲ୍ଲାବାସୀ ନାହିଁ ନଥିବା ଯନ୍ତ୍ରଣା ଭୋଗିଲେ । ଏବେବି ଯାଜପୁର ଓ ଭଦ୍ରକରୁ ପାଣି କମିନି । ଚାଷ ଗଲା, ବାସ ବି ଗଲା। ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା କହିଲେ ନସରେ। ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ମୌସୁମୀ ଦୁର୍ବଳ ଯୋଗୁଁ ବର୍ଷା ପରିମାଣ ସାମାନ୍ୟ କମିବାର ସମ୍ଭାବନା ରହିଛି। ଚଳିତବର୍ଷ ଏଲ୍‌ନିନୋ ପ୍ରଭାବରେ ଶୀତର ପ୍ରଭାବ କମ୍ ରହିବ। ଡେରିରେ ଶୀତ ଅନୁଭୂତ ହୋଇ ଅବଧି ମଧ୍ୟ କମ୍ ରହିବ ବୋଲି ପାଣିପାଗ ବିଶେଷଜ୍ଞ ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି।

ଭାରତୀୟ ପାଣିପାଗ ବିଭାଗର ବିସ୍ତାରିତ ଆକଳନ ଅନୁଯାୟୀ, ରାଜ୍ୟରେ ଏବେ ମୌସୁମୀ ଦୁର୍ବଳ ସ୍ଥିତିରେ ଅଛି। ଚଳିତ ମାସ ୧୨ ତାରିଖ ପର୍ଯ୍ୟନ୍ତ ମୌସୁମୀ ସକ୍ରିୟ ହେବାର ସମ୍ଭାବନା ବହୁତ କମ । ୧୨ ତାରିଖ ପରେ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ତେବେ ମୌସୁମୀ ଦୁର୍ବଳ ସ୍ଥିତିରେ ରହିଲେ ଝଡ଼ତୋଫାନ ବର୍ଷାର ପରିମାଣ ବୃଦ୍ଧି ପାଇବ । ମଝିରେ ମଝିରେ ବଜ୍ରପାତ ବଢ଼ିବା ସହ ଜନଜୀବନ ହାନୀ ଘଟିବ ।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ବିଶେଷ ନାହିଁ । କେତେକ ସ୍ଥାନରେ ହାଲୁକା ବର୍ଷା (୯ ପୃଷ୍ଠାରେ)











ସି.ଏମ୍- କିଷାନ୍ ରବି ୨୦୨୬-୨୭ ପଞ୍ଚମ କିସ୍ତି ସହାୟତା ପ୍ରଦାନ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

## ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀ

# ୧୩ତମ ବ୍ୟାଚ୍ କ୍ୟାଡେଟ୍ ସବ୍-ଇନ୍ସପେକ୍ଟରଙ୍କ ଦୀକ୍ଷାନ୍ତ ସମାରୋହ

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀ ଠାରେ ୧୩ତମ ବ୍ୟାଚ୍ କ୍ୟାଡେଟ୍ ସବ୍-ଇନ୍ସପେକ୍ଟରମାନଙ୍କ ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୁଇ ବର୍ଷର କଠୋର ଇନ୍‌ଡୋର ଓ ଆଉଟ୍‌ଡୋର ପ୍ରଶିକ୍ଷଣ ସଫଳତାର ସହ ସମ୍ପୂର୍ଣ୍ଣ କରିଥିବା ୩୩୬ ଜଣ ନବନିଯୁକ୍ତ କ୍ୟାଡେଟ୍ ସବ୍-ଇନ୍ସପେକ୍ଟରଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଏହି ବ୍ୟାଚ୍‌ରେ ୭୦ ଜଣ ମହିଳା ସବ୍-ଇନ୍ସପେକ୍ଟର ସାମିଲ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଆନନ୍ଦ ପ୍ରକାଶ କରିବା ସହ ଏହା ଓଡ଼ିଶାର ନାରୀ ସଶକ୍ତିକରଣ ଓ ପରିବର୍ତ୍ତିତ ସାମାଜିକ ଚିତ୍ରର ଏହା ଏକ ଉଜ୍ଜ୍ୱଳ ପ୍ରତିଫଳନ ବୋଲି କହିଛନ୍ତି । ଦୀକ୍ଷାନ୍ତ ସମାରୋହକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପୋଲିସ ପୋଷାକ କେବଳ ଏକ ୟୁନିଫର୍ମ ନୁହେଁ, ଏହା ସମ୍ବିଧାନ ପ୍ରଦତ୍ତ କ୍ଷମତା ଓ ସମାଜ ସେବାର ଗୁରୁଦାୟିତ୍ୱ ବହନ କରେ । ବର୍ଦ୍ଧି ଦେଉଥିବା କ୍ଷମତାର ସଦୁପଯୋଗ କରି ପ୍ରତ୍ୟେକ ଅଧିକାରୀ ସମାଜର ଦୁର୍ବଳ ଶ୍ରେଣୀକୁ ନ୍ୟାୟ ପ୍ରଦାନ



କରିବା ଆବଶ୍ୟକ ବୋଲି ସେ ପରାମର୍ଶ ଦେଇଥିଲେ ।

ଆଧୁନିକ ଅପରାଧ, ଟେକ୍ନୋଲୋଜିର ବ୍ୟବହାର ଓ ସାଇବର ଠକେଇର ମୁକାବିଲା ପାଇଁ ଓଡ଼ିଶା ପୋଲିସ ନିଜକୁ ନିରନ୍ତର ଅପ୍‌ଡେଟ୍ କରୁଥିବାରୁ ସେ ସନ୍ତୋଷ ପ୍ରକାଶ କରିବା ସହ ରାଜ୍ୟରୁ ମାଓ ଓ ନକ୍ସଲ ହିଂସା ସମ୍ପୂର୍ଣ୍ଣ ଦମନ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି । ଆଗାମୀ ଦଶ ବର୍ଷ ମଧ୍ୟରେ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଶିଳ୍ପାୟନ ଏବଂ ଶାନ୍ତି-ଶୃଙ୍ଖଳା ଅପରିହାର୍ଯ୍ୟ ବୋଲି ଦର୍ଶାଇ ମୁଖ୍ୟମନ୍ତ୍ରୀ ପୋଲିସ ବିଭାଗର ଆଧୁନିକୀକରଣ ଓ ମାନବ ସମ୍ବଳ ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଗତ ଦୁଇ ବର୍ଷ ମଧ୍ୟରେ ପୋଲିସ ବିଭାଗରେ ୧୭,୭୯୪ଟି ନୂତନ ପଦବୀ ସୃଷ୍ଟି କରାଯିବା ସହ ୫,୮୧୭ଟି ପଦବୀ ପୂରଣ କରାଯାଇଛି ଏବଂ ଥାନାଗୁଡ଼ିକର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ଯାନବାହାନ ଓ ଇନ୍ଧନ ଭତ୍ତା ପ୍ରଦାନ କରାଯାଉଛି । ଏହା ସହିତ ୨୦୨୯ ସୁଦ୍ଧା ଓଡ଼ିଶାକୁ 'ନିଶାମୁକ୍ତ ରାଜ୍ୟ'ରେ ପରିଣତ କରିବା ପାଇଁ ସରକାର ସଂକଳ୍ପବଦ୍ଧ ବୋଲି ସେ ଦୋହରାଇଛନ୍ତି ।

ପୋଲିସ ବାହିନୀକୁ ଅଧିକ କ୍ରିୟାଶୀଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ସ୍ମାର୍ଟ ପୋଲିସିଂ ନୀତି ଆପଣାଇବାକୁ ଆହ୍ୱାନ ଦେବା ସହ ନବନିଯୁକ୍ତ ଅଧିକାରୀମାନଙ୍କୁ ତିନୋଟି ଗୁରୁମନ୍ତ୍ର ପ୍ରଦାନ କରିଛନ୍ତି । ସରକାରଙ୍କ 'ଶୂନ୍ୟ ସହନଶୀଳତା' ନୀତିକୁ ଆଧାର କରି ଦୁର୍ନୀତିରୁ ସମ୍ପୂର୍ଣ୍ଣ ଦୂରେଇ ରହିବା, ୟୁନିଫର୍ମ ସର୍ଭିସରେ ସର୍ବୋଚ୍ଚ ଶୃଙ୍ଖଳା ବଜାୟ ରଖିବା ଏବଂ କ୍ଷମତାର ଅପବ୍ୟବହାର ନକରି ନିର୍ଦ୍ଦୋଷଙ୍କୁ ସୁରକ୍ଷା ଓ ଅପରାଧୀଙ୍କୁ ଆଇନ ଅନୁଯାୟୀ ଦଣ୍ଡ ଦେବା ପାଇଁ ସେ ପରାମର୍ଶ ଦେଇଛନ୍ତି । କୌଣସି ଅପରାଧୀ ଯେପରି ଖସି ନଯାଆନ୍ତି ଏବଂ ଜଣେ ହେଲେ ନିର୍ଦ୍ଦୋଷ ଯେପରି ହଇରାଣ ନହୁଅନ୍ତି, ସେଥିପ୍ରତି ସଜାଗ ରହି 'ସେବା ଓ ସୁରକ୍ଷା' ମନ୍ତ୍ରରେ କାର୍ଯ୍ୟ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଏହି ଦୀକ୍ଷାନ୍ତ ସମାରୋହରେ ବିଭିନ୍ନ ବିଭାଗରେ ଉତ୍କର୍ଷ ହାସଲ କରିଥିବା କୃତୀ କ୍ୟାଡେଟ୍‌ମାନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ । ଏଥିରେ ପି. ନଳିନୀ ରାଓଙ୍କୁ ସର୍ବାଧିକ ନମ୍ବର ହାସଲ କରି ରାଜ୍ୟପାଳଙ୍କ ପଦକ, ଟ୍ରଫି ସହ ୧୦,୦୦୦ ଟଙ୍କାର ନଗଦ ପୁରସ୍କାର ରାଶି ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିଲେ । ଏଥି ସହ ତେଜସ୍ୱିନୀ ମହନ୍ତରାୟ, ଯୁଧିଷ୍ଠିର ବେହେରା, ଲକ୍ଷ୍ମଣ କୁମାର ମହନ୍ତ, ସସ୍ମିତା ଖୁଣ୍ଟିଆ, ନିହାରିକା ତ୍ରିପାଠୀ ଓ ଆଶୁତୋଷ ନାୟକଙ୍କୁ ପୋଲିସ ପ୍ରଶିକ୍ଷଣରେ ଉତ୍ତମ ପ୍ରଦର୍ଶନ ନିମନ୍ତେ ମୁଖ୍ୟମନ୍ତ୍ରୀ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ ।

ସମାରୋହରେ ପୋଲିସ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର କହିଛନ୍ତି ଯେ ପୋଲିସ ଅଧିକାରୀମାନେ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ କାର୍ଯ୍ୟ କରିବା ଉଚିତ । ପୋଲିସ ସେବାରେ ଅନେକ ସମସ୍ୟା ଓ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଲେ ମଧ୍ୟ, ସେମାନଙ୍କୁ ସମ୍ପୂର୍ଣ୍ଣ ସାହସିକତା, ନିଷ୍ଠା ଓ ସାଧୁତାର ସହିତ ନିଜର ଦାୟିତ୍ୱ ତୁଲାଇବାକୁ ହେବ । ଏହା ସହିତ ସାଇବର ଅପରାଧ ଭଳି ଆଧୁନିକ ସମସ୍ୟାର ମୁକାବିଲା କରିବା ପାଇଁ ପ୍ରଯୁକ୍ତିବିଦ୍ୟା ଏବଂ ସ୍ମାର୍ଟ ପୋଲିସିଂ ବ୍ୟବସ୍ଥାର ଉପଯୋଗ କରିବା ଜରୁରୀ ଅଟେ । ନକ୍ସଲ ବିରୋଧୀ ଅଭିଯାନ କ୍ଷେତ୍ରରେ ଓଡ଼ିଶା ପୋଲିସ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଏହି ଅସାଧାରଣ କୃତିତ୍ୱ ଓ ସଫଳତା ପାଇଁ ସେ ସମଗ୍ର ଓଡ଼ିଶା ପୋଲିସ ବାହିନୀକୁ ଧନ୍ୟବାଦ ଜଣାଇଛନ୍ତି । ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀର ନିର୍ଦ୍ଦେଶକ ତଥା ପୋଲିସ ମହାନିରୀକ୍ଷକ ଅନୁପ କୁମାର ସାହୁ ସ୍ୱାଗତ ଅଭିଭାଷଣ ଦେବା ସହ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ଏହି ଦୀକ୍ଷାନ୍ତ ସମାରୋହରେ ରାଜ୍ୟର ବରିଷ୍ଠ ପୋଲିସ ଅଧିକାରୀ, ଇନ୍‌ଡୋର ଓ ଆଉଟ୍‌ଡୋର ପ୍ରଶିକ୍ଷକବୃନ୍ଦ, ନବନିଯୁକ୍ତ କ୍ୟାଡେଟ୍‌ମାନଙ୍କ ଅଭିଭାବକ ଓ ପରିବାର ସଦସ୍ୟ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

- ୩୩୬ ଜଣ ନବନିଯୁକ୍ତ ସବ୍-ଇନ୍ସପେକ୍ଟର (୭୦ ଜଣ ମହିଳା) ପୋଲିସ ସେବାରେ ସାମିଲ
- ଯୁବ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଗୁରୁମନ୍ତ୍ର- ଦୁର୍ନୀତିରୁ ସମ୍ପୂର୍ଣ୍ଣ ଦୂରେଇ ରୁହନ୍ତୁ

## ଯାତ୍ରୀଙ୍କ ସୁରକ୍ଷା ଲାଗି ଓଡ଼ିଶା ଯାତ୍ରୀ ସେଫ୍ଟି ଆପ୍

# ସେକ୍ ଆଣ୍ଡ ଆଲର୍ଟ ସୁବିଧା ପ୍ରତ୍ୟେକ ଯାତ୍ରାକୁ କରିବ ସୁରକ୍ଷିତ

ଭୁବନେଶ୍ୱର(ସବ୍ୟୁ): ସ୍ୱାୟତ୍ତ ଶାସନ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଓଡ଼ିଶା ଯାତ୍ରୀ ସୁରକ୍ଷା ଆପ୍'ର ଶୁଭାରମ୍ଭ କରିଛନ୍ତି । ଓଡ଼ିଶାରେ ସୁରକ୍ଷିତ, ସ୍ମାର୍ଟ ଏବଂ ନାଗରିକ-କୈନ୍ଦ୍ରିକ ସହରୀ ଯାତାୟାତ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ନାଗରିକ-ଅନୁକୂଳ ଏବଂ ସମୃଦ୍ଧ ସହର ଗଠନ ପାଇଁ ସୁରକ୍ଷିତ, ସୁଗମ ଓ ନିର୍ଭରଯୋଗ୍ୟ ଯାତାୟାତ ଅତ୍ୟନ୍ତ ଆବଶ୍ୟକ । ପ୍ରତ୍ୟେକ ନାଗରିକ ବିଶେଷ କରି ପ୍ରତ୍ୟେକ ମହିଳା ଯେପରି ବିନା ଭୟରେ ଯାତ୍ରା କରିପାରିବେ, ତାହା ନିଶ୍ଚିତ କରିବା ପାଇଁ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରାଯିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ. କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ଓଡ଼ିଶା ଯାତ୍ରୀର ବ୍ରାଣ୍ଡ ଆମ୍ବାସାଡର ବିଶିଷ୍ଟ ଅଭିନେତ୍ରୀ ଅର୍ଚ୍ଚିତା ସାହୁଙ୍କ ଉପସ୍ଥିତିରେ ଲୋକାର୍ପିତ ହୋଇଥିଲା । ସାଧାରଣତଃ ଅଧିକାଂଶ ସୁରକ୍ଷା ଫିଚର ପାଇଁ ବ୍ୟବହାରକାରୀଙ୍କୁ ଏସ୍‌ଓଏସ୍ ବଟନ୍ ଖୋଜିବାକୁ ପଡ଼ିଥାଏ, ଫୋନ୍ ଅନଲକ୍ କରି ବିଭିନ୍ନ ସ୍କ୍ରିନ୍ ମାଧ୍ୟମରେ ଯିବାକୁ ପଡ଼ିଥାଏ । କିନ୍ତୁ ଓଡ଼ିଶା ଯାତ୍ରୀ ଏକ ଭିନ୍ନ ଓ ସହଜ ପଦ୍ଧତି ଆପଣେଇଛି ।

ସେକ୍ ଆଣ୍ଡ ଆଲର୍ଟ ସୁବିଧା ମାଧ୍ୟମରେ ବ୍ୟବହାରକାରୀମାନେ କେବଳ ସେମାନଙ୍କ ଫୋନକୁ ହଲେଇ ଜରୁରୀକାଳୀନ ଆଲର୍ଟ ପଠାଇପାରିବେ । ଯାହାଦ୍ୱାରା ଭୟଭୀତ ଥିବା ସମୟରେ କିମ୍ବା ଆପକୁ ବ୍ୟବହାର କରିବାରେ ଅସମର୍ଥ ହେଲେ ମଧ୍ୟ ସେମାନେ ତୁରନ୍ତ ସହାୟତା ପାଇପାରିବେ । ଏହି ଆପରେ ୱାନ୍-କ୍ଲିକ୍ ଏସ୍‌ଓଏସ୍ ସୁବିଧା ମଧ୍ୟ ରହିଛି । ଯାହା ମାଧ୍ୟମରେ ଯାତ୍ରୀମାନେ ତୁରନ୍ତ ଜରୁରୀକାଳୀନ ନମ୍ବର ୧୧୨ କୁ କଲ୍ କରିପାରିବେ ଏବଂ ସେମାନଙ୍କର ମନୋନୀତ ସମ୍ପର୍କୀୟଙ୍କୁ ସୂଚନା ଦେଇପାରିବେ । ବ୍ୟବହାରକାରୀମାନେ ସେମାନଙ୍କର ବିଶ୍ୱସ୍ତ ବ୍ୟକ୍ତିଙ୍କ ସହ ଲାଇଭ୍ ଲୋକେସନ୍ ସେୟାର କରିପାରିବେ । ଫଳରେ ସେମାନଙ୍କ ଯାତ୍ରାର ସମୟାନୁବର୍ତ୍ତୀ ମନିଟରିଂ କରାଯାଇପାରିବ ।

ଏହି ସୁରକ୍ଷା ମୋଡ୍ୟୁଲଟି କେବଳ ଯାତ୍ରୀଙ୍କ ପାଇଁ ନୁହେଁ, ବରଂ ଚାଳକ (ଡ୍ରାଇଭର) ମାନଙ୍କ ପାଇଁ ମଧ୍ୟ ପ୍ରସ୍ତୁତ କରାଯାଇଛି । କାରଣ ଗାଡ଼ି ଭିତରେ କିଛି ଅସୁବିଧା ହେଲେ ସମସ୍ତଙ୍କ ପାଇଁ ଏପରି ଏକ ସୁରକ୍ଷା ବ୍ୟବସ୍ଥା ରହିବା ଉଚିତ । ଯାହା ପ୍ରକୃତ ବିପଦ ସମୟରେ କାର୍ଯ୍ୟକାରୀ ହୋଇପାରିବ । ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସାଧାରଣ ଯାତାୟାତକୁ ଅଧିକ ସୁରକ୍ଷିତ, ନିର୍ଭରଯୋଗ୍ୟ ଓ ସମାବେଶୀ କରିବା । ବିଶେଷ କରି ମହିଳା, ବରିଷ୍ଠ ନାଗରିକ, ଅନ୍ୟାନ୍ୟ ସମ୍ବେଦନଶୀଳ ଯାତ୍ରୀ କ୍ଷେତ୍ରରେ ଏହା ଉପଯୋଗୀ । ନୂତନ ସୁରକ୍ଷା ଫିଚରଗୁଡ଼ିକର ସୁବିଧା ନେବା ପାଇଁ ନାଗରିକମାନେ ଓଡ଼ିଶା ଯାତ୍ରୀ ଆପ୍ ଡାଉନଲୋଡ୍ କିମ୍ବା ଆପଡେଟ୍ କରିପାରିବେ ।

ୱାନ୍-କ୍ଲିକ୍ ଏସ୍‌ଓଏସ୍, ଲାଇଭ୍ ଲୋକେସନ୍ ସେୟାରିଂ ସମ୍ପର୍କୀୟଙ୍କୁ ଯିବ



ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ।

## ରିଅଲ ଇଷ୍ଟେଟ୍ ଏଜେଣ୍ଟ କହି ୨୬ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ନିଜକୁ ରିଅଲ ଇଷ୍ଟେଟ୍ ପରିଚୟ ଦେବା ସହ ପ୍ଲଟ୍ କରାଇ ଦେବାକୁ କହି ୨୬ଲକ୍ଷ ୩୭ ହଜାର ୫୦୦ ଟଙ୍କା ଠକି ନେଇଥିବା ଜଣେ ଅଭିଯୁକ୍ତକୁ ଗିରଫ କରିଛି କ୍ୟାପିଟାଲ ଥାନା ପୋଲିସ । ଟିକିନା ସ୍ୱାଇଁ ଓ ତାଙ୍କ ସ୍ୱାମୀ ୟୁନିଟ୍-୬ ଅଞ୍ଚଳରେ ଏକ ପାନ ଦୋକାନ କରିଛନ୍ତି । ଅଭିଯୁକ୍ତ ବସନ୍ତ କୁମାର ମହାରଣା ନିଜକୁ ଜଣେ ରିଅଲ ଇଷ୍ଟେଟ୍ ଏଜେଣ୍ଟ ଭାବେ ପରିଚୟ ଦେଇ ଦୋକାନକୁ ଯିବା ଆସିବା କରି ସେମାନଙ୍କ ବିଶ୍ୱାସଭାଜନ ହୋଇଥିଲା । ସମ୍ପର୍କ ହେବା ପରେ ଖଣ୍ଡଗିରି ଗଙ୍ଗନଗର ଅଞ୍ଚଳରେ ୩୦ଲକ୍ଷ ଟଙ୍କାର ଏକ ପ୍ଲଟ୍ ଯୋଗାଇ ଦେବାକୁ କହିଥିଲା । ଅଭିଯୁକ୍ତର କଥାକୁ ବିଶ୍ୱାସ କରି ଅଭିଯୋଗକାରିଣୀ ଓ ତାଙ୍କ ସ୍ୱାମୀ ୫ବର୍ଷ ମଧ୍ୟରେ ଅଭିଯୁକ୍ତକୁ ନଗଦ ଆକାରରେ, ଗୁଗୁଲ ପେ' ଏବଂ ଫୋନ୍ ପେ'ମାଧ୍ୟମରେ ବିଭିନ୍ନ ପର୍ଯ୍ୟାୟରେ ୨୬ଲକ୍ଷ ୩୭ ହଜାର ୫୦୦ଟଙ୍କା ଦେଇଥିଲେ । ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତ କୌଣସି ଜମି ଯୋଗାଇ ପାରିନଥିଲା । କିମ୍ବା ଟଙ୍କା ଫେରାଇ ନଥିଲା । ଟଙ୍କା ମାଗିବାରୁ ସେମାନଙ୍କ ମଧ୍ୟରେ କଳିଝଗଡା ହୋଇଥିଲା । ଉପାୟଶୂନ୍ୟ ହୋଇ କ୍ୟାପିଟାଲ ଥାନାରେ ଅଭିଯୋଗ କରିଥିଲେ ଟିକିନା । ଅଭିଯୋଗ ଆଧାରରେ ପୋଲିସ ବ୍ୟାଙ୍କ ଟ୍ରାଞ୍ଜାକ୍ସନ ଓ ଅନ୍ୟାନ୍ୟ କାଗଜପତ୍ର ଜବତ କରିବା ପରେ ଠକେଇର ପ୍ରମାଣ ମିଳିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ବସନ୍ତକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ବିଧାନସଭା ସ୍ଥାୟୀ କମିଟି-୩ର ଉତ୍ତର ପ୍ରଦେଶ ଗସ୍ତ

ଭୁବନେଶ୍ୱର(ସବ୍ୟୁ): ଓଡ଼ିଶା ବିଧାନସଭାର ବିଭାଗୀୟ ସ୍ଥାୟୀ କମିଟି-୩ର ଅଧ୍ୟକ୍ଷ ବାବୁ ସିଂଙ୍କ ଅଧ୍ୟକ୍ଷତାରେ କମିଟି ଉତ୍ତରପ୍ରଦେଶ ଗସ୍ତ କରିଛନ୍ତି । ଏହି ଷ୍ଟାଣ୍ଡିଂ କମିଟି ଉତ୍ତରପ୍ରଦେଶ ରାଜ୍ୟ ବିଧାନସଭା ପରିଦର୍ଶନ କରିବା ସହିତ ବିଧାନସଭାର ବାଚସ୍ପତି ସତିଶ ମାହାନା ଓ ବିଧାନସଭା ସଚିବ ପ୍ରଦିପ କୁମାର ଦୁବେ ତଥା ଅନ୍ୟାନ୍ୟ ଅଧିକାରୀଙ୍କ ସହିତ ବିଧାନସଭା ପରିଚାଳନା, ସ୍ଥାୟୀ କମିଟି ଗଠନ, ଅନ୍ୟାନ୍ୟ କମିଟିଙ୍କ କାର୍ଯ୍ୟ ପରିଚାଳନା ଓ ଏହାର କ୍ଷମତା, ବିଧାନସଭାରେ କାର୍ଯ୍ୟକାରୀ ହେଉଥିବା ଇ-ବିଧାନ ସିଷ୍ଟମର ଉପଯୋଗ, ବିଧାନସଭାରେ ବଜେଟ୍ ଉପସ୍ଥାପନ କରିବା ଓ ପାରିତ କରିବା ପଦ୍ଧତି ଏବଂ ଏଠାରେ ବିଧାୟକମାନଙ୍କୁ ଦିଆଯାଉଥିବା ସୁବିଧାସୁଯୋଗ ସହିତ ନିର୍ମାଣ ବିଭାଗ ଓ ଗୃହ ଓ ନଗର ଉନ୍ନୟନ, ଡ୍ରେନେଜ୍ ସିଷ୍ଟମ୍ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ।

ଏତଦ୍‌ବ୍ୟତୀତ କମିଟି ବିଧାନସଭା ଗ୍ୟାଲେରୀ ପରିଦର୍ଶନ କରିବା ସହିତ ବିଧାନସଭା କାର୍ଯ୍ୟ ପରିଚାଳନା ସମ୍ପର୍କିତ ସମସ୍ତ ସୂଚନା କିପରି ବିଧାୟକ ଓ ସାଧାରଣରେ ଉପଲବ୍ଧ କରାଯାଇପାରୁଛି, ସେ ସମ୍ପର୍କରେ ବିଶେଷ ସୂଚନା ପ୍ରାପ୍ତ



କରିଥିଲେ । ବିଧାନସଭା ଚାଲିଥିବା ବେଳେ କିପରିୟୁଟ୍ୟୁବ୍ ଓ ସିଧାପ୍ରସାରଣ କରାଯାଉଛି, ସେ ସମ୍ପର୍କରେ ମଧ୍ୟ ବିଶେଷ ସୂଚନା ପ୍ରାପ୍ତ କରିଥିଲେ । ଉତ୍ତରପ୍ରଦେଶ ପରି ଓଡ଼ିଶା ରାଜ୍ୟ ବିଧାନସଭାରେ ମଧ୍ୟ ଅନୁରୂପ ଭାବରେ କିପରି ସଂସ୍କାର ଅଣାଯାଇପାରିବ ସେ ଦିଗରେ ମଧ୍ୟ ପର୍ଯ୍ୟାଲୋଚନା କରାଯାଇଥିଲା ।

ଗତ ୨ରୁ ୭ ତାରିଖ ପର୍ଯ୍ୟନ୍ତ କମିଟି ଉତ୍ତର ପ୍ରଦେଶ ରାଜ୍ୟ ଗସ୍ତରେ ଯାଇଛନ୍ତି । ଉକ୍ତ ଗସ୍ତରେ ଷ୍ଟାଣ୍ଡିଂ କମିଟିର ସଦସ୍ୟ (ଡ.) ବ୍ୟୋମକେଶ ରାୟ, ସୁନିଲ କୁମାର ମହାନ୍ତି, ମାନସ କୁମାର ଦତ୍ତ ଓ ନୀଳମାଧବ ହିକ୍କା ପ୍ରମୁଖ ବିଧାୟକମାନେ କମିଟିଙ୍କ ଗସ୍ତରେ ସାମିଲ ଅଛନ୍ତି । ଉକ୍ତ ଗସ୍ତରେ ବିଧାନସଭା ତରଫରୁ କମିଟି ଅଧିକାରୀ ଈଶ୍ୱର ଚନ୍ଦ୍ର ନାୟକ ଓ ନିରଞ୍ଜନ କର, ଓଏସଡି ତଥା ଯୁଗ୍ମ ସଚିବ (ରିପୋର୍ଟିଂ) ମଧ୍ୟ କମିଟିଙ୍କ ଗସ୍ତରେ ସାମିଲ ହୋଇ ପୂର୍ଣ୍ଣ ସହାୟତା କରୁଛନ୍ତି ।

# ଚୋରା ମଦ ଜବତ; ଜଣେ ଗିରଫ

ଖୋର୍ଦ୍ଧା (ସବ୍ୟୁ) : ଆଦର୍ଶ ଥାନା ପୁଲିସ ପକ୍ଷରୁ ଗୁରୁଜଙ୍ଗ ଗିନି ଫ୍ୟାକ୍ଟ୍ରି ନିକଟରେ ଚଢ଼ଉ କରାଯାଇ ବେଆଇନଭାବେ ନିଆଯାଉଥିବା ମଦ ସମେତ ସ୍କୁଟିକୁ ଜବତ କରାଯାଇଛି । ଏହି ଘଟଣାରେ ପୁଲିସ ଜଣଙ୍କୁ ଗିରଫ କରିଛି । ଗିରଫ ଜଣକ ହେଲେ ଗୁରୁଜଙ୍ଗ ଦେୱାନ ସାହିର ରଜତ ମହାପାତ୍ର (୨୮) । ତା ନିକଟରୁ ପୁଲିସ ୧୫ଲିଟର ଦେଶୀ ମଦ ଜବତ କରିଛି ।

ପୁଲିସ ସୂଚନା ଅନୁସାରେ, ରଜତ ଆଜି ଏକ ସ୍କୁଟି (ନଂ- ଓଡି-୦୨-ବିବି-୯୮୨୪) ରେ ବେଆଇନଭାବେ ଦେଶୀ ମଦ ନେଇ ଯାଉଥିବା ପୁଲିସ ଖବର ପାଇଥିଲା । ଗୁରୁଜଙ୍ଗ ଗିନି ଫ୍ୟାକ୍ଟ୍ରି ନିକଟରେ ପୁଲିସ ରଜତ କୁ ଅଟକାଇଥିଲା । ତା ନିକଟରୁ ୨୦୦ମିଲି ଲିଟର ଲେଖାଏଁ ୭୫ବୋତଲ ଆସ୍କା-୪୦ ମଦ ଜବତ ହୋଇଛି । ଜବତ ମଦର




ପରିମାଣ ମୋଟ ୧୫ ଲିଟର । ଏହାକୁ ୩ଟି ପେଟିରେ ପ୍ୟାକ୍ କରାଯାଇଥିଲା । ମଦ ଚାଲାଣରେ ବ୍ୟବହୃତ ସ୍କୁଟି କୁ ମଧ୍ୟ ପୁଲିସ ଜବତ କରିଛି । ମଦ ଚାଲାଣ ଓ ବିକ୍ରି ପାଇଁ କୌଣସି ବୈଧ ଲାଇସେନ୍ସ ରଜତ ଦେଖାଇପାରିନଥିବା ପୁଲିସ ସୂଚନା ଦେଇଛି । ଏନେଇ ପୁଲିସ ୫୨୬/୨୬ ରେ ଓଡ଼ିଶା ଅବକାରୀ (ସଂଶୋଧନ) ଆଇନ, ୨୦୧୬ର ଧାରା ୫୨(ଏ) ଅନୁଯାୟୀ ମାମଲା ରୁଜୁ କରି ଗିରଫ ରଜତ କୁ କୋର୍ଟ ଚାଲାଣ କରିଛି ।

## ୫୦ଗ୍ରାମ ବ୍ରାଉନସୁଗର ଜବତ : ଜଣେ ଗିରଫ

ଖୋର୍ଦ୍ଧା, (ସବ୍ୟୁ) : ଆଦର୍ଶ ଥାନା ପୁଲିସ ଗାନ୍ଧୀ ପଡ଼ିଆସ୍ଥିତ ଶାନ୍ତି କଲ୍ୟାଣ ମଣ୍ଡପ ନିକଟରେ ଚଢଉ କରି ଜଣେ ବ୍ରାଉନସୁଗର ବେପାରୀ କୁ ଗିରଫ କରିଛି । ଗିରଫ ଜଣକ ହେଲେ ସମାନ୍ତରାପୁର ର ଶରତ ବେହେରା ଓରଫ ବାୟା ଓରଫ ଫିଂଟୁ (୨୭) । ତା ଠାରୁ ପୁଲିସ ୫୦ ଗ୍ରାମ ବ୍ରାଉନସୁଗର ସମେତ ଏକ ସ୍କୁଟି (ଓଡି-୦୨-ଡିକ୍ୟୁ-୬୦୯୨) ଜବତ କରିଛି । ଜବତ ବ୍ରାଉନସୁଗର ମୂଲ୍ୟ ୫ ଲକ୍ଷ ଟଙ୍କା ବୋଲି ପୁଲିସ ସୂଚନା ଦେଇଛି । ଗାନ୍ଧୀ ପଡ଼ିଆସ୍ଥିତ ଶାନ୍ତି କଲ୍ୟାଣ ମଣ୍ଡପ ନିକଟରେ ବ୍ରାଉନସୁଗର ବେପାର ହେଉଥିବା ବିଶେଷ ସୂତ୍ରରୁ ପୁଲିସ ଖବର ପାଇଥିଲା । ତାଙ୍କୁ ଧରିବାକୁ ଏସ୍‌ପି ପରମାର ସ୍ମିଥ୍ ପର୍ଶୋତମ ଦାସଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଡିପିଓ ପଙ୍କଜ ମାଝୀ ଓ ଥାନା ଅଧିକାରୀ ରମେଶ ଦେବତାଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା । ଏହି ଟିମ୍ ଏସ୍‌ଆଇ ଦିନେଶ କୁମାର ପିଙ୍ଗୁଆଙ୍କ ନେତୃତ୍ୱରେ ଘଟଣାସ୍ଥଳରେ ଚଢଉ କରିଥିଲେ । ଚଢଉବେଳେ ଫିଂଟୁ ଖସିବାକୁ ଉଦ୍ୟମ କରିଥିବାବେଳେ ପୁଲିସ ତାକୁ କାବୁ କରିବାରେ ସକ୍ଷମ ହୋଇଥିଲା । ଯାଂଚବେଳେ ତା ନିକଟରୁ ପୁଲିସ ୫୦ଗ୍ରାମ ବ୍ରାଉନସୁଗର ଜବତ କରିଥିଲା । ବ୍ରାଉନସୁଗର ବିକ୍ରୀ ଅଭିଯୋଗରେ ୫୨୪/୨୬ରେ ଏକ ମାମଲା ରୁଜୁ କରି ଗିରଫ ଫିଂଟୁ କୁ ପୁଲିସ କୋର୍ଟ ଚାଲାଣ କରିଛି ।

## କଟକରେ ପାର୍ବଣର ତୂରୀ , ମୃଣ୍ମୟୀ ମୂର୍ତ୍ତି ଲାଗି ମାଟି ଅନୁକୂଳ

କଟକ,(ସବ୍ୟୁ): ହଜାରେ ବର୍ଷର କଟକ ସହରରେ ପାର୍ବଣର ତୂରୀ ବାଜିଛି । ଦୀର୍ଘ ପ୍ରସିଦ୍ଧ ଶାରଦୀୟ ଦୁର୍ଗା ପୂଜାର ବିଗୁଲ ବାଜିଥିଲା ବେଳେ ପୂଜା କମିଟି ଗୁଡିକ ପାର୍ବଣ ପ୍ରସ୍ତୁତିରେ ଲାଗିପଡିଛନ୍ତି । ପବିତ୍ର ଜନ୍ମାଷ୍ଟମୀ ଅବସରରେ ବିଭିନ୍ନ ପୂଜା କମିଟି ପକ୍ଷରୁ ମୃଣ୍ମୟୀ ପ୍ରତିମା ନିର୍ମାଣ ଲାଗି ଆଜି ମାଟି ଅନୁକୂଳ ହୋଇଛି । ଦୁର୍ଗାପୂଜା ଆଉ ମାତ୍ର ୪୨ ଦିନ ବାକି ରହିଛି । ଆସନ୍ତା ଅକ୍ଟୋବର ୧୭ତାରିଖରେ ପୂଜା ଆରମ୍ଭ ହେଉଥିଲା ବେଳେ ୨୦ତାରିଖରେ ବିଜୟା ଦଶମୀ ଅନୁଷ୍ଠିତ ହେବ । ଅକ୍ଟୋବର ୨୧ତାରିଖ ଦିନ କଟକରେ ଦୁର୍ଗାପୂଜା ଭସାଣି ଅନୁଷ୍ଠିତ ହେବ । ସହରରେ ପ୍ରସିଦ୍ଧ ଦୁର୍ଗାପୂଜା ଲାଗି ବିଧିବଦ୍ଧ ଭାବେ ଆସନ୍ତାକାଲି ଠାରୁ ମା ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣରେ ନିମଗ୍ନ ରହିବେ କାରିଗର । ସହରର ୧୭୫ରୁ ଅଧିକ ପୂଜା ମଣ୍ଡପରେ ଶାରଦୀୟ ଦୁର୍ଗା ପୂଜା ପାଳନ ହେବ । ଅଧିକାଂଶ ପୂଜା ମଣ୍ଡପ ଆସନ୍ତାକାଲି ନନ୍ଦ ଉତ୍ସବ ଅବସରରେ ମାଟି ଅନୁକୂଳ କରିଥାନ୍ତି ବୋଲି କୁହନ୍ତି କଟକ ମହାନଗର ଶାନ୍ତି କମିଟିର କର୍ମକର୍ତ୍ତା । ସେମାନଙ୍କ କହିବାନୁସାରେ ବଙ୍ଗୀୟ ମତରେ ପୂଜା ପାଉଥିବା କିଛି ମଣ୍ଡରେ ମୂର୍ତ୍ତି ନିର୍ମାଣ ଲାଗି ଜନ୍ମାଷ୍ଟମୀ ଦିନ ମାଟି ଅନୁକୂଳ ହୋଇଥାଏ । ସେହିପରି ଆଉ କିଛି ମଣ୍ଡପରେ ନନ୍ଦ ଉତ୍ସବ ଆଉ କିଛି ମଣ୍ଡପରେ ସୁନିଆ ଓ ବାମନ ଜନ୍ମରେ ମାଟି ଅନୁକୂଳ ହୋଇଥାଏ । ସହରର ସିଡିଏ ସେକ୍ଟର-୮ ପୂଜା କମିଟି ପକ୍ଷରୁ ଆଜି ବେଶ ଧୁମଧାମରେ ମାଟି ଅନୁକୂଳ ହେଇଛି । ବାଜା ବାଣର ଶୋଭାଯାତ୍ରାରେ ପୂଜାମଣ୍ଡପରୁ ବିମାନ ଯାଇ କାଠଯୋଡି କୁଳରୁ ମାଟି ଅନୁକୂଳ କରାଯାଇଥିଲା । ଆସନ୍ତା କାଲି ନନ୍ଦ ଉତ୍ସବ ଅବସରରେ ପ୍ରାୟ ୫୦ରୁ ଅଧିକ ପୂଜା ମଣ୍ଡପ ମାଟି ଅନୁକୂଳ କରିବେ ବୋଲି ଜଣାପଡିଛି ।




ପବିତ୍ର ଜନ୍ମାଷ୍ଟମୀ ଅବସରରେ ଭୁବନେଶ୍ୱର ଇସ୍କନ୍ ମନ୍ଦିରରେ ପୂଜାର୍ଚ୍ଚନା



ୟୁନିଟ୍-୮ ସରସ୍ୱତୀ ଶିଶୁମନ୍ଦିର ଛାତ୍ରଛାତ୍ରୀଙ୍କ ରାଧାକୃଷ୍ଣ ବେଶ

### ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର-୨୦୨୪ ଘୋଷିତ

## ପୁରୀ ଜିଲ୍ଲା ଶିକ୍ଷାଧିକାରୀ ପାଇଲେ ଶ୍ରେଷ୍ଠ ଜିଲ୍ଲା ଶିକ୍ଷାଧିକାରୀ ପୁରସ୍କାର

ପୁରୀ, (ସବ୍ୟୁ) : ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର-୨୦୨୪ ରେ ପୁରୀ ଜିଲ୍ଲା ଉଲ୍ଲେଖନୀୟ ସଫଳତା ଅର୍ଜନ କରିଛି। ଜିଲ୍ଲା ଶିକ୍ଷା ବ୍ୟବସ୍ଥାର ଉତ୍କର୍ଷ ଓ ଶିକ୍ଷକମାନଙ୍କର ନିଷ୍ଠାପର ଉଦ୍ୟମକୁ ସ୍ୱୀକୃତି ଦେଇ ଏହି ପୁରସ୍କାର ପ୍ରଦାନ କରାଯାଇଛି। ୨୦୨୪ ବର୍ଷ ପାଇଁ ପୁରୀ ଜିଲ୍ଲାର ବିଭିନ୍ନ ବର୍ଗରେ ଜିଲ୍ଲା ଶିକ୍ଷାଧିକାରୀ, ଗୋଷ୍ଠୀ ଶିକ୍ଷାଧିକାରୀ, ମାଧ୍ୟମିକ ଶିକ୍ଷକ, ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟ ଏବଂ ଶିକ୍ଷାର୍ଥୀ ମାନେ ମୁଖ୍ୟମନ୍ତ୍ରୀ ଶିକ୍ଷା ରାଜ୍ୟ ପୁରସ୍କାର ହାସଲ କରିଛନ୍ତି। ଶିକ୍ଷାଦାନରେ ଉତ୍କର୍ଷ, ବିଦ୍ୟାଳୟର ଶିକ୍ଷାଗତ ପରିବେଶ, ଛାତ୍ରଛାତ୍ରୀଙ୍କ ସଫଳତା ଓ ବିଦ୍ୟାଳୟର ସାମଗ୍ରିକ ବିକାଶ ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ସଫଳତା ମିଳିଛି।

ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ଦୀପକ କୁମାର ପାଢ଼ୀ ୨୦୨୪ ବର୍ଷ ପାଇଁ ଜିଲ୍ଲା ଶିକ୍ଷାଧିକାରୀ ରାଜ୍ୟ ପୁରସ୍କାର ହାସଲ କରିଛନ୍ତି। ପୁରୀ ଜିଲ୍ଲାକୁ ଶିକ୍ଷାକ୍ଷେତ୍ରରେ ଶ୍ରେଷ୍ଠ କରି ଗଢିତୋଳିବାରେ ଶ୍ରୀ ପାଢ଼ୀଙ୍କ ଅଦମ୍ୟ ଉଦ୍ୟମ ଯୋଗୁଁ ସେ ଏହି ପୁରସ୍କାର ଲାଭ କରିଛନ୍ତି। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ, ଶ୍ରୀମତୀ ଉତ୍ତମ ପ୍ରଧାନ ୨୦୨୪ ବର୍ଷ ପାଇଁ ସତ୍ୟବାଦୀ ବ୍ଲକ ନିମନ୍ତେ ଗୋଷ୍ଠୀ ଶିକ୍ଷାଧିକାରୀ ରାଜ୍ୟ ପୁରସ୍କାର ଲାଭ କରିଛନ୍ତି। ସେହିପରି ଗୋପ ବ୍ଲକର ପତିତପାବନ ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ପିପିଲି ବ୍ଲକର ଗୋବିନ୍ଦପୁର ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମୁଖ୍ୟମନ୍ତ୍ରୀ ପ୍ରାଥମିକ ବିଦ୍ୟାଳୟ ରାଜ୍ୟ ପୁରସ୍କାର, କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ମୁଖ୍ୟମନ୍ତ୍ରୀ ମାଧ୍ୟମିକ ବିଦ୍ୟାଳୟ ରାଜ୍ୟ ପୁରସ୍କାର, ପୁରୀ ଜିଲ୍ଲା ମୂଳର କ୍ରୀଡ଼ା ଶିକ୍ଷକ ରଞ୍ଜନ ରେଡ୍ଡୀ ମାଧ୍ୟମିକ ଶିକ୍ଷକ ରାଜ୍ୟ ପୁରସ୍କାର ଏବଂ ବ୍ରହ୍ମଗିରି ବ୍ଲକର ମାନପତା ଶ୍ରେଷ୍ଠ ଗ୍ରାମପଞ୍ଚାୟତ ରାଜ୍ୟ ପୁରସ୍କାର ହାସଲ କରିଛନ୍ତି। ଜିଲ୍ଲାର ୭ ଜଣ ଶିକ୍ଷାର୍ଥୀ ଐଶ୍ୱରୀୟ ବେହେରା, ସୋନାକ୍ଷୀ ମହାନ୍ତି, ସମ୍ମିତ କୁମାର ସାହୁ, ତ୍ରିନାଥ ସାହୁ, ସୁକନ୍ୟା ଶୁଭଦର୍ଶିନୀ ପାଇଁ ଏବଂ କୁନାଲ କପୁର ଜେନା ପ୍ରମୁଖ ମେଧାବୀ ମୁଖ୍ୟମନ୍ତ୍ରୀ ଶିକ୍ଷା ରାଜ୍ୟ ପୁରସ୍କାର ହାସଲ କରିଛନ୍ତି।

ପୁରୀ ଜିଲ୍ଲାର ଶିକ୍ଷା କ୍ଷେତ୍ରରେ ଏହି ସଫଳତା ପାଇଁ ଜିଲ୍ଲା ଶିକ୍ଷା ବିଭାଗ, ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଏହି ପୁରସ୍କାର ଆଗାମୀ ଦିନରେ ଜିଲ୍ଲାର ଶିକ୍ଷା ବିଭାଗୀୟ ଅଧିକାରୀ, ଶିକ୍ଷକ/ ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ଓ ଶିକ୍ଷାର୍ଥୀମାନଙ୍କୁ ଅଧିକ ଉତ୍ସାହିତ କରିବ ବୋଲି ଆଶା ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ପୁରୀ ଶ୍ରୀ ଦିବ୍ୟଜ୍ୟୋତି ପରିଡ଼ା ଜିଲ୍ଲା ଶିକ୍ଷାଧିକାରୀ ଓ ଶିକ୍ଷା ବିଭାଗକୁ ଏପରି ସଫଳତା ପାଇଁ ସାଧୁବାଦ ଓ ସଦିଚ୍ଛା ଜଣାଇଛନ୍ତି।

## ଆର୍ଯ୍ୟସମାଜ ପକ୍ଷରୁ ଶ୍ରାବଣୀ ଉପାକର୍ମ ଉତ୍ସବ ପାଳିତ

ଭୁବନେଶ୍ୱର,(ସବ୍ୟୁ) : ଆର୍ଯ୍ୟସମାଜ, ଭୁବନେଶ୍ୱର ପକ୍ଷରୁ ଶ୍ରାବଣ ପୂର୍ଣ୍ଣିମା ଠାରୁ ଆରମ୍ଭ ହୋଇଥିବା ଶ୍ରାବଣୀ ଉପାକର୍ମ ଉତ୍ସବ ଓ ବେଦ ସ୍ୱାଧ୍ୟାୟ ସପ୍ତାହର ସପ୍ତମ ଦିନରେ ସାମ୍‌ବେଦ ପରାୟଣ ଯଜ୍ଞ ପରେ, ବେଦ ପ୍ରବଚନ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠାନର ଅଧ୍ୟକ୍ଷା ଶନ୍ନୋ ଦେବୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଆର୍ଯ୍ୟସମାଜୀ, ସଂସ୍କୃତି ପୁରୁଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କୁ, ଅଧ୍ୟକ୍ଷା ଶନ୍ନୋ ଦେବୀ ଓ ବିଶିଷ୍ଟ ବୈଦିକ ବିଦ୍ୱାନ ଡଃ ବ୍ରହ୍ମଦତ୍ତ ଜୀଜ୍ଞାସୁ ପ୍ରଶସ୍ତି ପତ୍ର, ଉତ୍ତରୀୟ ଓ ତୁଳସୀ ବୃକ୍ଷ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

ଡଃ ଜ୍ଞାନେନ୍ଦ୍ର ମହର୍ଷି ଦୟାନନ୍ଦଙ୍କ ପ୍ରତି ଗଭୀର ଶ୍ରଦ୍ଧାଳି ଜଣାଇ କହିଲେ ଯେ, ସମାଜରେ ସଂସ୍କାର ପାଇଁ ଭାରତବର୍ଷରେ ମହର୍ଷି ଦୟାନନ୍ଦ ଆଜକୁ ୧୫୦ ବର୍ଷ ପୂର୍ବେ ଏକ ସାମାଜିକ ଆନ୍ଦୋଳନର ସୂତ୍ରପାତ କରିଥିଲେ, ଯାହା ଆଜି ମଧ୍ୟ ତା'ର ଆବଶ୍ୟକତା ରହିଛି । ଆର୍ଯ୍ୟ ସମାଜ କେବଳ ଏକ ଧାର୍ମିକ ସଂସ୍ଥା ନୁହେଁ, ଭାରତବର୍ଷରେ ଏହା ଏକ ସଂସ୍କାରବାଦୀ ସାମାଜିକ ଆନ୍ଦୋଳନ । ମାତ୍ର ଅତ୍ୟନ୍ତ କ୍ଷୋଭର ବିଷୟ ସ୍ୱାଧୀନତାର ୮ ଦଶନ୍ଧୀ ପରେ, ଏବେ ମଧ୍ୟ ଆମ ସମାଜରେ ଜାତିପ୍ରଥା ରହିଛି, ଯାହା ପାଇଁ ଆଜି ସମ୍ପୂର୍ଣ୍ଣ ହିନ୍ଦୁ ସମାଜ ଲଜ୍ଜିତ ହେଉଛି । ବୈଦିକ ବିଦ୍ୱାନ ଡଃ ବ୍ରହ୍ମଦତ୍ତ ଜୀଜ୍ଞାସୁ ବେଦ ପ୍ରବଚନରେ କହିଲେ ଯେ, ବେଦର ପ୍ରତେ୍ୟକ ମନ୍ତ୍ର ବିଶ୍ୱର କଲ୍ୟାଣ ପାଇଁ ଉଦ୍ଦିଷ୍ଟ । ମହର୍ଷି ଦୟାନନ୍ଦ ବେଦର ସରଳ ବ୍ୟାଖ୍ୟାକୁ ଭାରତବର୍ଷର ତଳେ ପଡ଼ିଥିବା ମଣିଷ ପାଖରେ ପହଞ୍ଚାଇବା ପାଇଁ କାର୍ଯ୍ୟ କରୁଥିଲେ ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ଗୁରୁକୂଳ ଆମସେନାର ବ୍ରହ୍ମଚାରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିବା ପରେ ଉପଦେଷ୍ଟା ଇଂ ବ୍ରଜବନ୍ଧୁ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ । ଶେଷରେ କୋଷାଧ୍ୟକ୍ଷ ସୁନିଲ ଦେ ଧନ୍ୟବାଦ ଅର୍ପଣ କରିଥିଲେ । ଯଜ୍ଞ ପ୍ରକାଶ ଦାସ ଭଜନ ପରିବେଷଣ କରିବା ସହ ସଭା ସଂଯୋଜନା କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ନବନିର୍ବାଚିତ ସମ୍ପାଦକ ଚିତ୍ତରନ ପଣ୍ଡା, ଉପସଭାପତି ବୀରେନ୍ଦ୍ରେ କର, ଅନିରୁଦ୍ଧ ପଟ୍ଟନାୟକ, ରବି ନାରାୟଣ ମହାନ୍ତି ଓ ଜୟନ୍ତ ଦେ ପ୍ରମୁଖ ପରିଚାଳନା କରିଥିଲେ ।

### ଶିକ୍ଷକ,ଅଧ୍ୟାପକ ଓ ଶିକ୍ଷା କର୍ମଚାରୀଙ୍କ

## ଦାବିକୁ ଅବହେଳା କଲେ କଂଗ୍ରେସ ବରଦାସ୍ତ କରିବ ନାହିଁ : ଭକ୍ତ

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ଆହ୍ୱାନ କ୍ରମେ ଭୁବନେଶ୍ୱର ସମେତ ସାରା ଓଡ଼ିଶାର ସହସ୍ରାଧିକ ସରକାରୀ ଓ ବେସରକାରୀ ସ୍କୁଲ କଲେଜରେ କାର୍ଯ୍ୟରତ ଶିକ୍ଷକ ଓ କର୍ମଚାରୀ ମାନଙ୍କ ମଧ୍ୟରେ ଅସହଯୋଗ ଆନ୍ଦୋଳନ ଜାରି ରଖିଛନ୍ତି । ରାଜ୍ୟ ସରକାର ସଂପୃକ୍ତ ଶିକ୍ଷକ,କର୍ମଚାରୀଙ୍କ ନ୍ୟାୟୋଚିତ୍ତୋ ଦାବି ପୂରଣ ନେଇ କୌଣସି ମୁଣ୍ଡ ଖେଳାଉ ନଥିବାରୁ ଏ ନେଇ ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଗଭୀର ଉଦବେଗ ପ୍ରକାଶ କରିଛନ୍ତି । ଆବଶ୍ୟକ ପଡିଲେ କଂଗ୍ରେସ ସେମାନଙ୍କର ଦାବି ପୂରଣ ନେଇ ରାଜ୍ୟ ବ୍ୟାପି ଆନ୍ଦୋଳନ କରିବାକୁ ସେ ଚେତାବନୀ ଦେଇଛନ୍ତି ।

ଶ୍ରୀ ଦାସ ଏକ ପ୍ରେସ ବିବୃତିରେ ରାଜ୍ୟ ସରକାରଙ୍କ ଉପରେ ଜୋରଦାର ଆକ୍ରମଣ କରି କହିଛନ୍ତି ଯେ ରାଜ୍ୟ ସରକାରଙ୍କର ଦାୟିତ୍ୱହୀନତା ଯୋଗୁଁ ଆଜି ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ ଚରମ ଅଚଳାବସ୍ଥା ସୃଷ୍ଟି ହୋଇଛି । ଜୀବନ ଜୀବିକାର ପ୍ରମୁଖ ଦାବି ପୂରଣ ନେଇ ଶିକ୍ଷକ ଓ କର୍ମଚାରୀଙ୍କ ପରିବାର, ପିଲା ଛୁଆଙ୍କ ସହିତ ଆନ୍ଦୋଳନ ପରିସରକୁ ଆଜିକୁ ୨୦ ଦିନରୁ ଉର୍ଦ୍ଧ ସମୟ ହେବ ବିତିଯାଇଥିଲେ ମଧ ରାଜ୍ୟ ସରକାରଙ୍କର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁ ନାହିଁ । ଗୋଟିଏ ପଟରେ ରାଜ୍ୟ ସରକାର ନୂତନ ଶିକ୍ଷା ବ୍ୟବସ୍ଥାକୁ ନେଇ ଡିଣ୍ଡିମ ପିଟୁଥିଲାବେଳେ ସଂପୃକ୍ତ ଶିକ୍ଷକ,କର୍ମଚାରୀଙ୍କ ଦାବିଗୁଡିକ ପ୍ରତି ଦୃଷ୍ଟି ନଦେବା କଥାରୁ ସରକାରଙ୍କର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ୀକରଣ ନେଇ ଦୋ-ମୁଁହା ନିତୀ ଆପଣେଇଥିବା ସ୍ପଷ୍ଟ ପ୍ରତିପାଦିତ ହେଉଛି ବୋଲି ଶ୍ରୀ ଦାସ କହିଛନ୍ତି ।

ଶ୍ରୀ ଦାସ କହିଛନ୍ତି ଯେ ସଂପୃକ୍ତ ଶିକ୍ଷକ ଓ କର୍ମଚାରୀମାନଙ୍କର ପୂର୍ଣ୍ଣ ଅନୁଦାନ ପ୍ରଦାନ, ଷଷ୍ଠ ଓ ସପ୍ତମ ବେତନ କମିଶନଙ୍କ ସୁପାରିଶ ଅନୁଯାୟୀ ଦରମା ପ୍ରଦାନ, ସ୍ଥାୟୀକରଣ ଓ ପେନସନ ବ୍ୟବସ୍ଥା ଆଦି ଦାବି ରହିଛି ତାହା ଯୁକ୍ତିଯୁକ୍ତ । ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀମାନଙ୍କୁ ସମାନ କାର୍ଯ୍ୟକୁ ସମାନ ଦରମା ପ୍ରଦାନ ପାଇଁ ହକଦାର ବୋଲି ସେ କହିଛନ୍ତି । ସରକାର ଶିକ୍ଷକ ସମାଜର ମାନସମ୍ମାନ ଓ ପ୍ରତିଷ୍ଠା ରକ୍ଷା ପାଇଁ ସେମାନଙ୍କର ଦାବିଗୁଡିକୁ ତୁରନ୍ତ ମାନି ନେବା ଉଚିତ୍ । ସରକାରଙ୍କ ଏଭଳି ମନୋଭାବ ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କ ସହ ସମଗ୍ର ରାଜ୍ୟବାସୀଙ୍କୁ ଅତ୍ୟନ୍ତ ବ୍ୟଥିତ କରିଛି ବୋଲି ରାଜ୍ୟ କଂଗ୍ରେସ ସଭାପତି କହିଛନ୍ତି । ଯେଉଁ ଶିକ୍ଷକ ଓ କର୍ମଚାରୀ ସମାଜ ନିଜର ଅଧିକାର ପାଇଁ ରାଜରାସ୍ତାକୁ ଓହ୍ଲାଇଛନ୍ତି ସେମାନଙ୍କ ସହିତ କଂଗ୍ରେସ ରହିଛି । ଶିକ୍ଷା ଓ ଶିକ୍ଷାର୍ଥୀଙ୍କ ସ୍ୱାର୍ଥ ରକ୍ଷା ପାଇଁ କଂଗ୍ରେସ ସର୍ବଦା ରହି ଆସିଛି । ଯଦି ସରକାର ତୁରନ୍ତ ସେମାନଙ୍କର ନ୍ୟାୟୋଚିତ୍ତୋ ଦାବି ପ୍ରତି ଦୃଷ୍ଟି ନ ଦିଅନ୍ତି, ତେବେ ଆଗାମୀ ଦିନରେ କଂଗ୍ରେସ ଆନ୍ଦୋଳନକୁ ଅଧିକ ତୀବ୍ରତର କରିବା ପାଇଁ ରାଜ୍ୟ ବ୍ୟାପି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଶ୍ରୀ ଦାସ ଚେତାବନୀ ଦେଇଛନ୍ତି ।

### ଇଣ୍ଡୋର ଷ୍ଟାଡିୟମରେ ବିଜେପିର ଦୁଇ ଦିନିଆ ରାଜ୍ୟ କାର୍ଯ୍ୟକାରିଣୀ

## ଚୌଦ୍ୱାର-କଟକରେ ପ୍ରସ୍ତୁତି ବୈଠକ

କଟକ, (ସ୍ୱପ୍ର): ବିଜେପିର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଚଳିତ ମାସ ୫ ଓ ୬ ତାରିଖ ଦୁଇ ଦିନ ଧରି କଟକ ସ୍ଥିତ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେବ । ଏହି ଦୁଇଦିନିଆ ବୈଠକରେ ରାଜ୍ୟସ୍ତରୀୟ ବରିଷ୍ଠ ନେତୃତ୍ୱ ଯୋଗଦେଇ ଦଳର ଆଗାମୀ ରଣନୀତି ଓ ସାଙ୍ଗଠନିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିବେ । କାର୍ଯ୍ୟକାରେଣୀ ପୂର୍ବରୁ ଆୟୋଜିତ ଏକ ସାଧାରଣ ସଭାରେ ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀରୁ ଦୁଇ ହଜାର ନେତା ଓ କର୍ମୀମାନେ ଯୋଗଦେବେ ବୋଲି ଶୁକ୍ରବାର ଆୟୋଜିତ ପ୍ରସ୍ତୁତି ବୈଠକରେ ଯୋଗଦେଇ ନେତୃମଣ୍ଡଳୀମାନେ ଦୃଢୋକ୍ତି କରିଛନ୍ତି ।



ଏନେଇ ମହାନଦୀବିହାର ସ୍ଥିତ ସେଲିବ୍ରେସନ ମଣ୍ଡପଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୫୦୦ରୁ ଉର୍ଦ୍ଧ୍ୱ ନେତୃତ୍ୱ ଓ କର୍ମୀମାନେ ଯୋଗଦେଇଥିଲେ । ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଦଳର ପଦାଧିକାରୀ, ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତାମାନେ ଆୟୋଜିତ ସାଧାରଣ ସଭାରେ ବହୁସଂଖ୍ୟାରେ ସାମିଲ ହେବାକୁ ପୂର୍ବତନ ବିଧାୟକ ଡଃ ବିଶ୍ୱାଳ ଆହ୍ୱାନ ଦେଇଥିଲେ । ଭିଡିଓ କଲ୍ ମାଧ୍ୟମରେ କଟକ ଜିଲ୍ଲା ପ୍ରଭାରୀ ଜ୍ଞାନେନ୍ଦ୍ର ବେଉରା ଯୋଗଦେଇ ଉପସ୍ଥିତ କର୍ମୀମାନଙ୍କୁ ସମ୍ବୋଧିତ କରି ଆଗାମୀ ରାଜ୍ୟ କାର୍ଯ୍ୟକାରିଣୀରେ ବହୁସଂଖ୍ୟାରେ ଯୋଗଦେବାକୁ କହିଥିଲେ । ଏହି ବୈଠକରେ ବରିଷ୍ଠ ନେତୃତ୍ୱ ମହେନ୍ଦ୍ର ନାୟକ, ପ୍ରମୋଦ ସାହୁ, ପୂର୍ବତନ ଜିଲ୍ଲା ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁ, ସଞ୍ଜୟ ଜେନା, ପୂର୍ବତନ ମଣ୍ଡଳ ସଭାପତି ଅମ୍ବିକା ସାମଲ, ପୂର୍ବତନ ଜିଲ୍ଲା ସମ୍ପାଦକ ଜୟଦେବ ପୃଷ୍ଟୀ, ପୂର୍ବତନ ଜିଲ୍ଲା ଉପସଭାପତି ମନୋରଞ୍ଜନ ସାହୁ, ପୂର୍ବତନ କର୍ପୋରେଟର ବିଜୟ କୁମାର ସାହୁ, କର୍ପୋରେଟର ପଦ୍ମିନୀ ସାହୁ ଓ ମୀନା ସାହୁଙ୍କ ସମେତ ଚୌଦ୍ୱାର ପୌରପାଳିକାର ପାରିଷଦ ଓ ବହୁ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁଜାତା ସାହୁ, ଆଶିଷ କୁମାର ସ୍ୱାଇଁ, ଦିଲ୍ଲୀପ କୁମାର ସାହୁ, ମହମ୍ମଦ ଫରିଦ୍, ଶୁଭେନ୍ଦୁ ସାମଲ, ପବିତ୍ର ଭୂୟାଁ, ଅକ୍ଷୟ ପଣ୍ଡା, ଦିଲ୍ଲୀପ ଜେନା, କବିତାରାଣୀ ଲେଙ୍କା, ସବିତା ନାୟକ, ପୁଷ୍ପଲତା ସାହୁ, ଲକ୍ଷ୍ମଣ ରାଉତ, ବିନୟ ମଲ୍ଲିକ, ଶୁଭେନ୍ଦୁ ସେନଗୁପ୍ତା, ଜ୍ଞାନରଞ୍ଜନ ଦାସ, ଅଶୋକ ମିଶ୍ର, ଅର୍ଜୁନ ପଣ୍ଡା, ଅଭିଜିତ ଦାସ, ରଘୁନାଥ ରାମ ଓ ଜାହିର ଖାନଙ୍କ ସମେତ ୫୦୦ରୁ ଉର୍ଦ୍ଧ୍ୱ ନେତା ଓ କର୍ମୀ ଯୋଗ ଦେଇଥିଲେ ।

## ୫ ବଞ୍ଚାରା ଗିରଫ, ୧୦ ମୋବାଇଲ ଜବତ

ଭୁବନେଶ୍ୱର, (ସବ୍ୟୁ) : ନୂଆପଲ୍ଲୀ ଥାନା ପୋଲିସ ୫ଜଣ ବଞ୍ଚାରାଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୧୦ଟି ଲୁଟ୍ ମୋବାଇଲ ଜବତ କରିଛି । ଜବତ ହୋଇଥିବା ମୋବାଇଲ ସେମାନେ ଆମ ବସ୍ ଓ ସହରର ଅନ୍ୟାନ୍ୟ ଗହଳି ସ୍ଥାନମାନଙ୍କରୁ ଲୁଟ୍‌ପାଟ କରିଥିବା ପୋଲିସ କହିଛି । ମହାରାଷ୍ଟ୍ର, ଝାଡଖଣ୍ଡ ଓ ପଶ୍ଚିମବଙ୍ଗ ପ୍ରଭୃତି ରାଜ୍ୟରୁ ଆସିଥିବା ଏହି ପେସାଦାର ଲୁଟେରାମାନେ ଆମ ବସ୍ ଏବଂ ମାର୍କେଟରେ କୃତ୍ରିମ ଭିଡ ସୃଷ୍ଟି କରୁଥିଲେ । ଯାତ୍ରୀମାନେ ଅସାବଧାନ ଥିବା ସୁଯୋଗ ଉଣ୍ଡି ସେମାନେ ଅତି ଚତୁରତାର ସହ ମହିଳାଙ୍କ ଭ୍ୟାନିଟ୍ ବ୍ୟାଗ୍ ଓ ଲୋକଙ୍କ ପକେଟରୁ ଦାମୀ ମୋବାଇଲ ଓ ଟଙ୍କା ପ୍ରଭୃତି ଲୁଟି ନେଉଥିଲେ । ଅନ୍ୟ ରାଜ୍ୟରେ ଥିବା ନିଜ ଦଲାଲମାନଙ୍କ ଜରିଆରେ ତାହାକୁ ବିକ୍ରି କରୁଥିଲେ । ଶୁକ୍ରବାର ସକାଳ ପ୍ରାୟ ୯ଟା ବେଳେ ଜୟଦେବବିହାର ବସଷ୍ଟପ୍ ନିକଟରେ ୫ଜଣ ହିନ୍ଦୀ ଭାଷାଭାଷୀ ମହିଳା ସନ୍ଦିଗ୍ଧ ଅବସ୍ଥାରେ ଠିଆ ହୋଇ ଲୁଟ୍ ମୋବାଇଲ ବିକ୍ରି କରିବାକୁ ଉଦ୍ୟମ କରୁଥିବା ନେଇ ପୋଲିସ ଖବର ପାଇଥିଲା । ଥାନାର ଏକ ଟିମ୍ ସେଠାରେ ଚଢାଉ କରି ୫ଜଣ ମହାରାଷ୍ଟ୍ର ଗୋନ୍ଦିଆ ଅଞ୍ଚଳର ମହିଳାଙ୍କୁ କାବୁ କରିବାରେ ସମର୍ଥ ହୋଇଥିଲା । ସେମାନଙ୍କ ନିକଟରୁ ୧୦ଟି ଲୁଟ୍ ମୋବାଇଲ ଜବତ କରାଯିବା ପରେ ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି । କୋର୍ଟଚାଲାଣ ହୋଇଥିବା ମହିଳାମାନେ ହେଲେ ହାଲ୍‌କା ବିରାଜ ସିନ୍ଧେ (୪୦), ଗୀତା କାମ୍ବଲେ (୫୦), ରଶିକା ଶର୍ମା ଦୁନାଣ୍ଡି (୪୫) । ବିଦ୍ୟଗୋବିନ୍ଦା ସିନ୍ଧେ (୩୫) ଓ ରଶିକା ସିନ୍ଧେ ସୁରେଶ ଶର୍ମା କାମ୍ବଲେ (୫୨) । କୋର୍ଟରେ ହାଜର କରାଯିବା ପରେ ଏମାନଙ୍କ ଜାମିନ ନାମଞ୍ଜୁର ହୋଇଯିବାରୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

### ପଦ୍ମଭୂଷଣ ସାଧ୍ୱୀ ଋତମ୍ଭରାଙ୍କ ମୁଖନିସୃତ ଶ୍ରୀମଦ ଭାଗବତ କଥା ଶୁଣିଲେ ସାଂସଦ

## ସମାଜରେ ସକାରାତ୍ମକତାର ବୃହତ ରେଖା ଟାଣିବା : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ଯେତେବେଳେ ସମାଜରେ ନାକାରାତ୍ମକତା ବୃଦ୍ଧି ପାଏ, ସେତେବେଳେ ତାହା ସମ୍ମୁଖରେ ସକାରାତ୍ମକତାର ଏକ ବଡ଼ ରେଖା ଟାଣିବାର ଆବଶ୍ୟକତା ରହିଥାଏ ବୋଲି ଶ୍ରୀକୃଷ୍ଣ ଜନ୍ମାଷ୍ଟମୀର ପବିତ୍ର ଅବସରରେ ପୁରୀ ଠାରେ ଆୟୋଜିତ ଶ୍ରୀମଦ ଭାଗବତ କଥା କାର୍ଯ୍ୟକ୍ରମରେ ସାମିଲ ହେବା ଅବସରରେ କହିଛନ୍ତି ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ପଦ୍ମଭୂଷଣ ଦିଦି ସାଧ୍ୱୀ ଋତମ୍ଭରା ଜୀଙ୍କ ଶ୍ରୀମଦ ଭାଗବତ କଥା ଶୁଣିବା ସହ ସେ କହିଛନ୍ତି ଯେ, ପୂଜ୍ୟ ଦିଦି ମା' ଜଣେ ଦୂରଦୃଷ୍ଟା ସନ୍ଥ, ଯିଏ ନିଜର ଦିବ୍ୟ ସାଧନା ଓ ସେବା ମାଧ୍ୟମରେ ସମାଜରେ ସକାରାତ୍ମକତାର ବୃହତ ରେଖା ଟାଣିବାର କାର୍ଯ୍ୟ କରିଛନ୍ତି । ଆଧୁନିକ ପ୍ରଯୁକ୍ତିବିଦ୍ୟା ଓ ଅନଲାଇନ୍ ମାଧ୍ୟମକୁ ଉପଯୋଗ କରି ସେ ସମାଜକୁ ଆମର ସନାତନ ପରମ୍ପରା, ସଂସ୍କୃତି ଓ ସଂସ୍କାର ସହ ଯୋଡ଼ିବାର ପ୍ରଶଂସନୀୟ ପ୍ରୟାସ କରିଛନ୍ତି । ପାଶ୍ଚାତ୍ୟ ପ୍ରଭାବ ଓ ପରାଧୀନ ମାନସିକତାରୁ ବାହାରି ନିଜ ସଂସ୍କୃତି ଓ ଗୌରବକୁ ଆପଣାଇବା ଆମ ସମସ୍ତଙ୍କର ନୈତିକ କର୍ତ୍ତବ୍ୟ । ଏକବିଂଶ ଶତାବ୍ଦୀରେ



ଆଧ୍ୟାତ୍ମିକତାର ସୁଦୃଢ଼ ଭିତ୍ତିଭୂମି ବିନା 'ବିକଶିତ ଭାରତ'ର ସଂକଳ୍ପ ପୂରଣ ହୋଇପାରିବ ନାହିଁ । ବଦଳୁଥିବା ସମୟ ସହ ଆସୁଥିବା ନୂତନ ଆହ୍ୱାନ୍‌ଗୁଡ଼ିକର ସାମ୍ନା କରିବା ପାଇଁ ଆଧ୍ୟାତ୍ମିକତା ହିଁ ଆମର ସବୁଠାରୁ ବଡ଼ ଶକ୍ତି । ସାଧ୍ୱୀ ଋତମ୍ଭରା ଜୀଙ୍କ ଦ୍ୱାରା ଅନଲାଇନ୍ (ଗୁଗଲ୍ ମିଟ୍) ମାଧ୍ୟମରେ ପ୍ରତିସନ୍ଧ୍ୟାରେ ଆୟୋଜିତ ହେଉଥିବା ହନୁମାନ ଚାଳିଶା ପାଠ ଓ ସନ୍ଧ୍ୟା ଆରତୀରେ ଓଡ଼ିଶା ସମେତ ସମଗ୍ର ଭାରତବର୍ଷର ଶ୍ରଦ୍ଧାଳୁମାନେ ସାମିଲ ହେବା ପାଇଁ ଶ୍ରୀ ପ୍ରଧାନ ନିବେଦନ କରିଛନ୍ତି। ଶ୍ରୀମଦ ଭାଗବତ କଥା ଓ ଅନଲାଇନ୍ ସତ୍ସଙ୍ଗ ମାଧ୍ୟମରେ ସମାଜରେ ସେବା, ସଂସ୍କାର ଓ ସ୍ୱାଭିମାନର ଜାଗରଣ ଆଣିବା ପାଇଁ ସେ ଆହ୍ୱାନ ଦେଇଛନ୍ତି।

### ଯାଜପୁର ଜିଲ୍ଲାରେ ସ୍ୱତନ୍ତ୍ର ରିଲିଫ ସାମଗ୍ରୀ ଗାଏବ ଅଭିଯୋଗ

## ବଢୁଛି ଅସନ୍ତୋଷ, ପ୍ରାକ୍ତନ ବିଧାୟକଙ୍କ ପୋଷ୍ଟକୁ ନେଇ ବଢିଲା ଚର୍ଚ୍ଚା

ଚଣ୍ଡିଖୋଲ, (ସବ୍ୟୁ) ଚଳିତ ବନ୍ୟାରେ ଯାଜପୁର ଜିଲ୍ଲାର ୧୦ଟି ବ୍ଲକରୁ ୮ଟି ବ୍ଲକ ଅଞ୍ଚଳ ପ୍ରଭାବିତ ହୋଇଛି। ସରକାରୀ ତଥ୍ୟ ଅନୁଯାୟୀ ଏହି ଜିଲ୍ଲାରେ ବନ୍ୟା ଯୋଗୁଁ ୧୧୭ ପଞ୍ଚାୟତର ୩୪୫ଟି ଗ୍ରାମର ୩ଲକ୍ଷ ୯୮ ହଜାର ଲୋକ ବିଶେଷ ଭାବେ ପ୍ରଭାବିତ ହୋଇଛନ୍ତି। ଏଥି ସହିତ ପ୍ରଭାବିତ ଅଞ୍ଚଳରେ ୨୦ ହଜାର ୨୦୬ ହେକ୍ଟରରୁ ଉର୍ଦ୍ଧ୍ୱ ଜମିରେ ଫସଲ ନଷ୍ଟ ହୋଇଛି। ଲଗାଣ ବର୍ଷା ଓ ବନ୍ୟା ପ୍ରକୋପ କମିଥିଲେ ମଧ୍ୟ ଏବେବି ଜିଲ୍ଲାର କେତେକ ତଳିଆ ଅଞ୍ଚଳରେ ଲୋକେ ଜଳ ବନ୍ଦିରେ ରହିଛନ୍ତି। ତେବେ ଏତିକି ବେଳେ ଜିଲ୍ଲାର ବନ୍ୟା ବିପନ୍ନଙ୍କୁ ସରକାରୀ ରିଲିଫ ଯୋଗାଣ ଓ ରିଲିଫ ପରିଚାଳନାରେ ବ୍ୟାଘାତ ନେଇ ଏବେ ଅନେକ ଆଲୋଚନା, ସମାଲୋଚନା ସହିତ ସାଙ୍ଘାତିକ ଅଭିଯୋଗ ହୋଇଛି। ବିଶେଷକରି ବନ୍ୟା ବିପନ୍ନଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଜିଲ୍ଲାକୁ ଆସିଥିବା ସ୍ୱତନ୍ତ୍ର ସରକାରୀ ରିଲିଫ ସାମଗ୍ରୀ ଗାୟବ ହୋଇଥିବା ଅଭିଯୋଗକୁ ନେଇ ଏବେ ଜିଲ୍ଲାରେ ଚର୍ଚ୍ଚା ଯୋର ଧରିଛି। ଚଳିତ ବନ୍ୟାରେ ପ୍ରଭାବିତ ହୋଇଥିବା ଜିଲ୍ଲାର ୮ଟି ବ୍ଲକ ମଧ୍ୟରୁ କେବଳ ବଡଚଣାକୁ ଛାଡି ଅନ୍ୟ ବ୍ଲକ ଗୁଡିକର ବିପନ୍ନ ମାନଙ୍କ ପାଇଁ ଏହି ସ୍ୱତନ୍ତ୍ର ସରକାରୀ ରିଲିଫ ଯୋଗାଣ ହୋଇଥିଲା। ବିପନ୍ନ ମାନଙ୍କୁ ଅଟା,ସୁଜି,ପଲିଥିନ ସମେତ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବଣ୍ଟନ ପାଇଁ ଏହି ରିଲିଫରେ ସାମଗ୍ରୀ ଆସିଥିବା କୁହାଯାଇଛି। ହେଲେ ଏହି ରିଲିଫ ସାମଗ୍ରୀ ବିପନ୍ନ ମାନଙ୍କ ପାଖରେ ପହଞ୍ଚିବା ପୂର୍ବରୁ ଅଧା ବାଟରୁ ଗାୟବ ହୋଇଯାଇଥିବା ନେଇ ବିରୋଧୀ ବିଜେଡି ସହ ଅନ୍ୟାନ୍ୟ ଫୋରମରୁ ଗୁରୁତର ଅଭିଯୋଗ ହୋଇଛି।

ଏହି ପ୍ରସଙ୍ଗକୁ ନେଇ ଜିଲ୍ଲାର କୋରେଇ,ଦଶରଥପୁର ଓ ଯାଜପୁର ପ୍ରଭୃତି ଥାନା ଗୁଡିକରେ ଗତ ୨୩ ତାରିଖରୁ ଲିଖିତ ଏତଲା ଦାୟର ହେବା ପରେ ସମଗ୍ର ଜିଲ୍ଲାରେ ଏହାକୁ ନେଇ ଏବେ ଚର୍ଚ୍ଚା ଯୋର ଧରିଛି। ହେଲେ ଆଶ୍ଚର୍ଯ୍ୟର କଥା ଏପ୍ରସଙ୍ଗରେ ଜିଲ୍ଲା ପ୍ରଶାସନ ଅବା ବନ୍ୟା ପ୍ରଭାବିତ ଅଞ୍ଚଳର ଶାସକ କିମ୍ବା ବିରୋଧୀ ଦଳର ବିଧାୟକ ମାନେ ଯେପରି ମୁହଁ ଖୋଲି ପ୍ରତିବାଦ କରିବା କଥା କେହିବି ମୁହଁ ଖୋଲି ତାହା କରୁ ନାହାନ୍ତି। ଏହି ପ୍ରସଙ୍ଗକୁ ନେଇ ବନ୍ୟା ପ୍ରଭାବିତ ଧର୍ମଶାଳାର ପ୍ରାକ୍ତନ ବିଧାୟକ ପ୍ରଣବକୁମାର ବଳବନ୍ତରାୟ ପ୍ରଶ୍ନ ଉଠାଇଥିବା ବେଳେ ସେ ତାଙ୍କ ନିଜ ସୋସିଆଲ ମିଡିଆ ପେଜରେ ପୋଷ୍ଟକରି ସ୍ୱତନ୍ତ୍ର ସରକାରୀ ରିଲିଫ ଗାୟବ ନେଇ ଗୁରୁତର ଅଭିଯୋଗ କରି ତଥ୍ୟ ଦେଇଛନ୍ତି। ଜିଲ୍ଲାର ସବୁଠାରୁ ଅଧିକ ବନ୍ୟା ପ୍ରଭାବିତ ଅଞ୍ଚଳ ବିଂଝାରପୁର,ବରୀ ଓ ଯାଜପୁରରେ ବିଜେଡି ଦଳର ତିନିଜଣ ବିଧାୟକ ଥିଲେ ମଧ୍ୟ ସେମାନେ ଯେଉଳିଭାବେ ଏହି ପ୍ରସଙ୍ଗକୁ ଗୁରୁତ୍ୱ ଦେବାକଥା ଏବେସୁଦ୍ଧା କେହିବି ଏହି ପ୍ରସଙ୍ଗକୁ ଉଠାଉ ନାହାଁନ୍ତି ।

ଅନ୍ୟପକ୍ଷରେ ବଡଚଣା ବ୍ଲକରେ ଚଳିତ ବନ୍ୟାରେ ୧୪ଟି ଗ୍ରାମ ପଞ୍ଚାୟତର ୩୩ଟି ରାଜସ୍ୱ ଗ୍ରାମ ବିଶେଷ କ୍ଷତିଗ୍ରସ୍ତ ହୋଇଥିଲା ବେଳେ ଏଥିରେ ହଜାର ହଜାର ଲୋକ ପ୍ରଭାବିତ ହେବା ସହିତ ୬୯୧୭ ହେକ୍ଟର ଜମିରେ ଫସଲ ନଷ୍ଟ ହୋଇଥିବା ସ୍ଥାନୀୟ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ମାତ୍ର ଜିଲ୍ଲା ପ୍ରଶାସନ ପକ୍ଷରୁ ଯାରୀ ହୋଇଥିବା ବନ୍ୟା କ୍ଷୟକ୍ଷତି ତାଲିକାରେ ଅଦ୍ୟାବଧି ବଡଚଣା ଅଞ୍ଚଳର ନାମ ନଥିବା ଦେଖାଯାଉଛି। ସେହିପରି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ଜିଲ୍ଲାକୁ ଯୋଗାଣ ହୋଇଥିବା ସ୍ୱତନ୍ତ୍ର ରିଲିଫରେ ମଧ୍ୟ ବଡଚଣାର ନାମ ନାହିଁ । ଯାଜପୁର ଜିଲ୍ଲାର ଅନ୍ୟ ସମସ୍ତ ପ୍ରଭାବିତ ଅଞ୍ଚଳର ବିପନ୍ନଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ଏହି ସ୍ୱତନ୍ତ୍ର ରିଲିଫ ଯୋଗାଣ ହୋଇଥିଲେ ମଧ୍ୟ ସେହି ତାଲିକାରୁ କେବଳ ବଡଚଣା ବ୍ଲକ ବାଦ ପଡିଥିବାରୁ ତାହା ବନ୍ୟା ବିପନ୍ନଙ୍କୁ ମର୍ମାହତ କରିଛି। ଯାହାକୁ ବିରୋଧୀ ପ୍ରସଙ୍ଗ କରି ଏବେ ଏଠାରେ ରାଜରାସ୍ତାକୁ ଓହ୍ଲାଇଛନ୍ତି । ସ୍ଥାନୀୟ ବିଧାୟକ ଏଥିନେଇ ଅଦ୍ୟାବଧି କାହିଁକି ମୁହଁ ଖୋଲୁନାହାନ୍ତି ତାହା ପ୍ରଶ୍ନ ହୋଇଛି। ଏପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରାଜ୍ୟ ସରକାର ପ୍ରଭାବିତ ଓ କ୍ଷତିଗ୍ରସ୍ତଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବାକୁ ପ୍ରାଥମିକତା ଦେଇ ସେ ଦିଗରେ ଯଥୋଚିତ ଉଦ୍ୟମ ଯାରୀ ରଖିଥିଲା ବେଳେ ଯାଜପୁର ଜିଲ୍ଲାରେ ସରକାରୀ ରିଲିଫ ବିପନ୍ନଙ୍କ ପାଖରେ ପହଞ୍ଚିବା ପୂର୍ବରୁ ଅଧାବାଟରୁ ତାହା ଗାୟବ ହେବା ନେଇ ହୋଇଥିବା ଗୁରୁତର ଅଭିଯୋଗ ସବୁକିଛିକୁ ଓଲଟପାଲଟ କରିଦେଇଛି। ଏଥିନେଇ ପ୍ରକୃତରେ ଉତ୍ତରଦାୟୀ କିଏ ବୋଲି ଏବେ ସାଧାରଣରେ ପ୍ରଶ୍ନ ହୋଇଛି।

## ରାଜ୍ୟରେ ଯୋଗାଣ ବ୍ୟବସ୍ଥା ଫେଲ୍ ମାରିଛି: ବିଜେଡି

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାରେ ଯୋଗାଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଫେଲ୍ ମାରିଛି । ଓଡ଼ିଶାକୁ ହତାଦର କରି ଅନ୍ୟ ରାଜ୍ୟକୁ ଅଧିକ ଗୁରୁତ୍ୱ ପ୍ରଦାନ କରୁଛି ଏଫସିଆଇ । ଓଡ଼ିଶାରୁ ଚାଉଳ ଉଠୁନଥିବାରୁ ଧାନ କ୍ରୟରେ ଗୁରୁତର ସମସ୍ୟା ସୃଷ୍ଟି ହେଉଥିବା ସ୍ୱୀକାର କରିଛନ୍ତି ଯୋଗାଣ ମନ୍ତ୍ରୀ । ଏହାକୁ ନେଇ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ଅତନୁ ସବ୍ୟସାଚୀ ନାୟକ ଓ ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ସଞ୍ଜୟ ଦାସବର୍ମା ବିଜେପି ସରକାର ଉପରେ ବର୍ଷିଛନ୍ତି । ସଞ୍ଜୟ ଦାସବର୍ମା କହିଥିଲେ ଯେ, ଏଫସିଆଇ ଓଡ଼ିଶାରୁ ଚାଉଳ ଉଠାଉନାହିଁ, କିନ୍ତୁ ଅନ୍ୟ ରାଜ୍ୟ ମାନଙ୍କୁ ବିଶେଷ ପ୍ରୋତ୍ସାହନ ଦେଉଛି । ଡବଲ ଇଞ୍ଜିନ ସରକାରରେ ଓଡ଼ିଶାର ପ୍ରଗତି ଦୁଇ ଗୁଣିତ ହେବ ବୋଲି ନିର୍ବାଚନ ସମୟରେ ବିଜେପି ପ୍ରତିଶ୍ରୁତି ଦେଇଥିଲା, ତାହା ଆଜି ମିଥ୍ୟା ପ୍ରମାଣିତ ହୋଇଛି । ଚାଷ ଆରମ୍ଭରୁ ଚାଷୀମାନେ ସାର ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଧାନ ପଞ୍ଜୀକରଣରେ ଅବ୍ୟବସ୍ଥା, ମଣ୍ଡିରେ କଟନି ଛଟନିର ଶିକାର, ମଣ୍ଡିରେ ମିଲର୍ ମାନଙ୍କ ଅରାଜକତା ଭଳି ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଚାଷୀକୂଳ । ବର୍ତ୍ତମାନ ଏଫସିଆଇ ଓଡ଼ିଶାରୁ ଚାଉଳ ନ ଉଠାଇବା ଯୋଗୁଁ ରାଜ୍ୟବ୍ୟାପୀ ଅଚଳାବସ୍ଥା ସୃଷ୍ଟି ହୋଇଛି । ଯାହାକୁ ଆଗାମୀ ଦିନରେ ମଣ୍ଡିରେ ଧାନ କ୍ରୟ ସମୟରେ ଗୁରୁତର ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ରହିଛି । କେନ୍ଦ୍ର ସରକାର ଓଡ଼ିଶା ପ୍ରତି ଏମିତି ଅବିଚାର କାହିଁକି କରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି । ଶ୍ରୀ ଅତନୁ ସବ୍ୟସାଚୀ ନାୟକ କହିଥିଲେ ଯେ, ଡବଲ ଇଞ୍ଜିନ ସରକାରରେ ଓଡ଼ିଶା ପ୍ରତି ବୈମାତୃକ ମନୋଭାବ ପୋଷଣ କରାଯାଉଛି । ଓଡ଼ିଶାରୁ ବିଜେପିର ୨୦ ଲୋକସଭା ଓ ୫ ରାଜ୍ୟସଭା ସାଂସଦ ଥାଇ ଓଡ଼ିଆ ଅବହେଳିତ ହେବା ଦୁର୍ଭାଗ୍ୟଜନକ ।

# ବେଆଇନ ବାଲି ଉତ୍ତୋଳନ ଓ ପୋଲିସ ନିଷ୍କ୍ରିୟତା : ହାଇକୋର୍ଟରେ ମାମଲା



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ଥାନା ଅଧୀନ ବୁଢ଼ାବଲଙ୍ଗ ନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ ଓ ଚୋରାଚାଲାଣ ଅଭିଯୋଗ ସହ ଏଥିରେ ସମ୍ପୃକ୍ତ ଲୋକଙ୍କ ବିରୋଧରେ ପୁଲିସର ନିଷ୍କ୍ରିୟତାକୁ ନେଇ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ଦୁଲାରାମ ମୁର୍ମୁ । ଅଭିଯୋଗର ନିରପେକ୍ଷ ତଦନ୍ତ ହେଉନଥିବା ଏବଂ ଅଭିଯୁକ୍ତମାନଙ୍କ ବିରୋଧରେ ଆବଶ୍ୟକ ଆଇନଗତ ପଦକ୍ଷେପ ନିଆଯାଉନଥିବା ଦର୍ଶାଇ ସେ ହାଇକୋର୍ଟରେ ଏକ ଫୌଜଦାରୀ ମାମଲା (ସିଆରଏଲଏମପି) ଦାୟର କରିଛନ୍ତି।

ଯାଚିକାରେ ଦୁଲାରାମ ଦର୍ଶାଇଛନ୍ତି ଯେ, ଗତ ଜୁଲାଇ ୧୩ତାରିଖରେ ବଡ଼ସାହି ଥାନା ଅଧୀନ ପାଇକପଡ଼ା ବାଲିଘାଟରୁ ବେଆଇନ ଭାବେ ବାଲି ଉତ୍ତୋଳନ ହେଉଥିବା ନେଇ ସେ ଜିଲ୍ଲା ଖଣି ଅଧିକାରୀ ଭବାନୀଶଙ୍କର ପାତ୍ରଙ୍କୁ ଜଣାଇଥିଲେ । ତାଙ୍କ ଅଭିଯୋଗ ଅନୁଯାୟୀ, ଖଣି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ବାଲି ଉତ୍ତୋଳନରେ ସମ୍ପୃକ୍ତ ଲୋକଙ୍କ ସହ ମିଶି ଜରିମାନା ଆକାରେ ଗାଡ଼ି ଛାଡ଼ି ଦିଆଯାଇଥିବା ସହ ତାଙ୍କୁ ଜାତିଗତ ଆକ୍ଷେପ କରାଯାଇଥିବା, ଅଶ୍ଳୀଳ ଭାଷାରେ ଗାଳିଗୁଲଜ ଏବଂ ଜୀବନରୁ ମାରିଦେବାକୁ ଧମକ ଦିଆଯାଇଥିବା ସେ ଅଭିଯୋଗ କରିଛନ୍ତି । ଏହି ଘଟଣାକୁ ନେଇ ଜୁଲାଇ ୧୫ତାରିଖରେ ଦୁଲାରାମ ବଡ଼ସାହି ଥାନାରେ ଏତଲା ଦେଇଥିଲେ । ଏହା ଆଧାରରେ ପୁଲିସ କେସ୍ ନମ୍ବର ୩୧୨/୨୦୨୬ ରୁଜୁ କରିଥିଲା ।

ତେବେ ଯାଚିକାରେ ଅଭିଯୋଗ କରାଯାଇଛି ଯେ, ମାମଲାରେ ସଙ୍ଗଠିତ ଅପରାଧ ସମ୍ପର୍କିତ ଧାରା ଏବଂ ଖଣି ଓ ଖଣିଜ ଦ୍ରବ୍ୟ ଆଇନ (ଏମ୍ଏମ୍ଡିଆର)ର ଆବଶ୍ୟକ ଧାରା ଲଗାଯାଇନାହିଁ । ଫଳରେ ମାମଲାକୁ ଦୁର୍ବଳ କରିବାର ଉଦ୍ୟମ ହୋଇଥିବା ଅଭିଯୋଗକାରୀ ଦାବି କରିଛନ୍ତି । ଏଥିସହ ଅଭିଯୁକ୍ତମାନେ ପ୍ରଭାବଶାଳୀ ହୋଇଥିବାରୁ ସେମାନେ ଏବେ ମଧ୍ୟ ଖୋଲାରେ ବୁଲୁଥିବା ଏବଂ ମାମଲା ପ୍ରତ୍ୟାହାର ପାଇଁ ତାଙ୍କ ପରିବାର ଉପରେ ଚାପ ଓ ଧମକ ଦିଆଯାଉଥିବା ଯାଚିକାରେ ଉଲ୍ଲେଖ ରହିଛି ।

ଏ ସମ୍ପର୍କରେ ମୟୂରଭଞ୍ଜ ଏସ୍ପି ଓ ଜିଲ୍ଲାପାଳଙ୍କ ନିକଟରେ ମଧ୍ୟ ଲିଖିତ ଅଭିଯୋଗ କରାଯାଇଥିଲେ ହେଁ ଆଶାନୁରୂପ ପଦକ୍ଷେପ ନିଆଯାଇନଥିବା ସେ ଦର୍ଶାଇଛନ୍ତି । ଅଭିଯୁକ୍ତମାନଙ୍କ ଅଗ୍ରୀମ ଜାମିନ ଆବେଦନ ଖାରଜ ହୋଇଥିବା ସତ୍ତ୍ୱେ ପୁଲିସ ସେମାନଙ୍କୁ ଗିରଫ କରୁନଥିବା ମଧ୍ୟ ଯାଚିକାରେ ଅଭିଯୋଗ କରାଯାଇଛି ।

ଅନ୍ୟପକ୍ଷରେ, ବେଆଇନ ବାଲି କାରବାରରେ ଆର୍ଥିକ ଅନିୟମିତତାର ପରିମାଣ ୧କୋଟି ଟଙ୍କାରୁ ଉର୍ଦ୍ଧ୍ୱର ହୋଇଥିବା ଦାବି କରି ଏହାର ତଦନ୍ତ ସ୍ଥାନୀୟ ପୁଲିସ ବଦଳରେ କ୍ରାଇମବ୍ରାଞ୍ଚ କିମ୍ବା ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ) ଦ୍ୱାରା କରାଯିବାକୁ ହାଇକୋର୍ଟଙ୍କ ନିକଟରେ ନିବେଦନ କରାଯାଇଛି । ଆଇନଜୀବୀ ଶିବାନୀ ସମର୍ପିତା ଓଝାଙ୍କ ଜରିଆରେ ଏହି ଯାଚିକା ଦାୟର ହୋଇଥିବା ଜଣାପଡ଼ିଛି । ମାମଲାରେ ହାଇକୋର୍ଟଙ୍କ ପରବର୍ତ୍ତୀ ନିର୍ଦ୍ଦେଶ ଏବଂ ତଦନ୍ତର ଅଗ୍ରଗତି ଉପରେ ଏବେ ନଜର ରହିଛି ।

### ପାରିବାରିକ କଳହର କରୁଣ ପରିଣତି

# ମା'ର ତଣ୍ଟି ଚିପି ହତ୍ୟା କଲା ପୁଅ

ବାରିପଦା, (ସବ୍ୟୁ) : ପାରିବାରିକ କଳହକୁ କେନ୍ଦ୍ର କରି ଜନ୍ମଦାତ୍ରୀ ମାଙ୍କୁ ତଣ୍ଟି ଚିପି ହତ୍ୟା କରିଥିବା ଅଭିଯୋଗରେ ବାରିପଦା ସଦର ଥାନା ପୁଲିସ ଜଣେ ୧୯ ବର୍ଷୀୟ ଯୁବକଙ୍କୁ ଗିରଫ କରିଛି । ଏଭଳି ଅଭାବନୀୟ ଘଟଣା ଗୁରୁବାର ରାତିରେ ସଦର ଥାନା ଅଧୀନ ବରଜପୁର ଗ୍ରାମରେ ଘଟିଥିବା ଜଣାପଡ଼ିଛି । ଗିରଫ ଯୁବକ ହେଲେ କୁଇଁଆ ସିଂ (୧୯) । ମୃତା ମହିଳା ହେଲେ ଶ୍ରୀମତୀ ସିଂ ।

ସୂଚନା ଅନୁଯାୟୀ, ଶ୍ରୀମତୀଙ୍କ ସ୍ୱାମୀଙ୍କର ପୂର୍ବରୁ ମୃତ୍ୟୁ ହୋଇସାରିଥିବା ବେଳେ ସେ ୪ ପୁଅ ଓ ୨ ଝିଅଙ୍କୁ ନେଇ ପରିବାର ଚଳାଇ ଆସୁଥିଲେ । ଦୁଇ ଝିଅଙ୍କ ବିବାହ ହୋଇସାରିଛି । ଶ୍ରୀମତୀଙ୍କ ସହ ତାଙ୍କର ୪ ପୁଅ ଚେନ୍ନାଇରେ କାମ କରୁଥିବା ବେଳେ କିଛିଦିନ ତଳେ ଶ୍ରୀମତୀ ଓ ତାଙ୍କ ଦ୍ୱିତୀୟ ପୁଅ କୁଇଁଆ ଗାଁକୁ ଫେରିଥିଲେ । ଗୁରୁବାର ରାତିରେ କୌଣସି ଏକ କାରଣକୁ ନେଇ ମା ଓ ପୁଅଙ୍କ ମଧ୍ୟରେ ବଚସା ହୋଇଥିଲା । ବଚସା ପରେ କୁଇଁଆ ଉତ୍ୟକ୍ତ ହୋଇ ତାଙ୍କ ମାଙ୍କ ତଣ୍ଟି ଚିପି ଦେଇଥିବା ଅଭିଯୋଗ ହୋଇଛି । ଫଳରେ ଘଟଣାସ୍ଥଳରେ ହିଁ ଶ୍ରୀମତୀ ଟଳି ପଡ଼ିଥିବା ଜଣାପଡ଼ିଛି । ଶୁକ୍ରବାର ସକାଳେ ପଡ଼ୋଶୀମାନେ ଘଟଣା ସମ୍ପର୍କରେ ଜାଣିବା ପରେ ପୁଲିସକୁ ଖବର ଦେଇଥିଲେ ।

ଖବର ପାଇ ବାରିପଦା ସଦର ଏସ୍ଡିପିଓ ପ୍ରଭାତ ମଲ୍ଲିକ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ । ପୁଲିସ ଟିମ୍ ଘଟଣାସ୍ଥଳରେ ତଦନ୍ତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ଏହି ଘଟଣାରେ ପୁଲିସ କୁଇଁଆଙ୍କୁ ଗିରଫ କରିଛି । ତେବେ ପ୍ରକୃତରେ କେଉଁ ପରିସ୍ଥିତିରେ ଶ୍ରୀମତୀଙ୍କ ମୃତ୍ୟୁ ଘଟିଲା, ତାହା ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ । ସଦର ଥାନା ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ସମସ୍ତ ଦିଗକୁ ନେଇ ଅଧିକ ତଦନ୍ତ ଚଳାଇଛି ।

## ପ୍ରଧାନମନ୍ତ୍ରୀଙ୍କ ଏଆଇ-ନିର୍ମିତ ବିକୃତ ଛବି ସୋସିଆଲ ମିଡିଆରେ ପ୍ରଚାର ଅଭିଯୋଗ, ଯୁବକ ଗିରଫ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଏଆଇ ମାଧ୍ୟମରେ ପ୍ରସ୍ତୁତ ଏକ ବିକୃତ ଓ ଅପମାନଜନକ ଛବି ସୋସିଆଲ ମିଡିଆରେ ପ୍ରଚାର କରାଯାଇଥିବା ନେଇ ଅଭିଯୋଗ ହୋଇଛି । ଏହି ଘଟଣାରେ ମନୀଷ ବେହେରା ନାମକ ଜଣେ ବ୍ୟକ୍ତି ସମ୍ପୃକ୍ତ ଥିବା ଅଭିଯୋଗ ଆସିଛି । ଘଟଣାକୁ ନେଇ ବିଜେପି ଯୁବମୋର୍ଚ୍ଚା, ମୟୂରଭଞ୍ଜ ପୂର୍ବ ପକ୍ଷରୁ ମୟୂରଭଞ୍ଜ ଏସ୍ପିଙ୍କ ନିକଟରେ ଲିଖିତ ଅଭିଯୋଗ ଦାଖଲ କରାଯାଇଥିବା ବେଳେ ଏହାର ଏକ ନକଲ ବାରିପଦା ଟାଉନ ଥାନାରେ ମଧ୍ୟ ପ୍ରଦାନ କରାଯାଇଛି । ଅଭିଯୋଗ ଦାଖଲ ସମୟରେ ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ସୂରଜ ଲାହୋର, ଜିଲ୍ଲା ସାଧାରଣ ସମ୍ପାଦକ ସାଇରଞ୍ଜନ ଲେଙ୍କା, ଜିଲ୍ଲା ଉପସଭାପତି ରତିକାନ୍ତ ଦାସଙ୍କ ସମେତ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

ଅଭିଯୋଗ ଆଧାରରେ ବାରିପଦା ଟାଉନ ଥାନା ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣାପଡ଼ିଛି । ଏନେଇ ସମ୍ପୃକ୍ତ ଆଇନଗତ ଧାରାରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି । ସୋସିଆଲ ମିଡିଆରେ ଉକ୍ତ ଛବି ପ୍ରସାରଣ ପଛରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ତାହାର ନିରପେକ୍ଷ ତଦନ୍ତ କରି ସତ୍ୟାସତ୍ୟ ସାମ୍ନାକୁ ଆଣିବା ସହ ଆଇନ ଉଲ୍ଲଂଘନ ପ୍ରମାଣିତ ହେଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ଯୁବମୋର୍ଚ୍ଚା ପକ୍ଷରୁ ଦାବି କରାଯାଇଛି । ଏଆଇ ପ୍ରଯୁକ୍ତିର ଦୁରୁପଯୋଗ କରି କୌଣସି ବ୍ୟକ୍ତିଙ୍କ ଛବିକୁ ବିକୃତ କିମ୍ବା ଅପମାନଜନକ ଭାବେ ପ୍ରଚାର କରିବା ଅନୁଚିତ ବୋଲି ଯୁବ ମୋର୍ଚ୍ଚା ପକ୍ଷରୁ କୁହାଯାଇଛି ।

## ବିଧାୟକ କେ.ଅନୀଲ କୁମାରଙ୍କ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା



ବ୍ରହ୍ମପୁର, (ସବ୍ୟୁ) : ବିଧାୟକ କେ.ଅନୀଲ କୁମାର ଶୁକ୍ରବାର ବ୍ରହ୍ମପୁର ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ଉନ୍ନୟନ ପାଣ୍ଠି ଏବଂ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ପାଣ୍ଠିର ବିନିଯୋଗ ଏବଂ ଏବଂ ବିଭିନ୍ନ ଉନ୍ନୟନମୂଳକ କାମର ସମୀକ୍ଷା କରିଛନ୍ତି। ବିଧାୟକ ପାଣ୍ଠିରେ ବିଏ ବିଏମସି ଦ୍ୱାରା ଚାଲୁଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ଉପରେ ଆଲୋଚନା ଏବଂ ସମୀକ୍ଷା ହୋଇଥିଲା । ସେହିପରି ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ପାଣ୍ଠି ସମେତ ବିଭିନ୍ନ ଉନ୍ନୟନୟନ ପାଣ୍ଠିର ସଠିକ୍ ବିନିଯୋଗ, ଅନୁମୋଦିତ ପ୍ରକଳ୍ପର ଶୀଘ୍ର କାର୍ଯ୍ୟାନ୍ୱୟନ ଏବଂ ଅସମ୍ପୂର୍ଣ୍ଣ କାର୍ଯ୍ୟଗୁଡ଼ିକୁ ଶୀଘ୍ର ସମାପ୍ତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା ।

ରାସ୍ତା, ପାନୀୟଜଳ, ଡ୍ରେନେଜ୍ ବ୍ୟବସ୍ଥା, ଷ୍ଟ୍ରିଟ୍ ଲାଇଟ୍, ଶିକ୍ଷାନୁଷ୍ଠାନର ଭିତ୍ତିଭୂମିସ୍ୱାସ୍ଥ୍ୟସେବା ଓ ଅନ୍ୟାନ୍ୟ ମୌଳିକ ସୁବିଧା ସମ୍ପର୍କିତ ପ୍ରକଳ୍ପଗୁଡ଼ିକୁ ପ୍ରାଥମିକତା ଭିତ୍ତିରେ ଆଗେଇନେବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ଉନ୍ନୟନ କାର୍ଯ୍ୟରେ ଯେମିତି କୌଣସି ଅବହେଳା ନହେବ ଏଥିପାଇଁ ନିୟମିତ ତଦାରଖ ଓ ନିରୀକ୍ଷଣ ପାଇଁ ବିଧାୟକ ପରାମର୍ଶ ଦେଇଛନ୍ତି । ବିଏମସିର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁଶାନ୍ତ ଡୁଙ୍ଗଡୁଙ୍ଗ, ସଂଯୁକ୍ତା ରାଇପାତ୍ର, ସହକାରୀ ନିର୍ବାହୀଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ କନିଷ୍ଠଯନ୍ତ୍ରୀ ମାନେ ଆବଶ୍ୟକ ତଥ୍ୟ ଉପସ୍ଥାପନ କରିଥିଲେ । ଜନପ୍ରତିନିଧି ଭାବେ ବିଧାୟକ ପ୍ରତିନିଧି ଅଶୋକ ଶୁକ୍ଳ ଏବଂ କର୍ପୋରେଟର ପ୍ରଶାନ୍ତ ପଟ୍ଟନାୟକ ମଧ୍ୟ ଉପସ୍ଥିତ ଥିଲେ ।

## ଚାକିରି କରାଇଦେବା ନାଁରେ ଠକେଇ : ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪ ଗିରଫ

ଛତ୍ରପୁର, (ସବ୍ୟୁ): ଚାକିରି କରାଇଦେବା ନାଁରେ ଯୁବପିଢ଼ିଙ୍କୁ ଠକେଇ ଅଭିଯୋଗରେ ଛତ୍ରପୁର ଥାନା ପୁଲିସ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪ ଜଣଙ୍କୁ ଗିରଫ କରିଛି । ଗିରଫଙ୍କ ମଧ୍ୟରେ ୩ ଜଣ ମହିଳା ଅଛନ୍ତି । ସେମାନେ ହେଲେ କବିସୂର୍ଯ୍ୟନଗର ବ୍ଲକ ପାଇକଯମୁନା ଗ୍ରାମର ଦୀପା ବେହେରା, ନାରାୟଣ ସେଠୀ, ପୁରୁଣାଗ୍ରାମର ବିଷ୍ଣୁପ୍ରିୟା ବେହେରା ଓ ଅଗସ୍ତିନୂଆଗାଁର ସୁନିତା ଦାସ ।

ସୂଚନାନୁସାରେ, ଗତକାଲି ଛତ୍ରପୁରର ଏକ ଘରୋଇ କଲ୍ୟାଣ ମଣ୍ଡପରେ ବିଭିନ୍ନ ବ୍ଲକ ଓ ତହସିଲରେ ପିଅନ, ଆକାଉଣ୍ଟାଣ୍ଟ ଆଦି ପଦବୀରେ ଚାକିରି ଦେବା ନାଁରେ ନକଲି ଇଣ୍ଟରଭ୍ୟୁ ଚାଲିଥିଲା । ଇଣ୍ଟରଭ୍ୟୁ ସମୟରେ ଆଶାୟୀ ପ୍ରାର୍ଥୀଙ୍କୁ ଅଧିକ ଟଙ୍କା ଦାବି କରାଯିବାରୁ ସନ୍ଦେହ ଉପୁଜିଥିଲା। ଏନେଇ କିଛି ଆଶାୟୀ ପୁଲିସକୁ ଖବର ଦେଇଥିଲେ । ପୁଲିସ ଘଟଣାସ୍ଥଳରେ ପହଞ୍ଚି କିଛି ଜଣଙ୍କୁ ଅଟକ ରଖି ପଚରାଉଚରା କରିଥିଲା ।

ପ୍ରାଥମିକ ତଦନ୍ତରୁ ଅଭିଯୁକ୍ତମାନେ ଗତ ଏକ ବର୍ଷରୁ ଊର୍ଦ୍ଧ୍ୱର ସମୟ ଧରି ଛତ୍ରପୁର ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଯୁବକ-ଯୁବତୀଙ୍କୁ ଚାକିରି ଦେବା ନାଁରେ ଠକେଇ କରୁଥିବା ଜଣାପଡ଼ିଛି । ଏପରିକି ନକଲି ନିଯୁକ୍ତିପତ୍ର ଓ ପରିଚୟପତ୍ର ଦେଇ ଆଶାୟୀଙ୍କଠାରୁ ଟଙ୍କା ଆଦାୟ କରୁଥିଲେ ।

ଏ ସଂକ୍ରାନ୍ତରେ ପୁତିଗୋପାଳପୁର ଗ୍ରାମର ଇମ୍ରାନ ଖାନଙ୍କ ଅଭିଯୋଗକ୍ରମେ ଛତ୍ରପୁର ଥାନାରେ କେସ୍ ନଂ-୪୨୦/୨୦୨୬ ରୁଜୁ କରାଯାଇ ତଦନ୍ତ ଚାଲିଥିଲା । ଆଜି ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪ ଜଣଙ୍କୁ ପୁଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତଙ୍କ ଠାରୁ ନଗଦ ୨୫ ହଜାର ଟଙ୍କା, ଗୋଟିଏ ବାଇକ୍, ୩ଟି ମୋବାଇଲ ଫୋନ୍, ନକଲି ନିଯୁକ୍ତିପତ୍ର ଓ ଆଇଡି କାର୍ଡ ଜବତ କରାଯାଇଛି ।

## ଚିକିତ୍ସା ପାଇଁ ଶକ୍ତିମାନ ଜିମ୍ନାସିୟମର ଆର୍ଥିକ ସହାୟତା

## ସାମାଜିକ ଦାୟିତ୍ୱବୋଧ ପାଇଁ ଭୂୟସୀ ପ୍ରଶଂସା



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ସମେତ ଓଡ଼ିଶାର ଅନ୍ୟତମ ପରିଚିତ ଜିମ୍ନାସିୟମ ଭାବେ ଶକ୍ତିମାନ ଜିମ୍ନାସିୟମ, ଲଙ୍ଗଳକଟା ନିଜସ୍ୱ ପରିଚୟ ସୃଷ୍ଟି କରିବା ସହ ଶାରୀରିକ ସୁସ୍ଥତା ସହିତ ସାମାଜିକ ସେବା କ୍ଷେତ୍ରରେ ମଧ୍ୟ ନିଜର ଦାୟିତ୍ୱବୋଧର ପରିଚୟ ଦେଇଆସୁଛି । ଜିମ୍ନାସିୟମର ପ୍ରତିଷ୍ଠାତା ତଥା ସମାଜସେବୀ ପରେଶ ଚନ୍ଦ୍ର ମହାନ୍ତଙ୍କ ନେତୃତ୍ୱ ଏବଂ ସକ୍ରିୟ ସଦସ୍ୟମାନଙ୍କ ସହଯୋଗ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି । ସୂଚନା ଅନୁଯାୟୀ, ଦାନ୍ତିଆମୁହାଁ ପଞ୍ଚାୟତ ଅନ୍ତର୍ଗତ ଗରୁଡ଼ବସା ଗ୍ରାମର ଟିକାୟତ ମହାନ୍ତ (ଚୂନା), ବୟସ ୪୦ବର୍ଷ, ଗତ କିଛି ଦିନ ଧରି ପେଟଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ।

ତେବେ ଶୁକ୍ରବାର ହଠାତ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ଗୁରୁତର ହୋଇପଡ଼ିବାରୁ ପରିବାର ଲୋକେ ତାଙ୍କୁ ପ୍ରଥମେ ପିଆରଏମ୍ ହସ୍ପିଟାଲକୁ ନେଇଥିଲେ । ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବାରିପଦାସ୍ଥିତ ଏକ ଘରୋଇ ନର୍ସିଂହୋମ୍‌ରେ ଭର୍ତ୍ତି କରାଯାଇ ବର୍ତ୍ତମାନ ଚିକିତ୍ସା ଜାରି ରହିଛି । ଏଭଳି ଦୁଃସମୟରେ ଟିକାୟତଙ୍କ ପରିବାର ପାଖରେ ଛିଡ଼ା ହୋଇଛି ଶକ୍ତିମାନ ଜିମ୍ନାସିୟମ । ଜିମ୍ନାସିୟମର ପ୍ରତିଷ୍ଠାତା ପରେଶ ଚନ୍ଦ୍ର ମହାନ୍ତଙ୍କ ନେତୃତ୍ୱରେ ଏକ ଟିମ୍ ହସ୍ପିଟାଲରେ ପହଞ୍ଚି ଟିକାୟତଙ୍କ ଚିକିତ୍ସା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଟିକାୟତ ଶକ୍ତିମାନ ଜିମ୍ନାସିୟମର ଜଣେ ସକ୍ରିୟ ସଦସ୍ୟ ହୋଇଥିବାରୁ ତାଙ୍କ ଚିକିତ୍ସା ସମୟରେ ଜିମ୍ ପକ୍ଷରୁ ଏଭଳି ସହଯୋଗର ହାତ ବଢ଼ାଯାଇଥିବା ଜଣାପଡ଼ିଛି ।

ଏହି ସହାୟତା ପ୍ରଦାନ ସମୟରେ ଜିମ୍ନାସିୟମର ସକ୍ରିୟ ସଦସ୍ୟ ବିପ୍ଳବ ଭଞ୍ଜନ ବୁଗୁଡାଇ, ସଂଗ୍ରାମ କେଶରୀ ଦେବ, ସୁକୁଲ ମୁର୍ମୁ, ସୁରଜ ଲୋହାର, କାଳୀଚରଣ ନାଏକ, ଜିତେନ୍ଦ୍ର ବେହେରା, ଜନାର୍ଦ୍ଦନ ମହାନ୍ତ, ରତିକାନ୍ତ ମହାନ୍ତ, ମନୋରଞ୍ଜନ ମହାନ୍ତ, ମନୋଜ ମହାନ୍ତ, ଶରତ ମହାନ୍ତ, ରାଜୁ ସାହା, ଶିଶିର ବେହେରା, କୁନା ମହାନ୍ତ, ଅମୂଲ୍ୟ ଦାସ, ଦୁର୍ଗାନାରାୟଣ ମହାନ୍ତ, ଅଜୟ ଜେନା, ନରହରି ମହାନ୍ତ, କରମଚାନ୍ଦ କାଳନ୍ଦି, ସୁବ୍ରତ ମୁଖୀ, ଟିକିବାବୁ ମହାନ୍ତ, ଦୀପୁ ମହାନ୍ତ, ରତିକାନ୍ତ ଦାସ, ସୂରଜ ଧଲ ଓ ଲୋକନାଥ ପାତ୍ରଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ । ଏଭଳି କଠିନ ସମୟରେ ଚିକିତ୍ସା ପାଇଁ ଜିମ୍ନାସିୟମ ପକ୍ଷରୁ ଆର୍ଥିକ ସହାୟତା ମିଳିବାରୁ ଟିକାୟତଙ୍କ ପରିବାର ଶକ୍ତିମାନ ଜିମ୍ନାସିୟମ କର୍ତ୍ତୃପକ୍ଷ ଓ ସମସ୍ତ ସଦସ୍ୟଙ୍କୁ କୃତଜ୍ଞତା ଜଣାଇଛନ୍ତି । ଜଣେ ସଦସ୍ୟଙ୍କ ଦୁଃସମୟରେ ସଂଗଠନ ପକ୍ଷରୁ ସହାୟତାର ହାତ ବଢ଼ାଇବା ଭଳି ମାନବିକ ପଦକ୍ଷେପ ପାଇଁ ଶକ୍ତିମାନ ଜିମ୍ନାସିୟମର ଏହି ଉଦ୍ୟମକୁ ସାଧାରଣରେ ଭୂୟସୀ ପ୍ରଶଂସା କରାଯାଇଛି ।

## ଡ୍ରିମ୍ସ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାଗତ ଉତ୍ସବ




କଟକ, (ସ୍ୱପ୍ର): ଡ୍ରିମ୍ସ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଚଳିତ ଶିକ୍ଷାବର୍ଷରେ ଯୋଗଦେଇଥିବା ବିଦ୍ୟାର୍ଥୀଙ୍କ ସ୍ୱାଗତ ଉତ୍ସବ ଆଗମନ-୨୦୨୬ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ କର୍ମଯୋଗୀ ଧନେଶ୍ୱର ରଥଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଉତ୍ସବ ଉଦଘାଟନ କରି ଛାତ୍ରଛାତ୍ରୀମାନେ ପିତାମାତା ଓ ଗୁରୁଜନଙ୍କୁ ଭକ୍ତି ଓ ସମୟର ସଦୁପଯୋଗ କରି ଭଲ ମଣିଷ ହେବା ଲାଗି ଆଶୀର୍ବାଦ ପ୍ରଦାନ କରିଥିଲେ ।

ସମ୍ମାନିତ ଅତିଥି ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର କୃଷ୍ଣ ପ୍ରସାଦ ପତି, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଉପଦେଷ୍ଟା ପ୍ରଫେସର ସୁଶାନ୍ତ କୁମାର ଦାସ, ନିର୍ଦ୍ଦେଶକ ( ଛାତ୍ର ସଂପର୍କ) ଲୋକନାଥ ବେହେରା ଏବଂ ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ କଠିନ ପରିଶ୍ରମ ଓ ଶୃଙ୍ଖଳାକୁ ପ୍ରାଧାନ୍ୟ ଦେଇ ସାଧନା ଜାରି ରଖିଲେ ଜଣେ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିବ ବୋଲି କହିଥିଲେ । ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡ. ଦିଲ୍ଲୀପ କୁମାର ମଲ୍ଲିକଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଉପାଧ୍ୟକ୍ଷ ଡ. ଅଜିତ୍ କୁମାର ମହାପାତ୍ର ସ୍ୱାଗତ ଅଭିଭାଷଣ ଏବଂ ଛାତ୍ର ଅଂଶୁମାନ ବାନାର୍ଜୀ ଓ ଛାତ୍ରୀ ପ୍ରତୀକ୍ଷା ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଅଧ୍ୟାପିକା କନଜାଶ୍ରୀ ଧନ୍ୟବାଦ ଦେଇଥିଲେ ।

## ହତ୍ୟା ଉଦ୍ୟମ ମାମଲା: ମହିଳାଙ୍କ ସମେତ ୩ ଗିରଫ

ବ୍ରହ୍ମପୁର, (ସବ୍ୟୁ): ହତ୍ୟା ଉଦ୍ୟମ ମାମଲାରେ ଦୀର୍ଘଦିନ ଧରି ଫେରାର ଥିବା ୩ ଅଭିଯୁକ୍ତଙ୍କୁ ବଡବଜାର ଥାନା ପୋଲିସ ଗିରଫ କରିଛି । ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ଧନମେରା ସାହିର ରାଜୁ ବେହେରା (୬୦), ଅନିତା ଗରୁଡ଼ ଓରଫ ଆନି ଗରୁଡ଼ (୪୦) ଏବଂ ଗେଟବଜାର ସନ୍ଦୀପ କାଣ୍ଡି ଓରଫ ଡାଲୁ କାଣ୍ଡି (୩୨) । କେସ୍ ନମ୍ବର ୪୫୧/୨୩ ରେ ଆଜି କୋର୍ଟ ତିନି ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି । ଘଟଣାରୁ ପ୍ରକାଶ ଯେ, ୨୦୨୩ ନଭେମ୍ବର ୧୪ ତାରିଖ ରାତ୍ର ଧାନମେରା ସାହିର ଅଭୟ ବିଷୋୟୀ ଓ ତାଙ୍କ ଭାଇ ହସିନା ବିଷୋୟୀ ଘର ବାରଣ୍ଡାରେ ବସିଥିବା ବେଳେ ସେହି ସମୟରେ କିଛି ଯୁବକ ସେଠାରେ ପହଞ୍ଚି ତାଙ୍କୁ ହତ୍ୟା ଉଦ୍ୟମ କରିଥିଲେ । ଏଥିରେ ହସିନା ବିଷୋୟୀ ଗୁରୁତର ଆହତ ହୋଇଥିଲେ । ଅଭୟ ବିଷୋୟୀ ଏଣେ ବଡବଜାର ଥାନାରେ ଅଭିଯୋଗ କରିଥିଲେ । ନଭେମ୍ବର ୧୨ ତାରିଖ ଦୀପାବଳି ଦିନ ବାଣ ଫୁଟାଇବାକୁ ନେଇ ପୂର୍ବରୁ ହୋଇଥିବା ଝଗଡାନେଇ ଏହି ଆକ୍ରମଣ ହୋଇଥିଲା । ଅଭିଯୋଗ ପରେ ପୋଲିସ ଏହି ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତ ରୋହିତ ବେହେରା (୨୪) ଓ ରମେଶ ବେହେରା ଓରଫ ଟିକିନା (୩୦)ଙ୍କୁ ପୂର୍ବରୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଘଟଣାର ତଦନ୍ତ ଜାରି ରହିଥିବା ବେଳେ ଏଥିରେ ସମ୍ପୃକ୍ତ ଥାଇ ଫେରାର ଥିବା ଉକ୍ତ ତିନି ଅଭିଯୁକ୍ତଙ୍କୁ ତିନି ବର୍ଷ ପରେ ପୋଲିସ ଗିରଫ କରିଥିବା କହିଛି ।

## ବିଶ୍ୱ ହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସ

ବୁଗୁଡ଼ା, (ସବ୍ୟୁ) : ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବିଶ୍ୱ ହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ବିଶ୍ୱ ହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳ ବୁଗୁଡା ପ୍ରଖଣ୍ଡ ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସଂଗଠନ ସଭାପତି ଟି.ସୁଦର୍ଶନ ପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ଏଥିରେ ଅତିଥି ଭାବେ କରଚୁଲି ବ୍ୟାଘ୍ରମ୍ବରୀ ମଠାଧୀଶ ସତ୍ୟାନନ୍ଦ ଗିରି, ବୁଦ୍ଧଖୋଲ ଉନ୍ନୟନ ସମିତି ସମ୍ପାଦକ ଗଙ୍ଗାଧର ବିଷୋୟୀ, ବଜରଙ୍ଗ ଦଳ ସଂଗଠକ ଧୀରଜ ମହାରଣା ପ୍ରମୁଖ ଯୋଗଦେଇ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଏବଂ ବିଶ୍ୱ ହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସ ପାଳନର ତାତ୍ପର୍ଯ୍ୟ ସାଙ୍ଗକୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଏବଂ ପୂଜ୍ୟ ଅଶୋକ ସିଂଘଲଙ୍କ ଜନ୍ମ ଶତବାର୍ଷିକୀ ପାଳନ ସମ୍ପର୍କେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ୱୟଂ ସେବକ ଜୟନ୍ତ ପଟ୍ଟନାୟକ ସଂଯୋଜନା, ବଜରଙ୍ଗ ଦଳର ଘୁମୁସର ସାଂଗଠନିକ ଜିଲ୍ଲା ସଂଯୋଜକ ଚନ୍ଦନ କୁମାର ସ୍ୱାଇଁ ଉଦ୍ଦେଶ୍ୟ ଜ୍ଞାପନ ଏବଂ ପରିଶେଷରେ ବଜରଙ୍ଗ ଦଳର ବୁଗୁଡା ପ୍ରଖଣ୍ଡ ସଂଯୋଜକ ଗୁଲସନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବନ୍ଦ ଘରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ଏନଏସି ଅନ୍ତର୍ଗତ ବାଗଦେବୀ ସାହି ନିବାସୀ ଗୁପ୍ତେଶ୍ୱର ମହାପାତ୍ର(୫୦) ଓରଫ ଡୁଲୁ ମାନସିକ ଅଶାନ୍ତି କାରଣରୁ ଆତ୍ମହତ୍ୟା କରିଥିବା ବେଳେ ତାଙ୍କର ମୃତ ଝୁଲନ୍ତା ଶରୀରକୁ ଉଦ୍ଧାର କରାଯାଇଥିବା ଜଣାଯାଇଛି । ଏନେଇ କେସ୍ ନଂ ୩୨/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି ।

ପ୍ରକାଶ ଯେ, ଗୁପ୍ତେଶ୍ୱରଙ୍କ ସ୍ତ୍ରୀ, ପୁଅ ଓ ଝିଅ ପଥୁରିଆ ସାହିର ଏକ ଭଡାଘରେ ରହୁଥିବା ବେଳେ ଗୁରୁବାର ରାତିରେ ସେ ବାଗଦେବୀ ସାହି ନିଜ ଘରକୁ ଆସି ରହିଥିଲେ । ତେବେ ଶୁକ୍ରବାର ସକାଳେ ତାଙ୍କର ସ୍ତ୍ରୀ ଘରକୁ ଆସିଥିବା ବେଳେ ତାହା ଭିତରପଟୁ ବନ୍ଦ ରହିଥିଲା । ଘର କବାଟ ଭଙ୍ଗାଯିବା ପରେ ଭିତରେ ଗୁପ୍ତେଶ୍ୱରଙ୍କ ଝୁଲନ୍ତା ଶରୀର ଦେଖିବାକୁ ମିଳିଥିଲା । ତାଙ୍କୁ ସେଠାରୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବୁଗୁଡା ମେଡିକାଲକୁ ପଠାଯାଇଥିଲା । ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ଏହାର ତଦନ୍ତ ଦାୟିତ୍ୱରେ ଏଏସଆଇ ଉପେନ୍ଦ୍ର କ୍ରାସକା ରହିଥିବା ଜଣାଯାଇଛି ।

## ନବବଧୂଙ୍କ ମୃତ୍ୟୁ ଅଭିଯୋଗରେ ସ୍ୱାମୀ ଅଟକ



ଭଂଜନଗର, (ସବ୍ୟୁ) : ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ପଞ୍ଚଭୂତି ଗ୍ରାମରେ ଜଣେ ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି । ଏନେଇ ହତ୍ୟା ଅଭିଯୋଗ ଆଣିଛନ୍ତି ବାପଘର ଲୋକେ । ଏହି ଘଟଣାରେ ମୃତ ମହିଳାଙ୍କ ସ୍ୱାମୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି ପୋଲିସ । ମୃତକ ହେଲେ ସେହି ଗାଁର ବିଶ୍ୱାମିତ୍ର ନାଇକଙ୍କ ପତ୍ନୀ ଝୁମୁରି ନାଇକ।

ଝୁମୁରିଙ୍କୁ ହତ୍ୟା କରାଯାଇଥିବା ନେଇ ବାପଘର ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ, ସ୍ୱାମୀଙ୍କୁ ଅଟକ ରଖିଛି ପୋଲିସ । ଘଟଣା ସ୍ଥଳରେ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ, ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ତେବେ ମୃତ୍ୟୁକୁ ନେଇ ଭିନ୍ନ ଭିନ୍ନ କଥା କୁହାଯାଉଥିବା ବେଳେ, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ସୂଚନା ଦେଇଛି ।

# ୧୭ରୁ ମାସେ ବ୍ୟାପୀ ବିଜେପିର ସେବା ସଂକଳ୍ପ ଅଭିଯାନ



ବ୍ରହ୍ମପୁର, (ସବ୍ୟୁ): ବିଜେପି ପକ୍ଷରୁ ସେପେଟମ୍ବର ୧୭ତାରିଖ ଠାରୁ ମାସେ ବ୍ୟାପୀ ସେବା ସଂକଳ୍ପ ଅଭିଯାନ ପାଳନ କରାଯିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନର ୨୫ ବର୍ଷ ଏବଂ ତାଙ୍କ ଜନ୍ମଦିନ ଉପଲକ୍ଷେ ଏହି କାର୍ଯ୍ୟକ୍ରମ ଦେଶବ୍ୟାପୀ ଭାଜପା କରିବାକୁ ଯୋଜନା କରିଛି । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ଲୋକମାନଙ୍କୁ ସାମିଲ କରିବାକୁ ଦଳ ପକ୍ଷରୁ ନିଷ୍ପତ୍ତି ହୋଇଛି।

ଏହି କାର୍ଯ୍ୟକ୍ରମର ପ୍ରଥମ ଦିନ ଜନସେବକ ମହାକୁମ୍ଭ କରାଯିବ । ପଞ୍ଚାୟତରୁ ଆରମ୍ଭ କରି ସଂସଦ ପର୍ଯ୍ୟନ୍ତ ସବୁ ଜନପ୍ରତିନିଧିମାନେ ବନ୍ଦେ ମାତରମର ସମସ୍ତ ୬ଟି ସ୍ତବକର ସାମୂହିକ ଗାନ କରିବେ । ଏହି କାର୍ଯ୍ୟକ୍ରମରେ ଆନୁମାନିକ ୧.୨୫ ଲକ୍ଷ ଜନପ୍ରତିନିଧି ସାମିଲ ହେବେ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି । ମାସେବ୍ୟାପୀ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମ ଭିତରେ ଦଳ ପକ୍ଷରୁ ଛାତ୍ର ଏବଂ ଯୁବଗୋଷ୍ଠୀଙ୍କ ସହିତ ଅଧିକ ଯୋଡ଼ି ହେବାକୁ ଲକ୍ଷ୍ୟ ରଖାଯାଇଛି । ନିକଟରେ ନୂଆଦିଲ୍ଲୀଠାରେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ୍ ନବୀନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଦଳ ପକ୍ଷରୁ ଅଧିକରୁ ଅଧିକ ଯୁବଗୋଷ୍ଠୀ ସହ ଯୋଡ଼ିହେବା ଲାଗି କାର୍ଯ୍ୟକ୍ରମ କରିବା ପାଇଁ ଆଲୋଚନା ହୋଇଥିଲା । ତାକୁ ବାସ୍ତବରୂପ ଦେବା ଲାଗି ରାଜ୍ୟ, ଜିଲ୍ଲା, ନିର୍ବାଚନ ମଣ୍ଡଳୀ, ବ୍ଲକ, ମଣ୍ଡଳ, ବୁଥ୍ ସ୍ତରରେ ମଧ୍ୟ ଦଳ ପକ୍ଷରୁ ଯୋଜନା କରାଯାଉଥିବା ଜଣାପଡିଛି । ଏହିପରି ଭାବରେ ଆଜି ଗଞ୍ଜାମ ଜିଲ୍ଲା ସ୍ତରୀୟ ସ୍ଥାନୀୟ ଗିରି ରୋଡ ସ୍ଥିତ ପାଢୀ ସେଲିବ୍ରେସନ ଠାରେ ଜିଲ୍ଲା ସଭାପତି ସରୋଜ ସାବତଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।

ଏଥିରେ ରାଜ୍ୟ ସରକାରଙ୍କ ବାଣିଜ୍ୟ ପରିବହନ ଖଣି ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବିଧାୟକ କବିସୂର୍ଯ୍ୟ ନଗର ତଥା ସେବା ସଂକଳ୍ପ ଅଭିଯାନର ରାଜ୍ୟ ପ୍ରମୁଖ ପ୍ରତାପ ନାୟକ, ଛତ୍ରପୁରର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁଚରଣ ପତି, ସୁରେଶ ପାଢୀ, ମହନ୍ତ ଚିନ୍ମୟାନନ୍ଦ, ଜିଲ୍ଲା ସାଧାରଣ ସମ୍ପାଦକ ଗୌରୀ ସାମନ୍ତରାୟ, ଏବଂ ଜିଲ୍ଲା ପଦାଧିକାରୀ, ମଣ୍ଡଳ ସଭାପତି ଓ ପ୍ରଭାରୀ ଏବଂ ଜିଲାର ମୋର୍ଚ୍ଚା ସଦସ୍ୟ ଯୋଗଦେଇ ଥିଲେ । ଏହି ଅଭିଯାନକୁ ସଫଳ କରିବା ଲାଗି ଗଠିତ ଜିଲ୍ଲା ସ୍ତରୀୟ କମିଟି, ନିର୍ବାଚନ ମଣ୍ଡଳୀ ସ୍ତରରେ ଏବଂ ମଣ୍ଡଳ ସ୍ତରରେ ଟୋଲି ମାନଙ୍କୁ ଚୟନ କରାଯାଇଛି । ଏହି କାର୍ଯ୍ୟକ୍ରମ ଜରିଆରେ ଗରିବ, ଅସହାୟ, ମହିଳା, ଯୁବ, କୃଷକ ଓ ବଞ୍ଚିତ ବର୍ଗଙ୍କ ନିକଟରେ ସେବା ପହଞ୍ଚାଇବା ସହ ସ୍ୱଚ୍ଛତା, ସ୍ୱାସ୍ଥ୍ୟ, ପରିବେଶ ସୁରକ୍ଷା ଓ ସାମାଜିକ ସଚେତନତା ଭଳି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟକ୍ରମ ଆୟୋଜନ କରିବା । ସେପ୍ଟେମ୍ବର ୧୭ରେ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ଘରକୁ ଯାଇ ଦୀପ ପ୍ରଜ୍ୱଳନ କରାଯିବ । ଜିଲ୍ଲା, ନିର୍ବାଚନମଣ୍ଡଳୀ ସ୍ତରରେ ରକ୍ତଦାନ ଶିବିର ଏବଂ ସ୍ୱାସ୍ଥ୍ୟ ଶିବିର କରାଯିବ । ଆସନ୍ତା ୧୭ରୁ ଅକେଟାବର ୭ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ସବୁ ବିଦ୍ୟାଳୟରେ ଚିତ୍ରାଙ୍କନ, ଭାଷଣ, ବକ୍ତୃତା ଆଦି ପ୍ରତିଯୋଗିତା କରାଯିବ । ବ୍ଲକ ସ୍ତରରେ ସେବା ସେତୁ ଶିବିରର ଆୟୋଜନ କରାଯିବ । ଶେଷରେ ପଦ୍ମ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବଳଦେବଜୀଉ ମନ୍ଦିରରେ ଜନ୍ମାଷ୍ଟମୀ

କେନ୍ଦ୍ରାପଡା,(ସବ୍ୟୁ): ବଳଦେବଜୀଉ ମନ୍ଦିରରେ ଜନ୍ମାଷ୍ଟମୀ ଆଜି ବଳଦେବଜୀଉ ମନ୍ଦିରରେ ଜନ୍ମାଷ୍ଟମୀ ନୀତି ମହାଆଡମ୍ବରରେ ପାଳିତ ହୋଇଛି । ରାତ୍ର ଧୂପ ସମ୍ପନ ପରେ ରତ୍ନ ସିଂହାସନରୁ ପୂଜାପଣ୍ଡା ସେବାୟତ ଦ୍ୱାରା ଭୋଗ ମଣ୍ଡପକୁ ଆଣ୍ଟୁଆ ଗୋପାଳ ବିଜେ କରିଥିଲେ । ପୁରାଣ ପଣ୍ଡାଙ୍କ ଦ୍ୱାରା ପୁରାଣ



ପାଠ ପରେ ରାଜ ପୁରୋହିତଙ୍କ ଦ୍ୱାରା ଖଟୁଲି ଚତ୍ୱାଂଶ ମୂର୍ଚ୍ଛ କରାଯାଇ ଜନ୍ମ ନୀତି ଆରମ୍ଭ ହୋଇଥିଲା । ବଡ ପାଉଡି ସେବକଙ୍କ ଦ୍ୱାରା ପିଷ୍ଟକରୁ ନାଭି ପ୍ରସ୍ତୁତ ହୋଇ ଶ୍ରୀ ଗୋପାଳଙ୍କୁ ସ୍ୱର୍ଣ୍ଣ କରାଇ ସ୍ନାନ ମଙ୍ଗଳାପଣ ଘିଅ ପାନ ସ୍ୱଶ ହୋଇ ମାଷ୍ଟାନ, କ୍ଷୀର, ମିଠାଇ ଭୋଗ ଲାଗି ହୋଇ ଥିଲା । ହଜାର ହଜାର ଭକ୍ତ ଓ ଉପାସନା ମାନେ ପବିତ୍ର ଓଷାରେ ସାମିଲ ହୋଇ ପାଦୁକା ଭୋଗ ସେବନ ପରେ ଓଷା ସମ୍ପନ କରିଥିଲେ। ବିଜେ ଗୋପାଳଙ୍କୁ ଭୋଗ ମଣ୍ଡପରେ ଝୁଲାଣିରେ ବିଜେ କରିଥିଲେ । ଆସନ୍ତା କାଲି ବିଜେ ଗୋପାଳଙ୍କ ଯମୁନା ସ୍ନାନ ନୀତ କରାଯିବ ବୋଲି ମନ୍ଦିର ସେବକ ଟ୍ରଷ୍ଟି ନୃସିଂହ ପ୍ରସାଦ ପତ୍ରୀ ସୂଚନା ଦେଇଛନ୍ତି ।

# ସିଏମ କିଷାନ ଯୋଜନାର ପଞ୍ଚମ କିସ୍ତି ସହାୟତା

ଜଗତସିଂହପୁର(ସବ୍ୟୁ):ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ର ଓ.ୟୁ.ଏ.ଟି. କୃଷି ଶିକ୍ଷା ସଦନ ଠାରେ ଆୟୋଜିତ ସିଏମ କିଷାନ ସମ୍ମାନନିଧିର ପଞ୍ଚମ କିସ୍ତି ପ୍ରଦାନ ସମାରୋହରେ ରାଜ୍ୟ ର ୪୧.୩୫ଲକ୍ଷ ଚାଷୀଙ୍କୁ ୮୩୩ କୋଟିରୁ ଉର୍ଦ୍ଧ ଟଙ୍କା ହସ୍ତାନ୍ତର କରିଛନ୍ତି ।ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ସିଏମ କିଷାନ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଉଦ୍ୟାନ ଅଧିକାରୀ-ଓଷା-ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅକ୍ଷୟ ପିଲ୍ଲେ ଙ୍କ ସଭାପତିତ୍ୱ ରେ ଆୟୋଜିତ ହୋଇଥିଲା । ମୁଖ୍ୟଅତିଥି ଭାବେ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇ ଏବଂ ସମ୍ମାନନୀୟ ଅତିଥି ଭାବେ ବିଧାୟକ - ଜିଲ୍ଲା ଯୋଜନା କମିଟି ଅଧକ୍ଷ,ଜଗତସିଂହପୁର ଅମରେନ୍ଦ୍ର ଦାସ, ସାଂସଦ ବିଭୁ ପ୍ରସାଦ ତରାଇ ଓ ଜିଲ୍ଲା ପରିଷଦ ଅଧକ୍ଷ ମନୋଜ କୁମାର ଭୋଇ ଯୋଗଦେଇ ଥିଲେ ।

ଏହି ଅବସରରେ ଉପସ୍ଥିତ ସମସ୍ତ ଅତିଥିବୃନ୍ଦ ଏବଂ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଚାଷୀମାନେ ଓ.ୟୁ.ଏ.ଟି. କୃଷି ଶିକ୍ଷା ସଦନ ଠାରୁ ଆଭାସୀ ମାଧ୍ୟମରେ ସିଧା ପ୍ରସାରଣ ହେଉଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଦେଖିଥିଲେ । ଏହି ଅବସରରେ ଜଗତସିଂହପୁର ଜିଲ୍ଲାର ମୋଟ ୧,୩୧,୭୬୭ ଜଣ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ହସ୍ତାନ୍ତର ହୋଇଛି ବୋଲି କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଭୁଦତ୍ତ ସାହୁ,କେ.ଭି.କେ ବୈଜ୍ଞାନିକ, ଜିଲ୍ଲା ସ୍ତରୀୟ ଅଧିକାରୀ, ବ୍ଲକ କୃଷି ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ସଡ଼କ ଦୁର୍ଘଟଣାରେ ସିଆରସିସି ମୃତ

ରଘୁନାଥପୁର,(ସବ୍ୟୁ): ରଘୁନାଥପୁର ଶିକ୍ଷା ମଣ୍ଡଳ ଅନ୍ତର୍ଗତ ସିଦ୍ଧେଶ୍ୱରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ଦେଉଳସାହି କ୍ଲଷ୍ଟରର ସିଆରସିସି ଚତୁର୍ଭୁଜ ନାୟକ (୪୮) ଆଜି ଅପରାହ୍ଣ ୪ଟା ୩୦ମିନିଟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଛନ୍ତି। ଶ୍ରୀ ନାୟକ ଓ ତାଙ୍କ ଭିଣୋଇ ସୁଶାନ୍ତ କୁମାର ନାୟକ (୪୫)କଟକରୁ ତାଙ୍କ ଘର ନାଲିବରକୁ ଏକ ବାଇକ ଯୋଗେ ଫେରୁଥିବା ବେଳେ ରଘୁନାଥପୁର ଥାନା ଅନ୍ତର୍ଗତ ବର୍ତ୍ତୀ ହମ୍ପସ ଉପରେ ଏକ ଟ୍ରକକୁ ଓଭରଟେକ କରିବାକୁ ଯାଇ ବିପରୀତ ଦିଗରୁ ଆସୁଥିବା ଏକ ତେଲ ଟ୍ୟାଙ୍କରରେ ବାଇକର ମିରର ଲାଗି ଯାଇଥିଲା। ଫଳରେ ଶ୍ରୀ ନାୟକ ତେଲ ଟ୍ୟାଙ୍କର ଚକାତଳେ ପଡି ଯାଇଥିଲେ। ଟ୍ୟାଙ୍କରର ଚକା ତାଙ୍କ ମୁଣ୍ଡ ଉପରେ ଚଢି ଯିବାରୁ ଘଟଣାସ୍ଥଳରେ ସେ ମୃତ୍ୟୁବରଣ କରିଥିଲେ। ଖବର ପାଇ ରଘୁନାଥପୁର ପୋଲିସ, ଅଗ୍ନିଶମ ବିଭାଗ ଓ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଂଚି ଦୁର୍ଘଟଣା ଗ୍ରସ୍ତ ବ୍ୟକ୍ତି ମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଡ଼ାକ୍ତର ଶ୍ରୀ ନାୟକଙ୍କୁ ମୃତ ଘୋଷଣା ପରେ ରଘୁନାଥପୁର ପୋଲିସ ୧୫୭/୨୬ରେ ଏକ ମୋକଦ୍ଦମା ରୁଜୁ କରି ଶବକୁ ଜବତ କରିବା ସହ ଦୁର୍ଘଟଣା ଘଟାଇଥିବା ତେଲ ଟ୍ୟାଙ୍କରକୁ ଜବତ କରିଥିଲା। ସମୟ ଅତିକ୍ରାନ୍ତ ହୋଇ ଯାଇଥିବାରୁ ବ୍ୟବଚ୍ଛେଦ ପାଇଁ ଶବକୁ ଆସନ୍ତାକାଲି ଜଗତସିଂହପୁର ବଡ଼ ଡ଼ାକ୍ତରଖାନାକୁ ପଠାଯିବ ବୋଲି ପୋଲିସ ସୁତ୍ରରୁ ପ୍ରକାଶ ପାଇଛି।

# ଜିଲ୍ଲା ପୁଲିସ ମୁଖ୍ୟାଳୟ ପୋଖରୀରେ ବୁଡ଼ି ଗୃହରକ୍ଷୀ ମୃତ

ପାଣିକୋଇଲି,(ସବ୍ୟୁ) ପାଣିକୋଇଲି ଠାରେ ଥିବା ଯାଜପୁର ଜିଲ୍ଲା ପୁଲିସ ମୁଖ୍ୟାଳୟ ପରିସରରେ ଏକ ବଡ଼ ଅଘଟଣ ଘଟିଯାଇଛି। ମୁଖ୍ୟାଳୟ ପରିସରରେ ଥିବା ଏକ ବୃହତ ଓ ଗଭୀର ପୋଖରୀରେ ବୁଡ଼ି ଯାଇ ନୁତନ ଭାବେ ଚାକିରୀରେ ଯୋଗଦେଇଥିବା କରି ପ୍ରଶିକ୍ଷଣ ନେଉଥିବା ଜଣେ ଗୃହରକ୍ଷୀ ମୃତ୍ୟୁବରଣ କରିଛନ୍ତି। ତେବେ ଉକ୍ତ ଖବର ପ୍ରଚାରିତ ହେବା ପରେ ମୁଖ୍ୟାଳୟର ମୁଖ୍ୟ ଗେଟକୁ ସର୍ବସାଧାରଣଙ୍କ ନିମନ୍ତେ ବନ୍ଦ କରାଯାଇଥିଲା। ଏପରିକି ଖବର ସଂଗ୍ରହ କରିବାକୁ ଯାଇଥିବା ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିଙ୍କୁ ମଧ୍ୟ ଭିତରକୁ ଛଡ଼ାଯାଇନଥିଲା। ଯାହାକି ପୁଲିସ ମୁଖିଆଙ୍କ ଭୂମିକାକୁ ସାଧାରଣରେ ସଂନ୍ଦେହ ପ୍ରକାଶ ପାଇଛି। ସୂଚନାନୁସାରେ ଜିଲ୍ଲା ପୁଲିସ ପକ୍ଷରୁ ଗତ ତିନି ମାସ ତଳେ ଗୃହରକ୍ଷୀ ପରୀକ୍ଷାରେ କଳିଙ୍ଗନଗର ଥାନା ତଥା ଦାନଗଦୀ ବ୍ଲକ ଅନ୍ତର୍ଗତ ରଣାଗୁଣ୍ଡି ଗ୍ରାମର ଅବସରପ୍ରାପ୍ତ ପୁଲିସ ହାବିଲଦାର କୋଦଣ୍ଡଧର ଜେନାଙ୍କ ଦୁଇ ପୁତ୍ର ଉତୀର୍ଣ୍ଣ ହୋଇ ନିଯୁକ୍ତି ପାଇ ମୁଖ୍ୟାଳୟ ପରିସରରେ ପ୍ରଶିକ୍ଷଣରେ ଥିଲେ। ତେବେ ଆଜି ପ୍ରଶିକ୍ଷଣ ସରିବା ପରେ ଶ୍ରୀ ଜେନାଙ୍କ ବଡ଼ ପୁଅ ରାକେଶ କୁମାର ଜେନା ନିଜର ତିନି ସାଥି ମାନଙ୍କ ସହିତ ପରିସରରେ ଥିବା ଏକ ବୃହତ ତଥା ଗଭୀର ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ତେବେ ପୋଖରୀର ଗଭୀରତା ବାବଦରେ ଅନଭିଜ୍ଞ ଥିବାରୁ ସେ ପହଂରୁଥିବା ବେଳେ ବୁଡ଼ିଯାଇଥିଲେ। ଯାଜପୁର ଟାଉନ ଦମକଳ କେନ୍ଦ୍ରର କର୍ମଚାରୀ ମାନେ ପହଂଚି ପୋଖରୀରୁ ରାକେଶଙ୍କୁ ଉଦ୍ଧାର କରି ଯାଜପୁର ମୂଖ୍ୟ ଚିକିତ୍ସାଳୟକୁ ନେଇଥଲେ କିନ୍ତୁ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଉକ୍ତ ଗୃହରକ୍ଷୀଙ୍କୁ ପୁଲିସ ମୁଖ୍ୟ କାର୍ଯ୍ୟାଳୟରେ ପହଂଚିବା ପରେ ଅଧିକାରୀ ଓ କର୍ମଚାରୀ ମାନେ ଶେଷ ଦର୍ଶନ କରିବା ସହ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ ।

# ନୀଳାଚଳ ଇସ୍ପାତ ନିଗମ ପକ୍ଷରୁ ସାଇକେଲ ଚାଳକ ସୁରକ୍ଷା ଅଭିଯାନ



ବ୍ୟାସନଗର: ନୀଳାଚଳ ଇସ୍ପାତ ନିଗମ (ଏନଆଇଏନଏଲ) ପକ୍ଷରୁ ପ୍ଲାଣ୍ଟ ପରିସର ବାହାରେ ଏକ ବ୍ୟାପକ 'ସାଇକେଲ ଚାଳକ ସୁରକ୍ଷା ଅଭିଯାନ' ସଫଳତାର ସହ ଆୟୋଜିତ ହୋଇଯାଇଛି। ସାଇକେଲ ଚାଳକମାନଙ୍କ ନିରାପଦ ଯାତାୟାତ ଏବଂ ରାସ୍ତାରେ ସେମାନଙ୍କ ସ୍ପଷ୍ଟ ଦୃଶ୍ୟମାନତାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ସନ୍ଧ୍ୟା କିମ୍ବା ରାତ୍ରୀ ସମୟରେ ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି, ଏହି ଅଭିଯାନ ଅଧୀନରେ ୩୧୧ଟି ସାଇକେଲରେ ରେଟ୍ରୋ-ରିଫ୍ଲେକ୍ଟିଭ ଷ୍ଟିକର୍ ଲଗାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ୧୦୨ ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।କାର୍ଯ୍ୟକ୍ରମରେ ଏନଆଇଏନଏଲ୍ର ଅପରେସନ୍ସ ଆଣ୍ଡ ମେଣ୍ଟେନାନ୍ସ ଚିଫ ବିନୀତ ରଞ୍ଜନ ତ୍ରିପାଠୀଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।କମ୍ପାନୀର ରୋଡ ଆଣ୍ଡ ରେଲ ସେଫ୍ଟି ସବ-କମିଟି (ଆରଆରଏସଏସସି), ସୁରକ୍ଷା ବିଭାଗ, ସିକ୍ୟୁରିଟି ବିଭାଗ ଏବଂ ମାନବ ସମ୍ବଳ ତଥା ପ୍ରଶାସନ ବିଭାଗର ମିଳିତ ସହଯୋଗରେ ଏହି ଅଭିଯାନ ଆୟୋଜନ କରାଯାଇଥିଲା। ଏହି ପଦକ୍ଷେପ ସଡ଼କ ସୁରକ୍ଷା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ସହ କର୍ମଚାରୀ ତଥା ସ୍ଥାନୀୟ ଜନସାଧାରଣଙ୍କ ସୁରକ୍ଷା ଏବଂ କଲ୍ୟାଣ ପ୍ରତି ଏନଆଇଏନଏଲ୍ର ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରୁଛି।

# ଚିତ୍ରୋତ୍ପଳା ନଦୀରୁ ଅଜଣା ମୃତଦେହ ଉଦ୍ଧାର

ସାଲେପୁର (ସବ୍ୟୁ ) ସାଲେପୁର ଥାନା ଅନ୍ତର୍ଗତ ତେନ୍ତୋଳ ଗ୍ରାମ ଚିତ୍ରପ୍ଳା ନଦୀ ପାର୍ଶ୍ୱ ନିମଗାଦି ଠାରେ ଏକ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି । ପ୍ରକାଶ ଥାଉକି ଶୁକ୍ରବାର ମଧ୍ୟାହ୍ନ ସମୟରେ ତେନ୍ତୋଳ ଗ୍ରାମର ନିମଗାଦି ଚିତ୍ରପ୍ଳା ନଦୀ ପାର୍ଶ୍ୱରେ ଏକ ମୃତଦେହ ଲାଗିଥିବା ସ୍ଥାନୀୟ ଜନସାଧାରଣ ଦେଖିଥିଲେ । ସେହି ଅଜଣା ମୃତ୍ୟୁ ଦେହକୁ ଦେଖି ସେମାନେ ସାଲେପୁର ଥାନାକୁ ଜଣାଇଥିଲେ । ଖବର ପାଇ ସାଲେପୁର ପୋଲିସ ଘଟଣା ସ୍ଥଳରେ ପହଂଚି ମୃତଦେହକୁ ଉଦ୍ଧାର କରି ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିବା ଆଇ.ଆଇ.ସି ମହେଶ୍ୱର ବେହେରାଙ୍କ ଠାରୁ ପ୍ରକାଶ ।

# ଅସହାୟ ଗୟାଧରକୁ ସାହା ହେବ କିଏ

କୁଆଖିଆ, (ସବ୍ୟୁ ):ରସୁଲପୁର ବ୍ଲକ ଅନ୍ତର୍ଗତ ପ୍ରଥମାଖଣ୍ଡ ପଂଚାୟତ ଗୋପାଳପୁର ୧୦ ନଂ ୱାର୍ଡ ବାସିନ୍ଦା ଗୟାଧର ପ୍ରଧାନ (୬୦ )ଏବେ ଅସହାୟ ଅବସ୍ଥା ରେ କାଳାତିପାତ କରୁଛନ୍ତି । ପରିବାର କହିଲେ ସ୍ତ୍ରୀ ଓ ସେ ନିଜେ ।ବହୁ ଅଭାବ ଭିତରେ ସେ ଚାଲି ପାରୁନାହାନ୍ତି । ଗୋଡ଼ ଖରାପ ହୋଇଥିବାରୁ ସେ ଘୁଷୁରୀ ଘୁଷୁରୀ ଚାଲୁଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ସହ ସହାୟତା ସହଯୋଗ ଦେବାକୁ ସେ ପ୍ରଶାସନ ବ୍ଲକ ନିକଟରେ ଗୁହାରି କରିଛନ୍ତି ।



# ଗୁରୁ ଦିବସରେ ଶିକ୍ଷକ ମହାସମାବେଶ

ଯାଜପୁରସଦର,(ସବ୍ୟୁ): ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆହ୍ୱାନକ୍ରମେ ଗଣଧାରଣା ୧୯ ଦିନରେ ପହଞ୍ଚିଛି। ଗୁରୁ ଦିବସରେ ଶିକ୍ଷକ, ଅଧ୍ୟାପକ, ଶିକ୍ଷା କର୍ମଚାରୀଙ୍କ ସମେତ ଅଭିଭାବକ, ପରିଚାଳନା କମିଟି ସଦସ୍ୟ, ପୁରାତନ ଛାତ୍ରଛାତ୍ରୀ ରାଜଧାନୀର ରାଜରାସ୍ତାରେ ପୁନର୍ବାର ମହାସମାବେଶ ସଂଗଠିତ କରିବାକୁ ଯାଉଥିବା ସମନ୍ୱୟସମିତିର ଆବାହକ ରଞ୍ଜନ କୁମାର ଦାଶ ଜଣାଇଛନ୍ତି। ସମସ୍ତ ଯୋଗ୍ୟ ବିଦ୍ୟାଳୟକୁ ତୁରନ୍ତ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରୁ ଅବସର ନେଉଥିବା ଓ ଅବସର ନେଇଥିବା ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ପେନ୍ସନ ସହ ଅବସରକାଳୀନ ସୁବିଧା ଏବଂ ଚାକିରି ସର୍ତ୍ତାବଳୀ ପ୍ରଦାନ, ଅବସର ବୟସସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି, ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଓ ସମସ୍ତ ବିଦ୍ୟାଳୟକୁ ସରକାରୀକରଣ କରିବା ଆଦି ବିଭିନ୍ନ ଦାବିରେ ଧାରଣା ଜାରି ରହିଛି। ଓଡ଼ିଶାର ବହୁ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ଗାନ୍ଧୀମାର୍ଗରେ ଗୁରୁ ଦିବସରେ ସମବେତ ହେବେ। ରାଜ୍ୟ ସରକାର ତୁରନ୍ତ ସମନ୍ୱୟ ସମିତିର ନେତୃବୃନ୍ଦଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନର ରାସ୍ତା ବାହାର କରିବା ପାଇଁ ଶ୍ରୀ ଦାଶଙ୍କ ସମେତ ସମନୱୟ ସମିତି ସଭାପତି ସୁକାନ୍ତ କୁମାର ବେହେରା, ଅକ୍ଷୟ କୁମାର ମିଶ୍ର, ଆବାହକ ଡ. ପ୍ରଶାନ୍ତ କୁମାର ପ୍ରଧାନ, ନିମଳା ପଣ୍ଡା ଦାବି କରିଛନ୍ତି।

# ଦୁର୍ବଳ ମାଟିକାନ୍ଥ ତଳେ ଚାପି ହୋଇ ସ୍ୱାମୀ ମୃତ,ସ୍ତ୍ରୀ ଗୁରୁତର

ମହାକାଳପଡ଼ା,(ସବ୍ୟୁ): ମହାକାଳପଡ଼ା ବିଧାନ ସଭା କ୍ଷେତ୍ର ଅଧୀନ ମାର୍ଶାଘାଇ ପଂଚାୟତ ଅନ୍ତର୍ଗତ ତୁଳିସୀପୁର ଗାଁ ରେ ଘଟିଛି ଅଭାବନୀୟ ଘଟଣା । ଗୁରୁବାର ବିଳମ୍ବିତ ରାତିରେ ସ୍ୱାମୀ ଓ ସ୍ତ୍ରୀ ଘରେ ଶୋଇଥିବା ବେଳେ ଚାଳଛପର ବାସଗୃହର ଦୁର୍ବଳ ମାଟିକାନ୍ଥ ଭୁଶୁଡି ପଡିଥିଲା । ଘଟଣା ସ୍ଥଳରେ ସ୍ୱାମୀ ହୃଦକେଷଙ୍କର ମୃତ୍ୟୁ ହୋଇଥିବା ବେଳେ ସ୍ତ୍ରୀ ରେଣୁବାଳା ଗୁରୁତର ହୋଇ ଯନ୍ତ୍ରଣା ରେ ଛଟ ପଟ ହୋଇ କାନ୍ଥ ତଳେ ପଡି ରହି ଚିତ୍କାର କରିଥିଲେ । ମହିଳାଙ୍କ ଆର୍ତ୍ତ ଚିତ୍କାର ଶୁଣି ପଡୋଶୀ କୌଶଳ କ୍ରମେ ଦୁର୍ଘଟଣା ଗ୍ରସ୍ତ ଦମ୍ପତ୍ତି ଙ୍କୁ ଉଦ୍ଧାର କରି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ ।ଡାକ୍ତରସ୍ୱାମୀଙ୍କୁ ମୃତ ଘୋଷଣା କରିବା ସହିତ ମହିଳାଙ୍କୁ ପ୍ରାଥମିକ ଚିକିତ୍ସା କରାଇଥିଲେ । ଘର ଅଭାବରୁ ପୂର୍ବ ସରକାର ସମୟରୁ ପରିବର୍ତ୍ତିତ ସରକାରରେ ଆଜିସୁଦ୍ଧା ସମ୍ପୃକ୍ତ ଭୂମିହୀନ ପରିବାର ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରୁ ବଂଚିତ ରହିଛନ୍ତି । ମୁଲ ମଜୁରୀ ଲାଗି ପେଟ ପୋଷୁଥିବା ବେଳେ ଝାଟି ମାଟି ଘରେ ବାପ ଓ ମା ମୁଣ୍ଡ ଗୁଞ୍ଜୁଛନ୍ତି । ଏପରିକି ବଢିଲା ଝିଅ ଓ ୧୫ବର୍ଷ ର ପୁଅ ଶୋଇବା ଘର ଅଭାବରୁ ପଡିଶା ଘରେ ଶୋଇଥିବାରୁ ଦୁର୍ଘଟଣାରୁ ବର୍ତ୍ତୀଯାଇଛନ୍ତି । ଭୂମିହୀନ ପରିବାର କୁ ଘରଡିହ ପଟ୍ଟା ଯୋଗାଇଦେବାର ପ୍ରାବଧାନ ଥିବା ବେଳେ ସ୍ଥାନୀୟ ରାଜସ୍ୱ କର୍ତ୍ତୃପକ୍ଷ ଅଣଦେଖା ରୁପରିବାର ଲୋକେ ଆଜି ଦୁର୍ଘଟଣା ଙ୍କୁ ସମ୍ମୁଖୀନ ହୋଇଛନ୍ତି । କେବଳ ହୃଷିକେଷ ନୁହଁନ୍ତି ନନ୍ଦ ଜେନାଙ୍କ ଅନ୍ୟ ଚାରି ପୁଅ ବି ଘର ଡିହ ଅଭାବରୁ ମୁଲ ମଜୁରୀ ଓ ବାହାରେ ଦାଦନ ଖଟି ଦୁଃଖ କଷ୍ଟେ ଜୀବନ କଟାଉଛନ୍ତି । ସ୍ଥାନୀୟ ପ୍ରଶାସନ ମୃତକ ଙ୍କ ପରିବାରକୁ ସହାୟତାର ହାତ ବାଢ଼ିବାକୁ ଅଞ୍ଚଳର ବୁଦ୍ଧଜୀବିମାନେ ଦାବିକରନ୍ତି ।

# ଜିଲ୍ଲାରେ ସିଏମ୍ କିଷାନ୍ ଯୋଜନାରେ ୧ଲକ୍ଷ ୭୦ ହଜାର ଚାଷୀଙ୍କୁ ସହାୟତା ପ୍ରଦାନ

କେନ୍ଦ୍ରାପଡା,(ସବ୍ୟୁ): ପବିତ୍ର ଶ୍ରୀକୃଷ୍ଣ ଜୟନ୍ତୀ ଅବସରରେ ସିଏମ୍ କିଷାନ୍ ଯୋଜନାର ଜିଲ୍ଲାରେ ୧ ଲକ୍ଷ ୭୦ ହଜାର ୮୪୭ ଜଣ ଚାଷୀଙ୍କୁ ୫ମ କିସ୍ତି ସହାୟତା ରାଶି ପ୍ରଦାନ କରାଯାଇଛି। ଏ ଅବସରରେ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ମୁଖ୍ୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ରଘୁରାମ୍ ଆର୍. ଆୟାର୍ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ଉତ୍ସବରେ ମହାକାଳପଡା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଡକ୍ଟର ଦୁର୍ଗାପ୍ରସନ୍ନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାଷୀଙ୍କ କଲ୍ୟାଣ ଓ କୃଷିର ବିକାଶ ପାଇଁ ସରକାର ବିଭିନ୍ନ ଯୋଜନାର ସୁଫଳ ଦେବାକୁ ଚାଷୀମାନଙ୍କୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ହେମନ୍ତ କୁମାର ସାମଲଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଜୟମିନ୍ ମହାପାତ୍ର, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡକ୍ଟର ପ୍ରଭଞ୍ଜନ ମିଶ୍ର, ଉଦ୍ୟାନ କୃଷି ବିଭାଗର ସହକାରୀ ନିର୍ଦ୍ଦେଶକ ଦେବଦାସ ଦତ୍ତ ପ୍ରମୁଖ ଅଧିକାରୀମାନେ ଯୋଗ ଦେଇ କୃଷକ ମାନଙ୍କ ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା କୃଷି କ୍ଷେତ୍ରରେ ବିଭାଗୀୟ ପଦକ୍ଷେପ ଓ ସଫଳତା ସମ୍ପର୍କରେ ଉପସ୍ଥିତ ଥିବା ଚାଷୀମାନଙ୍କୁ ଏହାର ସୁବିଧା ନେଇ ନିଜ ଆୟ ବୃଦ୍ଧି କରିବାରେ ଆହ୍ୱାନ ଦେଇଥିଲେ। ଜିଲ୍ଲାରେ ସିଏମ୍ ଯୋଜନାର ପଂଚମ କିସ୍ତି ବାବଦରେ ୩୩୩ ଜଣ ଭୂମିହୀନ ଚାଷୀ ଏବଂ ୧ ଲକ୍ଷ ୭୦ ହଜାର ୪୯୪ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ମୋଟ୍ ୧ଲକ୍ଷ ୭୦ ହଜାର ୮୨୭ ଜଣ ଚାଷୀଙ୍କୁ ୩୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବିବିଟି ମାଧ୍ୟମରେ ପ୍ରଦାନ କରାଯାଇଥିବା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ସାମଲ ସୁଚନା ଦେଇଥିଲେ। ଯୋଜନା ଅନୁଯାୟୀ ପ୍ରତ୍ୟେକ ଭୂମିହୀନ ଚାଷୀଙ୍କୁ ୫ ହଜାର ଟଙ୍କା ଏବଂ କ୍ଷୁଦ୍ର ନାମମାତ୍ର ଚାଷୀଙ୍କୁ ୨ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୯ଟି ବ୍ଲକରୁ ୧୩୭ ଜଣ ଚାଷୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସ୍ଥାନାନ୍ତର ହେଲା ନିଶାମୁକ୍ତି କେନ୍ଦ୍ର

କେନ୍ଦ୍ରାପଡା,(ସବ୍ୟୁ): କେନ୍ଦ୍ରାପଡା ଜିଲ୍ଲାର ଏକମାତ୍ର ନିଶାମୁକ୍ତି କେନ୍ଦ୍ର ବାରିମୁଳ ଛକଠାରୁ ନାଗେଶ୍ୱରପୁର ସ୍ଥାନାନ୍ତରିତ କରାଯାଇଛି। ପ୍ରୋଜେକ୍ଟ ସ୍ୱରାଜ୍ୟ ଦ୍ୱାରା ପରିଚାଳିତ ଏହି ନିଶାମୁକ୍ତି କେନ୍ଦ୍ରଟି ଦୀର୍ଘ ବର୍ଷ ହେଲା ବାରିମୁଳ ଛକରେ ରହିଥିଲା। ସେଠାରେ ବିଭିନ୍ନ ପ୍ରକାର ଅସୁବିଧା ହେବାରୁ ଏହାକୁ ପୁର୍ବତନ ବିଧାୟିକାଙ୍କ ବାସଭବନ ନିକଟ ନାଉପଡା ନାଗେଶ୍ୱରପୁରକୁ ସ୍ଥାନାନ୍ତରିତ କରାଯାଇଛି। ସେଠାରେ ଏହି ନୂତନ ଗୃହକୁ ବିଜେପିର ବରିଷ୍ଠ ନେତା ତଥା ପାଟକୁରା ବିଧାୟକ ପ୍ରାର୍ଥୀ ତେଜେଶ୍ୱର ପରିଡା ଏହାକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିବାବେଳେ ଜିଲ୍ଲା ଅବକରୀ ଅଧିକ୍ଷକ ବିପ୍ରଚରଣ ମଣ୍ଡଳ, ଅବକାରୀ ନିରୀକ୍ଷକ ହିମାଂଶୁ ଶେଖର ମଲ୍ଲିକଙ୍କ ସହିତ ନିଶାମୁକ୍ତି କେନ୍ଦ୍ରର ନିର୍ଦ୍ଦେଶିକା ପୁଷ୍ପାଜିଙ୍କ ସମେତ ପ୍ରଭୁ ପ୍ରସାଦ ମିଶ୍ର, ମନୋଜ କୁମାର ମାଟି, କୈଳାସ ପଟ୍ଟନାୟକ, ସସ୍ମିତା ବେହେରା, ଅଧିକାରୀ ପ୍ରଧାନ, ଦେବୀପ୍ରସାଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଷଣ୍ଢ ସହିତ ଧକ୍କାହୋଇ ବାଇକ ଆରୋହୀ ଗୁରୁତର

ପାଣିକୋଇଲି,(ସବ୍ୟୁ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଓଭରବ୍ରିଜ ଆରମ୍ଭରୁ ଥିବା ଡ଼ାଇଭର୍ସନ ନିକଟରେ ଏକ ଷଣ୍ଢ ସହିତ ଧକ୍କା ହୋଇ ବାଇକ ଆରୋହୀ ଗୁରୁତର ହୋଇଛି । ସୁଚନାନୁସାରେ ଶଙ୍ଖଚିଲା ଫାଣ୍ଡି ଅନ୍ତର୍ଗତ ନୂଆପାଟଣା ଗ୍ରାମର ନଟବର ଖଣ୍ଡାଇ ଏକ ବାଇକ ଯୋଗେ ସର୍ଭିସ ରୋଡ଼ରେ ପାଣିକୋଇଲି ଆଡ଼କୁ ଆସୁଥିବା ବେଳେ ଏକ ଷଣ୍ଢ ହଠାତ ବାଇକ ଆଗକୁ ଚାଲି ଆସିବାରୁ ସେ ଭାରସାମ୍ୟ ହରାଇ ପିଟି ହୋଇ ତଳେ ପଡ଼ି ଯାଇଥିଲେ।

# ଜବାହରଲାଲ ନେହେରୁ ମହାବିଦ୍ୟାଳୟ ୪୫ ତମ ପ୍ରତିଷ୍ଠା ଉତ୍ସବ




କୁଆଁପାଳ:(ସବ୍ୟୁ)ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁଆଁପାଳସ୍ଥିତ ଜବାହରଲାଲ ନେହେରୁ ମହାବିଦ୍ୟାଳୟର ୪୫ ତମ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି । ଅଧ୍ୟାପକ ରୁଦ୍ର ନାରାୟଣ ଦାଶଙ୍କ ସଂଯୋଜନା ଓ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଡ. ଦିଲ୍ଲୀପ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ଯୋଗଦେଇ କେଜିରୁ ପିଜି ଯାଏ ଛାତ୍ରଛାତ୍ରୀ ମାନଙ୍କୁ ମାଗଣାରେ ଶିକ୍ଷା ଦାନ କରିବା ପାଇଁ ତଥା ରାଜ୍ୟର ଶିକ୍ଷାର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ବକ୍ତବ୍ୟ ରଖିଥିଲେ । ଅଧ୍ୟାପିକା ବିଜୟଲକ୍ଷ୍ମୀ ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳକେ ଅଧ୍ୟାପକ ବସନ୍ତ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ କୁମୁଦ ରଞ୍ଜନ ସିଂହ ,ପ୍ରାଧ୍ୟାପକ ରବି ନାରାୟଣ ବାରିକ,ପ୍ରଧ୍ୟାପକ କୃଷ୍ଣଚନ୍ଦ୍ର ବେହେରା ,ଅଧ୍ୟାପକ ଅଶୋକ କୁମାର ସାହୁ,ପ୍ରଦୀପ୍ତ ସୂତାର,ଅଧ୍ୟାପକ ଶୁଭମ ଦାସ,ଅଧ୍ୟାପକ ଆଶିଷ ବରାଳ ,ଅଧ୍ୟାପିକା ଡଃ ଜୟଶ୍ରୀ ରାଉତ,ଚିନ୍ମୟୀ ସାହୁ ,ବିନୋଦିନୀ ସାହୁ ,ଡିଇଓ ଅରୁଣ କୁମାର ବାରିକ,ଧରଣୀଧର ଦାସ,ଦେବେନ୍ଦ୍ର ମହାନ୍ତିଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ,କର୍ମଚାରୀ ଓ ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ରହି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ । ପ୍ରାରମ୍ଭରେ ଅତିଥି ମାନେ ଶ୍ରୀକୃଷ୍ଣଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଏହି ପରିପ୍ରେକ୍ଷୀରେ କ୍ରୀଡା ଓ ଶିକ୍ଷା କ୍ଷେତ୍ରରେ ଶ୍ରେଷ୍ଠ ଛାତ୍ରଛାତ୍ରୀ ମାନଙ୍କୁ ବିଧାୟକ ଶାରଦା ପ୍ରସାଦ ପ୍ରଧାନ ପୁରସ୍କୃତ କରିଥିଲେ

# କୁଜଙ୍ଗ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ କୃଷ୍ଣ ବେଶ ପ୍ରଦର୍ଶନ

କୁଜଙ୍ଗ (ସବ୍ୟୁ): କୁଜଙ୍ଗ ସରସୱତୀ ଶିଶୁ ବିଦ୍ୟା ମନ୍ଦିର ରେ ପବିତ୍ର ଜନ୍ମାଷ୍ଟମୀ ଅବସର ରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ କୃଷ୍ଣ ବେଶ ପ୍ରଦର୍ଶନ, ହରି ଜନ୍ମ, ଝୁଲଣ, ଓ ଦହି ହାଣ୍ଡି ଭଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ର ଛାତ୍ରୀ ମାନେ ସୁନ୍ଦର ବେଶ ରେ କୁଜଙ୍ଗ ବଳଦେବଜୀଉ ମନ୍ଦିର କୁ ଆସି ଏଠାରେ ବେଶ ପ୍ରଦର୍ଶନ କରିଥିଲେ। ଶିଶୁ ଗୋପାଳ ବାଳକ ମାନେ କାଠି ନାଚ ପ୍ରଦର୍ଶନ କରିଥିଲେ। ମା ମାନେ କୃଷ୍ଣ ବଳରାମ ଙ୍କୁ ଓ ଗୁରୁଜୀ ଗୁରୁମା ମାନେ କୃଷ୍ଣ ରାଧା ବଳରାମ ନନ୍ଦ ଯଶୋଦା ବେଶଧାରୀ ମାନଙ୍କୁ ବନ୍ଦାପନା କରିଥିଲେ। ବିଶେଷ କରି କୃଷ୍ଣ ବଳରାମ ଙ୍କୁ ଲବଣୀ ଖୁଆଇବା ଦୃଶ୍ୟ ବେଶ ଚମତ୍କାର ଥିଲା। ଏଠାରେ ଝୁଲଣ ଯାତ୍ରା ରେ କୃଷ୍ଣ ଓ ବଳରାମ ଙ୍କୁ ଝୁଲଣ ରେ ବସାଇ ସମସ୍ତେ ଝୁଲାଇ ଥିଲେ। ଶୁଭସ୍ମିତା ରାଉତ, ଶୁଭେନ୍ଦିତା ତ୍ରିପାଠୀ ସଙ୍ଗୀତ ଗାନ କରିଥିଲେ। ସର୍ବାଧିକ ଛାତ୍ରୀ ମାନେ ରାଧା ବେଶ ରେ ସୁସଜ୍ଜିତ ହୋଇ



ଏହି ବେଶ ପ୍ରଦର୍ଶନ କୁ ଆସି ଯୋଗ ଦେଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ସାରସତ ସାଧିକା କବି ମାନସୀ ପ୍ରଭାସ୍ୱାଇଁ ଯୋଗ ଦେଇ ବେଶଧାରୀ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସେ କହିଲେ ଛାତ୍ରଛାତ୍ରୀମାନେ ଏହି ଦିନ ରୁ କୃଷ୍ଣ ବଳରାମ ଓ ରାଧା ଙ୍କ ର ଭାଇ ଭାଇ ର ସ୍ନେହ ମମତା ସମ୍ପର୍କ ରେ ଧ୍ୟାନ ରଖିବା ଆବଶ୍ୟକ। ଏହା ସହିତ ସେ ସୁନ୍ଦର କବିତା ପାଠ କରିଥିଲେ। ପରିଚାଳନା ସମିତି ର ଯୁଗ୍ମ ସମ୍ପାଦକ ବିଚିତ୍ରାନନ୍ଦ ସୂତାର , କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ସାମନ୍ତରାୟ, ପ୍ରଧାନ ଆଚାର୍ଯ୍ୟ ଚିତ୍ତରଞ୍ଜନ ବେହେରା ପ୍ରମୁଖ ଉତ୍ସବ ରେ ଯୋଗ ଦେଇଥିଲେ। ଗୁରୁମା ତିଳୋତ୍ତମା ମହାନ୍ତି ଉତ୍ସବ ସଂଯୋଜନା କରିଥିଲେ। ଅଞ୍ଜଳି ମହାରଣା, ସଞ୍ଜୟ ଦାସ, ଉଦୟଭାନୁ ମହାପାତ୍ର ଓ ଗୋପବନ୍ଧୁ ଷଡ଼ଙ୍ଗୀ ପ୍ରମୁଖ ସହଯୋଗ କରିଥିବା ବେଳେ ସୁଚିତ୍ରା ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବଟି ବେଶ ସୁନ୍ଦର ଭାବେ ଅନୁଷ୍ଠିତ ହୋଇଥିଲା। ପଞ୍ଚଷଠି ଜଣ ଛାତ୍ର ଛାତ୍ରୀ ବିଭିନ୍ନ ବେଶ ରେ ସଜ୍ଜିତ ହୋଇ।

# ଭୁଷୁଡିଲା କଲେଜ ପାଚେରୀ, ଛାତ୍ରଛାତ୍ରୀଙ୍କ ଜୀବନପ୍ରତି ବିପଦ ଆଶଙ୍କା

ନିଶ୍ଚିନ୍ତକୋଇଲି,(ସବ୍ୟୁ): ନିଶ୍ଚିନ୍ତକୋଇଲି ପଂଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟ ପାଚେରୀର ବହୁ ଅଂଶ ଭୁଷୁଡି ପଡିଥିଲା ବେଳେ ଏକାଧିକ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବାର ଅଭିଯୋଗ ହୋଇଛି।

ଏହି ପାଚେରୀ ଛାତ୍ର ଛାତ୍ରୀଙ୍କ ଜୀବନ ପ୍ରତି ବିପଦର ଆଶଙ୍କା ସୃଷ୍ଟି କରିଛି। ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ଦ୍ୱାରା ସ୍ଥାନୀୟ ପି ପି କଲେଜ ପରିସରରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ବରାଦରେ ପାଚେରୀ ନିର୍ମାଣ କରାଯାଇଥିଲା। ବିଭାଗୀୟ ନାମରେ କାର୍ଯ୍ୟାଦେଶ ରହିଥିଲା। ତେବେ ବିଭାଗୀୟ ଯନ୍ତ୍ରୀ ଏହି କାର୍ଯ୍ୟ ତଦାରଖ କରି ନଥିବାର ଅଭିଯୋଗ ହୋଇଛି। ଅଟକଳ ଅନୁଯାଇ ଏହି ପାଚେରୀ ନିର୍ମାଣ କରାଯାଇ ନଥିଲା ବେଳେ ଏଥିରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଇଥିବାର ଅଭିଯୋଗ ହୋଇଛି। ଫଳରେ ନିର୍ମାଣର ମାତ୍ର ଅଳ୍ପ ଦିନ ପରେ କଲେଜର ନବ ନିର୍ମିତ ଏକ ପାଚେରୀର କିଛି ଅଂଶ ଭୁଷୁଡି ପଡିଛି। ଏହି ପାଚେରୀର ବହୁ ଅଂଶରେ ଫାଟ ସୃଷ୍ଟି ହୋଇଥିବା କାରଣରୁ ଏହା ଖୁବ ଶୀଘ୍ର ଭୁଷୁଡି ପଡିବା ନେଇ ଆଶଙ୍କା ପ୍ରକାଶ ପାଇଛି।

ଏହି ପାଚେରୀ ଭୁଷୁଡିଲେ ଛାତ୍ର ଛାତ୍ରୀ ସର୍ବୋପରି କର୍ମଚାରୀ ମାନଙ୍କ ଜୀବନ ପ୍ରତି ବିପଦର ଆଶଙ୍କା ସୃଷ୍ଟି କରିବା ସମ୍ଭାବନାକୁ ଏଡାଇ ଦିଆଯାଇ ନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ବାବା ଆଦିତ୍ୟନାଥ ମହାରାଜଙ୍କ ଜନ୍ମୋତ୍ସବ

ନାଉଗାଁ,(ସବୁ): ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଗାରୋଇ ଗୋବର୍ଦ୍ଧନ ପୀଠରେ ମଠର ମଠାଧୀଶ ବାବା ଆଦିତ୍ୟନାଥ ମହାରାଜଙ୍କ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ଏହି ପବିତ୍ର ଅବସରରେ ଦୂରଦୂରାନ୍ତରୁ ହଜାର ହଜାର ଭକ୍ତ ଗୋବର୍ଦ୍ଧନ ପୀଠରେ ପହଞ୍ଚିଥିଲେ। ଭକ୍ତମାନେ ବାବା ଆଦିତ୍ୟନାଥ ମହାରାଜଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବା ସହ ତାଙ୍କ ଆଶୀର୍ବାଦ କାମନା କରିଥିଲେ। ଜନ୍ମୋତ୍ସବ ଅବସରରେ ପୀଠ ପରିସରରେ ଦିନତମାମ ବିଭିନ୍ନ ଧାର୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଧାର୍ମିକ ଅନୁଷ୍ଠାନ ସହ ବିଭିନ୍ନ ସାଂସ୍କୃତିକ ପରିବେଷଣରେ ମୁଖରିତ ହୋଇଥିଲା ସମଗ୍ର ପରିବେଶ। ଏହି ଅବସରରେ ଭକ୍ତମାନଙ୍କ ପାଇଁ ଆନନ୍ଦ ବଜାରରେ ପ୍ରସାଦ ସେବନର ମଧ ବ୍ୟବସ୍ଥା କରାଯାଇଥିଲା। ହଜାର ହଜାର ଭକ୍ତ ପ୍ରସାଦ ସେବନ କରିବା ସହ ବାବାଙ୍କ ଆଶୀର୍ବାଦ ନେଇ ଆନନ୍ଦ ଓ ଭକ୍ତିର ସହ ଜନ୍ମୋତ୍ସବରେ ସାମିଲ ହୋଇଥିଲେ।

## ବହୁ ପ୍ରତୀକ୍ଷା ପରେ ସ୍ୱାସ୍ଥ୍ୟ ସେବାରେ ନୂଆ ଆଶା
# ମହୀଧରପଡ଼ା ସିଏଚ୍‌ସିରେ ଯୋଗଦେବେ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ

ଫୁଲନଖରା, (ସବ୍ୟୁ) : ଦୀର୍ଘ ବର୍ଷର ପ୍ରତୀକ୍ଷା, ବାରମ୍ବାର ଦାବି ଓ ଅଞ୍ଚଳବାସୀଙ୍କ ଆନ୍ଦୋଳନ ପରେ ଶେଷରେ ମହୀଧରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞଙ୍କ ଅଭାବ ଦୂର ହେବାକୁ ଯାଉଛି । ଦୀର୍ଘ ପ୍ରାୟ ଅଢେଇ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଖାଲି ପଡ଼ିଥିବା ସ୍ତ୍ରୀ ଓ ପ୍ରସୂତୀ ବିଭାଗରେ ଏବେ ବିଶେଷଜ୍ଞ ଡାକ୍ତର ସ୍ନେହାଶ୍ରୀ ସାମଲ ଅସ୍ଥାୟୀ ଭାବେ ସେବା ପ୍ରଦାନ କରିବେ । ସେ ସପ୍ତାହରେ ତିନି ଦିନ ମହୀଧରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟ କରିବେ ବୋଲି ସୂଚନା ମିଳିଛି ।

ସୂଚନାଯୋଗ୍ୟ ଯେ, ୨୦୨୪ ସାଧାରଣ ନିର୍ବାଚନର ପ୍ରାୟ ଛଅ ମାସ ପୂର୍ବରୁ ମହୀଧରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଏକମାତ୍ର ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞଙ୍କୁ ପ୍ରଶିକ୍ଷଣ ପାଇଁ ପଠାଯାଇଥିଲା । ପରବର୍ତ୍ତୀ ସମୟରେ ତାଙ୍କୁ ଅନ୍ୟତ୍ର ବଦଳି କରାଯିବା ପରେ ଏହି ଗୁରୁତ୍ୱପୂର୍ଣ୍ଣ ବିଭାଗଟି ଦୀର୍ଘ ସମୟ ଧରି ଡାକ୍ତରଶୂନ୍ୟ ହୋଇ ରହିଥିଲା । ମହୀଧରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ପ୍ରାୟ ୧୦ରୁ ୧୨ଟି ପଞ୍ଚାୟତର ହଜାର ହଜାର ଲୋକ ନିର୍ଭର କରୁଥିବାରୁ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞଙ୍କ ଅଭାବ ଅଞ୍ଚଳବାସୀଙ୍କ ପାଇଁ ଏକ ଗୁରୁତର ସମସ୍ୟା ପାଲଟିଥିଲା । ଏହି ସମସ୍ୟାର ସମାଧାନ ଦାବିରେ ସହଯୋଗ ଓଡ଼ିଶାର ସଭାପତି ଗଣେଶ ପ୍ରସାଦ ଦାଶଙ୍କ ନେତୃତ୍ୱରେ ବହୁବାର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଆଲୋଚନା କରାଯିବା ସହ ଦାବିପତ୍ର ପ୍ରଦାନ କରାଯାଇଥିଲା । ସେହିପରି କଟକ ଜିଲ୍ଲା କାର୍ଯ୍ୟରତ ସାମ୍ବାଦିକ ସଂଘ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ରୋଗୀ କଲ୍ୟାଣ ସମିତି, ବିରୋଧୀ ଦଳ ଏବଂ ସ୍ଥାନୀୟ ବାସିନ୍ଦାମାନେ ମଧ୍ୟ ବିଭିନ୍ନ ସମୟରେ ସ୍ଥାୟୀ ଭାବେ ଜଣେ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ନିଯୁକ୍ତି ପାଇଁ ଦାବି କରି ଆସୁଥିଲେ । ନିଆଳି ବିଧାୟକ ଛବି ମଲ୍ଲିକଙ୍କ ପ୍ରଚେଷ୍ଟା ତଥା ଅଞ୍ଚଳବାସୀଙ୍କ ବାରମ୍ବାର ଅଭିଯୋଗ ଓ ଦାବିକୁ ଗୁରୁତ୍ୱ ଦିଆଯିବା ପରେ ଜଣେ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞଙ୍କୁ ଅସ୍ଥାୟୀ ଭାବେ ସପ୍ତାହରେ ତିନି ଦିନ ମହୀଧରପଡ଼ା ସିଏଚସିରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ମିଳିଥିବା ଜଣାପଡ଼ିଛି । ତେବେ ଆଗାମୀ ଦିନରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ବିଶେଷଜ୍ଞ ଡାକ୍ତରଙ୍କୁ ସ୍ଥାୟୀ ଭାବେ ନିଯୁକ୍ତି ଦିଆଯିବା ଦାବି ମଧ୍ୟ ଅଞ୍ଚଳବାସୀଙ୍କ ପକ୍ଷରୁ ଜାରି ରହିଛି ।

## ମର୍ମନ୍ତୁଦ ବସ୍ ଦୁର୍ଘଟଣା
# ଡ୍ରାଇଭର ମୃତ, ୩୦ରୁ ଅଧିକ ଆହତ



ନୟାଗଡ଼, (ସବ୍ୟୁ): ନୟାଗଡ଼ ଜିଲ୍ଲାରେ ଘଟିଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଭୁବନେଶ୍ୱରରୁ ନୟାଗଡ଼ ଆସୁଥିବା ଯାତ୍ରୀବାହୀ ବସ ରାସ୍ତା କଡ଼ରେ ଏକ ଗଛକୁ ଧକ୍କା ଦେବାରୁ ବସ ଚାଳକଙ୍କର ମୃତ୍ୟୁ ଘଟିଛି । ୩୦ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରୁ ତିନି ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ରାଜଧାନୀ ସ୍ଥାନାନ୍ତର କରାଯାଇଛି ।

ଭୁବନେଶ୍ୱରରୁ ନୟାଗଡ଼ ଅଭିମୁଖେ ଯାତ୍ରା କରୁଥିବା ଶ୍ରୀ ନୀଳକଣ୍ଠେଶ୍ୱର ଯାତ୍ରୀବାହୀ ବସ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା । ଏଥିରେ ବେଗୁନିଆ ଥାନା ସାନପଦର ଗାଁ ର ବସ ଚାଳକ ନିରଞ୍ଜନ ସ୍ୱାଇଁଙ୍କ (୪୪) ଙ୍କ ର ମୃତ୍ୟୁ ହୋଇଛି । ଶୁକ୍ରବାର ଅପରାହ୍ନ ପ୍ରାୟ ୨ ଟା ସମୟରେ ୫୭ ନମ୍ବର ଜାତୀୟ ରାଜପଥ ଇଟମାଟି ଥାନା ବାଡ଼ଶିଆପଡ଼ା ନିକଟସ୍ଥ ଜହ୍ନିପଦା ଛକ ଠାରେ ଏକ ଅର୍ଜୁନ ଗଛକୁ ଦ୍ରୁତବେଗରେ ଧକ୍କା ଦେଇଥିଲା । ଫଳରେ ବସ ସମ୍ମୁଖ ଭାଗ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଥିଲା । ଦୁର୍ଘଟଣା ଏତେ ଭୟାବହ ଥିଲା ଯେ ବସ ଭିତରେ ଥିବା ସମସ୍ତ ଯାତ୍ରୀ ଆହତ ହୋଇଥିଲେ । ସ୍ଥାନୀୟ ଲୋକଙ୍କ ସହଯୋଗରେ ପୋଲିସ ଓ ଦମକଳ ବାହିନୀ ଆହତ ଯାତ୍ରୀଙ୍କୁ ଉଦ୍ଧାର କରିଥିଲେ । ପରେ ଆହତମାନଙ୍କୁ ଆମ୍ବୁଲାନ୍ସ ଯୋଗେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ସେଠାରେ ଡାକ୍ତରୀ ଟିମ ଆହତ ଯାତ୍ରୀଙ୍କ ଚିକିତ୍ସା କରିଛନ୍ତି । କେତେକଙ୍କ ଗୋଡ଼ ହାତ ଭାଙ୍ଗି ଯାଇଥିବା ବେଳେ ଅନ୍ୟ କେତେକ ଗୁରୁତର ଆହତଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି ।

ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଓ ଜିଲ୍ଲାପାଳ ମଧୁମିତା ରଥ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଓ ଆହତଙ୍କ ଚିକିତ୍ସା ବ୍ୟବସ୍ଥା ତଦାରଖ କରିଥିଲେ । ଇଟମାଟି ଥାନା ରେ ୩୦୯/୨୦୨୬ ମାମଲା ରୁଜୁ କରାଯାଇଛି । କେଉଁ କାରଣରୁ ବସ ଦୁର୍ଘଟଣାଗ୍ରସ୍ତ ହେଲା ତାହା ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ଥାନା ପକ୍ଷରୁ କୁହାଯାଇଛି ।

# ପିପିଲି ପଞ୍ଚାୟତ ସମିତି ଅଷ୍ଟମ ଅଧିବେଶନ



ପିପିଲି, (ସବ୍ୟୁ) : ପିପିଲି ପଂଚାୟତ ସମିତି ସମ୍ମିଳନୀ କକ୍ଷ ରେ ପଂଚାୟତ ସମିତି ର ଅଷ୍ଟମ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ବ୍ଲକ ଅଧକ୍ଷା ଦେବାସ୍ୱିନି ନନ୍ଦଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗ ଦେଇଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ ସ୍ୱାଇଁ,ଏସଡ଼ିପିଓ ଦେବାଶିଷ ମିଶ୍ର ବିଡିଓ ସରୋଜ କୁମାର ରାଉତ,ତହସିଲଦାର ମୃତୁଞ୍ଜୟ ତ୍ରିପାଠୀ,ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ,ଏବିଡ଼ିଓ ଶୈଳବାଳା ତ୍ରିପାଠୀ ,ଜିଲ୍ଲାପରିଷଦ ଧରଣୀଧର ସାହୁ ସୁଶାନ୍ତ କୁମାର ମଲ୍ଲିକ,ସହକାରୀ ଯନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ପଣ୍ଡା,ଗ୍ରାମ ପଂଚାୟତ ଉନ୍ନୟନ ଅଧିକାରୀ ଦୀନେଶ କୁମାର ସାହୁ ସମେତ ପଂଚାୟତ ର ସରପଞ୍ଚ ସମିତିସଭ୍ୟ/ସଭ୍ୟା ଙ୍କ ସହିତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

ସଭା ଆରମ୍ଭ ରୁ ପୂର୍ବ ବୈଠକ ର ବିବରଣୀ ପଠନ ଓ ଦୃଢ଼ୀ କରଣ ହୋଇଥିଲା । ଏହି ବୈଠକ ରେ ଏଜେଣ୍ଡା ଭିତିକ ସମସ୍ୟା ପାନୀୟଜଳ, ଆବାସ ଗୃହ,ବାର୍ଦ୍ଧକ୍ୟ ଭତ୍ତା ଉପରେ ବିଶେଷ ଆଲୋଚନା ହୋଇଥିଲା । ବ୍ଲକ ଅଧକ୍ଷା ଶ୍ରୀମତୀ ନନ୍ଦ ବିଧାୟକ ଙ୍କ ସମେତ ସମସ୍ତ ଜନପ୍ରତିନିଧି ବିଭାଗୀୟ ଅଧିକାରୀଙ୍କୁ ଉପହାର ପ୍ରଦାନ କରି ସଭା ସାଙ୍ଗ କରିଥିଲେ ।

## ସତ୍ୟବାଦୀ ଆଦର୍ଶ ବିଦ୍ୟାଳୟରେ ସଂସ୍କୃତ ସପ୍ତାହ

ସାକ୍ଷୀଗୋପାଳ ,(ସବ୍ୟୁ): ସତ୍ୟବାଦୀସ୍ଥିତ ଓଡ଼ିଆ ଆଦର୍ଶ ବିଦ୍ୟାଳୟରେ ସଂସ୍କୃତ ସପ୍ତାହ ମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଅଛି । ଦୀର୍ଘ ଏକ ସପ୍ତାହ ଧରି ବିଦ୍ୟାଳୟ ପରିସରରେ ଅନେକ ସଂସ୍କୃତନିଷ୍ଠ ପ୍ରତିଯୋଗିତା କରାଯାଇଥିଲା ତଥା ଛାତ୍ରଛାତ୍ରୀମାନଙ୍କୁ ସଂସ୍କୃତ ଓ ସଂସ୍କୃତି ର ମହତ୍ତ୍ୱାବଗାହନ ସହ ଭାରତୀୟ ଜ୍ଞାନ ପରମ୍ପରା ସମ୍ପର୍କରେ ଅବଗତ କରାଯାଇଥିଲା । ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ସୁଧାଂଶୁ ଶେଖର ଦାଶଙ୍କ ପୌରହିତ୍ୟରେ ଭଗବତ ଗୀତା କଣ୍ଠପାଠ , ସଂସ୍କୃତ ଭାଷାର ମହତ୍ତ୍ୱ ସମ୍ପର୍କିତ ଭାଷଣ , ଶବ୍ଦାନ୍ତ୍ୟାକ୍ଷରୀ , ସଂସ୍କୃତନିଷ୍ଠ ଚିତ୍ରାଙ୍କନ , ସଂସ୍କୃତ କବିତା ଆବୃତ୍ତି , ନୃତ୍ୟ ଆଦି ଅନେକ ପ୍ରତିଯୋଗିତା ଯାହା ବରିଷ୍ଠ ତଥା କନିଷ୍ଠ ବର୍ଗ ମାଧ୍ୟମରେ ଆୟୋଜିତ ହୋଇଥିଲା ।

## ନନ୍ଦନକାନନରେ ସୁରକ୍ଷା ବ୍ୟବସ୍ଥା ଫେଲ !
# ଖୁଆଡରୁ ଖସିଲା ହୁଲକ ଗିବନ

ବାରଙ୍ଗ, (ସବ୍ୟୁ) : ରାଜ୍ୟର ଗର୍ବ ନନ୍ଦନକାନନ ପ୍ରାଣୀ ଉଦ୍ୟାନର ସୁରକ୍ଷା ବ୍ୟବସ୍ଥାକୁ ନେଇ ପୁଣି ଥରେ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବାନର ଦୁନିଆଁରେ ଥିବା ବିରଳ ପ୍ରଜାତିର ହୁଲକ ଗିବନ ନିଜ ଖୁଆଡରୁ ଖସି ବାହାରକୁ ଚାଲି ଆସିଥିଲା । ଏହି ଘଟଣା ପର୍ଯ୍ୟଟକଙ୍କ ଆଖି ଆଗରେ ଘଟିଥିଲେ ମଧ୍ୟ ଏହାକୁ ଚାପି ଦେବାକୁ ଚେଷ୍ଟା କରୁଛି ନନ୍ଦନକାନନ କର୍ତ୍ତୃପକ୍ଷ ।

ସୂଚନା ଅନୁଯାୟୀ,ଶୁକ୍ରବାର ସକାଳ ସମୟରେ ଗିବନଟି ଖୁଆଡର ଦୁର୍ବଳ ଫାଙ୍କ ଏବଂ ବଡ ଗଛର ଡାଳ ଦେଇ ବାହାରକୁ ଆସି ଯାଇଥିଲା ଏବଂ ଖୁଆଡ ନିକଟରେ ଥିବା ଏକ ବଡ ଗଛ ଉପରେ ବସି ରହିଥିଲା । ସେହି ସମୟରେ ବାନର ଦୁନିଆଁ ବୁଲୁଥିବା ପର୍ଯ୍ୟଟକମାନେ ଏହି ଦୃଶ୍ୟ ଦେଖି ଭୟଭୀତ ହୋଇଯାଇଥିଲେ ଏବଂ ତୁରନ୍ତ କର୍ମଚାରୀଙ୍କୁ ଖବର ଦେଇଥିଲେ ।ଖବର ପାଇ କର୍ତ୍ତୃପକ୍ଷଙ୍କ ହୋସ ଉଡି ଯାଇଥିଲା । ଗିବନ କୁ ଧରିବା ପାଇଁ ତରବରିଆ ଭାବେ ଟ୍ରାଙ୍କୁଲାଇଜ ଟିମ କୁ ଡକାଯାଇଥିଲା । କିନ୍ତୁ ଟିମ ପହଞ୍ଚିବା ପରେ ସେଠାରେ ପର୍ଯ୍ୟଟକ ଏବଂ କର୍ମଚାରୀଙ୍କ ପାଟିତୁଣ୍ଡ ଯୋଗୁଁ ଗିବନଟି ଡରିଯାଇ ଯେଉଁ ବାଟେ ବାହାରିଥିଲା ସେହି ବାଟ ଦେଇ ପୁଣି ଖୁଆଡ ଭିତରକୁ ପଶି ଯାଇଥିଲା । ଭାଗ୍ୟ ଭଲ ଯେ କୌଣସି ଅଘଟଣ ଘଟିନଥିଲା ।

ଏହି ଘଟଣା କୁ ନେଇ ଜନ୍ତୁ ରେଞ୍ଜର ନୂତନ ହେମ୍ବ୍ରମ ଓ ଏସିଏଫ ରୁଦ୍ର ରଥ ସମେତ ଜନ୍ତୁ ବିଭାଗ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।ଏହି ସମ୍ବେଦନଶୀଳ ଘଟଣା ପରେ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠିଛି । ଘଟଣାକୁ ସୁଧାରିବା ବଦଳରେ ଘଟଣାକୁ ଲୁଚାଇବାକୁ ଚେଷ୍ଟା କରାଯାଇଛି । ଏଭଳି କୌଣସି ଘଟଣା ନନ୍ଦନକାନନରେ ହୋଇନାହିଁ ବୋଲି ଉପ-ନିର୍ଦ୍ଦେଶକ ସଫେଇ ଦେଇଛନ୍ତି, ଯାହା ପର୍ଯ୍ୟଟକଙ୍କ ବୟାନକୁ ମିଛ ପ୍ରମାଣିତ କରୁଛି ।

# ଅଣଅନୁଦାନ ପ୍ରାପ୍ତ ବିଦ୍ୟାଳୟକୁ ଅଣଦେଖା: ଅନ୍ଧାରରେ ପିଲାଙ୍କ ଭବିଷ୍ୟତ

ଭାପୁର ,(ସବ୍ୟୁ): ରାଜ୍ୟରେ ୧୯୪ ଗୋଟି ବିଦ୍ୟାଳୟ ଅଣ ଅନୁଦାନପ୍ରାପ୍ତ ରହିଥିବାବେଳେ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ଦୁଇ ଗୋଟି ବିଦ୍ୟାଳୟ ଅଣଅନୁଦାନ ପ୍ରାପ୍ତ ରହିଥିବାରୁ ସେଠାରେ ଶିକ୍ଷା କରୁଥିବା ଛାତ୍ରଛାତ୍ରୀ ମାନଙ୍କ ଭବିଷ୍ୟତ ଅନ୍ଧାର ଆଡକୁ ଗତି କରୁଛି। ବର୍ତ୍ତମାନ ଭାପୁର ବ୍ଲକର ଦୁଇ ଗୋଟି ବିଦ୍ୟାଳୟରେ ଶିକ୍ଷା ଦେଉଥିବା ଶିକ୍ଷକ ମାନେ ନିଜର ନାର୍ଯ୍ୟ ଦାବୀ ପୂରଣ ପାଇଁ ଭୁବନେଶ୍ୱରର ଲୋୟର ପି.ଏମଜିରେ ଆନ୍ଦୋଳନ ରତ ରହିଥିବାବେଳେ ଛାତ୍ରଛାତ୍ରୀମାନେ ଶିକ୍ଷରୁ ବଞ୍ଚିତ ହେଉଛନ୍ତି।ଭାପୁର ବ୍ଲକ ନିମାଣୀ ଗ୍ରାମରେ ଅବସ୍ଥିତ ଗୋପୀନାଥ ଦେବ ବିଦ୍ୟାପୀଠ ଏବଂ ଶାସନ ପଞ୍ଚାୟତ ଟିକିରିପଡା ଗ୍ରାମରେ ଅବସ୍ଥିତ ଦଧିବାମନ ଜିଉ ବିଦ୍ୟାପୀଠ ଉଭୟ ସମସାମୟିକ ଭାବରେ ୩୨ ବର୍ଷ ହେଲା ପ୍ରତିଷ୍ଠା ହୋଇଛି । ଏହି ଉଭୟ ବିଦ୍ୟାଳୟ ପଞ୍ଚାୟତର ଗୋଟିଏ ଗୋଟିଏ ବିଦ୍ୟାଳୟ ହୋଇଥିଲେ ମଧ୍ୟ ରାଜ୍ୟ ସରକାର ଅନୁଦାନରୁ ବଞ୍ଚିତ କରିଛନ୍ତି।ଏହି ଉଭୟ ବିଦ୍ୟାଳୟ ୨୦୦୪ ମସିହାରୁ ଅନୁଦାନ ପାଇବା କଥା କିନ୍ତୁ, ଯେଉଁ ଜମି ଉପରେ ବିଦ୍ୟାଳୟ ଗଢ଼ା ହୋଇଛି ସେ ଜମି ବିଦ୍ୟାଳୟ ନାମରେ ନ ଥିବାରୁ ଅଣ ଅନୁଦାନ ପ୍ରାପ୍ତ ହୋଇ ରହିଗଲା। ପରେ ସେ ବିଦ୍ୟାଳୟ ଜମି ନିଜ ନାମରେ ହୋଇଥିଲେ ମଧ୍ୟ ରାଜ୍ୟ ସରକାର ଆଉ ଶୁଣିବାର ନାହିଁ ଯାହାଫଳରେ,ଆନ୍ଦୋଳନ ତେଜିବାରେ ଲାଗିଛି। ୩୨ ବର୍ଷ ହେଲା ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ମାଗଣାରେ ପଢ଼େଇ ପଢ଼େଇ ନିଜ ନାର୍ଯ୍ୟ ଦାବୀରୁ ବଞ୍ଚିତ ହେଉଥିବାବେଳେ ଛାତ୍ରଛାତ୍ରୀ ମାନେ ଶିକ୍ଷାଗତ ମୌଳିକ ଅଧିକାରରୁ ମଧ୍ୟ ବଞ୍ଚିତ ହେଉଛନ୍ତି। ଯଦି, ଶିକ୍ଷକ ମାନଙ୍କର ଦାବୀ ପୂରଣ ନ ହୁଏ ତେବେ ଉଭୟ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଲୋୟର ପିଏମ.ଜି.ଯାଇ ନିଜର ଶିକ୍ଷକ ମାନଙ୍କ ସହିତ ଯୋଗଦେଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଧର୍ମପ୍ରାଣା ମହିଳାଙ୍କ ଦେହାନ୍ତ



ଫୁଲନଖରା,(ସବ୍ୟୁ) :ସ୍ୱର୍ଗତ ଶରତ ଚନ୍ଦ୍ର ସାହୁଙ୍କ ଧର୍ମପତ୍ନୀ ତଥା ନଖରା ଅଞ୍ଚଳର ଜଣେ ଅତ୍ୟନ୍ତ ମେଳାପୀ ଓ ସ୍ନେହୀ ମହିଳା ଗୁନିଲତା ସାହୁଙ୍କର ୮୫ ବର୍ଷ ବୟସରେ ପରଲୋକ ଘଟିଛି । ନଖରା ସ୍ଥିତ ନିଜ ବାସଭବନରେ ତାଙ୍କର ଦେହାନ୍ତ ସମୟରେ ତାଙ୍କ ପୁଅ, ବୋହୂ, ନାତି ଓ ନାତୁଣୀଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ । ଗୁନିଲତା ସାହୁଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା । ତାଙ୍କର ମରଶରୀରକୁ ସଙ୍କୀର୍ତ୍ତନ ସହ ଗ୍ରାମ୍ୟ ପରିକ୍ରମା କରାଯାଇଥିଲା । ପରେ ତାଙ୍କର ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇ ସେଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ତାଙ୍କର ସାନପୁଅ ଗୋପାଳ ଚନ୍ଦ୍ର ସାହୁ ମୁଖାଗ୍ନି ଦେଇଥିଲେ । ତାଙ୍କର ଆତ୍ମାର ସଦ୍ଗତି କାମନା କରି ଅନେକ ଶୁଭେଚ୍ଛୁ ଓ ଅଞ୍ଚଳବାସୀ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ।

## କାକଟପୁର ପ୍ରେସ କ୍ଲବର ବୃକ୍ଷରୋପଣ କାର୍ଯ୍ୟକ୍ରମ

କାକଟପୁର , (ସବ୍ୟୁ): ପ୍ରକୃତି ସୁରକ୍ଷା ଓ ପରିବେଶ ସନ୍ତୁଳନର ମହତ୍ତ୍ୱକୁ ସମାଜ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ କାକଟପୁର ପ୍ରେସ କ୍ଲବର ୨ୟ ବାର୍ଷିକୀ ଉତ୍ସବ ଅବସରରେ ସ୍ଥାନୀୟ ସ୍ୱମେଶ୍ୱର ମହାଦେବଙ୍କ ପବିତ୍ର ପ୍ରାଙ୍ଗଣରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅତ୍ୟନ୍ତ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି।ଏହି ମହତ୍ତ୍ୱପୂର୍ଣ୍ଣ ଅଭିଯାନରେ ମୁଖ୍ୟ ଅତିଥି ଭାବେ ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରିଣୀ ଶ୍ରୀମତୀ ମୋନାଲିସା ମହାପାତ୍ର ଏବଂ ଜଗତସିଂହପୁର ସାଂସଦଙ୍କ ପୁରୀ ଜିଲ୍ଲା ପ୍ରତିନିଧି ସୁଦର୍ଶନ ସ୍ୱାଇଁ ଯୋଗଦେଇ ବୃକ୍ଷରୋପଣ କରି କାର୍ଯ୍ୟକ୍ରମକୁ ଗୌରବାନ୍ୱିତ କରିଥିଲେ। ଏଥିସହ କାକଟପୁର ପ୍ରେସ କ୍ଲବର ସଭାପତି କମଳ ଲୋଚନ ଦୀକ୍ଷିତ,ଉପସଭାପତି ତୁଷାର ରଞ୍ଜନ ଦୀକ୍ଷିତ , ସମ୍ପାଦକ ଆଦିତ୍ୟ କୁମାର ରାଉତ , କୋଷାଧ୍ୟକ୍ଷ ଭାଗବତ ସ୍ୱାଇଁ, ସହ ସମ୍ପାଦକ ପ୍ରଭାତ କୁମାର ଦୀକ୍ଷିତ, ମାନସ ଦୀକ୍ଷିତ, ବରିଷ୍ଠ ସାମ୍ବାଦିକ ସଞ୍ଜୟ ପତି, ପ୍ରଦୀପ୍ତ ଦୀକ୍ଷିତ, ଶୁଭଦର୍ଶନ ମିଶ୍ର, ନିରଞ୍ଜନ ଦାସ, ଲୋକନାଥ ସ୍ୱାଇଁ ଆର୍ଯ୍ୟ ବିଶ୍ୱାଳ ଅକ୍ଷୟ ପ୍ରସାଦ ମହାନ୍ତି, ପ୍ରଦୀପ ପଣ୍ଡା, ପ୍ରଶାନ୍ତ ଜେନା ଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି ପରିବେଶ ସୁରକ୍ଷା ପାଇଁ ନିଜର ସଚେତନତା ଓ ପ୍ରତିବଦ୍ଧତା ପ୍ରକାଶ କରିଥିଲେ। ଗଛ ଲଗାଇବା କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ଏହା ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ଓ ସବୁଜ ଭବିଷ୍ୟତର ପ୍ରତିଶ୍ରୁତି। କାକଟପୁର ପ୍ରେସ କ୍ଲବର ଏହି ପରିବେଶମୁଖୀ ପଦକ୍ଷେପ ସମାଜରେ ଏକ ସକାରାତ୍ମକ ବାର୍ତ୍ତା ପହଞ୍ଚାଇବା ସହ ଅନ୍ୟମାନଙ୍କୁ ମଧ୍ୟ ବୃକ୍ଷରୋପଣ ଓ ପ୍ରକୃତି ସୁରକ୍ଷା ପାଇଁ ପ୍ରେରଣା ଯୋଗାଇବ ବୋଲି ଆଶା।

# ପିଲାଙ୍କୁ ମିଳୁନି ପାଠ୍ୟ ପୁସ୍ତକ, ବିଡ଼ିଓଙ୍କୁ ବ୍ଲକ କଂଗ୍ରେସର ଦାବିପତ୍ର



କାକଟପୁର, (ସବ୍ୟୁ) : କାକଟପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଥିବା ୧୭ ଟି ଉର୍ଦ୍ଦୁ ବିଦ୍ୟାଳୟକୁ ଦୀର୍ଘ ଦୁଇ ବର୍ଷ ହେଲା ଉର୍ଦ୍ଦୁ ପାଠ୍ୟ ପୁସ୍ତକ ମିଳିନାହିଁ । ପ୍ରଥମ ଶ୍ରେଣୀରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ଏକ ହଜାରରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଏହି ବିଦ୍ୟାଳୟମାନଙ୍କରେ ଅଧୟନ କରୁଛନ୍ତି । ବହି ନ ମିଳିବା ଯୋଗୁଁ ପିଲାମାନେ ଶିକ୍ଷାଦାନରୁ ବଞ୍ଚିତ ହେଉଛନ୍ତି । ଅଭିଭାବକ, ଶିକ୍ଷକମାନେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଏ ସଂକ୍ରାନ୍ତରେ କାକଟପୁର ବ୍ଲକ କଂଗ୍ରେସ କମିଟି ସଭାପତି ଅବଧୁତ ସ୍ୱାଇଁ, ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଂଖ୍ୟା ଲଘୁ ବିଭାଗ ର ସାଧାରଣ ସମ୍ପାଦକ ମଲ୍ଲିକ ଏନାମୁଲ, ସୌମ୍ୟକାନ୍ତ ଖୁଣ୍ଟିଆ, ବିପନ ବିହାରୀ ମହାନ୍ତି,ପୁରୀଜିଲ୍ଲା କଂଗ୍ରେସ କମିଟି ର ଉପ ସଭାପତି ଯଶୋବନ୍ତ ନାରାୟଣ ମହାନ୍ତି, ୬ନଂ ଜୋନ ସଭାପତି ଅତିଉର ରହେମାନ ପ୍ରମୁଖ ବ୍ଲକ ଶିକ୍ଷାଧିକାରୀ ଙ୍କ ନିକଟରେ ର ଏକ ଦାବି ପତ୍ର ପ୍ରଦାନ କରିଥିଲେ । ଶିକ୍ଷାଧିକାରୀ ଅନୁପସ୍ଥିତ ଯୋଗୁଁ ସହ ଶିକ୍ଷାଧିକାରୀ ଦାବି ପତ୍ର ଗ୍ରହଣ କରିଥିଲେ । ଦଶ ଦିନ ବିତିଲା କିନ୍ତୁ ପିଲାମାନଙ୍କୁ ପାଠ୍ୟ ପୁସ୍ତକ ମିଳିଲା ନାହିଁ । ପାଠ୍ୟ ପୁସ୍ତକ ଯୋଗାଇ ଦେବା ପାଇଁ ବିଡ଼ିଓ ଙ୍କ ନିକଟରେ ପୁନଃ ଏକ ଦାବି ପତ୍ର ପ୍ରଦାନ କରାଯାଇଛି ।

ଚଳିତ ମାସ ଶେଷ ସୁଧା ପାଠ୍ୟପୁସ୍ତକ ଦିଆନଯାଏ ତେବେ ଶତାଧିକ ଅଭଭାବକ, କଂଗ୍ରେସ ର ବରିଷ୍ଠ ନେତା ଓ କର୍ମୀ ମାନେ ରାଜରାସ୍ତା କୁ ଓହ୍ଲାଇବେ ଓ ଆନ୍ଦୋଳନ ତୀବ୍ରତର ହେବ ବୋଲି ସଭାପତି ଶ୍ରୀ ସ୍ୱାଇଁ ଓ ମଲ୍ଲିକ ଏନାମୂଲ ପ୍ରକାଶ କରିଛନ୍ତି । ଏହି ଦାବିପତ୍ର ର ନକଲ ପୁରୀ ଜିଲ୍ଲାପାଳ, କାକଟପୁର ବ୍ଲକ ବିଡ଼ିଓ, ତହସିଲଦାର ଓ କାକଟପୁର ଥାନା ରେ ଦିଆଯାଇଛି ।

# ଜନ୍ମାଷ୍ଟମୀ ଉତ୍ସବ ପାଳିତ

କାକଟପୁର, (ସବ୍ୟୁ) : କାକଟପୁର ସରସତୀ ଶିଶୁ ବିଦ୍ୟା ମନ୍ଦିର ପରିସର ରେ ଜନ୍ମାଷ୍ଟମୀ ଉତ୍ସବ ଓ କୃଷ୍ଣ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ଆଧ୍ୟାତ୍ମିକ ଉତ୍ସବରେ ଶିଶୁ ବିଦ୍ୟା ମନ୍ଦିର ପରିଚାଳନା କମିଟି ସଭାପତି ପୀତବାସ ଦିକ୍ଷୀତଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ଗାୟକ ବାଚସ୍ପତି ବନ ବିହାରୀ ଗ୍ରହାଚାର୍ଯ୍ୟ, ସମ୍ମାନୀତ ଅତିଥି ଭାବେ ପୁରୀଜିଲ୍ଲା ବିଜେପି ଉପ ସଭାପତି ରତିକାନ୍ତ ବେହେରା, ପ୍ରମୋଦ କିଶୋର ପୃଷ୍ଟି, ମନୋଜ କୁମାର ସାହୁ,ରବୀନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଶିଶୁ ବିଦ୍ୟା ମନ୍ଦିର ର ପ୍ରଧାନ ଆଚାର୍ଯ୍ୟ ସୁବାଷ ଚନ୍ଦ୍ର ସାମନ୍ତରାୟ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଉତ୍ସବ କୁ ପରିଚାଳନା କରିଥିଲେ ସହ ପ୍ରଧାନ ଆଚାର୍ଯ୍ୟା ଜୟନ୍ତୀ ବାଳା ନନ୍ଦ । କୃଷ୍ଣ, ରାଧା, ନନ୍ଦ, ଜଶୋଦା, ଗୋପୀ ବେଶରେ ଆସିଥିବା ଶିଶୁ ମାନଙ୍କୁ ପୁରାଣ ଉପରେ ଆଧାରିତ ବିଭିନ୍ନ ପ୍ରଶ୍ନ ବିଚାରକମାନେ ପଚାରିଥିଲେ । ବିଚାରକ ରୂପେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସାହୁ, ଶିକ୍ଷାବିତ ନିରଞ୍ଜନ ପାଲଟା, ବିଜୟ କୁମାର ବିଶ୍ୱାଳ ଯୋଗଦେଇଥିଲେ । ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଶିଶୁ ଭାଇ ଭଉଣୀ ମାନଙ୍କୁ ମଞ୍ଚାସିନ ଅତିଥି ମାନେ ପୁରସ୍କୃତ କରିଥିଲେ । ଶିଶୁ ବିଦ୍ୟା ମନ୍ଦିରର ସମସ୍ତ ଗୁରୁଜୀ, ଗୁରୁମାମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ବିଶ୍ୱହିନ୍ଦୁ ପରିଷଦ ପ୍ରତିଷ୍ଠା ଦିବସ ଓ ଜନ୍ମାଷ୍ଟମୀ ପାଳିତ




ନିମାପଡ଼ା, (ସବ୍ୟୁ) : ସ୍ଥାନୀୟ ଟାଉନ ହଲରେ ବିଶହିନ୍ଦୁ ପରିଷଦ, ନିମାପଡ଼ା ତରଫରୁ ପରମ ଲୀଳାମୟ ପୁରୁଷ ପ୍ରଭୁ ଶ୍ରୀକୃଷ୍ଣ ଙ୍କ ଜନ୍ମ ଉତ୍ସବ ତଥା ବ୍ରହ୍ମ ଲୀନ ବେଦାନ୍ତ କେଶରୀ ସ୍ୱାମୀଲକ୍ଷ୍ମଣା ନନ୍ଦ ସରସ୍ୱତୀଙ୍କ ୧୮ତମ ବଳିଦାନ ଦିବସ ତଥା ଜନ୍ମ ଶତବାର୍ଷିକ ଓ ବିଶହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ସଭାପତି ସୀମାନ୍ତ ଶେଖର ରଥଙ୍କ ପୌରହିତ୍ୟରେ ଆୟୋଜିତ ଉକ୍ତ କାର୍ଯକ୍ରମରେ ମୁଖ୍ୟ ଅତିଥିଭାବେ କୋଲକାତା ର ବିଶହିନ୍ଦୁ ପରିଷଦ କ୍ଷେତ୍ରୀୟ ସଂଗଠନ ମନ୍ତ୍ରୀ ମୋହନଜୀ ସୋଲାଙ୍କି, ଓଡିଶା ପୂର୍ବ ସହ ସଂପାଦକ ଉମାଶଙ୍କର ଆଚାର୍ଯ୍ୟ, ପ୍ରାକ୍ତନ ଅଧ୍ୟାପକ ଅନନ୍ତ ରାମ ପଣ୍ଡା, ନିମାପଡ଼ା ରିଜିଓନାଲ କଲେଜର ନିର୍ଦ୍ଦେଶକ ଶ୍ରୀକାନ୍ତ ସାମନ୍ତ ରାୟ, ପୁରୀ ଜିଲ୍ଲା ବିଶ୍ୱହିନ୍ଦୁ ପରିଷଦ ର ସଭାପତି ରଘୁନାଥ ମହାପାତ୍ର, ବିଭାଗ ସଂପାଦକ ଭାଗିରଥୀ ସ୍ୱାଇଁ , ମଣିଜଙ୍ଗ ଓ ଅମୁଣିଆ ପାଟଣା ର ମଠାଧୀଶ ଉପସ୍ଥିତ ଥିଲେ । ଅନୁଷ୍ଠାନ ତରଫରୁ ବକ୍ତୃତା ଓ କୃଷ୍ଣ ବେଶ ପ୍ରତି ଯୋଗିତା ଅନୁଷ୍ଠିତ ହୋଇ ଥିଲା ।

ପ୍ରତିଯୋଗୀ ମାନଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା ।ଅନ୍ୟ ମାନଙ୍କ ମଧ୍ୟରେ ପ୍ରଖଣ୍ଡ ସଂପାଦକ ଆଇ. ତ୍ରିନାଥ ପାତ୍ର, ଜିଲ୍ଲା ଉପସଭାପତି ଶରତ କୁମାର ସେନାପତି, ଜ୍ୟୋତିରଞ୍ଜନ ଛୋଟରାୟ, ତପନ ନାୟକ, ରଞ୍ଜନ ନାୟକ, ରଂଜନ ପ୍ରଧାନ ପ୍ରମୁଖ ସ୍ୱୟଂ ସେବକ ମାନଙ୍କ ସହଯୋଗରେ ଭକ୍ତି ମୟ ପରିବେଶରେ ସମାରୋହଟି ସଫଳତା ର ସହିତ ସମାପନ ହୋଇଥିଲା ।

## ୧୦ ଦିନ ଧରି ଅଚଳାବସ୍ଥାରେ ୨ ନଳକୂପ
# ପାନୀୟ ଜଳ ସଙ୍କଟରେ ଛଟପଟ ୨୫ ପରିବାର


କୋଣାର୍କ,(ସବ୍ୟୁ) :କୋଣାର୍କ ଥାନା ଅଧିନସ୍ଥ ବନାଖଣ୍ଡି ଗ୍ରାମପଞ୍ଚାୟତର ବନାଖଣ୍ଡି ଛକ ଠାରେ ଥିବା ଦୁଇଗୋଟି ନଳକୂପ ଦୀର୍ଘ ୧୦ ଦିନ ଧରି ଅଚଳାବସ୍ଥାରେ ପଡି ରହିଥିବା ବେଳେ ୧୦ରୁ ଉର୍ଦ୍ଧ୍ୱ ଦୋକାନୀ ଓ ୧୫ ଗୋଟି ପରିବାର ଜଳକ୍ଲିଷ୍ଟ ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁ ନାହାନ୍ତି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଖବରରୁ ପ୍ରକାଶ ଯେ ବନାଖଣ୍ଡି ଗ୍ରାମପଞ୍ଚାୟତର ବନାଖଣ୍ଡି ଛକ ଠାରେ ଥିବା ଦୁଇଗୋଟି ନଳକୂପ ଦୀର୍ଘ ୧୦ ଦିନ ଧରି ଖରାପ ହୋଇ ପଡିଛି ।ଫଳରେ ଏହି ନଳକୂପ ଉପରେ ପାନୀୟ ଜଳ ନିମନ୍ତେ ନିର୍ଭର କରୁଥିବା ବନାଖଣ୍ଡି ଛକର ୧୦ ଗୋଟି ଦୋକାନ ଓ ୧୫ ଗୋଟି ପରିବାର ପାନୀୟ ଜଳ ନ ପାଇ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମାସ୍ୟା ଯୋଗୁଁ କୋଣାର୍କ – ଗୋପ ପୂର୍ତ୍ତ ବିଭାଗ ରାସ୍ତାରେ ଯାଉଥିବା ପଥଚାରୀ ମଧ୍ୟ ପିଇବା ପାଣି ନ ପାଇ ନାନାଦି ସମାସ୍ୟାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଏହି ସମାସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ବାରମ୍ବାର ଅଭିଯୋଗ ହୋଇ ଆସୁଥିବା ବେଳେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ଦୀର୍ଘ ୧୦ ଦିନ ଧରି ଏହି ସମାସ୍ୟା ଜନସାଧାରଣ ଓ ଦୋକାନୀ ମାନଙ୍କୁ ଜଳକ୍ଲିଷ୍ଟ ଯନ୍ତ୍ରଣାରେ ଛଟପଟ କରୁଥିବା ଦେଖିବାକୁ ମିଳିଛି। ବନାଖଣ୍ଡି ଛକ ଠାରେ ଥିବା ଦୁଇଗୋଟି ନଳକୂପ କୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରି ପାନୀୟ ଜଳଯୋଗାଣ ବ୍ୟବସ୍ଥା ତ୍ୱରାନ୍ୱିତ କରିବା ପାଇଁ ବନାଖଣ୍ଡି ଗ୍ରାମପଞ୍ଚାୟତର ବୁଦ୍ଧିଜୀବୀ, ସଚେତନ ନାଗରିକ, ବରିଷ୍ଠ ନାଗରିକ, ଦୋକାନୀ ଓ ସ୍ଥାନୀୟ ଅଂଚଳର ଜନସାଧାରଣ ମାନଙ୍କ ପକ୍ଷରୁ ଗୋପ ବ୍ଲକ ବିଡିଓଙ୍କ ହସ୍ତକ୍ଷେପ ଦାବି କରିଛନ୍ତି।

# ନିର୍ମାଣଧୀନ ସେତୁ, ଛାତ୍ରାବାସ ପରିଦର୍ଶନ କଲେ ଉପଜିଲ୍ଲାପାଳ

ବାଙ୍କୀ ,(ସବ୍ୟୁ): ବାଙ୍କୀ ଉପଜିଲ୍ଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ ଶ୍ରୀମତୀ ଗୋନୋସିନୀ ଦାସ ଗୁରୁବାର ପୂର୍ବାହ୍ନରେ ପାଥପୁର ଗ୍ରାମ ପଞ୍ଚାୟତରନିର୍ମାଣଧୀନ କଇଁମୁଣ୍ଡି ସେତୁର କାର୍ଯ୍ୟକୁ ପରିଦର୍ଶନ କରି ନିର୍ମାଣକାର୍ଯ୍ୟର ଅଗ୍ରଗତି ଓ ପ୍ରକଳ୍ପର ସମୟୋଚିତ ସମାପ୍ତି ନେଇ ସମୀକ୍ଷା କରିଥିଲେ। ସେତୁ ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବା ନିମନ୍ତେ ସମ୍ପୃକ୍ତ ଠିକା ସଂସ୍ଥା ଓ ବିଭାଗୀୟ ଯନ୍ତ୍ରୀଙ୍କୁ ନିୟମିତ କାର୍ଯ୍ୟ ତଦାରଖ କରିବା, କାର୍ଯ୍ୟସ୍ଥଳରେ ଦେଖାଦେଉଥିବା ସମସ୍ୟାର ତୁରନ୍ତ ସମାଧାନ କରିବା ସହ ଆବଶ୍ୟକ ସମସ୍ତ ପଦକ୍ଷେପ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଥିଲେ।

ଏହାପରେ ଉପଜିଲ୍ଲାପାଳ ଗୋବିନ୍ଦପୁର ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନିର୍ମାଣଧୀନ ଅବସ୍ଥାରେ ଥିବା ଛାତ୍ରାବାସର ମଧ୍ୟ ନିରୀକ୍ଷଣ କରିଥିଲେ। ପରିଦର୍ଶନ ସମୟରେ ନିର୍ମାଣ କାର୍ଯ୍ୟର ଅଗ୍ରଗତି, ନିର୍ମାଣର ମାନ ଏବଂ ଛାତ୍ରାବାସ ଭବନର ବିଭିନ୍ନ ଆବଶ୍ୟକୀୟ ଅଂଶର ସ୍ଥିତି ସମ୍ପର୍କରେ ସମୀକ୍ଷା କରିବା ସହିତ ଛାତ୍ରଛାତ୍ରୀଙ୍କ ବ୍ୟବହାର ନିମନ୍ତେ ଛାତ୍ରାବାସ ହସ୍ତାନ୍ତର ପୂର୍ବରୁ ବିଦ୍ୟୁତ ବ୍ୟବସ୍ଥା, ପାଇପ ଲାଇନ, ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ ସମେତ ଅନ୍ୟାନ୍ୟ ଆବଶ୍ୟକୀୟ କାର୍ଯ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ପାଇଁ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ନିୟମିତ ତଦାରଖ ଓ ଗୁଣାତ୍ମକ ନିୟନ୍ତ୍ରଣ ସୁନିଶ୍ଚିତ କରିବା ସହ ବକେୟା କାର୍ଯ୍ୟଗୁଡ଼ିକୁ ଶୀଘ୍ର ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଗସ୍ତ ଅବସରରେ ବାଙ୍କୀ – ଡମପଡ଼ା ବିଡ଼ିଓ ଅଂଶୁମାନ ଦାସ, ଡମପଡ଼ା ତହସିଲଦାର ବୈଶାଖୀ ଲେଙ୍କା, ସହକାରୀ ନିର୍ବାହୀ ଯନ୍ତ୍ରୀ, ପୂର୍ତ୍ତ ବିଭାଗ ପୌଲୁଷ୍ୟ ରାଉତ, ସହକାରୀ ବ୍ଲକ ଶିକ୍ଷା ଅଧିକାରୀ, ବାଙ୍କୀ ପ୍ରଫୁଲ୍ଲ କୁମାର ବେହେରାଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ବୀଣାପାଣି ଶିଶୁ ବିଦ୍ୟାମନ୍ଦିରରେ ସାଂସ୍କୃତିକ କାର୍ଯ୍ୟକ୍ରମ



ବୋଲଗଡ଼, (ସବ୍ୟୁ) : ପବିତ୍ର ଜନ୍ମାଷ୍ଟମୀ ପୁରରୁ ପଲ୍ଲୀ ସବୁଠି ଖୁବ ଧୁମ୍ଧାମ୍ରେ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ବୋଲଗଡ଼ ବ୍ଲକ ବାଙ୍କୋଇ ସ୍ଥିତ ବୀଣାପାଣି ଶିଶୁ ବିଦ୍ୟାମନ୍ଦିରଠାରେ ଜନ୍ମାଷ୍ଟମୀ ଉତ୍ସବ ଆନନ୍ଦ ଉଲ୍ଲାସ ସହ ପାଳିତ ହୋଇଛି । ଅନୁଷ୍ଠାନର ପ୍ରଧାନ ଗୁରୁଜୀ ପ୍ରଦୀପ କୁମାର ପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜଯୋଗିନୀ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସେବାକେନ୍ଦ୍ର ତରଫରୁ ବ୍ରହ୍ମାକୁମାରୀ ରଶ୍ମିତା ଭଉଣୀ, ରାନା ଭଉଣୀ ଓ ବ୍ରହ୍ମାକୁମାର ଦିବାକର ଭାଇ ଅତିଥି ଭାବେ ଯୋଗ ଦେଇଥିଲେ । କୋମଳମତି ଶିଶୁମାନେ କିଭଳି ସୁସ୍ଥ ଜୀବନ ବାଟରେ ସୁସ୍ଥ ପରିବେଶ ଓ ସୁସ୍ଥସମାଜ ଗଠନରେ ସହାୟକ ହୋଇପାରିବେ, ସେ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ । ଏହି ଅବସରରେ ଗୁରୁମା ସର୍ବସ୍ମୟୀ ମହାପାତ୍ର ରାଧାକୃଷ୍ଣ ବେଶରେ ସୁସଜ୍ଜିତ ଛୋଟ ଛୋଟ ଶିଶୁମାନଙ୍କୁ ପୂଜାର୍ଚ୍ଚନା କରିଥିଲେ । ପଶ୍ଚାତ ଭକ୍ତିରସ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ସଫଳ କରିବାରେ ବିଦ୍ୟାଳୟର ସମସ୍ତ ଗୁରୁମା ଓ ଗୁରୁଜୀ ସହଯୋଗ କରିଥିଲେ ।

## ସମ୍ପାଦକୀୟ

# ଭାରତର ଆର୍ଥିକ ଅଭିବୃଦ୍ଧି

ନାନାଦି ବାଧାବିଘ୍ନ ସତ୍ତ୍ୱେ, ୨୦୨୬-୨୭ ଆର୍ଥିକ ବର୍ଷରେ ଭାରତର ୭ ଦଶମିକ ୮ ପ୍ରତିଶତ ଆର୍ଥିକ ଅଭିବୃଦ୍ଧି (ପ୍ରଥମ ପର୍ଯ୍ୟାୟରେ) ହୋଇଥିବାରୁ ଏଥିପାଇଁ ଆମେମାନେ ଆନନ୍ଦିତ ହେବା ସ୍ୱାଭାବିକ । ଅବଶ୍ୟ ଏ ନେଇ ବିରୋଧୀ ଦଳ ଖୁସି ପ୍ରକଟ କରିନାହିଁ । ଏହି କୃତିତ୍ୱର ଅଧିକାରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୋଲି କୁହାଯାଉଛି ।

ପ୍ରାୟ ଅଶୀ ବର୍ଷ ତଳେ ଭାରତ ରାଜନୀତିକ ସ୍ୱାଧୀନତା ହାସଲ କରିଥିଲେ ମଧ୍ୟ ଆର୍ଥିକ ସ୍ୱାଧୀନତା ହାସଲ କରି ପାରି ନଥିଲା । ଗାନ୍ଧିଜୀଙ୍କ କଥା ଓ ତାଙ୍କ ଅର୍ଥନୀତି ନିକଟରୁ ଆମେ ପ୍ରାୟ ଦୂରେଇ ଯାଇଥିଲୁଁ । ବିଶ୍ୱର ଆର୍ଥିକ ଅବସ୍ଥା ସହିତ ତାଳଦେଇ ଭାରତକୁ ଆର୍ଥିକ କ୍ଷେତ୍ରରେ ଉନ୍ନତ କରିବାକୁ ଉଦ୍ୟମ କରା ଯାଇଥିଲେ ମଧ୍ୟ ସେ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇ ନଥିଲା । କିନ୍ତୁ ରାଜୀବ ଗାନ୍ଧିଙ୍କୁ ହତ୍ୟା କରାଯିବା ପରେ ପ୍ରଧାନମନ୍ତ୍ରୀ ଭାବେ ପିଭି ନରସିହ ରାଓ ପ୍ରାୟ ରାଜନୀତିରୁ ଓହରିଯିବାକୁ ବସିଥିଲେ । ମାତ୍ର ସେତେବେଳେ କଂଗ୍ରେସ ଦଳର ନେତୃତ୍ୱ ନେଇଥିବା ସୋନିଆ ଗାନ୍ଧି ତାଙ୍କୁ ଡକାଇ ପ୍ରଧାନମନ୍ତ୍ରୀ ପଦରେ କ୍ଷମତାସୀନ କରିଥିଲେ । ୧୯୯୧ରେ ସେ ପ୍ରଧାନମନ୍ତ୍ରୀ ହେବା ବେଳକୁ ଭାରତର ଆର୍ଥିକ ଅବସ୍ଥା ଅତି ଶୋଚନୀୟ ଅବସ୍ଥାରେ ଥିଲା । ସେ ଯାହାହେଉ, ଲୋକସଭାରେ, ବିରୋଧୀ ଦଳର ନେତା ହୋଇଥିବା ଅଟଳ ବିହାରୀ ବାଜପେୟୀଙ୍କୁ ଦେଶର ଆର୍ଥିକ ଅବସ୍ଥା ସୁଧାରିବାକୁ ସେ ଅନୁରୋଧ କରିଥିଲେ । ଏହାକୁ ଦ୍ୱିଦଳୀୟ (Bipartises) ସମର୍ଥନ କୁହାଯାଇଥାଏ । ଫଳରେ ତତ୍କାଳୀନ କେନ୍ଦ୍ର ଅର୍ଥମନ୍ତ୍ରୀ ମନମୋହନ ସିଂଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ନରସିଂହ ରାଓ ଆର୍ଥିକ ସଂସ୍କାର ଆରମ୍ଭ କରିଥିଲେ ।

**ସରଳ ଓ ନିର୍ବିଘ୍ନ ଆର୍ଥିକ ସଂସ୍କାର ବ୍ୟବସ୍ଥା (Ease of compliance) ହିଁ ଭାରତର ଶିଳ୍ପ ଓ ଟିକସ ପ୍ରଭୃତି ବିଭିନ୍ନ କ୍ଷେତ୍ରକୁ ଉନ୍ନତ କରି ପାରିଛି ବୋଲି ସେ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଛନ୍ତି । ଏ କ୍ଷେତ୍ରରେ ସେ କାଗଜବିହୀନ ନୀତିର ପ୍ରୟୋଗ ବିଷୟରେ ସେ ମଧ୍ୟ ଅବତାରଣା କରିଥିଲେ । ଶ୍ରୀମତୀ ସୀତାରମଣ ମଧ୍ୟ ଆମେରିକାର ନର୍ଥ କାରୋଲିନା ଠାରେ ଅନୁଷ୍ଠିତ ଜି-୨୦ ଅର୍ଥମନ୍ତ୍ରୀ ସମ୍ମିଳନୀରେ ଯୋଗ ଦେଇ କହିଥିଲେ ଯେ ଭାରତର ଆର୍ଥିକ ସଂସ୍କାର ନୀତିରୁ ଉଭୟ ଭାରତ ଓ ଆମେରିକା ଲାଭବାନ ହୋଇ ପାରିବେ । ଭାରତ ତାହାର ଆର୍ଥିକ ବିବେକତା (Fiscal Prudence) ଉପରେ ଗୁରୁତ୍ୱ ଦେଇ ଆଗାମୀ ପର୍ଯ୍ୟାୟରେ ଏହି ଆର୍ଥିକ ଅଭିବୃଦ୍ଧି ହାର ବଜାୟ ରଖି ପାରିବ ବୋଲି ଆଶା କରାଯାଉଛି ।**

ଏବେ ନରେନ୍ଦ୍ର ମୋଦିଙ୍କ ସଂସ୍କାର ଯୁଗ ଆରମ୍ଭ ହୋଇଛି । ଫଳରେ ଭାରତର ଅର୍ଥନୀତି ଦ୍ରୁତଗତିରେ ଆଗେଇ ଅଭିବୃଦ୍ଧି ସମ୍ଭବ ହୋଇଛି । ପ୍ରଥମ ପର୍ଯ୍ୟାୟରେ ଏହି ଅଭିବୃଦ୍ଧି ହାର ୭ ଦଶମିକ ୮ ପ୍ରତିଶତ ହୋଇ ପାରିଛି । ନ୍ୟୁୟର୍କଠାରେ ଭାରତର କନସୁଲେଟ ଜେନେରାଲ ଓ ବ୍ୟାଙ୍କ ଅଫ୍ ଆମେରିକାର ମିଳିତ ଆନୁକୂଲ୍ୟରେ ପୁଞ୍ଜିନିବେଶକମାନଙ୍କ ଏକ ବୈଠକରେ ଯୋଗ ଦେଇ ଭାରତର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଭାରତର ଆର୍ଥିକ ସଂସ୍କାର କିପରି ଆର୍ଥିକ ଅଭିବୃଦ୍ଧିରେ ସହାୟକ ହୋଇ ପାରିଛି, ସେ ବିଷୟ ଉଲ୍ଲେଖ କରିଥିଲେ ।

ସରଳ ଓ ନିର୍ବିଘ୍ନ ଆର୍ଥିକ ସଂସ୍କାର ବ୍ୟବସ୍ଥା (Ease of compliance) ହିଁ ଭାରତର ଶିଳ୍ପ ଓ ଟିକସ ପ୍ରଭୃତି ବିଭିନ୍ନ କ୍ଷେତ୍ରକୁ ଉନ୍ନତ କରି ପାରିଛି ବୋଲି ସେ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଛନ୍ତି । ଏ କ୍ଷେତ୍ରରେ ସେ କାଗଜବିହୀନ ନୀତିର ପ୍ରୟୋଗ ବିଷୟରେ ସେ ମଧ୍ୟ ଅବତାରଣା କରିଥିଲେ । ଶ୍ରୀମତୀ ସୀତାରମଣ ମଧ୍ୟ ଆମେରିକାର ନର୍ଥ କାରୋଲିନାଠାରେ ଅନୁଷ୍ଠିତ ଜି-୨୦ ଅର୍ଥମନ୍ତ୍ରୀ ସମ୍ମିଳନୀରେ ଯୋଗ ଦେଇ କହିଥିଲେ ଯେ ଭାରତର ଆର୍ଥିକ ସଂସ୍କାର ନୀତିରୁ ଉଭୟ ଭାରତ ଓ ଆମେରିକା ଲାଭବାନ ହୋଇ ପାରିବେ ।

ଭାରତ ତାହାର ଆର୍ଥିକ ବିବେକତା (Fiscal Prudence) ଉପରେ ଗୁରୁତ୍ୱ ଦେଇ ଆଗାମୀ ପର୍ଯ୍ୟାୟରେ ଏହି ଆର୍ଥିକ ଅଭିବୃଦ୍ଧି ହାର ବଜାୟ ରଖି ପାରିବ ବୋଲି ଆଶା କରାଯାଉଛି ।

**ଆପଣମାନେ ଯଦି ସମଗ୍ର ପୃଥିବୀର ସାହିତ୍ୟ ଅଧ୍ୟୟନ କରିବାକୁ ଚାହାଁନ୍ତି ତାହାହେଲେ ତହିଁରେ ଜଗତର କେହି ବାଧା ଦେଇପାରିବେ ନାହିଁ । କିନ୍ତୁ ଇଂରାଜୀ ସାହିତ୍ୟ ଅଧ୍ୟୟନ କରିବାରେ କମ୍ ସମୟ ଖର୍ଚ୍ଚ କରିବାକୁ ଆପଣମାନଙ୍କୁ ମୋର ଅନୁରୋଧ କରିବାର କାରଣ ଏହି ଯେ ଆପଣମାନେ ନିଜ ମାତୃଭାଷା ଅଧ୍ୟୟନ କଲେ ଅଧିକ ସ୍ୱାଭାବିକ ରୀତିରେ ସେହି ଉପକାର ପାଇପାରିବେ ।**

**(ମହାତ୍ମା ଗାନ୍ଧି)**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଶିକ୍ଷକ : ଆଗାମୀ ଭାରତର ରୂପକାର



**ଶ୍ରୀମତୀ ଦ୍ରୌପଦୀ ମୁର୍ମୁ**
**ଭାରତର ରାଷ୍ଟ୍ରପତି**

ଶିକ୍ଷକ ଭାଗ୍ୟ ଓ ଭବିଷ୍ୟର ରୂପକାର ଅଟନ୍ତି । ଦେଶର କୋଟି କୋଟି ଛାତ୍ରଛାତ୍ରୀଙ୍କ ଭିତରେ ବିଦ୍ୟା, ଦକ୍ଷତା, ନୈତିକତା ଏବଂ ପ୍ରେରଣା ସଞ୍ଚାର କରୁଥିବା ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ଦେଶବାସୀଙ୍କ ତରଫରୁ ଗୁରୁ ଦିବସ ଅବସରରେ ମୁଁ କୃତଜ୍ଞତା ଜ୍ଞାପନ କରୁଛି ।

ଏହା ସର୍ବଜନବିଦିତ ଯେ ଆମ ଦେଶର ଦ୍ୱିତୀୟ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଇଚ୍ଛା ଥିଲା- ତାଙ୍କ ଜନ୍ମଦିନ 'ଗୁରୁ ଦିବସ' ଭାବେ ପାଳିତ ହେଉ । ସେ ଏକାଧାରେ ଥିଲେ ଜଣେ ପୃଥିବୀ ପ୍ରସିଦ୍ଧ ବିଦ୍ୱାନ, ଲେଖକ ଓ ରାଷ୍ଟ୍ରପୁରୁଷ । ତେବେ ଶିକ୍ଷକଙ୍କ ଭୂମିକା ତାଙ୍କ ପାଇଁ ଥିଲା ସବୁଠୁ ବେଶି ଗୁରୁତ୍ୱପୂର୍ଣ୍ଣ । ଜନପ୍ରିୟ ପୂର୍ବତନ ରାଷ୍ଟ୍ରପତି ଡକ୍ଟର ଏ.ପି.ଜେ. ଅବଦୁଲ କଲାମଙ୍କୁ ଏକଦା ପଚରାଯାଇଥିଲା ଯେ ଲୋକେ ତାଙ୍କୁ ଜଣେ ବୈଜ୍ଞାନିକ ଭାବରେ ନା ରାଷ୍ଟ୍ରପତି ଭାବରେ ମନେରଖନ୍ତୁ ବୋଲି ସେ ଚାହାଁନ୍ତି । କଲାମଙ୍କ ଉତ୍ତର ଥିଲା, ସେ ଜଣେ ଶିକ୍ଷକ ରୂପେ ଲୋକ ସ୍ମୃତିରେ ରହିବାକୁ ଇଚ୍ଛା କରନ୍ତି ।

ଶିକ୍ଷକ ଶ୍ରଦ୍ଧେୟ ହୁଅନ୍ତୁ ଏବଂ ଶିକ୍ଷାର୍ଥୀ ଶ୍ରଦ୍ଧାବାନ ହୁଅନ୍ତୁ, ଏହା ଆମର ଆଦର୍ଶ ହୋଇ ରହିଆସିଛି । ଆମ ପୁରାତନ ଗ୍ରନ୍ଥାବଳୀରେ ଉଲ୍ଲେଖ ରହିଛି ଯେ ଶିକ୍ଷକମାନେ ବିଦ୍ୟାର୍ଥୀମାନଙ୍କୁ ନିଜର ସନ୍ତାନତୁଲ୍ୟ ଭଲ ପାଆନ୍ତୁ, ଭେଦଭାବ ନ ରଖି ସେମାନଙ୍କୁ ସମଦୃଷ୍ଟିରେ ଦେଖନ୍ତୁ, ସେମାନଙ୍କ ଉପରେ କ୍ରୋଧ ମନୋଭାବ ନ ରଖନ୍ତୁ, ଧୈର୍ଯ୍ୟବାନ ହୁଅନ୍ତୁ, ବିଦ୍ୟାର୍ଥୀଙ୍କ ମଙ୍ଗଳ ପ୍ରତି ଦୃଷ୍ଟି ନିବଦ୍ଧ କରନ୍ତୁ ଏବଂ ସେମାନଙ୍କ ଆହରଣ ଶକ୍ତି ଅନୁଯାୟୀ ଶିକ୍ଷାଦାନ କରନ୍ତୁ । ଏପରି ଶିକ୍ଷକମାନଙ୍କୁ ସମ୍ମାନ ଜଣାଇ ପ୍ରାୟ ତିନି ହଜାର ବର୍ଷ ତଳେ ତୈତ୍ତିରୀୟ ଉପନିଷଦର 'ଶିକ୍ଷାବଲ୍ଲୀ'ରେ 'ଆଚାର୍ଯ୍ୟ ଦେବୋ ଭବ'ର ବାର୍ତ୍ତା ପ୍ରଦାନ କରାଯାଇଛି ।

ସୌଭାଗ୍ୟବଶତଃ, ମୋ ବିଦ୍ୟାର୍ଥୀ ଜୀବନରେ ମୋତେ ଖୁବ୍ ସ୍ନେହୀ ଓ ଉତ୍ତମ ଶିକ୍ଷକମାନଙ୍କ ମାର୍ଗଦର୍ଶନ ମିଳିଥିଲା । ଆମ ଶିକ୍ଷକମାନେ ସ୍କୁଲ୍ ଛୁଟି ପରେ ବେଳେବେଳେ ନିଜ ଘରେ ଆମମାନଙ୍କୁ ପଢ଼ାଉଥିଲେ ଏବଂ ଆମର ଯତ୍ନ ମଧ୍ୟ ନେଉଥିଲେ । ସପ୍ତମ ଶ୍ରେଣୀ ପରେ ନିଜ ଗାଁ ବାହାରକୁ ଯାଇ ପାଠ ପଢ଼ିବାରେ ମୁଁ ଥିଲି ପ୍ରଥମ ଛାତ୍ରୀ । ପାଠପଢ଼ାର ପରବର୍ତ୍ତୀ ପର୍ଯ୍ୟାୟରେ ଭୁବନେଶ୍ୱରରେ ମଧ୍ୟ ମୋତେ ଶିକ୍ଷକମାନଙ୍କଠାରୁ ବିପୁଳ ସ୍ନେହ ଓ ମାର୍ଗଦର୍ଶନ ମିଳିଥିଲା । ମୁଁ ଏଠାରେ ବିନମ୍ର ସହକାରେ ମୋ ଶିକ୍ଷକମାନଙ୍କ କଥା ଏଥିପାଇଁ ଉଲ୍ଲେଖ କରୁଛି କି ସ୍ନେହୀ ଓ ଉତ୍ସର୍ଗୀକୃତ ଶିକ୍ଷକମାନେ ବିଦ୍ୟାର୍ଥୀଙ୍କ ମଧ୍ୟରେ ସବୁବେଳେ ଅସରନ୍ତି ସାମର୍ଥ୍ୟ ଓ ପ୍ରେରଣା ସଞ୍ଚାର କରିଥା'ନ୍ତି । ଏଥିରୁ ଶକ୍ତି ଆହରଣ କରି ବିଦ୍ୟାର୍ଥୀମାନଙ୍କ ଭିତରେ ଯେ କୌଣସି ଆହ୍ୱାନର ସମ୍ମୁଖୀନ ହେବା ଏବଂ ବଡ଼ ବଡ଼ ଲକ୍ଷ୍ୟ ହାସଲ କରିବା ନିମନ୍ତେ ଉତ୍ସାହ ଅବ୍ୟାହତ ରହିଥାଏ । ମୋ ମତରେ, ଶିକ୍ଷକମାନେ ପାଠ୍ୟକ୍ରମ ଅନୁସାରେ ତ ପଢ଼ାନ୍ତି, ତତ୍ ସଙ୍ଗେସଙ୍ଗେ ବିଦ୍ୟାର୍ଥୀମାନଙ୍କୁ ନିଜର ଆଚାରବିଚାର ମାଧ୍ୟମରେ ବଞ୍ଚିବାର କଳା ବି ଶିଖାଇଥା'ନ୍ତି । ଏଣୁ ଶିକ୍ଷକ ବିଦ୍ୟାର୍ଥୀମାନଙ୍କର କେବଳ ମାର୍ଗଦର୍ଶକ ନୁହଁନ୍ତି, ସେମାନଙ୍କର ଶୁଭଚିନ୍ତକ, ମିତ୍ର ଓ ସହଯାତ୍ରୀ ମଧ୍ୟ ଅଟନ୍ତି ।

**ପ୍ରାୟ ଏଗାର ବର୍ଷ ତଳେ ମୁଁ ମୋ ଗାଁର ନିଜ ଜାଗାରେ ଏକ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲି । ସେହି ବିଦ୍ୟାଳୟରେ ଅନାଥ ଓ ବଞ୍ଚିତ ପରିବାରର ପିଲାମାନେ ଶିକ୍ଷାଲାଭ କରନ୍ତି । ସେହି ପିଲାମାନଙ୍କୁ ଭେଟିବା ପାଇଁ ମୁଁ ସେଠାକୁ ଯିବାଆସିବା କରୁଛି । ଏ ବର୍ଷ ଜୁନ୍ ୨୦ ତାରିଖରେ ମୋ ଜନ୍ମଦିନରେ ସେହି ପିଲାମାନଙ୍କୁ ଭେଟି ମୁଁ ବେଶ୍ ଆନନ୍ଦ ଲାଭ କଲି । ସେ ଦିନ ମୋ ସହିତ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ମଧ୍ୟ ସେହି ବିଦ୍ୟାଳୟକୁ ଯାଇ ପିଲାମାନଙ୍କର ଉତ୍ସାହ ବର୍ଦ୍ଧନ କରିଥିଲେ । ତାଙ୍କ ସହ ମିଶିବାର ସ୍ୱତନ୍ତ୍ର ଅନୁଭୂତି ପିଲାମାନଙ୍କ ପାଇଁ ପ୍ରେରଣାର ଅସରନ୍ତି ଉତ୍ସ ହୋଇ ରହିବ । ସେହି ପିଲାମାନଙ୍କ ଉନ୍ନତି ଦେଖିଲେ ମୋତେ ବିଶେଷ ସାର୍ଥକତା ବୋଧ ହୁଏ ।**

ଜଣେ ଶ୍ରେଷ୍ଠ ଶିକ୍ଷକଙ୍କ ବିଶେଷତ୍ୱ ସମ୍ପର୍କରେ ଆମ ସଂସ୍କୃତି ଓ ପରମ୍ପରାରେ ପ୍ରାଚୀନ କାଳରୁ ପ୍ରଚଳିତ ବିଚାର ଆଜି ବି ସମ୍ପୂର୍ଣ୍ଣ ପ୍ରାସଙ୍ଗିକ ମନେହୁଏ । କେତେ ଶତାବ୍ଦୀ ପୂର୍ବେ ମହାକବି କାଳିଦାସ ସ୍ୱୀୟ ନାଟକ 'ମାଳବିକାଗ୍ନିମିତ୍ରମ୍'ରେ କହିଛନ୍ତି, ଯେଉଁ ଅଧ୍ୟାପକ ବିପୁଳ ଜ୍ଞାନର ଅଧିକାରୀ ଏବଂ ନିଜର ଜ୍ଞାନକୁ ବୋଧଗମ୍ୟ କରିବାକୁ ସମର୍ଥ, ସେ ହିଁ ଉତ୍ତମ ଶିକ୍ଷକ ପଦବାଚ୍ୟ ।

ସଂସ୍କୃତର ଏକ ଲୋକପ୍ରିୟ ପ୍ରବାଦ ଅନୁସାରେ: 'ସର୍ବତ୍ର ବିଜୟମ୍ ଇଚ୍ଛେତ୍ ଶିଷ୍ୟାତ୍ ଇଚ୍ଛେତ୍ ପରାଜୟମ୍' । ଏହାର ମର୍ମାର୍ଥ ହେଉଛି, ସମସ୍ତଙ୍କ ଠାରୁ ବିଜୟ କାମନା କରିବା ଉଚିତ କିନ୍ତୁ ଶିଷ୍ୟ ଠାରୁ ପରାଜୟ ଲାଭର ଇଚ୍ଛା ରଖିବା ଉଚିତ । ବିଦ୍ୟାର୍ଥୀଙ୍କ ମଧ୍ୟରେ ସ୍ୱାଧୀନ ଚିନ୍ତାକୁ ପ୍ରୋତ୍ସାହନ ଦେବା, ଜିଜ୍ଞାସା ଉଦ୍ରେକ କରିବା, ପ୍ରଶ୍ନ ପଚାରିବାର ପ୍ରବୃତ୍ତିକୁ ପ୍ରୋତ୍ସାହନ ଦେବା, ତର୍କ-ଶକ୍ତିର ବିକାଶ ଘଟାଇବା ଏବଂ ସେମାନଙ୍କ ବ୍ୟକ୍ତିତ୍ୱ ଗଠନରେ ସହାୟକ ହେବା-ଏସବୁ ହେଉଛି ଶିକ୍ଷାଦାନର ଗୋଟେ ଗୋଟେ ପ୍ରେରଣାଦାୟୀ ଓ ପ୍ରଭାବଶାଳୀ ଦିଗ । ଏତାଦୃଶ ପ୍ରେରଣାପ୍ରଦ ଶିକ୍ଷାରୁ ସଫଳ ଉଦ୍ୟୋଗୀ, ପ୍ରତିଭାବାନ ବୈଜ୍ଞାନିକ, ସୃଜନଶୀଳ କଳାକାର ଏବଂ ସମାଧାନ ଅନ୍ୱେଷୀ ନାଗରିକ ପିଢ଼ିର ନିର୍ମାଣ ସମ୍ଭବ ।

ଶିକ୍ଷାଦାନ କେବଳ ଏକ ବୃତ୍ତି ନୁହେଁ, ଏହା ମଧ୍ୟ ଏକ ବ୍ରତ । ଏହା କେବଳ ବେଉସା ବା ଚାକିରି ନୁହେଁ, ଏହା ହେଉଛି ମାନବିକତା ନିର୍ମାଣ ଦିଗରେ ଏକ ମହତ କାର୍ଯ୍ୟ । ଏହା ଉତ୍ତର ପିଢ଼ି ନିମନ୍ତେ ମାର୍ଗ ପ୍ରଶସ୍ତ କରିବା ଦିଗରେ ଏକ ସତ୍କାର୍ଯ୍ୟ ମଧ୍ୟ ।

ଶିକ୍ଷାଦାନ ସହିତ ଜଡ଼ିତ ସ୍ମୃତିସବୁରୁ ମୁଁ ଅଶେଷ ଶାନ୍ତିଲାଭ କରେ । ମୁଁ ରାଇରଙ୍ଗପୁର ଠାରେ ଥିବା ଶ୍ରୀଅରବିନ୍ଦ ଇଣ୍ଟିଗ୍ରାଲ୍ ସ୍କୁଲରେ ପିଲାଙ୍କୁ ପାଠ ପଢ଼ାଇଛି । ପାଠ ପଢ଼ାଇବା ବ୍ୟତୀତ ମୁଁ ପିଲାମାନଙ୍କ ସଙ୍ଗେ ମିଶି ଗୀତ-ସଙ୍ଗୀତ, ଖେଳକୁଦ ଓ ନାଟକ ପ୍ରସ୍ତୁତିରେ ସେମାନଙ୍କୁ ପୂର୍ଣ୍ଣ ପ୍ରାଣରେ ସାହାଯ୍ୟ କରିଛି । ସ୍ୱାଧୀନତା ଦିବସ ଓ ଜନରାଜ୍ୟ ଦିବସର ପ୍ରସ୍ତୁତି ଓ ପାଳନ ଅବସରରେ ପିଲାମାନଙ୍କର ଉତ୍ସାହକୁ ମନେ ପକାଇ ମୁଁ ଆଜି ମଧ୍ୟ ରୋମାଞ୍ଚିତ ହୁଏ । ବିଦ୍ୟାର୍ଥୀମାନଙ୍କୁ ରମଣୀୟ ପ୍ରାକୃତିକ ସ୍ଥଳୀଗୁଡ଼ିକରେ ବଣଭୋଜି ପାଇଁ ନେଇଯିବା ଏବଂ ଖେଳ ମାଧ୍ୟମରେ ସେମାନଙ୍କୁ ନାନା ଜୀବଜନ୍ତୁ ଓ ବୃକ୍ଷଲତା ବିଷୟରେ ଅବଗତ କରିବା ଆଦି ମୋତେ ସାର୍ଥକ ଲାଗିଥିଲା ।

ସ୍କୁଲ୍ ପଢ଼ା ସରିବାର ଏତେ ବର୍ଷ ପରେ ମଧ୍ୟ ମୋ ଛାତ୍ରଛାତ୍ରୀମାନେ ମୋତେ ସେମାନଙ୍କ ପାରିବାରିକ ଉତ୍ସବ ଆଦିକୁ ନିମନ୍ତ୍ରଣ କରିଆସୁଛନ୍ତି । ଅନେକ ଛାତ୍ରଛାତ୍ରୀଙ୍କ ଭଲ ନାଁ ଯେ କେବଳ ମୋର ମନେ ଅଛି ତା' ନୁହେଁ, ସେମାନଙ୍କ ଡାକ ନାଁ ମଧ୍ୟ ମୋର ମନେ ଅଛି । ମୁଁ ଯେଉଁ ପିଲାମାନଙ୍କୁ ପଢ଼ାଇଛି, ସେମାନଙ୍କ ଠାରୁ ଅନେକ କିଛି ଶିଖିଛି ମଧ୍ୟ । ମୋ ବିଚାରରେ, ପିଲାମାନଙ୍କ ସରଳତା ଓ ଜିଜ୍ଞାସା ଶିକ୍ଷକମାନଙ୍କୁ ଅନେକ କିଛି ଶିଖାଇଥାଏ ।

ରାଷ୍ଟ୍ରପତି ଭାବେ ମୋ କାର୍ଯ୍ୟକାଳକୁ ଦୁଇ ବର୍ଷ ପୂରିବା ଅବସରର ମୁଁ ରାଷ୍ଟ୍ରପତି ଭବନସ୍ଥ ବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କୁ ପରିବେଶ ସଂରକ୍ଷଣ ବିଷୟ ପଢ଼ାଇଥିଲି ଏବଂ ସେମାନଙ୍କ ସହ କଥାବାର୍ତ୍ତା ବି ହୋଇଥିଲି । ବିଦ୍ୟାର୍ଥୀମାନଙ୍କ ସହ ମିଶିବା ଓ ସେମାନଙ୍କ ଚିନ୍ତାଧାରାକୁ ବୁଝିବା ପାଇଁ ମୁଁ ସବୁବେଳେ ଚେଷ୍ଟା କରିଆସିଛି । ସେମାନଙ୍କ କଥାକୁ ମୁଁ ସର୍ବଦା ମୋ ମନରେ ରଖିଆସିଛି ।

ପ୍ରାୟ ଏଗାର ବର୍ଷ ତଳେ ମୁଁ ମୋ ଗାଁର ନିଜ ଜାଗାରେ ଏକ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲି । ସେହି ବିଦ୍ୟାଳୟରେ ଅନାଥ ଓ ବଞ୍ଚିତ ପରିବାରର ପିଲାମାନେ ଶିକ୍ଷାଲାଭ କରନ୍ତି । ସେହି ପିଲାମାନଙ୍କୁ ଭେଟିବା ପାଇଁ ମୁଁ ସେଠାକୁ ଯିବାଆସିବା କରୁଛି । ଏ ବର୍ଷ ଜୁନ୍ ୨୦ ତାରିଖରେ ମୋ ଜନ୍ମଦିନରେ ସେହି ପିଲାମାନଙ୍କୁ ଭେଟି ମୁଁ ବେଶ୍ ଆନନ୍ଦ ଲାଭ କଲି । ସେ ଦିନ ମୋ ସହିତ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ମଧ୍ୟ ସେହି ବିଦ୍ୟାଳୟକୁ ଯାଇ ପିଲାମାନଙ୍କର ଉତ୍ସାହ ବର୍ଦ୍ଧନ କରିଥିଲେ । ତାଙ୍କ ସହ ମିଶିବାର ସ୍ୱତନ୍ତ୍ର ଅନୁଭୂତି ପିଲାମାନଙ୍କ ପାଇଁ ପ୍ରେରଣାର ଅସରନ୍ତି ଉତ୍ସ ହୋଇ ରହିବ । ସେହି ପିଲାମାନଙ୍କ ଉନ୍ନତି ଦେଖିଲେ ମୋତେ ବିଶେଷ ସାର୍ଥକତା ବୋଧ ହୁଏ ।

ଶିକ୍ଷାଦାନ କାର୍ଯ୍ୟ କେବଳ ଶିକ୍ଷକମାନଙ୍କ ଠାରେ ସୀମାବଦ୍ଧ ନୁହେଁ । ବରଂ ନିଜର ଆଚରଣ ଓ ଉପଲବ୍ଧି ମାଧ୍ୟମରେ ପିଲାଙ୍କ ପାଇଁ 'ରୋଲ୍ ମଡେଲ୍' ସାଜୁଥିବା ପ୍ରତ୍ୟେକ ବ୍ୟକ୍ତିବିଶେଷ ଶିକ୍ଷା ଓ ପ୍ରେରଣାର ଅମୂଲ୍ୟ ଉତ୍ସ ଅଟନ୍ତି ।

ପିତାମାତା ଓ ଅଭିଭାବକ କେତେ ଆଶା ଭରସା ସହିତ ନିଜ ପିଲାଙ୍କୁ ଶିକ୍ଷକଙ୍କ ପାଖରେ ଛାଡ଼ିଥା'ନ୍ତି । ସେମାନଙ୍କର ବିଶ୍ୱାସ ଥାଏ ଯେ ଶିକ୍ଷକ ସେମାନଙ୍କ ପିଲାଙ୍କୁ ନିଜର ମଣି, ତାଙ୍କ ସୁରକ୍ଷା ଓ ପ୍ରଗତି ପ୍ରତି ଯତ୍ନବାନ ହେବେ । ଏହି ପବିତ୍ର ଆସ୍ଥା ପ୍ରତି ସମ୍ମାନ ଜଣାଇବା ପ୍ରତ୍ୟେକ ଶିକ୍ଷକଙ୍କର ଧର୍ମ । ଶିକ୍ଷକମାନଙ୍କର ମନୋବୃତ୍ତି, ଆଚରଣ ଓ ବ୍ୟବହାର ଏପରି ହେବା ଉଚିତ ଯଦ୍ୱାରା ପିଲାମାନଙ୍କ ମନରେ ଭୟ ବା ଆଶଙ୍କା ନ ଉପୁଜିବ, ସେମାନଙ୍କ ମନୋବଳ ନ ଭାଙ୍ଗିବ ଏବଂ ସେମାନଙ୍କ ମଧ୍ୟରେ ହୀନମନ୍ୟତା ଦେଖା ନଦେବ । ବିଦ୍ୟାର୍ଥୀମାନେ ଯେପରି ବ୍ୟକ୍ତିତ୍ୱ ବିକାଶର ଶିଖର ଛୁଇଁବେ, ଏହା ସୁନିଶ୍ଚିତ କରିବାର ଗୁରୁଦାୟିତ୍ୱ ଉତ୍ତମ ଶିକ୍ଷକମାନଙ୍କ ଠାରେ ନ୍ୟସ୍ତ ରହିଛି ।

ବିଦ୍ୟାର୍ଥୀଙ୍କୁ ଭଲ ମଣିଷ କରି ଗଢ଼ିବା ପ୍ରତ୍ୟେକ ଶିକ୍ଷକଙ୍କ ପାଇଁ ଏକ ପୁଣ୍ୟ କର୍ମ । ନୈତିକତାର ପଥରେ ପରିଚାଳିତ ହୋଇ ସମୃଦ୍ଧି ଓ ଯଶ ଲାଭ କରୁଥିବା ବିଦ୍ୟାର୍ଥୀମାନେ ହିଁ ଶିକ୍ଷକଙ୍କ ସଫଳତାର ମୂର୍ତ୍ତିମନ୍ତ ପ୍ରତୀକ ଅଟନ୍ତି ।

ଆମ ଦେଶ ସାମାଜିକ ଅନ୍ତର୍ଭୁକ୍ତୀକରଣ ସହିତ ବିକଶିତ ରାଷ୍ଟ୍ର ନିର୍ମାଣର ଲକ୍ଷ୍ୟ ପ୍ରାପ୍ତି ଦିଗରେ ଅଗ୍ରସର ହେଉଛି । ମୁଁ ଚାହେଁ, ବିକାଶର ଏହି ଯାତ୍ରାରେ ଆମ ଶିକ୍ଷକଗଣ ଏପରି ପିଢ଼ିର ନିର୍ମାଣ କରନ୍ତୁ, ଯିଏ ଆମ ସଂସ୍କୃତିର ଗୌରବମୟ ପରମ୍ପରାର ଗୁରୁତ୍ୱ ଉପଲବ୍ଧି କରିବେ, ବୈଜ୍ଞାନିକ ଦୃଷ୍ଟିକୋଣ ସହିତ ମାନବଜାତିର ହିତ ପାଇଁ କାର୍ଯ୍ୟ କରିବେ, ଅନ୍ତୋଦୟର ଆଦର୍ଶକୁ ଆତ୍ମସ୍ଥ କରିବେ, ପରିବେଶ ଓ ପଶୁପକ୍ଷୀଙ୍କ ସଂରକ୍ଷଣରେ ସକ୍ରିୟ ରହିବେ, ବ୍ୟକ୍ତିଗତ ଓ ସାମୂହିକ ଗତିବିଧିରେ ଉତ୍କର୍ଷ ଲାଭ କରିବେ ତଥା 'ରାଷ୍ଟ୍ର ସର୍ବୋପରି' ମନୋଭାବ ଘେନି ଆଗକୁ ବଢ଼ିବେ । ଦେଶବାସୀଙ୍କୁ ମୋର ଅନୁରୋଧ, ସେମାନେ ନିଷ୍ଠାବାନ ଶିକ୍ଷକମାନଙ୍କୁ ସର୍ବଦା ସମ୍ମାନାସ୍ପଦ ମଣନ୍ତୁ । ସମର୍ପିତ ଶିକ୍ଷକମାନଙ୍କ ଯୋଗଦାନ ବଳରେ ଭାରତ ପଢ଼ିଚାଲୁ ଓ ବେଶ୍ ଆଗକୁ ବଢ଼ିଚାଲୁ, ଏହା ମୋର ଆନ୍ତରିକ କାମନା ।

# ପଦ୍ମଶ୍ରୀ ତୁଳସୀ ମୁଣ୍ଡା, ଜଣେ ଅନନ୍ୟ ବ୍ୟକ୍ତିତ୍ୱ



**ଡଃ ମମତାରାଣୀ ନାୟକ**

ନିଜେ ପଢିଲି ଓ ଅନ୍ୟକୁ ପଢାଇଲି ! ତୁଳସୀ ମୁଣ୍ଡାଙ୍କ ପାଇଁ ଏହା ହିଁ ଜୀବନ ସତ୍ୟାଗ୍ରହର ମୂଳମନ୍ତ୍ର , ତାଙ୍କ ଜୀବନ ପଥର ଅଲିଭା ଗାର । ସ୍ୱୟଂ ପାଠ ପଢି , ଅନେକ ଅଶିକ୍ଷିତ ଶିଶୁ ଓ ବୟସ୍କଙ୍କୁ ପାଠ ପଢିବା ପାଇଁ ଅନୁପ୍ରାଣିତ କରିଥିବା ପଦ୍ମଶ୍ରୀ ତୁଳସୀ ମୁଣ୍ଡା କିନ୍ତୁ କେବେ ସ୍କୁଲ ଯାଇ ନାହାନ୍ତି । ଶୁଣିଲେ ଆଶ୍ଚର୍ଯ୍ୟ ଲାଗେ । ଏହା କେମିତି ସମ୍ଭବ ?

ଏହି ପ୍ରଶ୍ନର ଉତ୍ତର ପାଇବା ପାଇଁ ତାଙ୍କ ସହିତ ଏକ ସାକ୍ଷାତକାର କରିଥିଲି । ତାଙ୍କ ଜନ୍ମ ୧୯୪୭ ମସିହା, ଜୁଲାଇ ମାସ, ୧୫ ତାରିଖରେ କାଇଁଶି ଗ୍ରାମ, କେନ୍ଦୁଝର ଜିଲ୍ଲାରେ ହୋଇଥିଲା । ତାଙ୍କ ପିତା ଚରଣ ମୁଣ୍ଡା ଓ ମାତା ଘାସ ମୁଣ୍ଡାଙ୍କ ସପ୍ତମ ସନ୍ତାନ । ପାଞ୍ଚ ଭଉଣୀ ଓ ଦୁଇ ଭାଇଙ୍କ ମଧ୍ୟରେ ଅଲିଅଳି ।

ଭାରତୀୟ ଯୌଥ ପରିବାରର ନିତିଦିନିଆ ଜଞ୍ଜାଳ । ତୁଳସୀ ମୁଣ୍ଡା କିନ୍ତୁ ବ୍ୟତିକ୍ରମ । ସାଧାରଣ ସାଂସାରିକ ଜଞ୍ଜାଳ ଭିତରେ ରହିବା କଷ୍ଟକର ଥିଲା ତାଙ୍କ ଜୀବନ ତତ୍ତ୍ୱ । ସ୍ୱଳ୍ପ ବୟସରୁ ମୁଣ୍ଡା ଆଦିବାସୀ ସଂପ୍ରଦାୟର ସେ ଜଣେ ସଂଗ୍ରାମୀ । ଗାନ୍ଧିଙ୍କ ଜୀବନର ମୂଲ୍ୟବୋଧକୁ ନିଜ ଜୀବନର ମୂଳ ନୀତି କରି ଅଶିକ୍ଷିତ ଆଦିବାସୀ ଶିଶୁ ଓ ବୟସ୍କଙ୍କ ପାଇଁ ଏକ ଉତ୍କୃଷ୍ଟ ଉଦାହରଣ ସାଜିଛନ୍ତି ତୁଳସୀ ମୁଣ୍ଡା । କୋଇଲା ଖଣି ଭିତରୁ ହୀରା ପରି ଅମୂଲ୍ୟ ରତ୍ନର ଆବିଷ୍କାର ଯେତିକି ଆଶ୍ଚର୍ଯ୍ୟଜନକ, ତାର ଉଜ୍ଜ୍ୱଳ ଓ ଆକର୍ଷଣୀୟ ଆଲୋକରେ ଆଲୋକିତ ହୋଇ ଅନେକ ତାଙ୍କ ସଂଗ୍ରାମୀ ଜୀବନରେ ଅନୁପ୍ରାଣିତ ହେବା ସେତିକି ସୌଭାଗ୍ୟଜନକ । ତାଙ୍କଦ୍ୱାରା ସ୍ଥାପିତ 'ଆଦିବାସୀ ବିକାଶ ସମିତି' ଅନୁଷ୍ଠାନ କେବଳ ସେରେଣ୍ଡା ଗ୍ରାମ, କେନ୍ଦୁଝରରେ ଥିବା ଅବହେଳିତ ଆଦିବାସୀ ଛୁଆଙ୍କ ପାଇଁ ନୁହେଁ ଏହା ଏକ ସାମାଜିକ ସଚେତନତାର ଆଧାର । ଗାନ୍ଧିୟ ମୂଲ୍ୟବୋଧରେ ଅନୁପ୍ରାଣିତ ଏକ ସାମାଜିକ ଚିନ୍ତାଧାରା, ଯିଏ ନିଜ ସହିତ ଅନ୍ୟମାନଙ୍କ ହାତ ଧରି ଆଗକୁ ବଢିବା ପାଇଁ ଉତ୍ସାହିତ କରନ୍ତି ସେ ନିଜ ପାଇଁ ବଞ୍ଚି ନାହାନ୍ତି, ଅନ୍ୟ ପାଇଁ ବଞ୍ଚିଛନ୍ତି । ତାଙ୍କ ଉତ୍ସର୍ଗିତ ସାମାଜିକ ଜୀବନ ଭିତରେ କେତେ ଯେ କୋମଳ ଶିଶୁ ଓ ବୟସ୍କ ଶିକ୍ଷିତ ସମାଜର ଏକ ଅଂଶ ହୋଇ ପାରିଛନ୍ତି, ତାହା କେବଳ ଏହି ମଣିଷ ସମାଜ ହିଁ ମୂଲ୍ୟାଙ୍କନ କରିବ । କଥାରେ କୁହାଯାଏ, ବଣ ମଲ୍ଲୀ ବଣରେ ଫୁଟି ରହିଯାଏ, କିନ୍ତୁ ୭୭ ବର୍ଷିୟା ତୁଳସୀ ମୁଣ୍ଡାଙ୍କ ପାଇଁ ଏହା ଏକ ଅବିରତ ସଂଗ୍ରାମ । ନିଜ ଜୀବନରେ ଅନ୍ୟ ପାଇଁ କିଛି କରିଯିବାର ମନୋବୃତ୍ତି ପୁରା ଭାରତରେ ତାଙ୍କ ସାମାଜିକ ମୂଲ୍ୟବୋଧତାର ସ୍ମୃତିକୁ ମନେ ପକାଏ । ତାଙ୍କ ଆତ୍ମାର କୋହଭରା ନୈତିକତା ଆଜି ବି ପହଞ୍ଚି ଯାଏ ସେହି ଅବହେଳିତ ଶିଶୁମାନଙ୍କ ପାଖକୁ, ଯେଉଁଠାରେ ସେମାନେ ଗୃହ, ବସ୍ତ୍ର , ଖାଦ୍ୟ , ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ ମାନ୍ୟତା ବିନା ରାସ୍ତା କଡର ଅଯାଚିତ ବସ୍ତୁ ହୋଇ ବଞ୍ଚି ରହିଛନ୍ତି । ଆଜି ବି, ଅଶିକ୍ଷିତ ଓ ଅବହେଳିତ ଶିଶୁ ଶ୍ରମିକ ଦେଖିଲେ ସେ ବିଚଳିତ ହୋଇଯାନ୍ତି , ବ୍ୟସ୍ତ ହୋଇଯାନ୍ତି । ସେମାନଙ୍କୁ ସାମାଜିକ ଅଧିକାର ଦେବା ପାଇଁ ଅଣ୍ଟା ଭିଡି ଲଢିବା ପାଇଁ ଆଗଭର ହୁଅନ୍ତି । ଏମିତି କାଳଜୟୀ ବ୍ୟକ୍ତିତ୍ୱ କେବେ କେମିତି ଜନ୍ମ ନିଅନ୍ତି ଓ ସଂସାର ପାଇଁ ଏକ ଉଦାହରଣ ସାଜନ୍ତି ।

ପରାଧୀନ ଭାରତର ପୃଷ୍ଠା ଓଲଟାଇଲେ ଦେଖାଯାଏ, ଭାରତ ସ୍ୱାଧୀନତା ପାଇବାକୁ ଅଳ୍ପ କିଛି ଦିନର ବ୍ୟବଧାନ । ଦୀର୍ଘ ଶହେରୁ ଉର୍ଦ୍ଧ୍ୱ ବର୍ଷ ପରାଧୀନତାର ଶିକୁଳୀ ଭିତରେ ରହି ଭାରତୀୟମାନେ ନିଜ ପାଇଁ ଆଉ ନିଜ ଦେଶର ସମସ୍ୟା ବିଷୟରେ ଚିନ୍ତା କରିବାକୁ ସମୟ ପାଉ ନ ଥିଲେ । ଅଗଷ୍ଟ ୧୫ ତାରିଖ , ୧୯୪୭ ମସିହାରେ ଭାରତ ଆକାଶରେ ସ୍ୱାଧୀନତାର ତ୍ରିରଙ୍ଗା ବାହୁ ବିସ୍ତାରି ପୁରା ଆକାଶକୁ ଆଲିଙ୍ଗନ କରୁଥିଲା । ସେ ସମୟ ସ୍ୱାଧୀନ ଭାରତର ଉନ୍ମୁକ୍ତ ବାୟୁ ମଣ୍ଡଳରେ ନିଃଶ୍ୱାସ ନେବାର ସମୟ । ସ୍ୱାଧୀନତାର ସ୍ୱାଦ ଚାଖିବା ଓ ଅନେକ ସାମାଜିକ ଓ ଅର୍ଥନୈତିକ ସମସ୍ୟା ସହିତ ମୁକାବିଲା କରିବା ପାଇଁ ସରକାର ପ୍ରସ୍ତୁତ ହେଉଥାନ୍ତି । ହେଲେ, ନୂତନ ଭାବେ ପରାଧୀନତାର ଶିକୁଳୀରୁ ଉନ୍ମୁକ୍ତ ଆକାଶ ଏତେଟା ରଙ୍ଗୀନ ନ ଥିଲା । ଦାରିଦ୍ର୍ୟର ଶକ୍ତ ଜୁଆଳି ଅନେକ ସ୍ଥାନରେ ଲୋକଙ୍କୁ ଲହୁ ଲୁହାଣ କରି ରଖିଥିଲା ।

ବିଭିନ୍ନ ରାଜ୍ୟରେ ନୂତନ ରାଜନୈତିକ ବ୍ୟବସ୍ଥା ଓ ଦେଶୀୟ ସ୍ଥିରତା ଆଣିବା ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା । ତତ୍‌ସହିତ ସ୍ୱାଧୀନତା ସଂଗ୍ରାମୀମାନେ ଦେଶର ଆଭ୍ୟନ୍ତରଣୀୟ ସାମାଜିକ ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ବିଭିନ୍ନ ପ୍ରକାର ଅନୁଷ୍ଠାନମାନ ଗଠନ କରୁଥିଲେ । ବିଭିନ୍ନ ଜାତି, ଧର୍ମ, ଭାଷା ଓ ସଂସ୍କୃତିର ନାଗରିକଙ୍କୁ ଏକତ୍ର କରି ଭାରତୀୟ ସାମ୍ବିଧାନିକ ଓ ଗଣତାନ୍ତ୍ରିକ ନୀତିରେ ବାନ୍ଧି ରଖିବାର ପ୍ରୟାସ ଭିତରେ ଆଉ କିଛି ମହୀୟସୀ ବ୍ୟକ୍ତିତ୍ୱ, ଆଦିବାସୀ ଓ ପଛୁଆ ବର୍ଗ ଲୋକଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବାର ପ୍ରଚେଷ୍ଟା ଆରମ୍ଭ କରିଥିଲେ । ସେ ସମୟରେ ଯଦିଓ ଶିକ୍ଷାର ମହତ୍ତ୍ୱ ବିଷୟରେ ଆଦିବାସୀ ସମାଜରେ ଏତେଟା ସଚେତନତା ସୃଷ୍ଟି ହୋଇ ନ ଥିଲା, କିନ୍ତୁ ତୁଳସୀ ମୁଣ୍ଡା ଥିଲେ ଜଣେ ଅନନ୍ୟ ବ୍ୟକ୍ତିତ୍ୱ ।

**ଛୁଆଟି ବେଳୁ ନିଜ ସମାଜରେ ବିବାହ ପୂର୍ବରୁ ଥିବା ଟାଣିନେବା/ ଘିଞ୍ଚି ନେବା ପ୍ରଥା ବିରୋଧରେ ରଣ ହୁଙ୍କାର ଦେଇଥିଲେ । ଛାତି ପିଟି କହିଥିଲେ , ଯିଏ ମୋ ହାତ ଧରିବ ତାକୁ ପ୍ରଥମେ ହତ୍ୟା କରିବି ବରଂ ଜେଲ ଯିବି, କିନ୍ତୁ ହାତ ଧରି ଟାଣିବା ଲୋକକୁ ଛାଡିବି ନାହିଁ । ଏ ଦୃଢ଼ୋକ୍ତି ପାଇଁ, ତାଙ୍କ ପାଖକୁ ଯିବାକୁ କେହି ସାହସ କଲେ ନାହିଁ ।**

ଛୁଆଟି ବେଳୁ ଶିଶୁ କନ୍ୟା ଭାବରେ ଅବହେଳିତ ଝିଅ ଜନ୍ମ, କେବଳ ବିବାହ କରି ସନ୍ତାନ ଜନ୍ମ କରିବା ଓ ପରିବାରର ଭରଣ ପୋଷଣ କରିବାର ସାମାଜିକ ପ୍ରଚଳିତ ପ୍ରଥା ବିରୋଧରେ ଆଗ ଧାଡିର ବିଦ୍ରୋହୀ ଥିଲେ । ସେ ଝିଅ ହେଉ ବା ପୁଅ, ନିଜ ଜୀବନ ଉପରେ ନିଷ୍ପତ୍ତି ନେବାର ଅଧିକାର କେବଳ ନିଜର । ସେଥିରେ ପରିବାର ବା ସମାଜର ହସ୍ତକ୍ଷେପକୁ ଦୃଢତାର ସହିତ ସେ ବିରୋଧ କରୁଥିଲେ । ସେହି ଦୃଢ ମନୋବୃତ୍ତିର ଉଦାହରଣ ତାଙ୍କ ନିଜଠାରୁ ହିଁ ଆରମ୍ଭ ହୋଇଥିଲା ।

ଶିକ୍ଷାର ମହତ୍ତ୍ୱ ନ ଜାଣି ମଧ୍ୟ ସେଥିପ୍ରତି ତାଙ୍କର ଦୁର୍ବଳତା ସ୍ପଷ୍ଟ ବାରି ହେଉଥିଲା । ବାଲ୍ୟ କାଳରୁ ନିଜ ସନ୍ତାନଙ୍କୁ ବୈବାହିକ ଜୀବନରେ ବାନ୍ଧି ନ ରଖିବା ପାଇଁ ସେ ମାତାପିତାମାନଙ୍କୁ ଅନେକ ବୁଝାଇ ଥିଲେ । ଛୁଆଟି ବେଳୁ ନିଜ ସମାଜରେ ବିବାହ ପୂର୍ବରୁ ଥିବା ଟାଣିନେବା/ ଘିଞ୍ଚି ନେବା ପ୍ରଥା ବିରୋଧରେ ରଣ ହୁଙ୍କାର ଦେଇଥିଲେ । ଛାତି ପିଟି କହିଥିଲେ , ଯିଏ ମୋ ହାତ ଧରିବ ତାକୁ ପ୍ରଥମେ ହତ୍ୟା କରିବି ବରଂ ଜେଲ ଯିବି, କିନ୍ତୁ ହାତ ଧରି ଟାଣିବା ଲୋକକୁ ଛାଡିବି ନାହିଁ । ଏ ଦୃଢ଼ୋକ୍ତି ପାଇଁ, ତାଙ୍କ ପାଖକୁ ଯିବାକୁ କେହି ସାହସ କଲେ ନାହିଁ । ଏପରି ପରିସ୍ଥିତିରେ ସେ ସ୍ଥିର କଲେ, ଘର ଛାଡି ପାଖରେ ଥିବା ଖଣି ଖାଦାନରେ ଶିଶୁ ଶ୍ରମିକ ଭାବରେ କାର୍ଯ୍ୟ କରିବେ ଓ ପରିବାରକୁ ଆର୍ଥିକ ଦୃଷ୍ଟିରୁ ସହାୟତା କରିବେ । ସେତେବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କର ଅନେକ ଖଣି ଖଦାନ କେନ୍ଦୁଝରରେ ଥିଲା । ତୁଳସୀ ମୁଣ୍ଡା, ଘର ପାଖ ସେହି ଖଣିରେ ଶିଶୁ ଶ୍ରମିକ ଭାବେ କାମ କଲେ ।

ନିଜର କୁନି କୁନି ହାତରେ ଖଣି ପଥର ଫଟାଇବା ସମ୍ଭବ ନ ଥିଲା , ତେଣୁ ସେ ଛୋଟ ଛୋଟ ପଥରଗୁଡିକୁ ଗୋଟିଏ ଜାଗାରେ ଏକାଠି କରି ରଖୁଥିଲେ । ବୟସ୍କ ଶ୍ରମିକମାନେ ତାକୁ ଫଟାଉଥିଲେ । ଏହି ପରି କିଛି ଦିନର ଚଳଣି ଭିତରେ ସେ ପାଠ ପଢିବାର ଇଚ୍ଛାକୁ ଦବେଇ ପାରି ନ ଥିଲେ । ତେଣୁ ସେ ନିଜ ପରି ଆଉ କିଛି ଶିଶୁ ଶ୍ରମିକ, ଯେଉଁମାନେ ସେହି ଖଣିରେ କାମ କରୁଥିଲେ, ସେମାନଙ୍କୁ ପାଠ ପଢିବା ପାଇଁ ପ୍ରବର୍ତ୍ତାଇଲେ । ଏହିପରି ସତେଇଶ ଜଣ ଶିଶୁ ଶ୍ରମିକଙ୍କୁ ଏକାଠି କରି ଏକ ନିଆରା ଶିକ୍ଷା ଅଭିଯାନରେ ଆରମ୍ଭ କରିଥିଲେ । ଦିନ ବେଳେ ସେମାନେ ଖଣିରେ କାମ କରୁଥିଲେ ଓ ରାତିରେ ଜଣେ ସମ୍ପର୍କୀୟ ଭାଇଙ୍କ ଘର ବାରଣ୍ଡାରେ ଡିବିରି ଆଲୁଅର ମିଞ୍ଜି ମିଞ୍ଜି ଆଲୋକରେ ପାଠ ପଢୁଥିଲେ । ଅନେକ ବଦାନ୍ୟ ଶିକ୍ଷିତ ବ୍ୟକ୍ତିଙ୍କଦ୍ୱାରା ବିତରଣ କରାଯାଇଥିବା କିଛି ବହି ଓ ଖାତାରେ ସେ ଆରମ୍ଭ କରିଥିଲେ ତାଙ୍କ ପାଠପଢା ଜୀବନ- ଶିକ୍ଷିତ ହେବାର ଏକ ଅନନ୍ୟ ଚିନ୍ତାଧାରାକୁ ଶାଣିତ ରୂପ ଦେବାର ଏକ ନିଆରା ପ୍ରଚେଷ୍ଟା ।

**କ୍ରମଶଃ...**

**ମୋ-୯୫୫୬୬୭୫୩୯୦୨**
**(ଜଣେ ସୁଲେଖିକା ତଥା ପଦସ୍ଥ ଅଧିକାରୀ)**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସିଏମ୍ କିଷାନ...

'ସିଏମ୍ କିଷାନ' ଯୋଜନା ମାଧ୍ୟମରେ ଆମେ କେବଳ ଆର୍ଥିକ ସହାୟତା ପ୍ରଦାନ କରୁନାହୁଁ, ବରଂ ଚାଷୀଙ୍କୁ ଆତ୍ମନିର୍ଭରଶୀଳ କରିବା ସହ ସେମାନଙ୍କ ଶ୍ରମକୁ ଉଚିତ ସମ୍ମାନ ଦେଉଛୁ। କୃଷି ସାମଗ୍ରୀ କ୍ରୟଠାରୁ ଆରମ୍ଭ କରି ଆନୁଷଙ୍ଗିକ ଜୀବିକା ଏବଂ ଚାଷୀ ପରିବାରର ପିଲାମାନଙ୍କୁ ଗୁଣାତ୍ମକ ବୈଷୟିକ ଶିକ୍ଷା ଯୋଗାଇଦେବା ପର୍ଯ୍ୟନ୍ତ ଏହି ଯୋଜନା ପ୍ରତ୍ୟେକ ସ୍ତରରେ ସହାୟକ ହେଉଛି।

ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ ସମୃଦ୍ଧ କୃଷକ ଯୋଜନା, ଧାନ ସଂଗ୍ରହ ଓ ବନ୍ୟା କ୍ଷତିପୂରଣ ସମ୍ପର୍କରେ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉଲ୍ଲେଖ କରିଛନ୍ତି। ଚଳିତ ୨୦୨୬-୨୭ ଖରିଫ ଋତୁ ପାଇଁ ଧାନ ପଞ୍ଜିକରଣ ଅବଧିକୁ ସେପ୍ଟେମ୍ବର ୭ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସେହିପରି ନିକଟରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ସୁନ୍ଦରଗଡ଼ ଆଦି ଜିଲ୍ଲାରେ ହୋଇଥିବା ପ୍ରବଳ ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କ ପାଇଁ ୧୦୦୦ କୋଟି ଟଙ୍କାର ବିଶେଷ ସହାୟତା ପ୍ୟାକେଜ୍ ଘୋଷଣା କରାଯାଇଛି। ରାଜସ୍ୱ ଓ କୃଷି ବିଭାଗର କ୍ଷେତ୍ର କର୍ମଚାରୀଙ୍କ କ୍ଷତି ଆକଳନ ରିପୋର୍ଟ ଆଧାରରେ ପ୍ରଭାବିତ ଚାଷୀଙ୍କୁ ଆଶୁ କ୍ଷତିପୂରଣ ଯୋଗାଇ ଦିଆଯିବ।

ରାଜ୍ୟରେ କେବଳ ପାରମ୍ପରିକ ଚାଷ ନୁହେଁ, ବିବିଧିକରଣ ହିଁ ଦୁଇଗୁଣ କରିବ ଚାଷୀଙ୍କ ଆୟ ବୋଲି ପ୍ରକାଶ କରି ଆମ ରାଜ୍ୟର ୭୦ ପ୍ରତିଶତରୁ ଅଧିକ ଲୋକ କୃଷି ଉପରେ ନିର୍ଭରଶୀଳ ଥିବାରୁ ଚାଷୀଙ୍କ ବାର୍ଷିକ ଆୟକୁ ଅତିକମରେ ଦୁଇଗୁଣ କରିବା ଆମ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଥିଲେ।

'ସମୃଦ୍ଧ କୃଷକ ଯୋଜନା' ମାଧ୍ୟମରେ କେନ୍ଦ୍ର ସରକାରଙ୍କ ଏମ୍ଏସ୍‌ପି ସହ ରାଜ୍ୟର ଇନପୁଟ୍ ସହାୟତା ମିଶାଇ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାରେ ଧାନ କ୍ରୟ କରାଯାଉଛି ଏବଂ ବିକ୍ରିର ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ପଠାଯାଉଛି। ଗତ ୨୦୨୫-୨୬ ଖରିଫ ଋତୁରେ ୯୮.୪୮ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇ ଇନପୁଟ୍ ସବସିଡି ବାବଦକୁ ରେକର୍ଡ ୫,୬୭୩.୮୪ କୋଟି ଟଙ୍କା ଏବଂ ରବି ଋତୁରେ ୩.୬୩ ଲକ୍ଷ ଚାଷୀଙ୍କୁ ୧,୪୯୪.୮୯ କୋଟି ଟଙ୍କା ପ୍ରଦାନ କରାଯାଇଛି ବୋଲି ସେ କହିଛନ୍ତି।

ଚାଷୀ ପରିବାରର ପିଲାମାନଙ୍କୁ ଉଚ୍ଚ ବୈଷୟିକ ଶିକ୍ଷା କ୍ଷେତ୍ରରେ ସହାୟତା ପାଇଁ "କୃଷି ବିଦ୍ୟାନିଧି ଯୋଜନା" କାର୍ଯ୍ୟକାରୀ ହେଉଛି। ୨୦୨୫-୨୬ ଶିକ୍ଷା ବର୍ଷରେ ସର୍ବମୋଟ ୬୮,୨୯୦ ଜଣ ହିତାଧିକାରୀଙ୍କ ସନ୍ତାନଙ୍କୁ ୨୯୧.୭୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ସରକାରୀ ସୁବିଧା ପାଇବା ପାଇଁ "ଫାର୍ମରସ ରେଜିଷ୍ଟ୍ରି" ରେ ଚାଷୀମାନେ ନିଜ ଜମିର ତଥ୍ୟ ସହ ପଞ୍ଜୀକରଣ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଏହା ସହିତ ପ୍ରାଣୀପାଳନ, ମାଛଚାଷ, 'ଶ୍ରୀ ଅନ୍ନ ଅଭିଯାନ' (ମାଣ୍ଡିଆ ଚାଷ) ଏବଂ ଜାତୀୟ ଡାଲି ମିଶନ ଉପରେ ସରକାର ବିଶେଷ ଗୁରୁତ୍ୱ ଦେଉଛନ୍ତି ଏବଂ ଗତବର୍ଷ ୪,୮୮୭ ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟରେ ୬.୯୨ ଲକ୍ଷ କ୍ୱିଣ୍ଟାଲ ମାଣ୍ଡିଆ ସଂଗ୍ରହ କରାଯାଇଛି ବୋଲି ସେ ପ୍ରକାଶ କରିଥିଲେ। ଏଥି ସହିତ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ୧ କୋଟି ଟଙ୍କା ପର୍ଯ୍ୟନ୍ତ ରିହାତି ବ୍ୟବସ୍ଥା ରହିଛି। ଅଭିଭାଷଣ ଶେଷରେ ମୁଖ୍ୟମନ୍ତ୍ରୀ ସମସ୍ତ ଚାଷୀ ଭାଇଭଉଣୀଙ୍କୁ ଆଗାମୀ ଗଣପର୍ବ 'ନୂଆଁଖାଇ'ର ଆଗୁଆ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ।

ପୂର୍ବ ସରକାରଙ୍କ ଶାସନ କାଳକୁ ସମାଲୋଚନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରାୟ ଅଢ଼େଇ ଦଶନ୍ଧି ଧରି ରାଜ୍ୟରେ କୃଷକଙ୍କ ମାସିକ ଆୟ ଅତ୍ୟନ୍ତ ନୈରାଶ୍ୟଜନକ ଥିଲା। ୨୦୨୨ ମସିହାରେ ଓଡ଼ିଶାର କୃଷି ପରିବାରର ମାସିକ ଆୟ ମାତ୍ର ୫,୧୧୨ ଟଙ୍କା ଥିଲା, ଯାହା ସାରା ଦେଶରେ ଦ୍ୱିତୀୟ ସର୍ବନିମ୍ନ ଥିଲା। କେବଳ ଝାଡ଼ଖଣ୍ଡ ଓଡ଼ିଶା ଠାରୁ ତଳେ ଥିଲା। ସେତେବେଳେ ଚାଷୀମାନେ ଅନ୍ୟ ଉପାୟ ନପାଇ କେବଳ 'ଡୋଳେ ପି, ଦଣ୍ଡେ ଚି' ନ୍ୟାୟରେ ଚାଷକାର୍ଯ୍ୟ କରୁଥିଲେ।

କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ପରିବର୍ତ୍ତନ ଆସିଛି ବୋଲି ଦୃଢ଼ତାର ସହ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ନୂତନ ସରକାର ଆସିବା ପରେ ଧାନ କିଣା ବାବଦକୁ କୁଇଣ୍ଟାଲ ପିଛା ୩୧,୦୦ ଟଙ୍କା ପ୍ରଦାନ କରାଯାଉଛି, ଯାହାଫଳରେ ଚାଷୀଙ୍କ ଆୟରେ ସିଧାସଳଖ ବୃଦ୍ଧି ଘଟିଛି। ସରକାର ଚାଷୀ ପରିବାରର ବାର୍ଷିକ ଆୟକୁ ଅତିକମରେ ଦୁଇଗୁଣ କରିବାକୁ ଲକ୍ଷ୍ୟ ରଖିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଓଡ଼ିଶାର ପ୍ରାୟ ୯୨ ପ୍ରତିଶତ ଚାଷୀ ହେଉଛନ୍ତି କ୍ଷୁଦ୍ର ଓ ନାମମାତ୍ର। ତେଣୁ ଚାଷୀମାନେ ସରକାରୀ ଯୋଜନାଗୁଡ଼ିକୁ ଆପଣାଇ ନିଜର ଉପାର୍ଜନ ବୃଦ୍ଧି କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ଆଗାମୀ ଆହ୍ୱାନଗୁଡ଼ିକ ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା କୃଷି କ୍ଷେତ୍ରରେ ପ୍ରଶଂସନୀୟ ଅଗ୍ରଗତି କରିଥିଲେ ହେଁ ଜଳବାୟୁ ପରିବର୍ତ୍ତନ, ଅନିୟମିତ ପାଣିପାଗ, ଜଳାଭାବ ଏବଂ ମୃତ୍ତିକା କ୍ଷୟ ଭଳି ଗମ୍ଭୀର ସମସ୍ୟା କୃଷି ପାଇଁ ବିପଦ ସୃଷ୍ଟି କରୁଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟରେ ଜୈବିକ ଚାଷ, ମାଣ୍ଡିଆ ଚାଷ ଏବଂ ପୁନରୁଦ୍ଧାରକାରୀ କୃଷିକୁ ବ୍ୟାପକ ଭାବେ ପ୍ରୋତ୍ସାହିତ କରାଯାଉଛି।

ମୁଖ୍ୟମନ୍ତ୍ରୀ ଖୁସି ପ୍ରକାଶ କରି କହିଥିଲେ ଯେ, ଚଳିତ ବର୍ଷ ରାଜ୍ୟରେ ଖାଦ୍ୟଶସ୍ୟ, ଫଳ ଓ ପନିପରିବା କ୍ଷେତ୍ରରେ ରେକର୍ଡ ପରିମାଣର ଉତ୍ପାଦନ ହୋଇଛି। ଏପରିକି ଓଡ଼ିଶାରେ ଉତ୍ପାଦିତ କପା ଦେଶର ସର୍ବଶ୍ରେଷ୍ଠ ମାନ୍ୟତାପ୍ରାପ୍ତ 'କସ୍ତୁରୀ କଟନ' ତାଲିକାରେ ଅନ୍ତର୍ଭୁକ୍ତ ହୋଇପାରିଛି। ଏହି ସମସ୍ତ ସଫଳତା ଏବଂ ଐତିହାସିକ ଉପଲବ୍ଧି ପାଇଁ ସେ ରାଜ୍ୟର ସମସ୍ତ କୃଷକ ଭାଇଭଉଣୀମାନଙ୍କୁ ଆନ୍ତରିକ ଧନ୍ୟବାଦ ଓ ସାଧୁବାଦ ଜଣାଇଥିଲେ।

ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଚାଷୀଙ୍କୁ ସମ୍ବୋଧନ କରି କହିଥିଲେ ଯେ, ବନ୍ୟା ଅଞ୍ଚଳ ଗୁଡ଼ିକୁ ସରକାରଙ୍କ ଅଧିକାରୀଙ୍କ ସମେତ ମନ୍ତ୍ରୀ ମଣ୍ଡଳ ମଧ୍ୟ ଯାଇ ପ୍ରତ୍ୟକ୍ଷ ଭାବେ ଅନୁଧ୍ୟାନ କରିଛନ୍ତି। ବନ୍ୟା ପ୍ରଭାବିତ ଚାଷୀଙ୍କୁ ସରକାରଙ୍କ ତରଫରୁ ସହାୟତା ପ୍ରଦାନ କରାଯିବା ନେଇ ଘୋଷଣା କରାଯାଇଛି। ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରାଯାଉଛି। କୌଣସି ବି ଯୋଗ୍ୟ ହିତାଧିକାରୀ ଏହି ପ୍ରକ୍ରିୟାରେ ସହାୟତା ପାଇବାରୁ ବଞ୍ଚିତ ହେବେ ନାହିଁ। ସେଇଥିରେ ଚାଷୀ ନିଜେ ପନିପରିବା ମିନିକିଟ୍ କିଣିବେ ଏବଂ ବିଲ୍ ସରକାରଙ୍କ ପାଖରେ ଦେବେ। ଡିବିଟି ମାଧ୍ୟମରେ ସେହି ଟଙ୍କା ଆପଣଙ୍କ ଆକାଉଣ୍ଟକୁ ଚାଲିଯିବ। ଏଥିସହିତ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ ଯେ, ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ସାର ଉପଲବ୍ଧ ରହିଛି ତେଣୁ କୌଣସି ବି ଭ୍ରମାତ୍ମକ କଥାରେ ବିଶ୍ୱାସ କରନ୍ତୁ ନାହିଁ।

ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ନିଜ ଅଭିଭାଷଣରେ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ବିଷୟରେ ଆଲୋକପାତ କରିଛନ୍ତି। ସେ କହିଛନ୍ତି ଯେ, ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ଯିଏ କି ଚାଷୀମାନଙ୍କୁ ସବୁଠାରୁ ଅଧିକ ସବସିଡି ପ୍ରଦାନ କରୁଛି। ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ପରାମର୍ଶ ଓ ନିର୍ଦ୍ଦେଶକ୍ରମେ ସରକାର 'ଅଦିନିଆ ବର୍ଷା'କୁ ଆନୁଷ୍ଠାନିକ ଭାବେ ବିପର୍ଯ୍ୟୟ ତାଲିକାଭୁକ୍ତ କରିଛନ୍ତି। ଯେଉଁ ସବୁ ଅଞ୍ଚଳରେ ଅଦିନିଆ ବର୍ଷା ଯୋଗୁଁ କ୍ଷୟକ୍ଷତି ହୋଇଛି, ସେହି ସ୍ଥାନର ପ୍ରଭାବିତ ଚାଷୀମାନଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯାଉଛି। ଚାଷୀମାନଙ୍କ ଆର୍ଥିକ ଅବସ୍ଥାର ପୁନରୁଦ୍ଧାର ଏବଂ ସେମାନଙ୍କୁ କୃଷି କାର୍ଯ୍ୟ ପାଇଁ ସମସ୍ତ ଅନୁକୂଳ ପରିବେଶ ଓ ଅତ୍ୟାଧୁନିକ ଜ୍ଞାନକୌଶଳ ଯୋଗାଇଦେବାରେ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ପ୍ରକାଶ କରିଥିଲେ।

ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଜଗଦେବ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏତଦ୍‌ବ୍ୟତୀତ, କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶୁଭମ୍ ସକ୍ସେନା, ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍କେ ଗୋରଖ ୱାମନ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ପ୍ରଭାତ କୁମାର ରାଉଳ, ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକ ଏବଂ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ୭୫୦ରୁ ଊର୍ଦ୍ଧ୍ୱ କୃଷକ ପ୍ରତ୍ୟକ୍ଷ ଭାବେ ଅଂଶଗ୍ରହଣ କରିଥିଲେ।

ଏହି ସମାରୋହରେ ସି.ଏମ୍-କିଷାନ୍ ଯୋଜନାର ଅନେକ ସଫଳ ହିତାଧିକାରୀ ମଧ୍ୟ ନିଜର ଅନୁଭୂତି ମୁଖ୍ୟମନ୍ତ୍ରୀଙ୍କୁ କହିଥିଲେ। ଖୋର୍ଦ୍ଧାର ଚାଷୀ ଶୋଭା ମାଝୀ ଏବଂ ବୋଲଗଡ଼ର ଜୟକୃଷ୍ଣ ସାମନ୍ତରାୟ ସି.ଏମ୍-କିଷାନ୍ ଯୋଜନାରୁ ପାଇଥିବା ସହାୟତା ଏବଂ ନିଜର ସଫଳତା ସମ୍ପର୍କରେ ବକ୍ତବ୍ୟ ରଖିବା ସହ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇଥିଲେ।

ଏହି କାର୍ଯ୍ୟକ୍ରମଟି ରାଜ୍ୟର ସମସ୍ତ ୩୦ ଗୋଟି ଜିଲ୍ଲାରେ ସୀଧାସଳଖ ଲାଇଭଷ୍ଟ୍ରିମିଂ କରାଯାଇଥିଲା। ସମସ୍ତ ଜିଲ୍ଲାରେ ମାନ୍ୟବର ମନ୍ତ୍ରୀ, ସାଂସଦ, ସ୍ଥାନୀୟ ବିଧାୟକ, ଜନପ୍ରତିନିଧି, ଜିଲ୍ଲାପାଳ ଏବଂ କୃଷି ବିଭାଗର କର୍ମଚାରୀ ଓ କୃଷକମାନଙ୍କ ଗୌରବମୟ ଉପସ୍ଥିତିରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ମଧ୍ୟ ମହାସମାରୋହରେ ସମ୍ପାଦିତ ହୋଇଯାଇଛି।

## ୯ ଦିନ...

ଫୋରମେନ ଭାବେ କାର୍ଯ୍ୟ କରନ୍ତି। ବିପର୍ଯ୍ୟୟ ସମୟରେ ଯେତେବେଳେ ସମସ୍ତେ ପଳାଇଲେ ଅଟକି ରହିଲେ। କଣ୍ଟ୍ରୋଲ ରୁମରେ କାର୍ଯ୍ୟ କରୁଥିବାରୁ ସମସ୍ତଙ୍କ ଜୀବନ ବଞ୍ଚାଇବା ଦାୟିତ୍ୱ ଥିଲା। ସମସ୍ତେ ପଳାଇଲା ପରେ ସେ ଯେତେ ବେଳେ ଯିବାକୁ ଚାହୁଁଥିଲେ ବାହାରିବା କଷ୍ଟକର ହୋଇପଡିଥିଲା। ସୁଡଙ୍ଗରେ ପାୱାର ହାଉସ ଆଖପାଖରେ ଆହୁରି ଲୋକ ମଧ୍ୟ ଥାଇପାରନ୍ତି। ସଞ୍ଜୟଙ୍କ ସହ କବୀର ମହାର୍ଜନ ନାମକ ଆଉ ଜଣେ କର୍ମଚାରୀଙ୍କୁ ଜୀବିତ ଉଦ୍ଧାର କରାଯାଇଛି। ୪୫ ବର୍ଷୀୟ କବୀରଙ୍କୁ ଏୟାର ଲିଫ୍ଟରେ କାଠମାଣ୍ଡୁ ସେନା ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ତେବେ କ୍ଷୟକ୍ଷତି ସମ୍ପର୍କରେ ଯେଉଁ ସୂଚନା ଆସିଛି ଅତିକମରେ ୪ ମାସ ଭରଣା ପାଇଁ ଲାଗିପାରେ। ରାସ୍ତା, ଅସ୍ଥାୟୀ ଆଶ୍ରୟସ୍ଥଳ, ପାନୀୟ ଜଳ ବ୍ୟବସ୍ଥା, ବିଦ୍ୟୁତର ପୁନର୍ବାହଗ ଲାଗି ୫୨.୬ ନିୟୁତ ଡଲାର ଆବଶ୍ୟକତା ରହିଛି। ପ୍ରାରମ୍ଭିକ ଆକଳନ ଅନୁଯାୟୀ ୨୦ ହଜାର ନୂଆ ଘରକୁ ପୁନଃନିର୍ମାଣ ଆବଶ୍ୟକତା ରହିଛି। ପ୍ରାୟ ୭,୫୦୦ ଘର ଭାଙ୍ଗି ରୁଜି ଯାଇଛି। ତେବେ ସୂଚନା ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ୧୨ ହଜାର ଲୋକଙ୍କୁ ଉଦ୍ଧାର କରାଯାଇସାରିଛି।

## ୧୮୩ କିଲୋ...

ସହର ପୁରୀକୁ ନିଶା ମାଫିଆଙ୍କ କବଳରୁ ମୁକ୍ତ କରିବା ପୁରୀ ପୋଲିସର ଜିରୋ ଟଲେରାନ୍ସ ପଦକ୍ଷେପ।

ସୂଚନା ମୁତାବକ ମୁଖ୍ୟ ଅଭିଯୁକ୍ତ କାର୍ତ୍ତିକ ସାମନ୍ତରାୟର, ପୁରୀ ପେଣ୍ଠକଟା ମେରାଇନ ଥାନା ଅନ୍ତର୍ଗତ ଏକ ଭଡ଼ା ଘରେ ବିପୁଳ ପରିମାଣର ଗଞ୍ଜେଇ ରଖି ବିଭିନ୍ନ ସ୍ଥାନକୁ ଚାଲାଣ କରୁଥିଲା। ବିଶେଷ ସୂତ୍ରରୁ ଖବର ପାଇ ପୁଲିସ ଟିମ ସେଠାରେ ଚଢାଉ କରି ଥିଲା। ଗଞ୍ଜେଇ ଜବତ ହେବା ପରେ ତାର ଟିକରପଡା ସ୍ଥିତ ପୈତୃକ ଘରେ ପୁଲିସ ଚଢ଼ାଉ କରି ଥିଲା। ସେଠାରେ ଚଢ଼ାଉ କରି ବିଡ଼ା ବିଡ଼ା ଟଙ୍କା ଜବତ କରିଛି ପୋଲିସ। ଟଙ୍କାର ଗଣତି ଚାଲିଥିବା ବେଳେ କୋଟିଏ ଟଙ୍କା ପାଖାପାଖି ହେବ ବୋଲି ଅନୁମାନ କରାଯାଉଛି। ସେପଟେ ସୁନା ଗହଣା, ବ୍ୟାଙ୍କ ଆକାଉଣ୍ଟ, ପ୍ୟାନ କାର୍ଡ ମଧ୍ୟ ଜବତ କରାଯାଉଛି।

ଅଭିଯୁକ୍ତର ଆଉ ଗୋଟିଏ ଘରେ ମଧ୍ୟ ଗଞ୍ଜେଇ ଷ୍ଟୋରେଜ କରି ଥିବାର ପୋଲିସ ସୂଚନା ପାଇ ଥିଲା। ଉକ୍ତ ତଥ୍ୟ ଆଧାରରେ ପୋଲିସ ସେଠାରେ ଚଢାଉ କରି ଥିଲା। ଅଭିଯୁକ୍ତ କାର୍ତ୍ତିକ ସାମନ୍ତରାୟଙ୍କୁ ଅଟକ ରଖି ପଚରା ଉଚୁରା ଜାରି ରଖିଛି ପୋଲିସ। ଅଭିଯୁକ୍ତ ପୂର୍ବରୁ କନ୍ଧମାଳ, କୋରାପୁଟରୁ ଗଞ୍ଜେଇ ଆଣି ବେପାର କରୁଥିବାର ଅଭିଯୋଗ ରହିଛି ବୋଲି ପୁରୀ ଏସପି ସୂଚନା ଦେଇଛନ୍ତି।

## ଆଶ୍ରୟସ୍ଥଳୀ...

ଠାରେ ୨ଟି ଘାଇ ଏବଂ ବୈତରଣୀ ଘେରି ବନ୍ଧ ଜୟନ୍ତରାମହାପାତ୍ର ସାହି ଠାରେ ଘାଇ ହୋଇଥିଲା। ତୃତୀୟ ବନ୍ୟା ଅଗଷ୍ଟ ୮ ତାରିଖ ବନ୍ୟା ଆସିବା ଫଳରେ ମରାମତି ହେଉଥିବାବେଳେ ଘାଇ ପୁଣି ଭାଙ୍ଗିଥିଲା। ଗତ ଅଗଷ୍ଟ ୧୪ ତାରିଖ ଚତୁର୍ଥ ବନ୍ୟା ଏବଂ ପଞ୍ଚମ ବନ୍ୟା ଆସିଛି ଅଗଷ୍ଟ ୨୪ ତାରିଖରେ। ପଞ୍ଚମ ବନ୍ୟାରେ ଅଗଷ୍ଟ ୨୪ ତାରିଖରେ ଜୟନ୍ତରା ମହାପାତ୍ରସାହି ଘେରି ବନ୍ଧ ଅନ୍ୟ ଏକ ସ୍ଥାନରେ ପ୍ରାୟ ୧୦୦ ଫୁଟର ମୁକୁଳା ଘାଇ ଦେଇ ମହାପାତ୍ର ସାହିକୁ ବନ୍ୟା ଜଳ ପ୍ରବେଶ କରୁଛି। ଷଷ୍ଠ ବନ୍ୟା ଅଗଷ୍ଟ ୨୮ ତାରିଖ ଏବଂ ସପ୍ତମ ବନ୍ୟା ଅଗଷ୍ଟ ୩୧ ତାରିଖରେ ଆସିଥିଲା। ବାରମ୍ବାର ଲଘୁଚାପ ବର୍ଷା ହେବା ଫଳରେ ବନ୍ୟା ଆସି ତାଣ୍ଡବ ରଚି ଚାଲିଥିବାରୁ ଶହ ଶହ ପରିବାର ପ୍ରାୟ ୩୭ ଦିନ ହେବ ଘରକୁ ଫେରି ପାରିନାହାନ୍ତି। ବିପନ୍ନମାନେ କିଏ ଛାତ ଉପରେ ତ ଆଉ କିଏ ନଦୀ ବନ୍ଧ ଉପରେ ପାଲ ଟାଣି ରହୁଛନ୍ତି। ବୈତରଣୀ ନଦୀ ବନ୍ଧ ଏକ ଅସ୍ଥାୟୀ ଗାଁ ପାଲଟିଗଲାଣି। ବନ୍ଧ ଉପରେ ଗାଇ, ଛେଳି, ଘର ଚଳଣି ସାମଗ୍ରୀ ଆଣି ରଖୁଛନ୍ତି। ସେମାନଙ୍କ କହିବା କଥା ଗତ ବନ୍ୟାରେ ଯାହା ଘରର ଆସବାବ ପତ୍ର ନଷ୍ଟ ଏବଂ ଘରେ ବନ୍ୟା ଜଳ ପ୍ରବେଶ କାରଣରୁ ଅଳିଆ ଆବର୍ଜନା ହୋଇଥିଲା ସଫା କରି ଘରକୁ ଫେରିବାକୁ ବିପନ୍ନମାନେ ପୁନଶ୍ଚ ଆରମ୍ଭ କରୁଥିବାବେଳେ ପୁଣି ବନ୍ୟା ଜଳ ମାଡ଼ିବା ଚିନ୍ତାର କାରଣ ପାଲଟିଛି ବୋଲି ଡୋଭିଲ, ତରପଦା, ପାଟଣାର ମହିଳାମାନେ କହିଛନ୍ତି। ଏଣୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡିଛି। ୬୫ଟି ସ୍କୁଲରେ ପାଣି ପଶିବା ଫଳରେ ଛୁଟି ଘୋଷଣା କରିଚାଲିଛି ଜିଲ୍ଲା ପ୍ରଶାସନ। ୫ଟି ମେଡିକାଲରେ ବନ୍ୟା ଜଳ ଲହରୀ ମାଡୁଥିବାରୁ ଅସ୍ଥାୟୀ କ୍ୟାମ୍ପ ରେ ଚିକିତ୍ସା କରାଯାଉଛି। ଏକାଧିକ ରାସ୍ତା ଯୋଗାଯୋଗ ବିଚ୍ଛିନ୍ନ। ଏହାରି ଭିତରେ ଲଘୁଚାପ ବର୍ଷା ହେବାରୁ ବନ୍ଧ ଉପରେ ଏବଂ ଛାତ ଉପରେ ରହୁଥିବା ଲୋକେ ହନ୍ତସନ୍ତ ହେଉଛନ୍ତି।

## ଦୁର୍ଦ୍ଦଶା...

ସୂଚନା ପାଇ ଥାନା ଅଧିକାରୀଙ୍କ ନେତୃତ୍ୱରେ ପୋଲିସ ଟିମ ଲୋକେଶ ଓ ତାର ସହଯୋଗୀ ମାନଙ୍କୁ ତଳେ ପିସ୍ତଲ ରଖି ଆତ୍ମସମର୍ପଣ କରିବାକୁ କହିଥିଲେ। ମାତ୍ର ଲୋକେଶ ପୋଲିସ ସମ୍ମୁଖରେ ଆତ୍ମସମର୍ପଣ କରିବା ପରିବର୍ତ୍ତେ ପୋଲିସ ଉପରକୁ ଗୋଟିଏ ରାଉଣ୍ଡ ଗୁଳି ଚଳାଇଥିଲା ବୋଲି ଆରକ୍ଷୀ ଅଧିକ୍ଷକ କହିଛନ୍ତି। ଗୋଟିଏ ରାଉଣ୍ଡ ଗୁଳି ଚଳାଇ ଲୋକେଶ ଏକ ବାଇକ ପଛରେ ବସି ଦୃତ ଗତିରେ ଖସି ପଳାଉ ଥିବାବେଳେ ଥାନା ଅଧିକାରୀ ଗୋଟିଏ ରାଉଣ୍ଡ ଗୁଳି ଚଳାଇବାରୁ ତାର ବାମ ଗୋଡ଼ରେ ଗୁଳି ବାଜି ଥିଲା ଓ ବାଇକଟି ଖସରି ଯିବାରୁ ଉଭୟ ଚାଳକ ଓ ଲୋକେଶ ଓରଫ ଲୋକୁ ତଳେ ପଡିଯାଇଥିଲେ। ତେବେ ବାଇକ ଚାଳକ ତଥା ତାର ସହଯୋଗୀ ଘଟଣା ସ୍ଥଳରୁ ଅନ୍ଧକାରର ସୁଯୋଗ ନେଇ ଚମ୍ପଟ ମାରିଥିଲା। ମୋଟ ୫ ଜଣ ଡକାୟତ ଅଡା ଗ୍ରାମରେ ଡକାୟତି ଯୋଜନା କରୁ ଥିବାବେଳେ ଅନ୍ୟ ୩ ଜଣ ପୋଲିସ ଗାଡିକୁ ଦେଖି ଚମ୍ପଟ ମାରିଥିଲେ। ମୋଟ ୪ ଜଣ ଡକାୟତ ସିମୁଳିଆର ଅଡା ଓ ରାଣୀ ତାଲ ରାସ୍ତାର ଅଡାରେ ଏକ ଜୁଟ ହୋଇଥିଲେ।

ଆରକ୍ଷୀ ଅଧିକ୍ଷକ ଶ୍ରୀ ଦିୱାକର କହିଛନ୍ତି କି ଅନ୍ୟ ୪ ଜଣ ଅପରାଧୀଙ୍କୁ ଠାବ କରିବାକୁ ରାଜ୍ୟର ପୋଲିସ ଟିମ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ବିହାର ରାଜ୍ୟର ଲୋକେଶ ସ୍ଥାନୀୟ ଜିଲ୍ଲାର କିଛି ଯୁବକଙ୍କୁ ନିଜ ଡକାୟତ ଦଳରେ ସାମିଲ କରି ବିଭିନ୍ନ ଧନୀ ଲୋକଙ୍କ ଠିକଣା ନେଇ ରେଡ଼ି କରିବା ପରେ ଡକାୟତି କରୁଥିଲା। ନିକଟ ଅତୀତରେ ସେ ଏକ ଡକାୟତି ମାମଲାରେ ସୋର ଜେଲରେ ଥିଲା ଓ ଜାମିନ ପାଇ ଆସିଥିଲା। ଜେଲରୁ ବାହାରିବା ପରେ ସେ ବିହାର ଓ ଉତ୍ତର ପ୍ରଦେଶ ଯାଇଥିଲା। ବିହାର ସମେତ ବାଲେଶ୍ୱର ଜିଲ୍ଲାର ସୋର ଥାନା ଓ ଭଦ୍ରକ ଗ୍ରାମାଞ୍ଚଳ ଥାନା, ଖଇରା ଓ ସିମୁଳିଆ ଥାନାରେ ତା ନାମରେ ମୋଟ ୯ ଟି ଡକାୟତି ମାମଲା ରୁଜୁ ହୋଇଥିଲା। ୨୦୨୧ ମସିହା ପୂର୍ବରୁ ସେ ଭଦ୍ରକ ଓ ବାଲେଶ୍ୱର ଜିଲ୍ଲା ରେ ଡକାୟତି କରିଆସୁଥିଲା। ବିହାର ସମେତ ଓଡିଶାର ଅନ୍ୟ କେଉଁ କେଉଁ ଜିଲ୍ଲାରେ ଲୋକେଶ ଅପରାଧ ଘଟାଇଚି ତାର ତଦନ୍ତ ଜାରି ରଖିଛି ପୋଲିସ ବୋଲି ଆରକ୍ଷୀ ଅଧିକ୍ଷକ କହିଛନ୍ତି। ଆଜିର ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପରେଶ କୁମାର ରାଉତ ଉପସ୍ଥିତ ରହିଥିଲେ।

## ସଂସଦମାର୍ଗ...

ମନ୍ତ୍ରୀ କପିଲ ମିଶ୍ର ତାଙ୍କର ବଡ଼ଭାଇ। ଏହି ଘଟଣା ପରେ ସେ ତାଙ୍କୁ ଫୋନ କରିଥିଲେ। ଏହା ବ୍ୟତୀତ କେନ୍ଦ୍ର ଚିରାଗ ପାଶ୍ୱୱାନ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ତାଙ୍କ ପ୍ରତି ସମର୍ଥନ ରହିଛି ବୋଲି ଦାବି କରିଥିଲେ। ଏହି ଭିଡିଓଟି ଭାଇରାଲ ହେଲା ପରେ ନିଶୁ ଆଜାଦ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଏକ୍ସରେ ପୋଷ୍ଟ କରି ସହଯୋଗ ପାଇଁ ନିବେଦନ କରିଥିଲେ। ସେ ଉଲ୍ଲେଖ କରିଥିଲେ ଯେ, ଯେହେତୁ ସେ ଦଳିତ ସମ୍ପ୍ରଦାୟ ତାଙ୍କ ପରିବାର ଉପରେ ଆକ୍ରମଣ କରାଯାଉଛି। ରାହୁଲ ତୁରନ୍ତ ମଧ୍ୟ ଏହାର ଜବାବ ଦେଇ ନିଶୁଙ୍କ ସମର୍ଥନରେ ଟ୍ୱିଟ କରିଥିଲେ। ଏହାପରେ ସିଜେପିର ସହସଂଯୋଜକ ସୌରଭ ଦାସ, ଆଶୁତୋଷ ରଙ୍କା ନିଜ ସମର୍ଥକଙ୍କ ସହ ସଂସଦ ମାର୍ଗ ଥାନା ଆଗରେ ଧାରଣା ଦେଇଥିଲେ। ସଂସଦ ଚନ୍ଦ୍ର ଶେଖର ଆଜାଦ, ପପୁ ଯାଦବ ଧାରଣା ସ୍ଥଳରେ ପହଞ୍ଚିଥିଲେ। ଯୁବ କଂଗ୍ରେସ କର୍ମକର୍ତ୍ତାମାନେ ସେଠାରେ ପହଞ୍ଚିଥିଲେ। ଫଳରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେବାକୁ ବାଧ୍ୟ ହୋଇଥିଲା। ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଅଭିଯୋଗ ହୋଇଥିଲା। ରାହୁଲ ଗାନ୍ଧୀ ମଧ୍ୟ ତାଙ୍କ ପୋଷ୍ଟରେ ଉଲ୍ଲେଖ କରିଥିଲେ ଯେ, ସେ ନିଶୁଙ୍କ ସହ ଅଛନ୍ତି। ନିଜ ସମ୍ପ୍ରଦାୟ ଓ ଛାତ୍ରଙ୍କ ଅଧିକାର ପାଇଁ ସ୍ୱର ଉଠାଇଥିବାରୁ ଆକ୍ରମଣର ଶିକାର ହୋଇଛନ୍ତି। ଏହାପରେ ମାମଲା ଭିନ୍ନ ମୋଡ ନେଇଥିଲା। ତେବେ ମୁଣ୍ଡ ଫାଟିବା ଦାବିକୁ ଦିଲ୍ଲୀ ପୋଲିସ ଖଣ୍ଡନ କରିଛି। ଦିଲ୍ଲୀ ପୋଲିସର କାର୍ଯ୍ୟାନୁଷ୍ଠାନ ନେଇ ଆଶୁତୋଷ ରାଙ୍କା ପ୍ରଶ୍ନ ଉଠାଇଛନ୍ତି। ଖୋଲାଖୋଲି ଭାବେ ହତ୍ୟା ଉଦ୍ୟମ କରୁଥିବା ସ୍ୱୀକାର କରୁଥିବା ବ୍ୟକ୍ତିଙ୍କୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି କହିଥିଲେ।

## ଡେରିରେ...

ହୋଇପାରେ। ତେବେ ୯ ତାରିଖରୁ ବର୍ଷାର ପରିମାଣ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ମୟୂରଭଞ୍ଜ, ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲ୍ଲାର ସ୍ଥାନେ ଦୁଇସ୍ଥାନେ ପ୍ରବଳ ବର୍ଷା ନେଇ ପୂର୍ବାନୁମାନ କରାଯାଇଛି।

ଜୁନ୍ ୧ରୁ ସେପ୍ଟେମ୍ବର ୪ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ୧୧୭୩.୨ ମିମି ବର୍ଷା ରେକର୍ଡ଼ କରାଯାଇଛି। ଏହି ସମୟରେ ସ୍ୱାଭାବିକ ବର୍ଷା ୯୫୨.୫ ମିମି ହେବା କଥା। ତେବେ ସ୍ୱାଭାବିକଠାରୁ ୨୩% ଅଧିକ ବର୍ଷା ରେକର୍ଡ଼ କରାଯାଇଛି। ଗଜପତି ଜିଲ୍ଲାରେ ବର୍ଷା ପରିମାଣ କମ ରହିଛି। ଏଠାରେ ସେପ୍ଟେମ୍ବର ୪ ତାରିଖ ପର୍ଯ୍ୟନ୍ତ ୫୪୧ ମିମି ବର୍ଷା ହୋଇଥିବାବେଳେ ୨୪% କମ ବର୍ଷା ରେକର୍ଡ଼ କରାଯାଇଛି।

# ଭଦ୍ରକ ସହରର ଗଣେଶ ପୂଜା ଓ ଭସାଣି ଉତ୍ସବ-୨୦୨୬

ଭଦ୍ରକ,ତା(ସବ୍ୟୁ):ଭଦ୍ରକ ସହରର ଗଣେଶ ପୂଜା ଓ ଭସାଣି ଉତ୍ସବ-୨୦୨୬କୁ ଶାନ୍ତି,ଶୃଙ୍ଖଳା ଓ ସୌହାର୍ଦ୍ଦଭଦ୍ରକ ସହରର ଗଣେଶ ପୂଜା ଓ ଭସାଣି ଉତ୍ସବ-୨୦୨୬ପୂର୍ଣ୍ଣ ଭାବେ ପାଳନ ନିମନ୍ତେ ଆଜି ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହ ଠାରେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀସାହୁ ଗଣେଶ ପୂଜାକୁ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିବା ପାଇଁ ସମସ୍ତ ପୂଜା କମିଟିର ସହଯୋଗ କାମନା କରିଥିଲେ। ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ଆଲୋକପାତ କରିଥିଲେ ଏବଂ ସମସ୍ତ ପୂଜା କମିଟିକୁ ଅକ୍ଟୋବର ୧୧ରୁ ୧୫ତାରିଖ ମଧ୍ୟରେ ବିସର୍ଜନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ଏବଂ ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ ମଂଚାସୀନ ଥିଲେ। ପୂଜା ସମୟରେ ଭିଡ଼ ପରିଚାଳନା, ଶୋଭାଯାତ୍ରାର ସୁପରିଚାଳନା ଓ ମେଢ଼ର ଉଚ୍ଚତା ସମ୍ପର୍କିତ ନିୟମ ପାଳନ କରାଯିବ। ଅସାମାଜିକ ବ୍ୟକ୍ତିଙ୍କ ଉପରେ ତୀକ୍ଷ୍ଣ ନଜର ରହିବ ଏବଂ ବେଆଇନ ମାଦକ ଦ୍ରବ୍ୟ ବିକ୍ରି କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅବକାରୀ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ପୂଜା କମିଟି ପ୍ରତି ବର୍ଷ ପରି ଶୋଭାଯାତ୍ରା ପାଇଁ ପ୍ରଶାସନଠାରୁ ଅନୁମତି ନେବେ। ଡିଜେ ବ୍ୟବହାର ଓ ଉଚ୍ଚ ଶବ୍ଦ ଉପରେ କଟକଣା ରହିବ। ଜାତୀୟ ସବୁଜ ପ୍ରାଧିକରଣଙ୍କ ଆଦେଶ ଅନୁଯାୟୀ ପ୍ରାକୃତିକ ଜଳାଶୟ,ନଦୀଘାଟ ଓ କେନାଲରେ ବାସିଫୁଲ,ଫଳ,ପତ୍ର ଓ ପୂଜା ସାମଗ୍ରୀ ପକାଇବା ମନା। କୃତ୍ରିମ ଜଳାଶୟରେ ମୂର୍ତ୍ତି ବିସର୍ଜନ କରାଯିବ ଏବଂ ନଦୀ ଘାଟଠାରୁ ୧୦୦ମିଟର ମଧ୍ୟରେ ସଚେତନତା ଫଳକ ଲଗାଯିବ। ଭସାଣି ଶୋଭାଯାତ୍ରା ପାଇଁ ଆଲୋକ ବ୍ୟବସ୍ଥା,ରାସ୍ତା ମରାମତି ଓ ସଫେଇ,ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଆମ୍ବୁଲାନ୍ସ ସହ ମେଡିକାଲ ଟିମ୍,ଅଗ୍ନିଶମ ବିଭାଗ ଦ୍ୱାରା ଆବଶ୍ୟକ ବ୍ୟବସ୍ଥା,ଯାନବାହନ ଚଳାଚଳ ନିୟନ୍ତ୍ରଣ ଓ ବିଦ୍ୟୁତ୍ ବିଭାଗ ଦ୍ୱାରା ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀ,ବିଭିନ୍ନ ଗଣେଶ ପୂଜା କମିଟିର ସଭାପତି,ସମ୍ପାଦକ ଓ ଶାନ୍ତି କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

# ଅନ୍ୟ ପାଇଁ ଉଦାହରଣ ପାଇଲଟ କନିଷ୍କା

ଆଗରପଡ଼ା,(ସବ୍ୟୁ):ନାରୀମାନେ ପୁରୁଷ ଠାରୁ ଆଉ ପଛରେ ନାହାଁନ୍ତି। ବିଭିନ୍ନ କ୍ଷେତ୍ରରେ ପୁରୁଷଙ୍କୁ ପଛରେ ପକାଇ ନାରୀମାନେ ବହୁ ଆଗକୁ ଯାଇପାରିଛନ୍ତି। ବିଜ୍ଞାନର ଉନ୍ନତି ସଂଗେ ସଂଗେ ନାରୀମାନେ ନିଜ ପ୍ରତିଭାକୁ ସାଥି କରି ଶୀର୍ଷ ସୋପାନରେ ପହଁଚିଛନ୍ତି। ଏହିପରି ଜଣେ ଓଡ଼ିଆ ଝିଅ ହେଉଛନ୍ତି କନିଷ୍କା ପାତ୍ର। ମାତ୍ର ୧୯ ବର୍ଷ ବୟସରେ ସୁଦୂର ସାଉଥଆଫ୍ରିକା ରୁଷ୍ଟେନବର୍ଗସ୍ଥିତ ଜହ୍ନସବର୍ଗରେ ପାଇଲଟ ଭାବରେ ଟ୍ରେନିଂ ନେଉଛନ୍ତି। ସେ ବର୍ତ୍ତମାନ ୧୦ହଜାର ଫୁଟ ଆକାଶମାର୍ଗରେ ପାଇଲଟ ଭାବେ ଉଡ଼ାଜାହାଜ ଉଡ଼ାଇବାର ଦକ୍ଷତା ଅର୍ଜନ କରି ସାରିଛନ୍ତି।

ଅଳ୍ପଦିନ ପରେ ଭାରତ ଫେରି ଆସି କୌଣସି କଂପାନୀରେ ଯୋଗଦେଇ ଉଡ଼ାଜାହାଜ ଚଳାଇବେ। ବନ୍ତ ବ୍ଲକ ଅନ୍ତର୍ଗତ ସେ,,ତିରା ପଂଚାୟତ ସ୍ଥିତ ଖଳାଗଡ଼ିଆ ଗ୍ରାମବାସୀ ତଥା ନୂଆଦିଲ୍ଲୀ ଦୁସାଦ କନଷ୍ଟ୍ରକସନ କଂପାନୀ ମ୍ୟାନେଜର ସୁକାନ୍ତ ପାତ୍ର ଓ ସୁପରିତାଙ୍କ ଝିଅ କନିଷ୍କା ନୂଆଦିଲ୍ଲୀସ୍ଥିତ ଦ୍ୱାରକା ଏମଏଲ ଖାନ୍ନା ଡିଏଭି ପବ୍ଲିକ ସ୍କୁଲରେ ଅଧ୍ୟୟନ କରିଥିଲେ।

# କାଜୁ ଜଙ୍ଗଲରୁ ଯୁବକଙ୍କ ଝୁଲନ୍ତା ଶବ ଉଦ୍ଧାର, ହତ୍ୟା ଅଭିଯୋଗ

ରଣପୁର (ସବ୍ୟୁ) : ନୟାଗଡ଼ ଜିଲ୍ଲା ରଣପୁର ଥାନା ଅନ୍ତର୍ଗତ ଦର୍ପନାରାୟଣପୁର ପଞ୍ଚାୟତ ଗୋପୀନାଥପୁର ପଛପାଶ୍ୱର୍ ନିଛାଟିଆ କାଜୁ ମଧ୍ୟରୁ କାଜୁ ଗଛରେ ବନ୍ଧା ହୋଇଥିବା ଅବସ୍ଥାରେ ଜଣେ ଯୁବକଙ୍କ ଝୁଲନ୍ତା ଶବ ଉଦ୍ଧାର କରାଯାଇଥବା ଜଣାଯାଇଛି। ଏସମ୍ପର୍କରେ ରଣପୁର ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ନିକଟରୁ ଏକ ଛୁରୀ,ଚପଲ ଓ ଅନ୍ୟାନ ଜିନିଷ ଜବତକରି ଘଟଣା ସମ୍ପର୍କରେ ତଦନ୍ତ ଜାରିରଖିଥିବା ଜଣାଯାଇଛି।

ପ୍ରାପ୍ତ ସୂଚନା ଅନୁଯାଇ ଇଟାମାଟି ଥାନା ଅନ୍ତର୍ଗତ କୋଡିଏ କାହାଣିଆ ଗ୍ରାମର ଭରତ ବେହେରାଙ୍କ ପୁଅ ମାନସ ବେହେରା ଭୁବନେଶ୍ୱର ଅଞ୍ଚଳରେ ଷ୍ଟିଲ କାମ କରୁଥିଲେ। ଗୁରବାର ସନ୍ଧ୍ୟାରେ ସେ ଘରକୁ ଫେରୁଥିବା ବେଳେ ଏ ସମ୍ପର୍କରେ ଘର ଲୋକଙ୍କୁ ଫୋନରେ ଜଣାଇଥିଲା। ହେଲେ ସେ ଘରେ ପହଞ୍ଚିବାରେ ବିଳମ୍ବ ହେବାରୁ ଘରଲୋକେ ଫୋନରେ ଯୋଗାଯୋଗ କରିଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇନଥିଲା। ଘରଲୋକେ ବହୁ ଖୋଜାଲୋଡ଼ା କରିବାପରେ ଦର୍ପନାରାୟଣପୁର ଫାଣ୍ଡି ଅନ୍ତର୍ଗତ ଗୋପିନାଥ ପୁର ପଛପାଖ କାଜୁ ଜଙ୍ଗଲର ନିଛାଟିଆ ସ୍ଥାନରେ ମାନସର ଶରୀର ଝୁଲନ୍ତା ଅବସ୍ଥାରେ କାଜୁଗଛରେ ବନ୍ଧା ହୋଇଥିବା ବେଳେ ତାର ପାଟିରେ ତୁଣ୍ଡି ମରାଯାଇଥିବା ବେଳେ ତଣ୍ଟିରେ କ୍ଷତ ଲାଗିଥିବା ସହ ପ୍ରବଳ ରକ୍ତ ସ୍ରାବ ଅବସ୍ଥାରେ ଝୁଲୁଥିବା ଓ ପାଖରେ ଏକ ଛୁରୀ ପଡ଼ିଥିବା ସମ୍ପର୍କରେ ଜାଣିବା ପରେ ରଣପୁର ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରିବାସହ ଛୁରୀ ଓ ଅନ୍ୟାନ ଜିନିଷ ଜବତ କରି ତଦନ୍ତ ଜାରିରଖିଛି। ପରେ ଘଟଣା ସ୍ଥଳରେ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ଜାରିରଖିଥିବା ଜଣାଯାଇଛି। ମାନସ ଙ୍କ ଭାଇ ପ୍ରକାଶ ବେହେରା ତାଙ୍କ ଭାଇକୁ ହତ୍ୟାକରାଯାଇଥିବା ଅଭିଯୋଗ କରିଥିବା ବେଳେ ରଣପୁର ପୋଲିସ କେସ ନଂ ୨୯୩/୨୬ରେ ଏକ ହତ୍ୟା ମାମଲା ରୁଜୁକରି ତଦନ୍ତ ଜାରିରଖିଥିବା ବେଳେ ମାନସଙ୍କ ମର ଶରୀରକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଜଣାଯାଇଛି।

# କୁକୁଡ଼ା ଫାର୍ମରେ ନାବାଳିକାକୁ ଦୁଷ୍କର୍ମ, ବୃଦ୍ଧ ଅଟକ

ପାରାଦୀପ ( ଜି ପ୍ର ) : ପ୍ରତିଦିନ ଡାକୁଥିଲେ କୁକୁଡ଼ା ଫାର୍ମକୁ। କଥା ହେବା ବାହାନାରେ କରୁଥିଲେ ଦୁଷ୍କର୍ମ। ଚୋର ଘର ସବୁବେଳେ ଅନ୍ଧାର ନଥିଲା ପରିଆଜି ଲୋକଙ୍କ ହାବୁଡ଼ରେ ପଡିଗଲେ। ଏବେ ସିଧା ଥାନାରେ। ପାରାଦୀପ ଲକ ଥାନା ଅଂଚଳରେ ଏକ ଅଭାବନୀୟ ଘଟଣା ଘଟିଛି। କୁକୁଡ଼ା ଫାର୍ମରେ ଏକ ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ୭୦ ବର୍ଷ ବୟସର ବୃଦ୍ଧଙ୍କୁ ଅଟକ ରଖାଯାଇଛି। ଜୈନିକା ୧୨ ବର୍ଷର ନାବାଳିକାଙ୍କୁ ଅଭିଯୁକ୍ତ ଅକ୍ଷୟ ସଓ୍ୱାଇଁ ଏହିଭଳି ଦୁଷ୍କର୍ମ କରୁଥିବା ଅଭିଯୋଗ ହେବାପରେ ପୋଲିସ ତାକୁ ଥାନାକୁ ଆଣି ଅଟକ ରଖିବା ସହ ତଦନ୍ତ ଆରମ୍ଭ କରିଛି। ଅକ୍ଷୟ ଗ୍ରାମରେ ଏକ କୁକୁଡ଼ା ଫାର୍ମ କରି ସେହିଠାରେ ବସନ୍ତି। ଜୈନିକା ୧୨ ବର୍ଷର ନାବାଳିକାଙ୍କ ଉପରେ ତାଙ୍କର ଲୋଲୁପ ଦୃଷ୍ଟି ପଡିଥିବା ବେଳେ ସେ ଉକ୍ତ ନାବାଳିକାକୁ ଡାକି ନିଜ କୁକୁଡ଼ା ଫାର୍ମ ମଧ୍ୟରେ ଏଭଳି ଘୃଣ୍ୟ କାର୍ଯ୍ୟ କରୁଥିବା ଜଣାପଡିଛି। ଆଜି ନାବାଳିକାଙ୍କୁ ପରିବାର ପକ୍ଷରୁ ପାରାଦୀପ ଲକ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ୨୯୩ ନମ୍ବରରେ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି।

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar. Affidavit No. 84, on dated 03.09.2026. I, Papu Behera, S/o- Bibhu Prasad Behera, Resident of At- Bhotapada, Po/Ps- Mancheswar,Bhubaneswar-761017, Dist- Khordha, Odisha. Declare that I have changed my minor daughter's name from Priyanshi Behera to Prapti Parthana Behera. Henceforth, She shall be known as **Prapti Parthana Behera** for all purposes.

Sd/- Papu Behera

**CHANGE OF NAME**

By virtue of an Affidavit dt. 02-09-2026 sworn before the Executive Magistrate Bhawnipatna, District-Kalahandi, Odisha I, Seema Devangan declare that, after my marriage to Kishan Lai Bajaj, S/o-Late Parsumall Bajaj of Mahavirpada, Ward No.9 Po/Ps-Bhawanipatna, Dist-Kalahandi have changed my name and shall henceforth be known as "Garima Bajaj" for all purposes.

**NOTICE**

**RFA No. 10/2021**

**(Order-5 Rule-20 of the Code of Civil Procedure)**

**Ramadevi Sharma** ...Appellant

-Versus-

**Hare Krishna Nayak & Others** ...Respondents

To

**Hare Krishna Nayak (Respondent No.1)**

S/o: Late Madhusudan Nayak, At: Kathagada Sahi, PO: Buxi Bazar, PS: Purighat, Town/Dist.: Cuttack

Whereas, that the above named appellant made application challenging the order **dtd.05.10.2020** and decree **dtd.09.10.2020** passed in **C.S. No.1234/2016** passed by 3rd Additional Civil Judge (Senior Division), Cuttack.

You are hereby warned to appear in this court in person or by a pleader duly instructed on this **21st day of September 2026 at 10.30** O' clock on the forenoon, to show cause against the application/Appeal, failing which in the said application/appeal will be heard and determined exparty.

Given under my hand and the seal of the Court this **10th day** of **August, 2026.**

Sd/- (DISTRICT JUDGE, CUTTACK)

**GOVERNMENT OF ODISHA**
**Office of the Superintending Engineer**
**Bhanjanagar (R&B) Division. Bhanjanagar.**
**(Phone Fax (06821) 241133 E-mail eernbbngr@yahoo.com**
**Ltr. No. 7627 // Dtd. 28.08.2026**

34001/721/2627

**INVITATION FOR BIDS (IFB)**

**E-Procurement Bid Identification No. S.E-BJJ-R&B-13/2026-27**

| | | | |
|---|---|---|---|
| 1 | Name of work | : | Electrical Works |
| 2. | No of works | : | 4 Nos. Electrical Work |
| 3 | No of Covers | : | Single Cover |
| 4. | Estimated cost | : | Rs.25.52 lakhs to Rs.40.45 lakhs |
| 5 | Period of Completion | : | Three Calendar Month. |
| g | Date of time of availability of bid document in the portal | : | From 12 30 P.M. of dated 07.09.2026 to 5.00 P.M. of dated 18.09.2026. |
| 7 | Last date/time for receipt of bids in the portal | : | Up to 5 00 P.M. of dated 18.09 2026. |
| 8. | Date of opening of bid documents | : | At 11 00 A.M. of dated 19.09.2026. |
| 9 | Class of Contractor | : | Specialized Agency having MOU with associate Electrical Contractor (MV /HT or above) having valid license from ELBO |
| 10. | Name and address of officer inviting Bid | : | Superintending Engineer, Bhanjanagar (R&B) Division. Bhanjanagar |

Further details can be seen from the e-Procurement portal **www.tendersodisha.gov in**. The AddendurrtKjerrtgpndum if any will be hosted in the website only.

**Sd/- Supenntending Engineer**
**Bhan|anagar (R&B) Division**

OIPR : 34001/34015/1/26-27/0012

## ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮।

## ହାଇଟେକ୍‌ରେ ବିରଳ ଅସ୍ତ୍ରୋପଚାର

# ଫେରାଇଦେଲେ ୪ ଡାକ୍ତରଖାନା, ହାଇଟେକ୍‌ରେ ହେଲେ ସୁସ୍ଥ

ଭୁବନେଶ୍ୱର (ସବ୍ୟୁ): ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ହାଇଟେକ୍ ହସ୍ପିଟାଲ୍ ପୁଣି ଏକ ମାଇଲଖୁଣ୍ଟ ସ୍ଥାପନ କରିଛି ଓ କଟକରୁ ଆସିଥିବା



ଜଣେ ରୋଗୀକୁ ଭୁବନେଶ୍ୱରର ୪ଟି ଓ କଟକ ବଡଡାକ୍ତରଖାନା ଫେରାଇ ଦେଇଥିଲେ, ଏଠାରେ ଅସ୍ତ୍ରୋପଚାର କରାଯାଇପାରିବନି, ଦିଲ୍ଲୀ ଏମ୍‌ସକୁ ନେବା ପାଇଁ ସେମାନେ ପରାମର୍ଶ ଦେଇଥିଲେ। ହେଲେ ହାଇଟେକ୍ ହସ୍ପିଟାଲ୍ ର ବରିଷ୍ଠ ଡାକ୍ତରମାନେ ରୋଗୀର ହାର୍ଟରେ ଜଟିଳ ଅସ୍ତ୍ରୋପଚାର କରି ସୁସ୍ଥ କରିପାରିଛନ୍ତି । କଟକର ଈଶ୍ୱର ରାଉତ ଦୀର୍ଘଦିନ ଧରି ଦୁରାରୋଗରେ ପୀଡିତ ଥିଲେ ଓ ଚାଲିବା ବୁଲିବା ବନ୍ଦ ହୋଇଯାଇଥିଲା, ଏପରିକି ନିଶ୍ୱାସ ନେଲେ ଧଇଁସଇଁ ହୋଇ ବସି ପଡୁଥିଲେ ଓ ପରିବାର ଲୋକ କଟକ ଓ ଭୁବନେଶ୍ୱରରେ ଥିବା ସରକାରୀ ବଡଡାକ୍ତରଖାନା ଏବଂ ବିଭିନ୍ନ ଘରୋଇ ଡାକ୍ତରଖାନାରେ ଚିକିତ୍ସା ପାଇଁ ନେଇଥିଲେ, ହେଲେ ରୋଗୀରି ହାର୍ଟକୁ ସଂଯୋଗ କରୁଥିବା ଗୋଟିଏ ରକ୍ତନଳୀ ଫାଟି ଯାଇଥିବାରୁ, ତାର ଅସ୍ତ୍ରୋପଚାର ପାଇଁ କୌଣସି ହସ୍ପିଟାଲ ରାଜି ହୋଇନଥିଲେ ବୋଲି, ଈଶ୍ୱରଙ୍କ ପତ୍ନୀ ଓ ଭାଇ କହିଛନ୍ତି । ଏହାପରେ ଅତ୍ୟନ୍ତ ସଙ୍କଟାପନ୍ନ ଅବସ୍ଥାରେ ହାଇଟେକ୍ ମେଡିକାଲ୍ ରେ ଈଶ୍ୱରଙ୍କୁ ଭର୍ତ୍ତି କରାଯାଇଥିଲା ଓ ବରିଷ୍ଠ ହୃଦରୋଗ ବିଶେଷଜ୍ଞ ପ୍ରଫେସର ଡାକ୍ତର ଶ୍ୱେତା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡାକ୍ତର ବେରିଆନ୍ ସ୍ୱାଇଁ ଓ ଓଟି ଟିମ୍ ରୋଗୀର ଅସ୍ତ୍ରୋପଚାର କରିଥିଲେ । ମାତ୍ର କିଛିଦିନ ମଧ୍ୟରେ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇ, ଘରକୁ ଫେରିଥିଲେ। ହାଇଟେକ୍ ସବୁବେଳେ ରୋଗୀ ଓ ସେମାନଙ୍କ ପରିବାରଜନଙ୍କ ଆସ୍ଥାଭାଜନ ହୋଇପାରିଛି ବୋଲି ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡାକ୍ତର ତିରୁପତି ପାଣିଗ୍ରାହୀ କହିଛନ୍ତି।

# ଟାଟା ଡଟ୍ କାର୍ସ ପକ୍ଷରୁ କର୍ଭଭି ସିରିଜ୍ ଏକ୍ସର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ): ଭାରତର ଅଗ୍ରଣୀ ଏସୟୁଭି ନିର୍ମାତା ତଥା ଦେଶର ସର୍ବବୃହତ୍ ଚାରିଚକିଆ ଇଭି ନିର୍ମାତା ଟାଟା ଡଟ୍ କାର୍ସ ପକ୍ଷରୁ ନୂଆ କର୍ଭଭି ସିରିଜ୍ ଏକ୍ସର ଶୁଭାରମ୍ଭ ଘୋଷଣା କରାଯାଇଛି । ଏହା ଭାରତର ପ୍ରଥମ ଏସୟୁଭି କୁପର ମୂଲ୍ୟ ପ୍ରସ୍ତାବକୁ ଆହୁରି ସୁଦୃଢ଼ କରିଛି । ଏହି ସିରିଜରେ କର୍ଭଭି ସିରିଜ୍ ଏକ୍ସ ପ୍ୟୋର୍ ଏକ୍ସ, ପ୍ୟୋର୍ ପର୍ସୋନା ଏବଂ କର୍ଭଭି ସିରିଜ୍ ଏକ୍ସ କ୍ରିଏଟିଭ୍ ଏକ୍ସ ପର୍ସୋନା ସାମିଲ ରହିଛି । ନୂଆ ସିରିଜର ପ୍ରାରମ୍ଭିକ ମୂଲ୍ୟ ୯.୯୯ ଲକ୍ଷ ଟଙ୍କା ରହିଛି ।କର୍ଭଭି ସିରିଜ୍ ଏକ୍ସରେ ଆକର୍ଷଣୀୟ ଏସ୍ୟୁଭି କୁପ୍ ଡିଜାଇନ୍, ଉନ୍ନତ କାର୍ଯ୍ୟଦକ୍ଷତା, ପ୍ରିମିୟମ୍ ଫିଚର୍, ଆକର୍ଷଣୀୟ ଇଣ୍ଟେରିୟର୍ ଏବଂ ଟାଟା ସେଫଫି ଡୋମର ସୁରକ୍ଷାକୁ ଏକ ପ୍ୟାକେଜରେ ଏକତ୍ରିତ କରାଯାଇଛି । ପ୍ୟୋର୍ ଏକ୍ସ ଓ କ୍ରିଏଟିଭ୍ ଏକ୍ସର ପର୍ସୋନା ମାଧ୍ୟମରେ ଏହି ବୈଶିଷ୍ଟ୍ୟଗୁଡ଼ିକ ସ୍ପଷ୍ଟ ଭାବେ ପ୍ରକାଶ ପାଇଛି ।ଅଧିକ ଆରାମ ଚାହୁଁଥିବା ଗ୍ରାହକଙ୍କ ପାଇଁ ପ୍ୟୋର୍ ଏକ୍ସ ଅତିରିକ୍ତ ୮୦,୦୦୦ ଟଙ୍କାରେ ଉନ୍ନତ ପ୍ଲସନେସ୍ ଓ ଆର୍୧୭ ଡାଇମଣ୍ଡ-କଟ୍ ଆଲୟ ହ୍ୱିଲ୍ ଯୋଗ କରୁଛି । ସେହିପରି ଡାର୍କ ଏଡିସନ୍ ୧୧.୯୯ ଲକ୍ଷ ଟଙ୍କାରେ ପ୍ୟୋର୍ ପର୍ସୋନାରେ ଉପଲବ୍ଧ ହେଉଛି ।କର୍ଭଭି ଏକ୍ସ ସିରିଜ୍, ଚଳିତ ବର୍ଷ ଆରମ୍ଭରେ ଶୁଭାରମ୍ଭ ହୋଇଥିବା କର୍ଭଭି ଡଟ୍ ଇଭି ସିରିଜ୍ ଏକ୍ସ ସହିତ ସମାନ ଗ୍ରାହକ-ପ୍ରଥମ ଆଭିମୁଖ୍ୟକୁ ଅନୁସରଣ କରୁଛି । ଏଥିରେ ଅତ୍ୟାଧୁନିକ ଡିଜାଇନ୍, ସେଗମେଣ୍ଟ୍ ଅଗ୍ରଣୀ ଫିଚର୍, ଶ୍ରେଣୀ ଅଗ୍ରଣୀ ଆରାମ ଓ ରୋମାଞ୍ଚକର କାର୍ଯ୍ୟଦକ୍ଷତାର ମିଶ୍ରଣକୁ ଆକର୍ଷଣୀୟ ମୂଲ୍ୟରେ ପ୍ରଦାନ କରାଯାଇଛି ।

# ଓପିଜିସି ଇବ୍ ତାପଜ ବିଦ୍ୟୁତ କେନ୍ଦ୍ର ଶୀର୍ଷ ସ୍ଥାନରେ

ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ରୀୟ ବିଦ୍ୟୁତ୍ ପ୍ରାଧିକରଣ ( ସିଇଏ)ର କାର୍ଯ୍ୟଦକ୍ଷତା ରାଙ୍କିଂରେ ଓଡ଼ିଶା ବିଦ୍ୟୁତ ଉତ୍ପାଦନ ନିଗମ ଲିମିଟେଡ୍ (ଓପିଜିସ) ୩୧ ଅଗଷ୍ଟ ୨୦୨୬ ସୁଦ୍ଧା ଉଲ୍ଲେଖନୀୟ ଜାତୀୟ ସ୍ୱୀକୃତି ହାସଲ କରିଛି ।ରାଷ୍ଟ୍ରୀୟ ସ୍ତରରେ ରାଜ୍ୟ-କ୍ଷେତ୍ର ବିଦ୍ୟୁତ୍ କେନ୍ଦ୍ର ମଧ୍ୟରେ ୧ମ ସ୍ଥାନ ହାସଲ କରିଥିବାବେଳେ ଜାତୀୟ ସ୍ତରରେ ସମସ୍ତ କ୍ଷେତ୍ରରେ ୫ମ ସ୍ଥାନ ପାଇଛି । ଜାତୀୟ ସ୍ତରରେ ୧,୦୦୦ମେଗାୱାଟରୁ ଅଧିକ କ୍ଷମତା ବିଶିଷ୍ଟ ବିଦ୍ୟୁତ୍ କେନ୍ଦ୍ର ମଧ୍ୟରେ ୩ୟ ସ୍ଥାନ ପାଇଛି । ଷ୍ଟେଶନ୍ ପ୍ଲାଣ୍ଟ୍ ଲୋଡ୍ ଫ୍ୟାକଫର ରେ ବିଦ୍ୟୁତ କେନ୍ଦ୍ରର ଅଗ୍ରଣୀ ସ୍ଥାନ ନିରନ୍ତର ଉଚ୍ଚ କାର୍ଯ୍ୟକ୍ଷମତା ଏବଂ ନିର୍ଭରଯୋଗ୍ୟତାକୁ ପ୍ରତିଫଳିତ କରେ । ପ୍ଲାଣ୍ଟ୍ ଓଡ଼ିଶାର ଗ୍ରୀଡକୁ ନିର୍ଭରଯୋଗ୍ୟ ବିଦ୍ୟୁତ୍ ପ୍ରଦାନ କରିବା ସହିତ ସୁରକ୍ଷା ଏବଂ ପ୍ଲାଣ୍ଟ୍ ହାଉସକିପିଂରେ ସିଇଏର ହଲମାର୍କ ମାନଦଣ୍ଡକୁ ବଜାୟ ରଖିଛି ।ଏହି ମାଇଲଖୁଣ୍ଟ ଟିମ୍ ଓପିଜିସିର ଅଟଳ ସମର୍ପଣ, ଶୃଙ୍ଖଳା ଏବଂ ସମନ୍ୱୟର ଏକ ସିଧାସଳଖ ପ୍ରତିଫଳନ । କାର୍ଯ୍ୟକ୍ଷମ ଉତ୍କର୍ଷତା, କଠୋର ସୁରକ୍ଷା ମାନଦଣ୍ଡ ଏବଂ ବିଶ୍ୱସ୍ତରୀୟ ପ୍ଲାଣ୍ଟ ହାଉସକିପିଂ ଉପରେ ନିରନ୍ତର ଧ୍ୟାନ ଦେଇ, ଓପିଜିସି କେବଳ ବିଦ୍ୟୁତ ଉତ୍ପାଦନ କରୁନାହିଁ - ଏହା ଜାତୀୟ ପ୍ରଗତି, ନିର୍ଭରଯୋଗ୍ୟତା ଏବଂ ଅପାର ଗର୍ବକୁ ଶକ୍ତି ପ୍ରଦାନ କରୁଛି ।

## ଇସ୍କନ ମନ୍ଦିର ଶ୍ରଦ୍ଧାଳୁଙ୍କ ବେକରୁ ସୁନାଚେନ ଲୁଟ୍, ୨ ମହିଳା ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଜନ୍ମାଷ୍ଟମୀରେ ଇସ୍କନ ମନ୍ଦିରରେ ଗହଳି ହୋଇଥିଲା । ଗହଳିର ସୁଯୋଗ ଉଣ୍ଡି ଦୁଇଜଣ ମହିଳା ଜଣେ ଶ୍ରଦ୍ଧାଳୁଙ୍କ ବେକରୁ ଲକେଟ ଥିବା ସୁନାଚେନ ଲୁଟି ନେଇଥିଲେ । ଅଭିଯୋଗ ହେବା ପରେ ନୂଆପଲ୍ଲୀ ଥାନା ପୋଲିସ ଅବିଳମ୍ବେ ଦୁଇ ମହିଳାଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଲୁଟ୍ ଚେନ ଜବତ କରିଛି । ଅକ୍ଷୟ କୁମାର ସାଥୁଆ ଜନ୍ମାଷ୍ଟମୀ ଉପଲକ୍ଷେ ତାଙ୍କ ଝିଅକୁ ସାଙ୍ଗରେ ଧରି ଇସ୍କନ ମନ୍ଦିର ଯାଇଥିଲେ । ମନ୍ଦିରରେ ପ୍ରବଳ ଭିଡ ଥିବାରୁ କେହି ଅଜଣା ଦୁର୍ବୃତ୍ତ ତାଙ୍କ ଝିଅ ବେକରୁ ଲକେଟ୍ ଥିବା ସୁନାଚେନ ଝାମ୍ପି ନେଇଥିଲା । ମନ୍ଦିର ପରିସରରେ ବହୁ ଖୋଜାଖୋଜି ପରେ ଚେନ୍ ନପାଇବାରୁ ପୋଲିସରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ନିର୍ଭରଯୋଗ୍ୟ ସୂତ୍ରରୁ ଖବର ପାଇ ସିଆର୍‌ପି ଛକରୁ ଦୁଇ ମହିଳାଙ୍କୁ ଗିରଫ କରିଥିଲା । କାରଣ ଲୁଟ୍ ଚେନ ଦୁହେଁ ବିକ୍ରି କରିବାକୁ ଉଦ୍ୟମ କରୁଥିଲେ । ଗିରଫ ଦୁଇ ମହିଳାଙ୍କୁ ପୋଲିସ ଗିରଫ କରିବା ପରେ ତାଙ୍କ ନିକଟରୁ ଲୁଟ୍ ଚେନ ଜବତ କରାଯାଇଥିଲା । ଗିରଫ ଦୁଇ ମହିଳା ହେଲେ କୁମୁଦିନୀ ବଡଜେନା (୫୫) ଓ କାଇ ପାଲଟାସିଂହ (୬୦) । ଉଭୟଙ୍କ ଘର ପୁରୀ ଜିଲ୍ଲା କଣାସ ଥାନା ଅନ୍ତର୍ଗତ ତିଗିରିଆ ଗ୍ରାମରେ ବୋଲି ପୋଲିସ କହିଛି । କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ଦୁହିଁଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ଆଧୁନିକ ଏଲ୍‌ଏଚ୍‌ବି କୋଚ ସହ ଚାଲିବ ପୁରୀ-ପାଟଣା-ପୁରୀ ଏକ୍ସପ୍ରେସ୍

ଭୁବନେଶ୍ୱର, (ସବ୍ୟୁ): ଯାତ୍ରୀମାନଙ୍କ ସୁରକ୍ଷା, ଆରାମ ଏବଂ ଯାତ୍ରା ଅନୁଭୂତିକୁ ଆହୁରି ଉନ୍ନତ କରିବା ପାଇଁ ପୂର୍ବତଟ ରେଳପଥ ପୁରୀ-ପାଟଣା-ପୁରୀ ଏକ୍ସପ୍ରେସ୍‌ରେ ଆଧୁନିକ ଏଲଏଚବି କୋଚ ପ୍ରଚଳନ କରିବାକୁ ନିଷ୍ପତ୍ତି ନେଇଛି। ଟ୍ରେନ ନମ୍ବର ୧୮୪୦୫/୧୮୪୦୬ ପୁରୀ–ପାଟଣା ଜଙ୍କସନ୍–ପୁରୀ ଏକ୍ସପ୍ରେସ୍ ଆଧୁନିକ ଏଲ ଏଚ ବି କୋଚ୍ ସଂଯୋଜନ ସହ ୫ ସେପ୍ଟେମ୍ବର ୨୦୨୬ ଠାରୁ ପୁରୀରୁ ଏବଂ ୬ ସେପ୍ଟେମ୍ବର ୨୦୨୬ ଠାରୁ ପାଟନାରୁ ଚଳାଚଳ କରିବ। ଉନ୍ନତ କୋଚ ସଂଯୋଜନରେ ଗୋଟିଏ ଲଗେଜ୍-କମ୍-ଜେନେରେଟର୍-କମ୍-ବ୍ରେକ୍ ଭ୍ୟାନ୍, ଗୋଟିଏ ଲଗେଜ୍-କମ୍-



ଦିବ୍ୟାଙ୍ଗ-ଅନୁକୂଳ କୋଚ, ଚାରିଟି ସାଧାରଣ ଶ୍ରେଣୀ କୋଚ, ଆଠଟି ସ୍ଲିପର କ୍ଲାସ କୋଚ, ତିନୋଟି ଥାର୍ଡ ଏସି କୋଚ ଏବଂ ଗୋଟିଏ ସେକେଣ୍ଡ ଏସି କୋଚ ରହିବ। ଆଧୁନିକ ଏଲଏଚବି କୋଚର ପ୍ରଚଳନ ପୂର୍ବତଟ ରେଳପଥ ପକ୍ଷରୁ ଟ୍ରେନ ସେବାର ଆଧୁନିକୀକରଣ ଏବଂ ଯାତ୍ରୀମାନଙ୍କୁ ଅଧିକ ସୁରକ୍ଷିତ, ଆରାମଦାୟକ ଓ ଉନ୍ନତ ଯାତ୍ରା ଅନୁଭୂତି ପ୍ରଦାନ ଦିଗରେ ଜାରି ରହିଥିବା ପ୍ରୟାସର ଏକ ଅଂଶ।

## ଡିଏଭି ଏସ୍‌ସିବି ମେଡିକାଲ ପବ୍ଲିକ ସ୍କୁଲରେ ସମ୍ବର୍ଦ୍ଧନା ଉତ୍ସବ

# ଉଡାନ୍ - ୨୦୨୬ ଉନ୍ମୋଚିତ

କଟକ, (ସ୍ୱପ୍ର) : ସଫଳତାର ସ୍ୱର୍ଣ୍ଣିମ ସୋପାନ ଅତିକ୍ରମ କରି ଶିକ୍ଷାକ୍ଷେତ୍ରରେ ଉଜ୍ଜ୍ୱଳ କୀର୍ତ୍ତି ସ୍ଥାପନ କରିଥିବା ମେଧାବୀ ଶିକ୍ଷାର୍ଥୀମାନଙ୍କୁ ସମ୍ମାନ ଜଣାଇବା




ଉଦ୍ଦେଶ୍ୟରେ ଡିଏଭି ଏସ୍‌ସିବି. ମେଡିକାଲ ପବ୍ଲିକ ସ୍କୁଲ ପକ୍ଷରୁ ଏକ ଭବ୍ୟ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଯାଇଛି । ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ସିବିଏସଇ ଦ୍ୱାରା ଆୟୋଜିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ ୯୦ ପ୍ରତିଶତ ଏବଂ ତଦୁର୍ଦ୍ଧ୍ୱର୍ ନମ୍ବର ହାସଲ କରିଥିବା ୧୩୪ ଜଣ ଛାତ୍ରଛାତ୍ରୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଗୌରବମୟ ଉତ୍ସବରେ ନ୍ୟାସନାଲ ଲ'ୟୁନିଭର୍ସିଟିର କୁଳପତି ପ୍ରଫେସର ଡ଼. କେ. ବିଦ୍ୟୁଲ୍ଲଥା ରେଡ୍ଡୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଧାବୀ ଶିକ୍ଷାର୍ଥୀମାନଙ୍କୁ ସଫଳତାର ନୂତନ ଦିଗନ୍ତ ଅଭିମୁଖେ ଅଗ୍ରସର ହେବାକୁ ପ୍ରେରଣା ପ୍ରଦାନ କରିଥିଲେ । ଡିଏଭି ଇନ୍‌ଷ୍ଟିଚ୍ୟୁସନ୍ସର ଆଞ୍ଚଳିକ ଅଫିସର ତଥା ବିଦ୍ୟାଳୟର ମ୍ୟାନେଜର ଡ଼. ସୁଜାତା ସାହୁ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ପେନସିଲ, ରବର ଏବଂ ସାର୍ପେନରର ଉଦାହରଣ ଦେଇ କହିଥିଲେ ଯେ, ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କର ବାରମ୍ବାର ତ୍ରୁଟି ସଂଶୋଧନ କରିବା ଦ୍ୱାରା ସେମାନଙ୍କର ଉନ୍ନତି ସାଧିତ ହୋଇଥାଏ । ଶିକ୍ଷକମାନେ ଏଥିପ୍ରତି ଯତ୍ନବାନ୍ ହେବା ଉଚିତ । ପ୍ରଫେସର ଡ଼. କାଞ୍ଚନବାଳା ପଟ୍ଟନାୟକ ତଥା ଡିଏଭି ଇନ୍‌ଷ୍ଟିଚ୍ୟୁସନ୍ସର ପୂର୍ବତନ ଆଞ୍ଚଳିକ ଅଫିସର ଲୋକନାଥ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କଟକରେ ଅବସ୍ଥିତ ଅନ୍ୟ ଡିଏଭି ସ୍କୁଲର ଅଧ୍ୟକ୍ଷ ଏବଂ ଅଧ୍ୟକ୍ଷାମାନେ ଏହି ଉତ୍ସବରେ ଆମନ୍ତ୍ରିତ ଅତିଥିଭାବେ ଉପସ୍ଥିତ ଥିଲେ । ବିଦ୍ୟାଳୟର ପରୀକ୍ଷା ବିଭାଗ ଦ୍ୱାରା ପ୍ରକାଶିତ ପରୀକ୍ଷା ଫଳ ପୁସ୍ତିକା ଉଡାଣ-୨୦୨୬ ଅତିଥିମାନଙ୍କ କରକମଳରେ ଉନ୍ମୋଚିତ ହୋଇଥିଲା । ବିଦ୍ୟାଳୟର ଅଧ୍ୟକ୍ଷ ଡ଼. ନିରଞ୍ଜନ ସ୍ୱାଇଁ ଛାତ୍ରଛାତ୍ରୀମାନଙ୍କର ବାର୍ଷିକ ସଫଳତା ବିବରଣୀ ପାଠ କରିବା ସହିତ କୃତୀ ଶିକ୍ଷାର୍ଥୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଥିଲେ । ଶିକ୍ଷୟିତ୍ରୀ କଲ୍ୟାଣୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଦୁଇଟି ଲୁଟ୍ ଟ୍ରକ୍ ଜବତ, ଲୁଟେରା ଗିରଫ

ଭୁବନେଶ୍ୱର, (ସବ୍ୟୁ) : ତମାଣ୍ଡୋ ଥାନା ପୋଲିସ ଦୁଇଟି ଲୁଟ୍ ଟ୍ରକ୍ ଜବତ କରିବା ସହ ଲୁଟେରା ଡ୍ରାଇଭରକୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି । କୋର୍ଟଚାଲାଣ ହୋଇଥିବା ଡ୍ରାଇଭର ନୟାଗଡର ନବକିଶୋର ବେହେରା (୩୫) ବୋଲି ପୋଲିସ କହିଛି । ସ୍ୱାମୀଙ୍କ ମୃତ୍ୟୁ ପରେ ଅଭିଯୋଗକାରିଣୀ ଝୁନୁ ରାଉଳ ପରିବାର ପ୍ରତିପୋଷଣ ପାଇଁ ୩ଟି ଟ୍ରକ୍ କିଣିଥିଲେ । ଅଭିଯୁକ୍ତ ନବକିଶୋର ବେହେରାକୁ ଡ୍ରାଇଭର ଭାବେ ନିଯୁକ୍ତି ଦେଇଥିଲେ । ମାତ୍ର ନବ ଗାଡି ଭଡାରୁ ରୋଜଗାର ହେଉଥିବା ଟଙ୍କାକୁ ଠକାମୀ କରୁଥିବା ଜଣାପଡିବା ପରେ ତାକୁ କାମରୁ ବାହାର କରିଦେଇଥିଲେ ଅଭିଯୋଗକାରୀ । ଏଥିରେ ଉତ୍‌କ୍ଷିପ୍ତ ହୋଇ ଜୁଲାଇ ୪ ତାରିଖ ଦିନ ଅଭିଯୁକ୍ତ ନବ ତା'ର ସହଯୋଗୀମାନଙ୍କ ସହ ମିଶି ଅଭିଯୋଗକାରିଣୀଙ୍କ ଘରେ ପଶିଥିଲା । ସେଠାରେ ସେମାନେ ତାକୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାର୍‌ପିଟ୍ କରି ଅସଦାଚରଣ କରିଥିଲେ । ବନ୍ଧୁକର ଏକ ଫଟୋ ଦେଖାଇ ଜୀବନରେ ମାରିଦେବାର ଧମକ ଦେଇ ଟ୍ରକ୍‌ଗୁଡିକୁ ଜୋର୍‌ଜବରଦସ୍ତ ଲୁଟି ନେଇଥିଲେ ।

## ମଳିପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ

ନିରାକାରପୁର, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ମଳିପଡ଼ା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପର୍ବ ମହା ଆଡ଼ମ୍ବର ଓ ଉତ୍ସାହର ସହ ପାଳିତ ହୋଇଯାଇଛି ।ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ମହାପାତ୍ର ଏବଂ ଉପଦେଷ୍ଟା ଦୁଃଶାସନ ବଳବନ୍ତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସୁଚାରୁରୂପେ ପରିଚାଳିତ ହୋଇଥିଲା । ଏହି ଅବସରରେ ସ୍କୁଲ ପରିସରରେ ଥିବା ମଥୁରା ଦାସ ମଠରେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ମନୋଜ୍ଞ ନୃତ୍ୟ ଓ ସଂଗୀତ ପରିବେଷଣ କରାଯାଇଥିଲା । ହରିବୋଲ, ହୁଳହୁଳି ଓ ସଙ୍କୀର୍ତ୍ତନ ଧ୍ୱନିରେ ସମଗ୍ର ମଠ ପରିବେଶ ମୁଖରିତ ହୋଇଉଠିଥିଲା ।ଶେଷରେ ବିଦ୍ୟାଳୟର ସଂଯୋଜକ ପ୍ରମୋଦ କୁମାର ଭୁଜବଳ ଭଗବାନ ଶ୍ରୀକୃଷ୍ଣଙ୍କ ମହିମା, ଆଦର୍ଶ ଓ ସଂସ୍କୃତି ବିଷୟରେ ଆଲୋକପାତ କରିବା ସହ ନିଜର ଅଭିଭାଷଣ ପ୍ରଦାନ କରି ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ କରାଇଥିଲେ ।

## ପ୍ରତିରକ୍ଷା କ୍ଷେତ୍ରର ରଣନୀତିକ ଖଣିଜ ମୂଲ୍ୟାଙ୍କନ ନେଇ

# ନୀତି ଆୟୋଗ କମିଟିର ବୈଠକ, ଜାତୀୟସ୍ତରୀୟ ବିଶେଷଜ୍ଞଙ୍କ ଯୋଗଦାନ

ଭୁବନେଶ୍ୱର, (ସବ୍ୟୁ): ନୀତି ଆୟୋଗଙ୍କ ଦ୍ୱାରା ଗଠିତ ପ୍ରତିରକ୍ଷା କ୍ଷେତ୍ରରେ ରଣନୀତିକ ଖଣିଜ ପଦାର୍ଥର ମୂଲ୍ୟାଙ୍କନ କମିଟିର ଦ୍ୱିତୀୟ ବୈଠକ ଭୁବନେଶ୍ୱରସ୍ଥିତ ସିଏସ୍‌ଆଇଆର୍-ଇନଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍ସ ଆଣ୍ଡ ମ୍ୟାଟେରିଆଲ୍ସ ଟେକ୍ନୋଲୋଜି ପରିସରରେ ଅନୁଷ୍ଠିତ ହୋଇଥିଲା। ନୀତି ଆୟୋଗର ସିକ୍ୟୁରିଟି ଆଣ୍ଡ ଷ୍ଟ୍ରାଟେଜିକ୍ ଆଫେୟାର୍ସର ପ୍ରୋଗ୍ରାମ ଡାଇରେକ୍ଟର ତଥା ଅବସରପ୍ରାପ୍ତ ମେଜର ଜେନେରାଲ୍ କେ. ନାରାୟଣନ୍, ଏଭିଏସ୍‌ଏମ୍, ଏସ୍‌ଏମ୍ (ଅବସରପ୍ରାପ୍ତ) ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ବିଏଚ୍‌ଇଏଲ୍, ଏଚ୍‌ଏଏଲ୍, ମିଧାନି ଏବଂ ଇସିଆଇଏଲ୍ ସମେତ ପ୍ରମୁଖ ସରକାରୀ ଉଦ୍ୟୋଗଗୁଡ଼ିକର ପ୍ରତିନିଧିମାନେ ଯୋଗଦେଇଥିଲେ। ଏଥିସହିତ



ସିଏସ୍‌ଆଇଆର୍, ଡିଆର୍ଡିଓ ଭଳି ଜାତୀୟ ଗବେଷଣା ଓ ବିକାଶ ପରୀକ୍ଷାଗାରର ବିଶେଷଜ୍ଞମାନେ, ନୀତି ଆୟୋଗ, ପ୍ରତିରକ୍ଷା ବିଭାଗ ଏବଂ ଅନ୍ୟାନ୍ୟ ସରକାରୀ ସଂଗଠନର ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମର ଅଂଶ ଭାବେ ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିର ବିଜନେସ୍ ଡେଭେଲପମେଣ୍ଟ ଓ ସେଣ୍ଟର ଅଫ୍ ଏକ୍ସେଲେନ୍ସ ର ମୁଖ୍ୟ ଡ. କାଳୀ ସଞ୍ଜୟ ପ୍ରତିନିଧିମଣ୍ଡଳୀକୁ ଅନୁଷ୍ଠାନର ବିଭିନ୍ନ ଗବେଷଣା, ପାଇଲଟ୍ ଓ ପ୍ରଦର୍ଶନୀ ସୁବିଧା ପରିଦର୍ଶନ କରାଇଥିଲେ। ଏହି ଅବସରରେ ସେ ଖଣିଜ ପ୍ରକ୍ରିୟାକରଣ, ନିଷ୍କାଷଣ ଧାତୁବିଜ୍ଞାନ ଏବଂ ପ୍ରାଥମିକ ଓ ଦ୍ୱିତୀୟ ସ୍ରୋତରୁ ଗୁରୁତ୍ୱପୂର୍ଣ୍ଣ ଖଣିଜର ପୁନରୁଦ୍ଧାର ଓ ମୂଲ୍ୟବୃଦ୍ଧି କ୍ଷେତ୍ରରେ ଅନୁଷ୍ଠାନର କ୍ଷମତା ଏବଂ ଚାଲିଥିବା କାର୍ଯ୍ୟ ସମ୍ପର୍କରେ ପ୍ରତିନିଧିମଣ୍ଡଳୀକୁ ଅବଗତ କରାଇଥିଲେ। ପ୍ରତିନିଧିମଣ୍ଡଳୀ ଭୁବନେଶ୍ୱରସ୍ଥିତ ନାଲ୍‌କୋ ରିସର୍ଚ୍ଚ ଆଣ୍ଡ ଟେକ୍ନୋଲୋଜି ସେଣ୍ଟର ରେ ନିକଟରେ ଉଦ୍‌ଘାଟିତ ଦୈନିକ ୫୦ କିଲୋଗ୍ରାମ କ୍ଷମତା ବିଶିଷ୍ଟ ଫ୍ଲାଏ ଆଶ୍ ପ୍ରୋସେସିଂ ପାଇଲଟ୍ ପ୍ଲାଣ୍ଟ ମଧ୍ୟ ପରିଦର୍ଶନ କରିଥିଲେ। ଏହି ଆଲୋଚନାରେ ଗୁରୁତ୍ୱପୂର୍ଣ୍ଣ ଓ ରଣନୀତିକ ଖଣିଜର ରଣନୀତିକ ଗୁରୁତ୍ୱ ସହିତ ସେଗୁଡ଼ିକର ମୂଲ୍ୟ ଶୃଙ୍ଖଳାର ପ୍ରତ୍ୟେକ ସ୍ତରରେ ଦେଶୀୟ କ୍ଷମତାକୁ ସୁଦୃଢ଼ କରିବାର ଆବଶ୍ୟକତା ନେଇ ମଧ୍ୟ ଆଲୋଚନା ହୋଇଥିଲା।

## ପାରାଦ୍ୱୀପରେ ଏଏମ୍/ ଏନ୍‌ଏସ୍ ଇଣ୍ଡିଆ

# ଟାଇମ୍ସ କ୍ରିଟିକାଲ ଥିଙ୍କିଂ ଚାମ୍ପିୟନସିପ୍ କୃତୀ ପ୍ରତିଯୋଗୀ ସମ୍ବର୍ଦ୍ଧିତ

ଭୁବନେଶ୍ୱର (ସବ୍ୟୁ): ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ), ଟାଇମ୍ସ ଫାଉଣ୍ଡେସନ୍ ସହଭାଗିତାରେ, ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଟାଇମ୍ସ କ୍ରିଟିକାଲ ଥିଙ୍କିଂ ଚାମ୍ପିୟନଶିପ୍ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଟିସିଟିସି) ୨୦୨୬ର କୃତୀ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ସେପ୍ଟେମ୍ବର ୪, ୨୦୨୬ରେ ପାରାଦ୍ୱୀପସ୍ଥିତ ଜୟଦେବ ସଦନଠାରେ ଏକ ସମ୍ବର୍ଦ୍ଧନା ସମାରୋହ ଆୟୋଜନ କରିଥିଲା। ପାରାଦ୍ୱୀପର ବିଭିନ୍ନ ବିଦ୍ୟାଳୟରୁ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ୩୪ ଜଣ ଛାତ୍ରଛାତ୍ରୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଜାତୀୟ ଶିକ୍ଷା ନୀତି (ଏନଇପି) ୨୦୨୦ର ଦୃଷ୍ଟିକୋଣ ସହ ସମନ୍ୱୟ ରକ୍ଷା କରି ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମାଲୋଚନାତ୍ମକ ଚିନ୍ତାଧାରା, ବିଶ୍ଳେଷଣାତ୍ମକ ଯୁକ୍ତି, ସମସ୍ୟା ସମାଧାନ ଏବଂ ନିଷ୍ପତ୍ତି ଗ୍ରହଣ ଭଳି ଦକ୍ଷତା ବିକଶିତ କରିବା ଉଦ୍ଦେଶ୍ୟରେ ଏହି ଚାମ୍ପିୟନଶିପ୍ ର ପରିକଳ୍ପନା କରାଯାଇଛି । ପାରାଦ୍ୱୀପରେ ୨୧ଟି ବିଦ୍ୟାଳୟର ୪,୦୦୦ରୁ ଅଧିକ ଛାତ୍ରଛାତ୍ରୀ ପ୍ରଥମ ରାଉଣ୍ଡରେ ଅଂଶଗ୍ରହଣ କରିଥିଲେ। ଗୋବିନ୍ଦ ଚନ୍ଦ୍ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ନିଶାନ ମଣ୍ଡଳ ରାଜ୍ୟସ୍ତରରେ ଦ୍ୱିତୀୟ ରାଉଣ୍ଡ ପାଇଁ ସଫଳତାର ସହ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାରାଦ୍ୱୀପ ପୌରପାଳିକାର ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପାରାଦ୍ୱୀପ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡାଙ୍କ ସହିତ ଏଏମ୍/ଏନ୍‌ଏସ୍ ଇଣ୍ଡିଆ ର ବରିଷ୍ଠ ନେତୃବୃନ୍ଦ ଯଥା ମାନବ ସମ୍ବଳ ଓ ପ୍ରଶାସନ ବିଭାଗ (ପୂର୍ବ) ମୁଖ୍ୟ ଡ. ଦେବବ୍ରତ ଦାଶ, ପାରାଦ୍ୱୀପ ପେଲେଟ୍ ପ୍ଲାଣ୍ଟ ମୁଖ୍ୟ ଭାବେଶ ଝା, ସିଏସ୍‌ଆର ବିଭାଗ ମୁଖ୍ୟ ଡ. ବିକାଶ ଯାଦବେନ୍ଦୁ, ଟାଇମ୍ସ ଫାଉଣ୍ଡେସନ୍ ଅପରେସନ୍ସ ବିଭାଗ ମୁଖ୍ୟ ଶ୍ରୀମତୀ ଆରୁଷି ମାଥୁର, ନୂଆଗଡ଼ ସରପଞ୍ଚ ଦେବେନ୍ଦ୍ର ରାଉତ, ଏବଂ ପାରାଦ୍ୱୀପଗଡ଼ ସରପଞ୍ଚ ଶ୍ରୀମତୀ ଶଶ୍ମିତା ବେହେରା ଆଦି ଉପସ୍ଥିତ ଥିଲେ।

ଉପସ୍ଥିତ ଅତିଥିମାନେ ସମାବେଶକୁ ସମ୍ବୋଧିତ କରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମାଲୋଚନାତ୍ମକ ଚିନ୍ତାଧାରାର ବିକାଶ ଏବଂ ଭବିଷ୍ୟତ ନେତୃତ୍ୱ ଗଠନରେ ଶିକ୍ଷାର ଭୂମିକା ଉପରେ ଆଲୋକପାତ କରିଥିଲେ।



ସମ୍ବର୍ଦ୍ଧନା ସମାରୋହରେ ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ନିଜ ଅନୁଭୂତି ବାଣ୍ଟିବା ପରେ କୃତୀ ପ୍ରତିଯୋଗୀମାନଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ, "ଏଆଇ, ପ୍ରଯୁକ୍ତିବିଦ୍ୟା ଓ ନବସୃଜନ ଦ୍ୱାରା ଦ୍ରୁତ ଗତିରେ ପରିବର୍ତ୍ତିତ ହେଉଥିବା ଏହି ବିଶ୍ୱରେ ପିଲାମାନଙ୍କ ମଧ୍ୟରେ ଜିଜ୍ଞାସା, ସମାଲୋଚନାତ୍ମକ ଚିନ୍ତାଧାରା, ତାର୍କିକ ଚିନ୍ତାଧାରା, ସମସ୍ୟା ସମାଧାନର ଦକ୍ଷତା ଏବଂ ଶିଖିବାର ମାନସିକତା ବିକଶିତ ହେବା ଆବଶ୍ୟକ। ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଟାଇମ୍ସ କ୍ରିଟିକାଲ ଥିଙ୍କିଂ ଚାମ୍ପିୟନଶିପ୍ ଛାତ୍ରଛାତ୍ରୀଙ୍କ ବିକାଶର ଏହି ଭିତ୍ତିକୁ ସୁଦୃଢ଼ କରିବାରେ ସହାୟକ ହୋଇଛି। ପାରାଦ୍ୱୀପରୁ ୪,୦୦୦ରୁ ଅଧିକ ବିଦ୍ୟାଳୟ ଛାତ୍ରଛାତ୍ରୀ ଏବଂ ସମଗ୍ର ଓଡ଼ିଶାର ୫୪ଟି ବିଦ୍ୟାଳୟରୁ ୧୧,୦୦୦ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବାରୁ ଏହା ଆମ ସମସ୍ତଙ୍କ ପାଇଁ ଆନନ୍ଦ ଓ ଗର୍ବର ବିଷୟ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆମ ଅଞ୍ଚଳର ପ୍ରତିଭା ଚିହ୍ନଟ କରିବା ପାଇଁ ପ୍ରୟାସ କରିଥିବାରୁ ମୁଁ ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଏବଂ ଟାଇମ୍ସ ଫାଉଣ୍ଡେସନ କୁ ଧନ୍ୟବାଦ ଜଣାଉଛି।

ଏହି ଅବସରରେ ଏଏମ୍/ଏନ୍‌ଏସ୍ ଇଣ୍ଡିଆ ମାନବ ସମ୍ବଳ ଓ ପ୍ରଶାସନ ବିଭାଗ ନିର୍ଦ୍ଦେଶକ ତଥା ଭାଇସ୍ ପ୍ରେସିଡେଣ୍ଟ ଆଶୁତୋଷ ତେଲାଙ୍ଗ କହିଥିଲେ, "ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଓଡ଼ିଶାରେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଜାତୀୟ ସ୍ତରର ପ୍ରତିଯୋଗିତା ଅୟୋଜନ କରି ଅତ୍ୟନ୍ତ ଆନନ୍ଦିତ ଅନୁଭବ କରୁଛି। ଜାତୀୟସ୍ତରରେ ୧୦ ଲକ୍ଷରୁ ଅଧିକ ବିଦ୍ୟାଳୟ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିବାରୁ ଏହାର ପ୍ରଭାବ ଇତିମଧ୍ୟରେ ବେଶ ବ୍ୟାପକ ହୋଇଛି। ଆଗାମୀ ସଂସ୍କରଣଗୁଡ଼ିକୁ ଆହୁରି ବ୍ୟାପକ କରିବା ସହ ଅଧିକ ସଂଖ୍ୟକ ଯୁବ ପ୍ରତିଭା ଯେପରି ଏହି ମଞ୍ଚରୁ ଉପକୃତ ହୋଇପାରିବେ, ସେଥିପାଇଁ ଆମେ ପ୍ରତିବଦ୍ଧ। ଜାତୀୟସ୍ତରରେ ଏହି କାର୍ଯ୍ୟକ୍ରମରେ ତୃତୀୟରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୪,୦୦୦ଟି ବିଦ୍ୟାଳୟର ୧୦ ଲକ୍ଷ ଛାତ୍ରଛାତ୍ରୀଙ୍କୁ ସାମିଲ କରାଯାଉଛି। ସେପ୍ଟେମ୍ବର ୧୯, ୨୦୨୬ରେ ନୂଆଦିଲ୍ଲୀସ୍ଥିତ ପ୍ରଧାନମନ୍ତ୍ରୀ ସଂଗ୍ରହାଳୟରେ ଗ୍ରାଣ୍ଡ ଫିନାଲେ ସହିତ ଏହି ଚାମ୍ପିୟନଶିପ୍‌ର ସମାପନ ହେବ। ଏଠାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ଅସାଧାରଣ ଦକ୍ଷତା ପାଇଁ ସମ୍ମାନିତ କରାଯିବ।

# ଗୌରାଙ୍ଗ ସେବା ଫାଉଣ୍ଡେସନ୍ ଦ୍ୱାରା ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳିତ

ଭୁବନେଶ୍ୱର (ସବ୍ୟୁ): ଗୌରାଙ୍ଗ ସେବା ଫାଉଣ୍ଡେସନର ହରେ କୃଷ୍ଣ ଭକ୍ତମାନେ ୪ତାରିଖରେ ଭୁବନେଶ୍ୱରସ୍ଥିତ କ୍ରିଷ୍ଟାଲ୍ କ୍ରାଉନ୍, ପଟିଆରେ ଏକ ମହାନ କୃଷ୍ଣ ଜନ୍ମାଷ୍ଟମୀ ଉତ୍ସବର ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଭକ୍ତଙ୍କ ସମାବେଶ ହୋଇଥିଲା । ସଂଧ୍ୟାରେ ଏହି ଉତ୍ସବ ଆଧ୍ୟାତ୍ମିକ କୀର୍ତ୍ତନ ଏବଂ ଭଜନ ସହିତ ଆରମ୍ଭ ହୋଇଥିଲା ଯାହା ପରିବେଶକୁ ଆଧ୍ୟାତ୍ମିକ ଶକ୍ତିରେ ପରିପୂର୍ଣ୍ଣ କରିଥିଲା। ସାରା ସହରରୁ ଭକ୍ତମାନେ ଭଗବାନ ଶ୍ରୀକୃଷ୍ଣଙ୍କ ସ୍ତୁତି ଗାନ କରିବାକୁ ଏକତ୍ରିତ ହୋଇଥିଲେ, ତାଙ୍କ ଦିବ୍ୟ ଲୀଳା ଏବଂ ଶିକ୍ଷାକୁ ମନେ ପକାଇଥିଲେ। ଧର୍ମ ପୁନରୁଦ୍ଧାର ଏବଂ ମାନବଜାତିକୁ ମାର୍ଗଦର୍ଶନ କରିବାରେ ଭଗବାନ ଶ୍ରୀକୃଷ୍ଣଙ୍କ ଭୂମିକା ଉପରେ ଆଲୋକପାତ କରି କୃଷ୍ଣ ଜନ୍ମାଷ୍ଟମୀର ମହତ୍ତ୍ୱ ଉପରେ ଜ୍ଞାନପୂର୍ଣ୍ଣ ପ୍ରବଚନ ଦିଆଯାଇଥିଲା।

ଉତ୍ସବ ଅବସରରେ, ଭଗବାନ ଗୋପାଳ (ଭଗବାନ କୃଷ୍ଣ)ଙ୍କୁ ଏକ ପଲ୍ଲକୀ ଶୋଭାଯାତ୍ରାରେ ପରିକ୍ରମା କରାଯାଇଥିଲା ଯେଉଁଥିରେ ଭକ୍ତମାନେ ପଥ ପାର୍ଶ୍ୱରେ ନୃତ୍ୟ କରୁଥିଲେ ଏବଂ ଉଲ୍ଲାସପୂର୍ଣ୍ଣ ଭଜନ ଏବଂ କୀର୍ତ୍ତନ କରୁଥିଲେ। ପାରମ୍ପରିକ ବୈଦିକ ସ୍ତୁତି ଗାନ ସହିତ ଏକ ମହାନ ଅଭିଷେକମ ଉତ୍ସବ ଅନୁଷ୍ଠିତ ହୋଇଥିଲା ଏବଂ ତା'ପରେ ଷୋଡଶ ଉପଚାର କରାଯାଇଥିଲା।



ଭଗବାନ ଗୋପାଳଙ୍କୁ ସୁଗନ୍ଧିତ ତେଲରେ ଲେପ ଦିଆଯାଇଥିଲା ଏବଂ ପଞ୍ଚାମୃତ ସ୍ନାନ (ଦୁଗ୍ଧ, ଦହି, ଘିଅ, ମହୁ, ମଧୁର ଜଳ) ତପ୍ରରେ ଫାଲୋଦକ ସ୍ନାନ (ଫଳର ତାଜା ରସ) ଏବଂ ସମସ୍ତ ପବିତ୍ର ନଦୀର ଜଳ ସହିତ ସ୍ନାନ କରାଯାଇଥିଲା। ତା'ପରେ ଭଗବାନଙ୍କୁ ଚନ୍ଦନ ଲେପ ଦିଆଯାଇ ଗଙ୍ଗା ଜଳରେ ସ୍ନାନ କରାଯାଇଥିଲା। ଫୁଲର ଏକ କୋମଳ ଶଯ୍ୟାରେ ଆଚ୍ଛାଦିତ ହେବା ପର୍ଯ୍ୟନ୍ତ, ଭଗବାନଙ୍କ ଉପରେ ବିଭିନ୍ନ ପ୍ରକାରର ପୁଷ୍ପ ବୃଷ୍ଟି କରାଯାଇଥିଲା। ଭଗବାନଙ୍କ ନିକଟରେ ମହାମଙ୍ଗଳ ଆରତୀ ଏବଂ ଛପନ ଭୋଗ (୫୬ଟି ବିଶେଷ ଭୋଗ) ଅର୍ପଣ କରାଯାଇଥିଲା ।

ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମର ଶୁଭ ସମୟ ମଧ୍ୟରାତ୍ରି ପର୍ଯ୍ୟନ୍ତ ଉତ୍ସାହୀ ଭକ୍ତମାନେ ଦିନସାରା ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଗୌରାଙ୍ଗ ସେବା ଫାଉଣ୍ଡେସନର ସ୍ୱେଚ୍ଛାସେବୀ ଶାଖା ଏ.ଏଚ.ଲ ଫୋରମ୍ ଏବଂ ଗୀତା ଅଧ୍ୟୟନ ସର୍କଲର ଆୟୋଜନରେ ସ୍କୁଲ ଏବଂ କଲେଜ ଛାତ୍ରଛାତ୍ରୀ ମାନେ ନୃତ୍ୟ, ସଂଗୀତ, ରଙ୍ଗୋଲି, ଗୀତା ଗାନ ଇତ୍ୟାଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଛୋଟ ପିଲା ମାନେ ନିଜକୁ ରାଧା ଏବଂ କୃଷ୍ଣ ଭାବରେ ସଜାଇଥିଲେ। ପ୍ରତ୍ୟେକ ଅଂଶଗ୍ରହଣକାରୀ ଏକ ସକାରାତ୍ମକ ମନ ଏବଂ ଭଗବାନ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦର ଆଶା ନେଇ ଫେରିଥିଲେ।

## ନେପାଳ ବନ୍ୟା

# ୬୦୦ ଶିଶୁ ନିଖୋଜ, ୨୨ ଶିକ୍ଷକଙ୍କ ପତ୍ତା ମିଳୁନି

**କାଠମାଣ୍ଡୁ:** ପ୍ରଳୟଙ୍କରୀ ବନ୍ୟା ନେପାଳରେ ବ୍ୟାପକ ଧନଜୀବନ ହାନି କରିଛି। ଏହି ବିପର୍ଯ୍ୟୟରେ ଶୁକ୍ରବାର ସୁଦ୍ଧା ମୃତ୍ୟୁସଂଖ୍ୟା ୧,୨୮୨ରେ ପହଞ୍ଚିଥିବା ବେଳେ ୪,୭୦୦ରୁ ଊର୍ଦ୍ଧ୍ୱ ଲୋକ ଏବେ ବି ନିଖୋଜ ଅଛନ୍ତି। ବିଶେଷ କରି ମଧ୍ୟ ନେପାଳର ରସୁୱା ଓ ନୁୱାକୋଟ୍ ଜିଲ୍ଲାରୁ ପ୍ରାୟ ୬୦୦ ଶିଶୁଙ୍କର କୌଣସି ପତ୍ତା ମିଳୁନାହିଁ।ସରକାରୀ ଆକଳନ ଅନୁଯାୟୀ, ରସୁୱାରେ ପ୍ରାୟ ୨୮୦ ଜଣ ଏବଂ ପଡ଼ୋଶୀ ନୁୱାକୋଟ୍ ଜିଲ୍ଲାରେ ୩୦୦ରୁ ୩୫୦ ଜଣ ସ୍କୁଲ ଛାତ୍ରଛାତ୍ରୀ ନିଖୋଜ ରହିଛନ୍ତି। ନୁୱାକୋଟର ବିଦୁର ପୌରପାଳିକାରୁ ହିଁ କେବଳ ୨୫୦ ଶିଶୁ ନିଖୋଜ ଥିବା ସୂଚନା ମିଳିଛି। ଯୋଗାଯୋଗ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ପ୍ରଧାନଶିକ୍ଷକମାନେ ସଠିକ୍ ତଥ୍ୟ ଦେବାରେ ଅସମର୍ଥ ହେଉଛନ୍ତି। ଶିକ୍ଷା ଅଧିକାରୀଙ୍କ କହିବା ଅନୁଯାୟୀ, କେତେକ ସ୍ଥାନରେ ଜୀବିତ ବାପାମା" ନିଜ ନିଖୋଜ ସନ୍ତାନକୁ ଖୋଜୁଥିବା



ବେଳେ ଅନ୍ୟ କେତେକ ସ୍ଥାନରେ ସୁରକ୍ଷିତ ଥିବା ପିଲାମାନେ ନିଜ ନିଖୋଜ ବାପାମା"ଙ୍କୁ ଖୋଜୁଛନ୍ତି। ଏହି ପ୍ରକୃତିର ତାଣ୍ଡବରେ କେବଳ ପିଲା ନୁହନ୍ତି, ବରଂ ୨୨ ଜଣ ଶିକ୍ଷକ ଓ ସ୍କୁଲ କର୍ମଚାରୀ ମଧ୍ୟ ନିଖୋଜ ଅଛନ୍ତି।ରସୁୱାରୁ ୧୬ ଜଣ ଓ ନୁୱାକୋଟରୁ ୬ ଜଣ ଶିକ୍ଷକ ନିଖୋଜ ଥିବା ସ୍ପଷ୍ଟ ହୋଇଛି। ଧାଡିଂ ଓ ଗୋର୍ଖା ଜିଲ୍ଲାରୁ ରସୁୱାକୁ ତୀର୍ଥଯାତ୍ରାରେ ଆସିଥିବା କେତେକ ଶିକ୍ଷକ ମଧ୍ୟ ଏହି ବନ୍ୟା ସ୍ରୋତରେ ଭାସିଯାଇଛନ୍ତି। ନେପାଳ ପୋଲିସର ତଥ୍ୟ ଅନୁଯାୟୀ ଚିତୱାନରୁ ୩୫୯, ନୱାଲପରାସୀ ପୂର୍ବରୁ ୨୧୮, ନୱାଲପରାସୀ ପଶ୍ଚିମରୁ ୨୦୮, ନୁୱାକୋଟ୍ରୁ ୧୮୫, ରସୁୱାରୁ ୧୪୦, ଗୋର୍ଖାରୁ ୭୨, ଧାଡିଂରୁ ୬୦ ଏବଂ ତାନାହୁରୁ ୩୮ଟି ମୃତଦେହ ଉଦ୍ଧାର କରାଯାଇଛି। ଶିକ୍ଷା ମନ୍ତ୍ରଣାଳୟ ଅନୁଯାୟୀ, ରସୁୱା, ନୁୱାକୋଟ୍ ଏବଂ ଧାଡିଂ ଜିଲ୍ଲାର ପ୍ରାୟ ୨୨ଟି ବିଦ୍ୟାଳୟ ବନ୍ୟା ଦ୍ୱାରା ଗମ୍ଭୀର ଭାବେ ପ୍ରଭାବିତ ହୋଇଥିବା ବେଳେ ୧୨ଟି ସ୍କୁଲ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ ହୋଇଯାଇଛି। ସୁରକ୍ଷା ବାହିନୀ ପକ୍ଷରୁ ନିଖୋଜ ୪,୭୯୮ ଜଣ ଲୋକଙ୍କୁ ଉଦ୍ଧାର କରିବା ପାଇଁ ବ୍ୟାପକ ସର୍ଚ୍ଚ ଅପରେସନ୍ ଜାରି ରହିଛି।

## ୨୭୫ଜଣ ଭାରତୀୟ ନିଖୋଜ

**ନୂଆଦିଲ୍ଲୀ:** ନେପାଳ ବନ୍ୟାରେ ୨୭୫ ଭାରତୀୟ ନାଗରିକ ନିଖୋଜ ଅଛନ୍ତି ବୋଲି ବିଦେଶ ବ୍ୟାପାର ମନ୍ତ୍ରାଳୟ ମୁଖପାତ୍ର ରଣଧୀର ଜୈସ୍ୱାଲ କହିଛନ୍ତି। ଏକ ବିବୃତି ଜାରି କରି ଜୈସ୍ୱାଲ କହିଛନ୍ତି, ବର୍ତ୍ତମାନ ପର୍ଯ୍ୟନ୍ତ ମିଳିଥିବା ସୂଚନା ଅନୁଯାୟୀ ୨୭୫ ଭାରତୀୟ ନାଗରିକ ନେପାଳ ବନ୍ୟାରେ ନିଖୋଜ ଅଛନ୍ତି। ତେବେ ୧୬୬ ଜଣଙ୍କୁ ଏଯାବତ୍ ଉଦ୍ଧାର କରାଯାଇଛି। ଯେଉଁମାନେ ଉଦ୍ଧାର



### ସ୍ପଷ୍ଟ କଲା ଏମଇଏ

ହୋଇଛନ୍ତି ସେମାନଙ୍କ ନାଁ ଏମ୍ଇଏ ଜାରି କରିଛି। ରଣଧୀର କହିଛନ୍ତି, ଆମେ ନେପାଳ ସରକାରଙ୍କ ସହ ଲଗାତାର ଯୋଗାଯୋଗରେ ରହିଛୁ। ରିଲିଫ୍ ଓ ଉଦ୍ଧାର ଅପରେସନ୍ରେ ଭାରତ ଓ ନେପାଳ ମିଳିତ ସହଯୋଗରେ କାମ କରୁଛନ୍ତି। ଉଦ୍ଧାର ଅପରେସନ୍ରେ ନେପାଳ କର୍ତ୍ତୃପକ୍ଷଙ୍କ ଉଦ୍ୟମକୁ ଆମେ ପ୍ରଶଂସା କରୁଛୁ ବୋଲି ସେ କହିଛନ୍ତି। ନେପାଳରେ ଏଯାବତ୍ ୧୬୬ ଜଣ ଉଦ୍ଧାର ହୋଇଛନ୍ତି ଏବଂ ୧୯୭୦ ଭାରତୀୟ ନାଗରିକ ସୁରକ୍ଷିତ ଭାବେ ଚୀନ୍ରୁ ନେପାଳ ଆସିଥିବା ସେ କହିଛନ୍ତି।

## ନାଇଜେରିଆରେ ବିଷାକ୍ତ ଗ୍ୟାସ ଲିକ୍, ୩୭ ମୃତ

**ଲାଗୋସ୍:** ନାଇଜେରିଆର ଏକ ପରିବେଶବାଦୀ ଗୋଷ୍ଠୀ ଶୁକ୍ରବାର ଦାବି କରିଛି ଯେ, ଏକ ତୈଳ ପାଇପଲାଇନରୁ ତେଲ ଚୋରି କରିବାକୁ ଚେଷ୍ଟା କରିବା ସମୟରେ ବିଷାକ୍ତ ଗ୍ୟାସ୍ ଲିକ୍ ହେବା ଯୋଗୁ ଏହାର ସଂସ୍ପର୍ଶରେ ଆସି ଅତି କମ୍ରେ ୩୭ ଜଣଙ୍କର ମୃତ୍ୟୁ ହୋଇଛି। ତେବେ ନାଇଜେରିଆ କର୍ତ୍ତୃପକ୍ଷ ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବରେ ମୃତ୍ୟୁ ସଂଖ୍ୟା ସ୍ପଷ୍ଟ କରିନାହାନ୍ତି। ୟୁଥ୍ ଆଣ୍ଡ ଏନଭାଇରନ୍ମେଣ୍ଟାଲ ଆଡଭୋକେସୀ ସେଣ୍ଟର ଅନୁଯାୟୀ, ଗୁରୁବାର ମଧ୍ୟରାତ୍ରିରେ ରିଭର୍ସ ରାଜ୍ୟର ଓକ୍ରିକା ଅଞ୍ଚଳରେ ଏହି ଦୁଃଖଦ ଘଟଣା ଘଟିଛି।କୁହାଯାଇଛି ଯେ, ଓକାରି ଜେଟିରେ ଏକ ଜାହାଜରେ ତୈଳ ଭର୍ତ୍ତି କରାଯିବା ସମୟରେ କେତେକ ସନ୍ଦିଗ୍ଧ ଚୋର ଅବୈଧ ଭାବେ ନିଜ ଡଙ୍ଗାରେ ପେଟ୍ରୋଲିୟମ ଉତ୍ପାଦ ଅବୈଧ ଭାବେ ଭରିବାକୁ ଚେଷ୍ଟା କରୁଥିବା ସେଠାରେ ବିଷାକ୍ତ ଗ୍ୟାସ୍ ଲିକ୍ ହୋଇଥିଲା। ସେଣ୍ଟର ପକ୍ଷରୁ କୁହାଯାଇଛି ଯେ, ଏବେବି କିଛି ଲୋକ ନିଖୋଜ ଥିବାବେଳେ କେତେକ ଶବ ନଦୀରେ ଭାସୁଥିବାର ଦେଖିବାକୁ ମିଳିଛି। ପୁଲିସ କହିଛି ଯେ, ଅଶୋଧିତ ତୈଳ ଚୋରି କରିବାକୁ ଚେଷ୍ଟା କରିବା ସମୟରେ ଲୋକଙ୍କ ମୃତ୍ୟୁ ହୋଇଛି। ଏହା ନାଇଜର ଡେଲ୍ଟାରେ ଅଶୋଧିତ ତେଲ ଚୋରି ଓ ପାଇପଲାଇନ ଭଙ୍ଗାରୁଜା କରିବାର ଏକ ଗମ୍ଭୀର ଓ ସ୍ଥାୟୀ ସମସ୍ୟା। ଅକ୍ଟୋବର ୨୦୨୩ ପରଠାରୁ ଏହା ସବୁଠୁ ବଡ଼ ତୈଳ ସମ୍ବନ୍ଧୀୟ ଚୋରି ସମ୍ବନ୍ଧୀୟ ଦୁର୍ଘଟଣା।

## ଭାରତୀୟ କମ୍ପାନୀ ସହ ପ୍ରତିରକ୍ଷା ଚୁକ୍ତି: ଏଷ୍ଟୋନିଆ ପ୍ରତିରକ୍ଷା ମନ୍ତ୍ରୀଙ୍କ ଇସ୍ତଫା

**ଟାଲିନ୍:** ୟୁକ୍ରେନକୁ ସମର୍ଥନ କରିବା ପାଇଁ ୭୦ ନିୟୁତ ୟୁରୋ (୭୬୮.୫୦ କୋଟି ଟଙ୍କାରୁ ଅଧିକ)ର ଗୋଳାବାରୁଦ ଚୁକ୍ତି ଏକ ଭାରତୀୟ ମାଲିକାନାରେ ଥିବା କମ୍ପାନି ସହିତ ଜଡ଼ିତ କ୍ରୟ ଦୁର୍ନୀତିରେ ଫସିଯିବା ପରେ ଏଷ୍ଟୋନିଆର ପ୍ରତିରକ୍ଷା ମନ୍ତ୍ରୀ ହାନୋ ପେଭକୁର ଇସ୍ତଫା ଦେଇଛନ୍ତି। ୨୦୨୨ ମସିହାରୁ ପ୍ରତିରକ୍ଷା ମନ୍ତ୍ରୀ ଭାବରେ କାର୍ଯ୍ୟ କରୁଥିବା ପେଭ୍କୁର ବୁଧବାର ତାଙ୍କ ଇସ୍ତଫା ଘୋଷଣା କରି କହିଛନ୍ତି ଯେ, ସେ ଏଷ୍ଟୋନିଆର ଜାତୀୟ ଅଡିଟ୍ କାର୍ଯ୍ୟାଳୟ ଦ୍ୱାରା ଏକାଧିକ ଗୁରୁତ୍ୱପୂର୍ଣ୍ଣ ନିର୍ଣ୍ଣୟ ପରେ ପ୍ରତିରକ୍ଷା ଚୁକ୍ତିର ଦାୟିତ୍ୱ ନେଇ ଇସ୍ତଫା ଦେଉଛନ୍ତି। ପ୍ରତିରକ୍ଷା କ୍ରୟ ଦୁର୍ନୀତିରେ ଫସିବା ପରେ ଏଷ୍ଟୋନିଆର ପ୍ରତିରକ୍ଷା ମନ୍ତ୍ରୀ ହାନୋ ପେଭକୁର ଇସ୍ତଫା ଦେଇଛନ୍ତି। ୟୁରୋପୀୟ ସଂଘ ଦ୍ୱାରା ଅନୁଦାନପ୍ରାପ୍ତ ୭୦ନିୟୁତ ୟୁରୋ (ପ୍ରାୟ ୭୭୦ କୋଟି) ପ୍ରତିରକ୍ଷା ଚୁକ୍ତି ୟୁକ୍ରେନକୁ ସହାୟତା କରିବା ପାଇଁ ଗୋଳାବାରୁଦ କ୍ରୟ କରିବା ପାଇଁ ହୋଇଥିଲା।ଏଥିରେ ଏକ ଭାରତୀୟ ମାଲିକାନାରେ ଥିବା କମ୍ପାନି ସାମିଲ ଥିଲା। ୨୦୨୨ ମସିହାରୁ ଏଷ୍ଟୋନିଆର ପ୍ରତିରକ୍ଷା ମନ୍ତ୍ରୀ ଥିବା ପେଭକୁର ବୁଧବାର ବିଳମ୍ବିତ



ଟେଲିଭିଜନରେ ତାଙ୍କ ଇସ୍ତଫା ଘୋଷଣା କରିଥିଲେ। ଇସ୍ତଫା ଘୋଷଣା କରି ପେଭକୁର କହିଛନ୍ତି ଯେ, ସେ ତାଙ୍କ ମନ୍ତ୍ରଣାଳୟର ସମସ୍ୟା ପାଇଁ ରାଜନୈତିକ ଦାୟିତ୍ୱ ନେଉଛନ୍ତି। ଏକ ସୋସିଆଲ ମିଡିଆ ପୋଷ୍ଟରେ ସେ କହିଛନ୍ତି, 'ଏଷ୍ଟୋନିଆର ସୁରକ୍ଷା ଜଣେ ବ୍ୟକ୍ତିଙ୍କ କାମ ନୁହେଁ। ଏହା ଆମର ସାମୂହିକ ଦାୟିତ୍ୱ। ସେଥିପାଇଁ ଆଜି ମୁଁ ସମଗ୍ର ପ୍ରତିରକ୍ଷା କ୍ଷେତ୍ର ପାଇଁ ରାଜନୈତିକ ଦାୟିତ୍ୱ ଗ୍ରହଣ କରି ସଠିକ୍ ସମୟରେ ପ୍ରଧାନମନ୍ତ୍ରୀଙ୍କୁ ପ୍ରତିରକ୍ଷା ମନ୍ତ୍ରୀ ପଦ ହସ୍ତାନ୍ତର କରିବାକୁ ପଡିବ।'ଏହି ମାମଲାଟି ଏଷ୍ଟୋନିଆର ପ୍ରତିରକ୍ଷା ନିବେଶ କେନ୍ଦ୍ର ଓ ଇଟାଲୀୟ-ପଞ୍ଜିକୃତ କମ୍ପାନି ଡାଟାସେଲ୍ ଏସ୍ଆର୍ଏଲ୍ ମଧ୍ୟରେ ୨୦୨୪ ମସିହାରେ ହୋଇଥିବା ଏକ ଚୁକ୍ତି ସହିତ ଜଡ଼ିତ। ସେହିବର୍ଷ ଭାରତୀୟ କମ୍ପାନି ନେକୋ ଡିଫେନ୍ସ ମ୍ୟୁନିସନ୍ ଦ୍ୱାରା ଡାଟାସେଲ୍ ଏସ୍ଆର୍ଏଲ୍ ଅଧିଗ୍ରହଣ କରାଯାଇଥିଲା। ବୁଧବାର ଏଷ୍ଟୋନିଆ ଖବରକାଗଜ ଇଷ୍ଟି ଏକ୍ସପ୍ରେସ ରିପୋର୍ଟ କରିଛି ଯେ, ୨୦୨୪ ମସିହାରେ ଏଷ୍ଟୋନିଆ ଭାରତୀୟ କମ୍ପାନି ନେକୋ ଡିଫେନ୍ସ ମ୍ୟୁନିସନ୍ସର ମାଲିକାନା ଡାଟାସେଲ୍ ଏସ୍ଆର୍ଏଲ୍ ଠାରୁ ଗୋଳାବାରୁଦ କ୍ରୟ କରିବା ପାଇଁ ଏକ ଚୁକ୍ତି ସ୍ୱାକ୍ଷର କରିଥିଲା ରିପୋର୍ଟରେ କୁହାଯାଇଛି ଯେ, ଯେଉଁ କମ୍ପାନିଗୁଡ଼ିକ ସହିତ କ୍ରୟ ଚୁକ୍ତିନାମା କରାଯାଇଥିଲା ସେମାନଙ୍କ ମଧ୍ୟରୁ କୌଣସିଟି ପୂର୍ବରୁ ଗୋଳାବାରୁଦ ତିଆରି କରି ନଥିଲେ। ଏହି କ୍ରୟ ପାଇଁ ୟୁରୋପୀୟ ଶାନ୍ତି ସୁବିଧା ଦ୍ୱାରା ପାଣ୍ଠି ଯୋଗାଇ ଦିଆଯାଇଥିଲା ଓ କମ୍ପାନିଗୁଡ଼ିକୁ ଲକ୍ଷ ଲକ୍ଷ ୟୁରୋ ଆଗୁଆ ଦିଆଯାଇଥିଲା। ମୋଟ ଅଗ୍ରିମ ଦେୟ ପ୍ରାୟ ୭୦ ନିୟୁତ ୟୁରୋରେ ପହଞ୍ଚିଥିଲା।

## ଫେବ୍ରୁଆରି ପର୍ଯ୍ୟନ୍ତ ଏଲ୍ ନିନୋ ପ୍ରଭାବ

**ଜେନେଭା:** ଆଗାମୀ ମାସଗୁଡ଼ିକରେ ପ୍ରାକୃତିକ ପାଣିପାଗ ପ୍ରକ୍ରିୟା 'ଏଲ୍ ନିନୋ' ଅତି ଶକ୍ତିଶାଳୀ ରୂପ ଧାରଣ କରିବାକୁ ଯାଉଛି। ଆସନ୍ତା ୨୦୨୭ ଫେବ୍ରୁଆରି ମାସ ପର୍ଯ୍ୟନ୍ତ ଏହାର ପ୍ରଭାବ ସୁନିଶ୍ଚିତ ଭାବେ ଜାରି ରହିବ ବୋଲି ମିଳିତ ଜାତିସଂଘର ପାଣିପାଗ ସଂସ୍ଥା ଗୁରୁବାର ଚେତାବନୀ ଦେଇଛି। ବିଶ୍ୱ ପାଣିପାଗ ସଂଗଠନ (ଡବ୍ଲ୍ୟୁଏମ୍ଓ) ଅନୁଯାୟୀ ଚଳିତ ବର୍ଷ ଶେଷ ଆଡ଼କୁ ଏହା ଶୀର୍ଷ ସ୍ତରରେ ପହଞ୍ଚିବ।ଏଲ୍ ନିନୋ ପ୍ରଭାବରେ ବିଶ୍ୱର ବିଭିନ୍ନ ଅଂଚଳରେ ବୃଷ୍ଟିପାତ ଏବଂ ତାପମାତ୍ରା ଶୈଳୀରେ ବ୍ୟାପକ ପରିବର୍ତ୍ତନ ଦେଖାଯିବ। ଏହା ଦ୍ୱାରା ବନ୍ୟା, ମରୁଡ଼ି ଏବଂ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଭଳି ଜଟିଳ ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ରହିଛି। ଜାତିସଂଘ ମୁଖ୍ୟ ଆଣ୍ଟୋନିଓ ଗୁଟେରସ କହିଛନ୍ତି, ସମୁଦ୍ର ପୃଷ୍ଠର ତାପମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଉଥିବାରୁ ସମଗ୍ର ବିଶ୍ୱ ବର୍ତ୍ତମାନ ଚରମ ପାଣିପାଗର ବିପଦ ଜୋନ୍ରେ ରହିଛି।ସାଧାରଣତଃ ଏଲ୍ ନିନୋ ବର୍ଷର ଶେଷ ଭାଗରେ ଶୀର୍ଷକୁ ଛୁଇଁଥାଏ।

## ଏ' ରେଟିଂ କ୍ଲବରେ ଭାରତ

**ନୂଆଦିଲ୍ଲୀ:** ଦୀର୍ଘ ୩୫ ବର୍ଷ ପରେ ଭାରତ ପୁଣି ଥରେ 'ଏ' ରେଟିଂ କ୍ଲବରେ ସାମିଲ ହୋଇଛି। ଜାପାନ କ୍ରେଡିଟ୍ ରେଟିଂ ଏଜେନ୍ସି ଜେସିଆର୍ଏ ଭାରତର ସାର୍ବଭୌମ କ୍ରେଡିଟ୍ ରେଟିଂକୁ 'ବିବିବି ପ୍ଲସ୍'ରୁ ଗୋଟିଏ ସ୍ତର ବଢ଼ାଇ 'ଏ ମାଇନସ୍' କରିଛି। ଏହା ସହ ଭାରତର ରେଟିଂ ଆଉ ଥରେ 'ଏ' ଶ୍ରେଣୀକୁ ଫେରିଛି। ଜେସିଆର୍ଏ ଭାରତର ରେଟିଂ ଆଉଟଲୁକ୍କୁ 'ସ୍ଥିର' ରଖିଛି। ୧୯୮୮ରେ ଭାରତକୁ ମୁଡିଜ୍ 'ଏ୨' ରେଟିଂ ଦେଇଥିଲା। କିନ୍ତୁ ୧୯୯୦-୯୧ର ବୈଦେଶିକ ମୁଦ୍ରା ସଙ୍କଟ ଓ ପେମେଣ୍ଟ୍ସ ବାଲାନ୍ସ ସମସ୍ୟା ପରେ ଦେଶ ଏହି 'ଏ' ରେଟିଂ ହରାଇଥିଲା। ଏବେ ୩୫ ବର୍ଷରୁ ଅଧିକ ସମୟ ପରେ ଜେସିଆର୍ଏର ନିଷ୍ପତ୍ତି ଭାରତୀୟ ଅର୍ଥନୀତିର ମଜବୁତ ହେଉଥିବା ଭିତ୍ତିକୁ ଆନ୍ତର୍ଜାତୀୟ ସ୍ୱୀକୃତି ବୋଲି ବିବେଚନା କରାଯାଉଛି।

## ଇସ୍ରୋ ବୈଜ୍ଞାନିକଙ୍କୁ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ:** ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମହାକାଶ ମିସନରେ ସଫଳତା ହାସଲ କରିଛି। ଜିଏସଏଲଭି-ଏଫ୧୭ ରକେଟ୍ ସଫଳତାର ସହ 'ଇଓଏସ-୦୫' ଇମେଜିଂ ଉପଗ୍ରହକୁ ଏହାର ଉଦ୍ଦିଷ୍ଟ କକ୍ଷପଥରେ ସ୍ଥାପନ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ସଫଳତା ପାଇଁ ଇସ୍ରୋ ଏବଂ ଦେଶର ବୈଜ୍ଞାନିକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋସିଆଲ ମିଡିଆ ପ୍ଲାଟଫର୍ମ X ରେ ମିଶନର ସଫଳତାରେ ଖୁସି ପ୍ରକାଶ କରିଛନ୍ତି। ସେ ଏହାକୁ ଇସ୍ରୋ ପାଇଁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ଭାବରେ ବର୍ଣ୍ଣନା କରି କହିଛନ୍ତି, "ଏହା ସମଗ୍ର ଦେଶ ପାଇଁ ଏକ ଗର୍ବର ମୁହୂର୍ତ୍ତ।" ପ୍ରଧାନମନ୍ତ୍ରୀଙ୍କ ଅନୁଯାୟୀ, ଜିଏସଏଲଭି-ଏଫ୧୭ ଦ୍ୱାରା ଜିଓସିଙ୍କ୍ରୋନାସ୍ କକ୍ଷପଥରେ 'ଇଓଏସ-୦୫' ର ବିତରଣ ଭାରତର ମହାକାଶ କ୍ଷମତା, ପ୍ରଯୁକ୍ତିବିଦ୍ୟା ଅଗ୍ରଗତି ଏବଂ ନିରନ୍ତର ବୃଦ୍ଧି ପାଉଥିବା ନବସୃଜନକୁ ପ୍ରଦର୍ଶନ କରୁଛି।

## ଶ୍ରୀନଗର ବିମାନବନ୍ଦରରେ ଖୁଣ୍ଟରେ ପିଟିହେଲା ଇଣ୍ଡିଗୋ ବିମାନ



**ଶ୍ରୀନଗର:** ଶ୍ରୀନଗର ବିମାନବନ୍ଦରରେ ଶୁକ୍ରବାର ସକାଳେ ଏକ ବଡ଼ ଧରଣର ଅଘଟଣରୁ ବର୍ତ୍ତିଯାଇଛନ୍ତି ବିମାନ ଯାତ୍ରୀ। ନବୀ ମୁମ୍ବାଇରୁ ଶ୍ରୀନଗର ପହଞ୍ଚିଥିବା ଇଣ୍ଡିଗୋର ଏକ ବିମାନ ପାର୍କିଂ ହେବା ସମୟରେ ଭିଜୁଆଲ୍ ଡକିଂ ଗାଇଡାନ୍ସ ସିଷ୍ଟମ୍ (ଭିଡିଜିଏସ୍) ଖୁଣ୍ଟ ସହ ପିଟି ହୋଇଯାଇଥିଲା। ତେବେ ଏହି ଦୁର୍ଘଟଣାରେ ବିମାନରେ ଥିବା ସମସ୍ତ ଯାତ୍ରୀ ଓ କ୍ରିୟୁ ସଦସ୍ୟ ସମ୍ପୂର୍ଣ୍ଣ ସୁରକ୍ଷିତ ଥିବା ନେଇ ସଂପୃକ୍ତ ବିମାନ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

ଇଣ୍ଡିଗୋ ପକ୍ଷରୁ ଜାରି ବିବୃତି ଅନୁଯାୟୀ, ଶୁକ୍ରବାର ସକାଳ ପ୍ରାୟ ୯:୦୨ ମିନିଟରେ ଇଣ୍ଡିଗୋ ଫ୍ଲାଇଟ୍ '୬ଇ୨୨୫' ଶ୍ରୀନଗର ବିମାନବନ୍ଦରର ବେ" ନମ୍ବର ୦୬ରେ ପାର୍କିଂ ପାଇଁ ଯାଉଥିବା ସମୟରେ ଏହି ଘଟଣା ଘଟିଥିଲା। ଦୁର୍ଘଟଣା ପରେ ତୁରନ୍ତ ମାନୁଆଲ୍ ସିଡ଼ି ବ୍ୟବହାର କରି ସମସ୍ତ ଯାତ୍ରୀଙ୍କୁ ବିମାନରୁ ସୁରକ୍ଷିତ ଭାବେ ଓହ୍ଲାଯାଇଥିଲା। ଏହି ଅଘଟଣରେ କାହାରିକୁ କୌଣସି ଆଘାତ ଲାଗିନାହିଁ। ଏହି ଘଟଣାର କାରଣ ସମ୍ପର୍କରେ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନୁଧ୍ୟାନ ଓ ତଦନ୍ତ କରାଯିବ। ସମ୍ପୂର୍ଣ୍ଣ ତଦନ୍ତ ଶେଷ ହେବା ପରେ ହିଁ ପ୍ରକୃତ କାରଣ ଜଣାପଡ଼ିବ ବୋଲି ସଂସ୍ଥା କହିଛି।

## ଏୟାର୍ ଇଣ୍ଡିଆ ପାଇଲଟଙ୍କ ନିଶାଦ୍ରବ୍ୟ ସେବନ

### କାର୍ଯ୍ୟାନୁଷ୍ଠାନ ପାଇଁ ଏଏଆଇବିର ସୁପାରିସ

**ନୂଆଦିଲ୍ଲୀ:** ଥାଇଲାଣ୍ଡର ଫୁକେଟରୁ ଦିଲ୍ଲୀ ଆସୁଥିବା ଏୟାର୍ ଇଣ୍ଡିଆ ବିମାନର ପାଇଲଟ୍-ଇନ୍-କମାଣ୍ଡ ନିଶାଦ୍ରବ୍ୟ ସେବନ କରିଥିବା ଧରାପଡ଼ିବା ପରେ ଏହାକୁ ଗୁରୁତର ଚିନ୍ତାର ବିଷୟ ବୋଲି କହିଛି ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ (ଏଏଆଇବି)। ଏଭଳି ଘଟଣାର ପୁନରାବୃତ୍ତି ରୋକିବା ପାଇଁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ)କୁ ତୁରନ୍ତ ଉପଯୁକ୍ତ ପଦକ୍ଷେପ ନେବାକୁ ମଧ୍ୟ ସୁପାରିସ କରାଯାଇଛି।ଗତ ୪ ଅଗଷ୍ଟରେ ଏୟାର୍ ଇଣ୍ଡିଆର ଏଆଇ-୨୩୭୯ ବିମାନ ଫୁକେଟ୍ରୁ ଦିଲ୍ଲୀ ଅଭିମୁଖେ ଉଡ଼ାଣ ଭରିଥିଲା। ବିମାନଟି ୩୬ ହଜାର ଫୁଟ୍ ଉଚ୍ଚତାରେ ଉଡୁଥିବାବେଳେ ଟଳମଳ ହୋଇଥିଲା। ଏହି ସମୟରେ ବିମାନର ତିନୋଟି ହାଇଡ୍ରୋଲିକ୍ ବ୍ୟବସ୍ଥାରେ ଏକାସାଙ୍ଗରେ ଚାପ ହ୍ରାସ ପାଇଥିଲା। ଫଳରେ ବିମାନଟି ହଠାତ୍ ପ୍ରାୟ ୩୦୦ ଫୁଟ୍ ତଳକୁ ଖସିଯାଇଥିଲା। ଏହି ଘଟଣାରେ ୨୦ ଜଣ ଯାତ୍ରୀ ଓ ୪ ଜଣ କ୍ରୁ ସଦସ୍ୟ ଆହତ ହୋଇଥିଲେ। ବିମାନଟି ଦିଲ୍ଲୀରେ ସୁରକ୍ଷିତ ଭାବେ ଅବତରଣ କରିବା ପରେ



ନିୟମ ଅନୁସାରେ ଉଭୟ ପାଇଲଟ୍ଙ୍କ ନିଶାଦ୍ରବ୍ୟ ପରୀକ୍ଷା କରାଯାଇଥିଲା। ପ୍ରାରମ୍ଭିକ ପରୀକ୍ଷାରେ ପାଇଲଟ୍-ଇନ୍-କମାଣ୍ଡଙ୍କ ନମୁନା 'ନନ୍-ନେଗେଟିଭ୍' ଆସିଥିଲା। ପରେ କରାଯାଇଥିବା ନିଶ୍ଚିତୀକରଣ ପରୀକ୍ଷାରେ ସେ ଗଞ୍ଜେଇ ସେବନ କରିଥିବା ଜଣାପଡ଼ିଥିଲା।ଏଏଆଇବି ତାହାର ପ୍ରାରମ୍ଭିକ ତଦନ୍ତ ରିପୋର୍ଟରେ କହିଛି ଯେ, ବିମାନ କର୍ମଚାରୀଙ୍କ ଦ୍ୱାରା ଏଭଳି ନିଶାଦ୍ରବ୍ୟ ସେବନ ବିମାନ ନିରାପତ୍ତା ଦୃଷ୍ଟିରୁ ଗୁରୁତର ଚିନ୍ତାର ବିଷୟ। ତେଣୁ ଏହାକୁ ରୋକିବା ପାଇଁ ଡିଜିସିଏ ଶୀଘ୍ର ଆବଶ୍ୟକ ପଦକ୍ଷେପ ନେବା ଉଚିତ। ତେବେ ପ୍ରାରମ୍ଭିକ ତଦନ୍ତ ରିପୋର୍ଟରେ ପାଇଲଟଙ୍କୁ ନିଶାଦ୍ରବ୍ୟ ସେବନ ଓ ବିମାନର ହାଇଡ୍ରୋଲିକ୍ ବ୍ୟବସ୍ଥା ବିଫଳ ହେବା କିମ୍ବା ବିମାନଟି ହଠାତ୍ ତଳକୁ ଖସିବା ମଧ୍ୟରେ ସିଧାସଳଖ ସମ୍ପର୍କ ଥିବା କଥା ସ୍ଥାପିତ ହୋଇନାହିଁ। ଘଟଣାର ବୈଷୟିକ ଓ ମାନବୀୟ ସମସ୍ତ ଦିଗକୁ ନେଇ ତଦନ୍ତ ଜାରି ରହିଛି।

## ବଡଗାମରେ ଯୁଗ୍ମ ଅପରେସନରେ ଆତଙ୍କବାଦୀ ନିହତ

**ଶ୍ରୀନଗର:** ଜମ୍ମୁ-କାଶ୍ମୀରର ବଡଗାମ ଜିଲ୍ଲାର ଏକ ଘଞ୍ଚ ଜଙ୍ଗଲ ଅଞ୍ଚଳରେ ଶୁକ୍ରବାର ଭାରତୀୟ ସେନା ଓ ଜମ୍ମୁ ଓ କାଶ୍ମୀର ପୁଲିସ ଦ୍ୱାରା କରାଯାଇଥିବା ମିଳିତ ଅପରେସନରେ ଜଣେ ଆତଙ୍କବାଦୀ ନିହତ ହୋଇଛି। ଶ୍ରୀନଗରସ୍ଥିତ ଚିନାର କର୍ପସ୍ 'ଏକ୍ସ'ରେ ଏ ସମ୍ପର୍କରେ ସୂଚନା ଦେଇଛି।ନିର୍ଦ୍ଦିଷ୍ଟ ଗୁଇନ୍ଦା ସୂଚନା ଆଧାରରେ ଭାରତୀୟ ସେନା, ଜମ୍ମୁ-କାଶ୍ମୀର ପୁଲିସ ଓ ସିଆର୍ପିଏଫ୍ ଦ୍ୱାରା ବଡଗାମର ଅସଦର ଗଳିରେ ଏକ ମିଳିତ ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଥିଲା। ସୁରକ୍ଷାବାହିନୀ ସନ୍ଦିଗ୍ଧ ଗତିବିଧି ଠାବ କରି ଚାଲେଞ୍ଜ କରିବା ଯୋଗୁ ଆତଙ୍କବାଦୀମାନେ ଗୁଳିଚାଳନା କରିଥିଲେ। ସୁରକ୍ଷାବାହିନୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟରେ ଜଣେ ଆତଙ୍କବାଦୀ ନିହତ ହୋଇଥିଲା। ତଲାସି ଅଭିଯାନ ବେଳେ ଗୋଟିଏ ଏକେ ରାଇଫଲ ଉଦ୍ଧାର କରାଯାଇଛି। ସେହି ଅଞ୍ଚଳରେ ଆଉ ଜଣେ ଆତଙ୍କବାଦୀ ଲୁଚିଥିବା ସନ୍ଦେହରେ ସୁରକ୍ଷାବାହିନୀ ଅପରେସନ ଜାରି ରଖିଛନ୍ତି। ମୃତ ଆତଙ୍କବାଦୀ ପରିଚୟ ଜଣାପଡ଼ିନାହିଁ।

## ଦିଲ୍ଲୀରେ ପ୍ରବଳ ବର୍ଷା ନେଇ ଆଇଏମଡିର ରେଡ୍ ଆଲର୍ଟ

**ନୂଆଦିଲ୍ଲୀ:** ଦିଲ୍ଲୀରେ ପ୍ରବଳ ବର୍ଷା ନେଇଭାରତୀୟ ପାଣିପାଗ ବିଭାଗ (ଆଇଏମ୍ଡି) ରେଡ୍ ଆଲର୍ଟ ଜାରି କରିଛି। ଶୁକ୍ରବାର ଅପରାହ୍ଣରୁ ଦିଲ୍ଲୀ ଓ ଏହାର ସଂଲଗ୍ନ ଅଞ୍ଚଳରେ ମଧ୍ୟମରୁ ପ୍ରବଳ ବର୍ଷା ହୋଇଥିଲା, ଯାହା ଫଳରେ ଆଇଏମ୍ଡି ୟେଲୋ ଆଲର୍ଟକୁ ରେଡ୍ ଆଲର୍ଟରେ ବୃଦ୍ଧି କରିଥିଲା। ଦିଲ୍ଲୀରେ ବଜ୍ରପାତ ସହିତ ଆହୁରି ପ୍ରବଳ ବର୍ଷା ହେବା ନେଇ ଆଇଏମ୍ଡି ସତର୍କ କରାଇଛି। ଦିଲ୍ଲୀରେ ବର୍ଷା ଯୋଗୁ ବିମାନ ଚଳାଚଳ ପ୍ରଭାବିତ ହୋଇଛି। କିଛି ଘଣ୍ଟା ବର୍ଷା ପରେ ଶୁକ୍ରବାର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ (ଆଇଜିଆଇ) ବିମାନବନ୍ଦର ମଧ୍ୟ ପ୍ରବଳ ଜଳବନ୍ଦୀ ହୋଇଥିବା ଦେଖିବାକୁ ମିଳିଛି। ବିମାନବନ୍ଦରରୁ ମିଳିଥିବା ଦୃଶ୍ୟଗୁଡ଼ିକ ଦର୍ଶାଉଛି ଯେ, ଲୋକମାନେ ପାଣି ଭିତରେ ଲଗେଜ୍ ଟ୍ରଲି ବୋହି ନେଉଛନ୍ତି।ଅପରାହ୍ଣ ୩ଟା ୩୦ ରୁ ୪ଟା ୩୦ ମଧ୍ୟରେ ନଅଟି ବିମାନ - ୪ଟି ଜୟପୁର, ସମାନ ସଂଖ୍ୟାରେ ଲକ୍ଷ୍ନୌ ଓ ଗୋଟିଏ ଅହମ୍ମଦାବାଦକୁ ମାର୍ଗ ପରିବର୍ତ୍ତନ କରାଯାଇଥିଲା। ଏୟାର ଇଣ୍ଡିଆ ତାର ଯାତ୍ରୀମାନଙ୍କ ପାଇଁ ଏକ ପରାମର୍ଶ ଜାରି କରି 'ଏକ୍ସ' ରେ ଏକ



ପୋଷ୍ଟରେ କହିଛି ଯେ, ପ୍ରତିକୂଳ ପାଗ ପରିସ୍ଥିତି ଯୋଗୁଁ ଦିଲ୍ଲୀକୁ ଏବଂ ଦିଲ୍ଲୀରୁ ବିମାନ ଚଳାଚଳ ପ୍ରଭାବିତ ହେବାର ସମ୍ଭାବନା ରହିଛି। ଦିଲ୍ଲୀ ସହିତ ଉତ୍ତର ପ୍ରଦେଶର ନୋଏଡା ଓ ଗାଜିଆବାଦକୁ ମଧ୍ୟ ଆଇଏମ୍ଡି ଅରେଞ୍ଜ ଆଲର୍ଟ ଜାରି କରିଛି। ହରିୟାଣାର ଗୁରୁଗ୍ରାମ ପାଇଁ କୌଣସି ସତର୍କତା ନଥିଲା। ପାଲାମରେ ଦିନ ୧୧ଟା ୩୦ରୁ ୨ଟା ୩୦ ମଧ୍ୟରେ ୩.୪ ମିମି ବର୍ଷା ହୋଇଥିଲା। ନଜଫଗଡ଼ରେ ସକାଳେ ୦.୫ ମିମି ବର୍ଷା ହୋଇଥିଲା। ଘଣ୍ଟା ଘଣ୍ଟା ଧରି ବର୍ଷା ହେବା ପରେ ଦିଲ୍ଲୀ ଓ ଏହାର ନିକଟବର୍ତ୍ତୀ ଅଞ୍ଚଳଗୁଡ଼ିକର କିଛି ଅଂଶରେ ମଧ୍ୟ ପ୍ରବଳ ଜଳବନ୍ଦୀ ଦେଖାଦେଇଛି, ଭିଡିଓରେ ପାଣି ଘେରରେ ଯାନବାହନ ଚଳାଚଳ କରୁଥିବାର ଦେଖାଯାଇଛି।

## ଡିଜିଟାଲ ଆରେଷ୍ଟ ମାମଲା

# ୨୦ ରାଜ୍ୟର ୮୯ ସ୍ଥାନରେ ସିବିଆଇ ଚଢ଼ଉ: ୩ ଗିରଫ

**ମୁମ୍ବାଇ:** କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଡିଜିଟାଲ୍ ଆରେଷ୍ଟ ସିଣ୍ଡିକେଟ୍ ଉପରେ ଦେଶବ୍ୟାପୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ଅପରେସନ୍ ଚକ୍ର-୬ ଅନ୍ତର୍ଗତ ତିନୋଟି ପ୍ରମୁଖ ମାମଲାରେ ୨୦ଟି ରାଜ୍ୟର ୮୯ଟି ସ୍ଥାନରେ ଚଢ଼ଉ କରିଛି। ଏଜେନ୍ସି ଏହି ମାମଲାରେ ତିନି ଜଣଙ୍କୁ ଗିରଫ କରିଛି। ସିବିଆଇ କହିଛି ଯେ, ସୁପ୍ରିମକୋର୍ଟ ଏପରି ଅପରାଧରେ ସମ୍ପୃକ୍ତ ବ୍ୟକ୍ତି ଓ ସେମାନଙ୍କୁ ସହାୟତା କରୁଥିବା ବ୍ୟାପକ ନେଟୱାର୍କ ବିରୋଧରେ ମିଳିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ



ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ରାଜ୍ୟରୁ ଡିଜିଟାଲ ଆରେଷ୍ଟ ସହିତ ଜଡ଼ିତ ଅନେକ ମାମଲାରେ ସିବିଆଇ ନିଜ ହସ୍ତକ୍ଷେପ କରିଛି। ସଦ୍ୟତମ ଅଭିଯାନରେ ଅନ୍ତର୍ଭୁକ୍ତ ତିନୋଟି ମାମଲାରେ ପୀଡିତମାନଙ୍କୁ ଗୋଟିଏରୁ ତିନି ମାସ ପର୍ଯ୍ୟନ୍ତ ଡିଜିଟାଲ ଗିରଫଦାରୀରେ ରଖାଯାଇଥିଲା ଓ ସାମୂହିକ ଭାବରେ ୪୨.୩୬ କୋଟି ଟଙ୍କା ଠକେଇ କରାଯାଇଥିଲା।ଏହି ମାମଲାଗୁଡ଼ିକ ମଧ୍ୟରୁ ଗୋଟିଏ ବିଟ୍ସ ପିଲାନି ସହିତ ଜଡ଼ିତ, ଯେଉଁଠାରେ ଜଣେ ପୀଡିତଙ୍କୁ ତିନି ମାସ ପାଇଁ ଡିଜିଟାଲ ଆରେଷ୍ଟ କରାଯାଇଥିଲା ଏବଂ ଠକମାନେ ନିଜକୁ ପୁଲିସ ଅଧିକାରୀ ବୋଲି ପରିଚୟ ଦେଇ ୭.୬୭ କୋଟି ଟଙ୍କା ଠକେଇ କରିଥିଲେ। ଗୁଜରାଟରେ ଅନ୍ୟ ଏକ ମାମଲାରେ, ଠକମାନେ ଜଣେ ପୀଡିତଙ୍କୁ ତିନି ମାସ ପାଇଁ ଡିଜିଟାଲ ଆରେଷ୍ଟ କରିଥିଲେ ଏବଂ ପୁଲିସ ଅଧିକାରୀ ଭାବରେ ପରିଚୟ ଦେଇ ୧୯.୨୪ କୋଟି ଟଙ୍କା ଠକେଇ କରିଥିଲେ। ତୃତୀୟ ମାମଲା କର୍ଣ୍ଣାଟକର ହୋଇଥିବାବେଳେ ପୀଡ଼ିତଙ୍କୁ ମାସେ ଧରି ଡିଜିଟାଲ ଆରେଷ୍ଟରେ ରଖାଯାଇଥିବାବେଳେ ୧୫.୪୫ କୋଟି ଟଙ୍କା ଠକେଇ ହୋଇଥିଲା।

# ଶୁମାକରଙ୍କ ନୂଆ ଫିଲ୍ମରେ କାହିଁକି ନାହାନ୍ତି ଡେମନ୍ ହିଲ୍?




ମୋଞ୍ଜା,୪।୯ (ଏଜେନ୍ସି): ଫର୍ମୁଲା-୧ର କିମ୍ବଦନ୍ତୀ ମାଇକେଲ୍ ଶୁମାକରଙ୍କ କ୍ୟାରିୟରର ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟକୁ ନେଇ ନେଟଫ୍ଲିକ୍ସ ପ୍ରସ୍ତୁତ କରିଛି ନୂଆ ଚଳଚ୍ଚିତ୍ର 'ସୁମାକର- ୯୪ ଦି ବାର୍ଥ ଅଫ୍ ଲିଜେଣ୍ଡ' । ତେବେ ଏହି ଫିଲ୍ମରେ ଶୁମାକରଙ୍କ ୧୯୯୪ ବିଶ୍ୱ ଚାମ୍ପିଅନସିପ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ଡେମନ୍ ହିଲଡଙ୍କୁ ଇଣ୍ଟରଭ୍ୟୁ ଦେଉଥିବା ଦେଖିବାକୁ ମିଳିବ ନାହିଁ।

ମୋଞ୍ଜାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଶୁମାକରଙ୍କ ଦୀର୍ଘଦିନର ମ୍ୟାନେଜର ସାବିନେ କେହମ୍ ଏବଂ ନେଟଫ୍ଲିକ୍ସ ସହ-ପ୍ରଯୋଜକ ଜାନେକ୍ ରୋମେରୋ ଫିଲ୍ମ ନିର୍ମାଣ ସମ୍ପର୍କରେ ଅନେକ ତଥ୍ୟ ଦେଇଛନ୍ତି। ଶୁମାଖର ପରିବାରର ସମ୍ପୂର୍ଣ୍ଣ ସମର୍ଥନରେ ଏହି ଫିଲ୍ମ ତିଆରି ହୋଇଛି। ସାଧାରଣ ଜୀବନୀମୂଳକ ଡକ୍ୟୁମେଣ୍ଟାରି ବଦଳରେ ଦର୍ଶକଙ୍କୁ ସିଧା ୧୯୯୪ର ରେସିଂ ଉତ୍ତେଜନା ମଧ୍ୟକୁ ନେବାକୁ ନିର୍ମାତାମାନେ ଚେଷ୍ଟା କରିଛନ୍ତି।

ରୋମେରୋଙ୍କ କହିବାନୁସାରେ, ଫିଲ୍ମରେ ଆଧୁନିକ ଓ ଦର୍ଶକଙ୍କୁ ଘଟଣାସ୍ଥଳରେ ଉପସ୍ଥିତ ଥିବା ଭଳି ଅନୁଭବ ଦେବା ଶୈଳୀ ଆପଣାଯାଇଛି। ବର୍ତ୍ତମାନ କାଳରେ ଦିଆଯାଇଥିବା ମତାମତ, ପୁରୁଣା ରେସର ଦୃଶ୍ୟ ଓ ଆର୍କାଇଭ୍ ଫୁଟେଜକୁ ଏକାଠି କରାଯାଇଛି। ଫଳରେ ୧୯୯୪ର ଘଟଣାଗୁଡ଼ିକ ଦର୍ଶକଙ୍କ ସାମ୍ନାରେ ସତେଜ ଭାବେ ଘଟୁଥିବା ଭଳି ଲାଗିବ। ଫିଲ୍ମର ଉଦ୍ଦେଶ୍ୟ କେବଳ ରେସ୍ର ଘଟଣାକ୍ରମକୁ ଦେଖାଇବା ନୁହେଁ। ସେହି ସମୟରେ ଶୁମାକର କେଉଁ ପରିସ୍ଥିତି ଓ ମାନସିକ ଚାପ ମଧ୍ୟରେ ଥିଲେ, ତାହାକୁ ମଧ୍ୟ ଦର୍ଶାଇବାକୁ ଚେଷ୍ଟା କରାଯାଇଛି। ଶୁମାକର ସେତେବେଳେ ନିଜ ବ୍ୟକ୍ତିଗତ ଭାବନାକୁ ସାଧାରଣତଃ ସାମ୍ନାକୁ ଆଣୁନଥିଲେ। ତେଣୁ ପୁରୁଣା ଫୁଟେଜ୍ ଓ ବିଭିନ୍ନ ରେକର୍ଡରୁ ତାଙ୍କ ମାନସିକ ଅବସ୍ଥାକୁ ବୁଝିବା ନିର୍ମାତାଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ଥିଲା।

ଶୁମାକରଙ୍କ ପତ୍ନୀ କୋରିନାଙ୍କ ମଧ୍ୟ ଫିଲ୍ମରେ ଉପସ୍ଥିତି ରହିଛି। ସାବିନେ କେହମ୍ କହିଛନ୍ତି, ପୁରୁଣା ଫଟୋ ଓ ଦୃଶ୍ୟ ଦେଖିବା ସମୟରେ ଅନେକ ପୁରୁଣା ସ୍ମୃତି ପୁଣିଥରେ ଫେରିଆସିଥିଲା। ୧୯୯୪ ଋତୁଟି ଅତ୍ୟନ୍ତ ନାଟକୀୟ ଓ ଭାବପ୍ରବଣ ଥିଲେ ମଧ୍ୟ ଶେଷରେ ଏହା ଏକ ଆନନ୍ଦଦାୟକ କାହାଣୀ ବୋଲି ସେ କହିଛନ୍ତି।

**ଫିଲ୍ମରେ କାହିଁକି ନାହାନ୍ତି ଡେମନ୍ ହିଲ୍?**

୧୯୯୪ ବିଶ୍ୱ ଚାମ୍ପିଅନ୍ସିପରେ ଶୁମାଖରଙ୍କ ସହ ଟାଇଟଲ୍ ପାଇଁ ଲଢ଼ିଥିବା ଡେମନ୍ ହିଲଡ ଫିଲ୍ମରେ ଇଣ୍ଟରଭ୍ୟୁ ଦେଉଥିବା ଦେଖାଯାଇନାହିଁ। ରୋମେରୋ ଓ କେହମଙ୍କ ଅନୁସାରେ, ହିଲଡ ଏକାଧିକ ଥର ଫିଲ୍ମରେ ଯୋଗଦେବାକୁ ନିମନ୍ତ୍ରଣ ଦିଆଯାଇଥିଲା। ହେଲେ ନିଜର ଅନ୍ୟାନ୍ୟ କାର୍ଯ୍ୟବ୍ୟସ୍ତତା ଯୋଗୁଁ ସେ ଏଥିରେ ସାମିଲ ହୋଇପାରିନଥିଲେ।

ତେବେ ହିଲଡ ଅନୁପସ୍ଥିତି ତାଙ୍କ ଭୂମିକାକୁ ଫିଲ୍ମରୁ ହଟାଇ ଦେଇନାହିଁ। ୧୯୯୪ ସିଜନରେ ବିଭିନ୍ନ ପୁରୁଣା ଦୃଶ୍ୟ ଓ ଆର୍କାଇଭ୍ ଫୁଟେଜ୍ ମାଧ୍ୟମରେ ତାଙ୍କ ଦୃଷ୍ଟିକୋଣ ଓ ଶୁମାକରଙ୍କ ସହ ତାଙ୍କ ପ୍ରତିଦ୍ୱନ୍ଦ୍ୱିତାକୁ ଫିଲ୍ମରେ ସ୍ଥାନ ଦିଆଯାଇଛି।

ନିର୍ମାତାମାନେ ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଏହି ଫିଲ୍ମ କେବଳ ଶୁମାକର-ହିଲ୍ ପ୍ରତିଦ୍ୱନ୍ଦ୍ୱିତାକୁ ନେଇ ନୁହେଁ; ବରଂ ଜଣେ ଯୁବ ଡ୍ରାଇଭରଙ୍କ ବିକାଶ, ଚାପ ଓ ନିଜକୁ ପ୍ରମାଣ କରିବାର ସଂଘର୍ଷକୁ କେନ୍ଦ୍ର କରି ତିଆରି ହୋଇଛି।

ଆଜିର ଫର୍ମୁଲା-୧ର ନୂଆ ପିଢ଼ିର ଦର୍ଶକଙ୍କ ପାଇଁ ମଧ୍ୟ ଏହି ଫିଲ୍ମ ଗୁରୁତ୍ୱପୂର୍ଣ୍ଣ। ଶୁମାକରଙ୍କ ସାତଟି ବିଶ୍ୱ ଚାମ୍ପିଅନସିପ୍ ଓ ତାଙ୍କ କିମ୍ବଦନ୍ତୀ ସମ୍ପର୍କରେ ନୂଆ ପିଢ଼ି ଜାଣିଥିଲେ ମଧ୍ୟ, ୧୯୯୪ରେ ତାଙ୍କୁ ଘେରି ରହିଥିବା ଚାପ, ବିବାଦ ଓ ରୋମାଞ୍ଚକର ଘଟଣା ବିଷୟରେ ଅନେକେ ଅଜଣା। ଏହି ଫିଲ୍ମ ସେହି ଦିନଗୁଡ଼ିକୁ ନୂଆ ପିଢ଼ି ସାମ୍ନାରେ



ଆଣିବ।ଅକ୍ଟୋବରରେ ଫିଲ୍ମଟି ନେଟ୍ଫ୍ଲିକ୍ସରେ ମୁକ୍ତିଲାଭ କରିବ। ଏଥିରେ ହେଲ୍ମେଟ୍ ପଛରେ ଥିବା ଶୁମାକରଙ୍କ ଜୀବନ, ସଂଘର୍ଷ ଓ ଚାପରେ ନିଜକୁ ଗଢ଼ି ତୋଳିବାର କାହାଣୀକୁ ନୂଆ ଢଙ୍ଗରେ ଦେଖିବାକୁ ମିଳିବ।

# ମହିଳା କ୍ରିକେଟରେ ମନ୍ଧାନାଙ୍କ ଏକାଧିକ କୀର୍ତ୍ତିମାନ




ନୂଆଦିଲ୍ଲୀ,୪।୯ (ଏଜେନ୍ସି): ଅନ୍ତର୍ଜାତୀୟ ମହିଳା କ୍ରିକେଟରେ ଇତିହାସ ରଚିଛନ୍ତି ଭାରତର ସ୍ମୃତି ମନ୍ଧାନା। ସେ କିମ୍ବଦନ୍ତୀ କ୍ରିକେଟର ମିତାଲୀ ରାଜଙ୍କୁ ପଛରେ ପକାଇ ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ରନ ହାସଲକାରୀ ଖେଳାଳି ହୋଇଛନ୍ତି। ପୂର୍ବରୁ ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ରନ୍ କରିବାର ରେକର୍ଡ ମିତାଲି ରାଜଙ୍କ ନାଁରେ ଥିଲା। ଅଧୁନା ୩୦ ବର୍ଷୀୟ ସ୍ମୃତି ତାଙ୍କୁ ଅତିକ୍ରମ କରିଛନ୍ତି। ମହିଳା ଏସିଆ କପରେ ହଂକଂ ଚାଇନା ବିପକ୍ଷ ମ୍ୟାଚରେ ସ୍ମୃତି ଅନ୍ତର୍ଜାତୀୟ କ୍ୟାରିୟର ୩୦୩ ତମ ଇନିଂସ ଖେଳିଥିଲେ। ଏହି ମ୍ୟାଚରେ ସେ ୧୨୪ ରନ କରି ମିତାଲି ରାଜଙ୍କ ୧୦,୮୬୮ ରନର ମାଇଲଖୁଣ୍ଟକୁ ଅତିକ୍ରମ କରିଛନ୍ତି। ଅନ୍ତର୍ଜାତୀୟ କ୍ୟାରିୟରରେ ସ୍ମୃତିଙ୍କ ରନ୍ ସଂଖ୍ୟା ୧୦,୮୮୦ରେ ପହଞ୍ଚି ଯାଇଛି। ସ୍ମୃତି ଓ ମିତାଲିଙ୍କ ପରେ ନ୍ୟୁଜିଲାଣ୍ଡର ସୁଜି ବେଟ୍ସ ୧୦,୭୪୦ ରନ ସହ ତୃତୀୟ ସ୍ଥାନରେ ରହିଛନ୍ତି। ହଂକଂ ବିପକ୍ଷରେ ସ୍ମୃତି ୬୪ ବଲରେ ୧୨୪ ରନର ଇନିଂସ ଖେଳିଥିଲେ। ଏହାପରେ ଶେଷ ଓଭରରେ ହିଁ ଆଉଟ୍ ହୋଇଥିଲା। ଏହା ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟାରର ୧୮ ତମ ଶତକ। ଅନ୍ତର୍ଜାତୀୟ ମହିଳା କ୍ରିକେଟରେ ସ୍ମୃତିଙ୍କ ନାଁରେ ୯୩ଟି ଅର୍ଦ୍ଧଶତକ ରହିଛି। ମିତାଲି ମଧ୍ୟ ୯୩ଟି ଅର୍ଦ୍ଧଶତକ କରିଥିଲେ। ଆଉ ଗୋଟିଏ ଅର୍ଦ୍ଧଶତକ ପରେ ସେ ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ହାସଲକାରୀ କ୍ରିକେଟର ହୋଇଯିବେ। ପୂର୍ବରୁ ମହିଳା ଏସିଆ କପରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର ଶ୍ରୀଲଙ୍କାର ଚାମିରା ଆଟାପଟୁଙ୍କ ନାଁରେ ଥିଲା ୨୦୨୪ ଏସିଆ କପରେ ୧୧୯ ରନ୍ କରିଥିଲେ। ମନ୍ଧାନା ୧୨୪ ରନ କରି ତାଙ୍କୁ ଅତିକ୍ରମ କରିଛନ୍ତି।

# ବୟସ ଜାଲିଆତି: ରୋହିତ ଯାଦବ ୨ ବର୍ଷ ବାସନ୍ଦ

ନୂଆଦିଲ୍ଲୀ,୪।୯ (ଏଜେନ୍ସି): ଅଷ୍ଟ୍ରେଲିଆ ବିପକ୍ଷ ଶୃଙ୍ଖଳା ପାଇଁ ଭାରତର ୧୯ ବର୍ଷରୁ କମ ଦଳର ମନୋନୀତ କିଛି ଦିନ ପରେ ହିଁ ରୋହିତ ଯାଦବଙ୍କ ଉପରେ ବିସିସିଆଇ କଡା କାର୍ଯ୍ୟାନୁଷ୍ଠାନ ନେଇଛି। ନିଜ ବୟସ ସମ୍ପର୍କିତ ତଥ୍ୟରେ ଅନୀୟ ମିତତା ଅଭିଯୋଗରେ ବିସିସିଆଇ ଲେଗ ସ୍ପିନର ରୋହିତ ଯାଦବଙ୍କ ଉପରେ ଦୁଇ ବର୍ଷର କଟକଣା ଲଗାଯାଇଛି। ଏହି ଖବର ସାମ୍ନାକୁ ଆସିବା ପରେ ସାରା ଦେଶରେ ଏନେଇ ଚର୍ଚ୍ଚା ଜୋର ଧରିଛି। ଉତ୍ତରପ୍ରଦେଶର ବାସିନ୍ଦା ରୋହିତ ଜୁଲାଇ ମାସରେ ଶ୍ରୀଲଙ୍କା ଗସ୍ତରେ ଯାଇଥିବା ଭାରତୀୟ ୧୯ ବର୍ଷୀୟ କମ ଦଳର ପ୍ରତିନିଧିତ୍ୱ କରିଥିଲେ। ସେଠାରେ ୬ଟି ୱିକେଟ ନେଇ ମ୍ୟାଚ ଜିତାଇଥିଲେ। ଶ୍ରୀଲଙ୍କାରେ ତାଙ୍କ ଦସ୍ତାବିଜ ଗୁଡିକର ଯାଞ୍ଚ ସମୟରେ ବୟସ ସମ୍ବନ୍ଧୀୟ ଅନୀୟ ମିତତା ସାମ୍ନାକୁ ଆସିଥିଲା। ରୋହିତଙ୍କ ପାଖରେ ୩ଟି ଜନ୍ମ ପ୍ରମାଣପତ୍ର ରହିଛି। ଯେଉଁଥିରେ ଭିନ୍ନ ଭିନ୍ନ ଜନ୍ମ ବର୍ଷ ଅର୍ଥାତ ୨୦୦୭, ୨୦୦୯ ଏବଂ ୨୦୧୦ ଉଲ୍ଲେଖ ରହିଛି। ଏପରିକି ତାଙ୍କ ଆଧାରରେ ତଥ୍ୟରେ ମଧ୍ୟ ଅନୀୟ ମିତତା ରହିଥିଲା। ଯେତେ ବେଳେ ସେ ବେଙ୍ଗଲ କ୍ରିକେଟ ଆସୋସିଏସନରେ ପଞ୍ଜିକୃତ ହୋଇଥିଲେ। ସେତେବେଳେ ତାଙ୍କ ଜନ୍ମବର୍ଷ ୨୦୦୭ ଦର୍ଶାଯାଇଥିଲା। ପରେ ଆଧାରକୁ ଅପଡେଟ କରାଯାଇ ୨୦୦୬ ଦର୍ଶାଯାଇଥିଲା। ୨୦୨୧ରେ ଏହାକୁ ବଦଳାଯାଇ ଏହାକୁ ୨୦୦୯ କରାଯାଇଥିଲା। ଏହି ଅସଗତୀ କାରଣରୁ ବେଙ୍ଗଲ ସଂଘ ପକ୍ଷରୁ ରୋହିତଙ୍କୁ ନିଜର ଜୁନିୟର ଦଳରୁ ବାଦ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ବିସିସିଆଇ ଏସମ୍ପର୍କରେ ଅବଗତ କରାଯାଇଥିଲା। ବୋର୍ଡ ବର୍ତ୍ତମାନ ତାଙ୍କୁ ୨ବର୍ଷ ପାଇଁ ଘରୋଇ କ୍ରିକେଟରେ ଅଂଶଗ୍ରହଣ କରିବାକୁ ବାଧା କରିଛି। ସମସ୍ତ ଅନୁବନ୍ଧିତ ରାଜ୍ୟ ସଂଘକୁ ଏସମ୍ପର୍କରେ ଅବଗତ କରାଯାଇଛି।

# ବିଶ୍ୱର ଶ୍ରେଷ୍ଠ ଚେସ୍ ତାରକାଙ୍କ ଉପସ୍ଥିତିରେ ଗ୍ଲୋବାଲ୍ ଚେସ୍ ଲିଗର ଟ୍ରଫି ଉନ୍ମୋଚିତ

ବେଙ୍ଗାଲୁରୁ,୪।୯ (ସବ୍ୟୁ): ଟେକ୍ ମହିନ୍ଦ୍ରା ଓ ଫିଡେର ମିଳିତ ପ୍ରୟାସରେ ଆୟୋଜିତ ଗ୍ଲୋବାଲ୍ ଚେସ୍ ଲିଗ୍ (ଜିସିଏଲ)ର ଚତୁର୍ଥ ସଂସ୍କରଣକୁ ନେଇ ଉତ୍ସାହ ବଢ଼ିଛି। ବିଶ୍ୱର ଶୀର୍ଷ ଚେସ୍ ତାରକାଙ୍କ ଉପସ୍ଥିତିରେ ଚଳିତ ସଂସ୍କରଣର ଟ୍ରଫି ଉନ୍ମୋଚନ କରାଯାଇଛି। ଶୁକ୍ରବାର ବେଙ୍ଗାଲୁରୁରେ ପ୍ରତିଯୋଗିତାର ଉଦଘାଟନୀ ମ୍ୟାଚରେ ପିବିଜି ଆଲାସ୍କାନ୍ ନାଇଟ୍ସ ଓ ଆମେରିକାନ୍ ଗାମ୍ବିଟ୍ସ ପରସ୍ପରକୁ ଭେଟିବେ।


ବିଶ୍ୱର ଏକ ନମ୍ବର ଖେଳାଳି ମ୍ୟାଗ୍ନସ୍ କାର୍ଲସେନ୍ ଏକ ବର୍ଷର ବିରତି ପରେ ଗ୍ଲୋବାଲ୍ ଚେସ୍ ଲିଗକୁ ଫେରିଛନ୍ତି। ସେ ଗତ ସଂସ୍କରଣର ଚାମ୍ପିଅନ୍ ଆଲପାଇନ୍ ଏସିଏଲ ପାଇପର୍ସ ଦଳକୁ ଶକ୍ତିଶାଳୀ କରିବେ। ଅନ୍ୟପକ୍ଷରେ, ଦୁଇଥରର ଚାମ୍ପିଅନ୍ ତ୍ରିବେଣୀ କଣ୍ଟିନେଣ୍ଟାଲ୍ କିଙ୍ଗ୍ସ ନିଜ ମୁଖ୍ୟ ଖେଳାଳିମାନଙ୍କୁ ଦଳରେ ବଜାୟ ରଖିଛି। ଚାରି ବର୍ଷ ମଧ୍ୟରେ ତୃତୀୟ ଥର ପାଇଁ ଟାଇଟଲ୍ ଜିତିବା ଲକ୍ଷ୍ୟରେ ରହିଛି ଏହି ଦଳ। ବିଶ୍ୱ ଚେସ୍ କ୍ୟାଲେଣ୍ଡରର ଅନ୍ୟତମ ଆକର୍ଷଣୀୟ ଦଳୀୟ ପ୍ରତିଯୋଗିତା ଭାବେ ଗ୍ଲୋବାଲ୍ ଚେସ୍ ଲିଗ୍ ନିଜର ସ୍ଥାନ ମଜବୁତ କରିଛି। କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ଭାରତରେ ଏହା ଆୟୋଜିତ ହେଉଛି। ଚଳିତ ସଂସ୍କରଣରେ ବିଶ୍ୱର ଅନେକ ଶ୍ରେଷ୍ଠ ଚେସ୍ ଖେଳାଳି ଅଂଶଗ୍ରହଣ କରୁଛନ୍ତି।

ନଅ ଦିନ ଧରି ଚାଲିବାକୁ ଥିବା ପ୍ରତିଯୋଗିତାରେ ଛଅଟି ଦଳ ଡବଲ୍ ରାଉଣ୍ଡ ରବିନ୍ ପଦ୍ଧତିରେ ପରସ୍ପରକୁ ଭେଟିବେ। ମୋଟ ୩୨ଟି ମ୍ୟାଚ୍ ଖେଳାଯିବ। ଲିଗ୍ ପର୍ଯ୍ୟାୟ ଶେଷରେ ଶ୍ରେଷ୍ଠ ଦୁଇଟି ଦଳ ସେପ୍ଟେମ୍ବର ୧୩ରେ ହେବାକୁ ଥିବା ଗ୍ରାଣ୍ଡ ଫାଇନାଲ୍ରେ ଟାଇଟଲ୍ ପାଇଁ ଲଢ଼ିବେ।

ବିଶ୍ୱର ଅଗ୍ରଣୀ ଚେସ୍ ଖେଳାଳିଙ୍କ ଉପସ୍ଥିତି ଓ ଦଳଗୁଡ଼ିକର ଶକ୍ତିଶାଳୀ ଗଠନକୁ ଦେଖି ଚଳିତ ଗ୍ଲୋବାଲ୍ ଚେସ୍ ଲିଗ୍ ରୋମାଞ୍ଚକର ହେବ ବୋଲି ଆଶା କରାଯାଉଛି।

# ୩୦ ଜଣିଆ ଓଡ଼ିଶା ପେଞ୍ଚାକ ସିଲଟ ଦଳ ଘୋଷିତ

ଭୁବନେଶ୍ୱର,୪।୯ (ସବ୍ୟୁ): ଆସନ୍ତା ୧୦ମ ପେଞ୍ଚାକ ସିଲଟ ଫେଡେରେସନ୍ କପ୍-୨୦୨୬ ଲେହ-ଲଦାଖରେ ଅନୁଷ୍ଠିତ ହେବାକୁ ଥିବାବେଳେ ଏଥିପାଇଁ ଓଡ଼ିଶା ଦଳର ଚୟନ ପ୍ରକ୍ରିୟା ସଫଳତାର ସହ ସମ୍ପନ୍ନ ହୋଇଛି। ୩ ସେପ୍ଟେମ୍ବର ୨୦୨୬ରେ ଝାରସୁଗୁଡ଼ା ଜିଲ୍ଲାର ସରବହାଲସ୍ଥିତ ମୁଖ୍ୟାଳୟରେ ଓଡ଼ିଶା ପେନଚାକ୍ ସିଲାଟ୍ ଦଳ ଚୟନ ପାଇଁ ଓପନ୍ ଟ୍ରାଏଲ୍-କମ୍-ସିଲେକ୍ସନ୍ ଆୟୋଜିତ ହୋଇଥିଲା। ଏହି ଚୟନ ପ୍ରକ୍ରିୟା ପେନଚାକ୍ ସିଲାଟ୍ ଆସୋସିଏସନ୍ ଅଫ୍ ଓଡ଼ିଶା ପକ୍ଷରୁ ଆୟୋଜନ କରାଯାଇଥିଲା। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପ୍ରାୟ ଖେଳାଳି ଏହି ଚୟନ ପ୍ରକ୍ରିୟାରେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଜୁନିୟର ଓ ସିନିୟର ବାଳକ ଏବଂ ବାଳିକା ବର୍ଗରେ ଖେଳାଳିମାନଙ୍କ ପ୍ରଦର୍ଶନ ଓ ଦକ୍ଷତାକୁ ଆଧାର କରି ମୋଟ ୩୦ ଜଣ ଖେଳାଳିଙ୍କୁ ଟିମ୍ ଓଡ଼ିଶା ପାଇଁ ମନୋନୀତ କରାଯାଇଛି। ଏହି ଅବସରରେ ବି.ଜେ. ବେହେରା, ମହବୁବ ମେହତାବ, ମେହତାବ ଖାନ୍ ଓ ଅନିନ୍ଦ୍ୟ ରାଜ ଖଡ଼ଗା ଅତିଥି ଭାବେ ଉପସ୍ଥିତ ରହିଥିଲେ। ଏଥିସହ ପେଙ୍କାକ ସିଲଟ ଆସୋସିଏସନ୍ ର ଉପସଭାପତି ଆଶୁତୋଷ ନାୟକ ଓ ଯୁଗ୍ମ ସମ୍ପାଦକ ନାରାୟଣ ବାରିକଙ୍କ ସମେତ ଆସୋସିଏସନର ଅନ୍ୟାନ୍ୟ ପଦାଧିକାରୀ ଓ ସଦସ୍ୟମାନେ ଉପସ୍ଥିତ ଥିଲେ। ଚୟନିତ ଖେଳାଳିମାନଙ୍କୁ ୧୦ମ ପେଙ୍କାକ ସିଲଟ ଫେଡେରେସନ୍ କପ୍-୨୦୨୬, ଲେହ-ଲଦାଖରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଅତିଥି ଓ ଆସୋସିଏସନର ପଦାଧିକାରୀମାନେ ଶୁଭେଚ୍ଛା ଜଣାଇଥିଲେ। ଓଡ଼ିଶାର ନାମକୁ ଜାତୀୟସ୍ତରରେ ଗୌରବାନ୍ୱିତ କରିବା ପାଇଁ ସମସ୍ତ ଖେଳାଳିଙ୍କୁ ମନୋବଳ ଦୃଢ଼ କରି କଠିନ ପରିଶ୍ରମ କରିବାକୁ ପ୍ରେରଣା ଦିଆଯାଇଥିଲା। ପେଙ୍କାକ ସିଲଟ ଆସୋସିଏସନ୍ ଅଫ୍ ଓଡ଼ିଶା ର ସଭାପତି ସୁମନ ମୋଦି, ଉପ ସଭାପତି ଜୀତେନ୍ଦ୍ର କୁମାର ରାଉତ,ଅଧ୍ୟକ୍ଷ ତାପସ କୁମାର ରାୟଚୌଧୁରୀ ଓ ବୈଷୟିକ ଅଧିକାରୀ ପ୍ରେମ ସିଂ ଥାପା ଟିମ୍ ଓଡ଼ିଶାର ସମସ୍ତ ଚୟନିତ ଖେଳାଳିଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆଗାମୀ ପ୍ରତିଯୋଗିତା ପାଇଁ ସଫଳତା କାମନା କରାଯାଇଛି।



# ପାରା-ଆଥେଲେଟଙ୍କ ସମସ୍ୟାର ସମାଧାନ କରିବ ଏଆଇ

ଭୁବନେଶ୍ୱର,୪।୯ (ସବ୍ୟୁ): ଓଡିଶାର ସୁନ୍ଦରଗଡ ଜିଲ୍ଲାର ଦୁଇ ଯୁବ ଉଦ୍ଭାବକ ୨୧ ବର୍ଷୀୟ ଭାଟ୍ଲା ହାରିକା ଓ ୨୦ ବର୍ଷୀୟ ରିତେଶ ରାଉତରାୟ, ପାରାଆଥେଲେଟମାନଙ୍କ ପାଇଁ ଏକ ଏଆଇ-ପରିଚାଳିତ ସମାଧାନ ପ୍ରସ୍ତୁତ କରିଛନ୍ତି। ଯାହାକି ସାମ୍ସଙ୍ଗ ସଲ୍ଭ ଫର୍ ଟୁମୋରୋର ୫ମ ସଂସ୍କରଣର ନ୍ୟାସନାଲ ଟପ୍ ୪୦ରେ ସ୍ଥାନ ହାସଲ କରିଛନ୍ତି। ଏହି ସମାଧାନ ପାରା-ଆଥ୍ଲେଟିକ ପ୍ରତିଭାମାନଙ୍କୁ ଚିହ୍ନଟ କରିବା ଏବଂ ଦକ୍ଷ ଖେଳାଳିମାନଙ୍କୁ କୋଚ୍ ଓ ସ୍କାଉଟଙ୍କ ସହ ସଂଯୋଗ କରିବାରେ ସାହାଯ୍ୟ କରିବା ପାଇଁ ସ୍ମାର୍ଟଫୋନରେ ରେକର୍ଡ କରାଯାଇଥିବା କ୍ରୀଡା ପ୍ରଦର୍ଶନଗୁଡିକୁ କିଭଳି ବିଶ୍ଳେଷଣ କରାଯାଇପାରିବ ତାହାର ଅନୁସନ୍ଧାନ କରିଥାଏ। ସାମ୍ସଙ୍ଗ ସଲ୍ଭ ଫର ଟୁମୋରୋ ହେଉଛି ୧୪ରୁ ୨୨ ବର୍ଷ ବୟସ ମଧ୍ୟରେ ଯୁବପିଢିଙ୍କ ପାଇଁ ସାମ୍ସଙ୍ଗର ପ୍ରମୁଖ ସିଏସଆର ଇନୋଭେଶନ ପ୍ରୋଗ୍ରାମ। ଡିଜାଇନ ଥିଙ୍କିଙ୍ଗ, ମାର୍ଗଦର୍ଶନ ଓ ଶିକ୍ଷା ମାଧ୍ୟମରେ ଏହି ପ୍ରୋଗ୍ରାମ ଭାରତର ଯୁବ ଉଦ୍ଭାବକମାନଙ୍କୁ ବାସ୍ତବ ଦୁନିଆର ସମସ୍ୟାଗୁଡିକୁ ଚିହ୍ନଟ କରିବା ଏବଂ ସମ୍ଭାବ୍ୟ ସମାଧାନ ବିକଶିତ କରିବା ପାଇଁ ସକ୍ଷମ କରିଥାଏ, ଯାହା ସେମାନଙ୍କୁ ନିଜର ବିଚାରଧାରାକୁ ପ୍ରାରମ୍ଭିକ ପର୍ଯ୍ୟାୟରୁ ପ୍ରୋଟୋଟାଇପ ଆଡକୁ ଅଗ୍ରଗତି କରିବାରେ ସାହାଯ୍ୟ କରିଥାଏ। ସୁନ୍ଦରଗଡର ହାରିକା ଓ ରିତେଶଙ୍କ ପାଇଁ ସମସ୍ୟା ଥିଲା ପ୍ରତିଷ୍ଠିତ ସ୍ପୋର୍ଟିଂ ସେଣ୍ଟରଗୁଡିକ ବାହାରେ ପାରା-ଆଥ୍ଲେଟ୍ଙ୍କ ପାଇଁ ସ୍ୱତନ୍ତ୍ର ସ୍କାଉଟିଂ ଓ ମୂଲ୍ୟାଙ୍କନ ପାଇଁ ସୀମିତ ପହଞ୍ଚ ପାରାସିଙ୍କ କ୍ରୀଡାବିତମାନଙ୍କୁ ନିଜ କ୍ରୀଡା ପ୍ରଦର୍ଶନର ଭିଡିଓ ରେକର୍ଡ କିମ୍ବା ଅପ୍ଲୋଡ କରିବା ପାଇଁ ଦେଉଥିବା ବେଳେ ଏହାର କମ୍ପ୍ୟୁଟର ଭିଜନକୁ ଗତିବିଧି ଓ କ୍ରୀଡା ପଦ୍ଧତିକୁ ବିଶ୍ଳେଷଣ କରିବା ପାଇଁ ଡିଜାଇନ କରାଯାଇଛି। ଏହି ବିଚାରଧାରା, ଉକ୍ତ ସୂଚନା କିଭଳି କୋଚ୍ ଓ ସ୍କାଉଟମାନଙ୍କୁ ଦୂରରେ ରହି କ୍ରୀଡାବିତଙ୍କୁ ମୂଲ୍ୟାଙ୍କନ କରାଯାଇପାରିବ ତାହାକୁ ଅନୁସନ୍ଧାନ କରିଥାଏ, ଦକ୍ଷ ପାରା ଆଥ୍ଲେଟଙ୍କ ପାଇଁ ପ୍ରଥମେ ପ୍ରମୁଖ ସ୍ପୋର୍ଟିଂ ସେଣ୍ଟରଗୁଡିକରେ ନ ପହଞ୍ଚି ଦୃଶ୍ୟମାନତା ହାସଲ କରିବା ଲାଗି ଆଉ ଏକ ମାର୍ଗ ସୃଷ୍ଟି କରିଥାଏ। ସ୍ପୋର୍ଟ ଆଣ୍ଡ ଟେକ୍ ଥିମ ଅଧିନରେ ପାରାସିଙ୍କ ଉଦୀୟମାନ ଟେକ୍ନୋଲୋଜିଗୁଡିକୁ କିଭଳି କ୍ରୀଡାରେ ପହଞ୍ଚ, ଅନ୍ତର୍ଭୁକ୍ତୀକରଣ ଓ ସୁଯୋଗ କ୍ଷେତ୍ରରେ ଏକ ବ୍ୟବହାରିକ ସମସ୍ୟା ଉପରେ ପ୍ରୟୋଗ କରାଯାଇପାରିବ ତାହାକୁ ଅନ୍ୱେଷଣ କରୁଛି। ହାରିକା ଓ ରିତେଶଙ୍କ ଯାତ୍ରା ସାମ୍ସଙ୍ଗ ସଲ୍ଭ ଫର ଟୁମୋରୋ ମଧ୍ୟରେ ଏକ ବିସ୍ତୃତ ପରିବର୍ତ୍ତନର ଅଂଶ ରହିଛି। ଚଳିତ ବର୍ଷ ଏହି କାର୍ଯ୍ୟକ୍ରମର ୫୦%ରୁ ଅଧିକ ଜାତୀୟ ଶୀର୍ଷ ୪୦ଟି ଟିମ୍ ଟିୟର ୨ ଓ ଟିୟର ୩ ସହରଗୁଡିକରୁ ଆସିଛନ୍ତି। ଓଡିଶା ପାଇଁ ସୁନ୍ଦରଗଡର ହାରିକା ଓ ରିତେଶଙ୍କ ଚୟନ, ଯୁବପିଢି କିଭଳି ପହଞ୍ଚ ଓ ସୁଯୋଗ ମଧ୍ୟରେ ରହିଥିବା ଅନ୍ତରକୁ ଦୂର କରିବା ଲାଗି ଟେକ୍ନୋଲୋଜିର ପ୍ରୟୋଗ କରୁଛନ୍ତି ତାହାକୁ ହାଇଲାଇଟ କରିଛି। ତାଙ୍କର ପାରାସିଙ୍କ ସଲ୍ୟୁଶନ ଏଆଇ ଓ କ୍ରୀଡାକୁ ଏକତ୍ରିତ କରିଛି। ସାମ୍ସଙ୍ଗ ସଲ୍ଭ ଫର୍ ଟୁମୋରୋର ଶୀର୍ଷ ୪୦ଟି ଟିମ୍ ଏବେ ୧୦ ଦିନର ଏକ ଇନୋଭେଶନ ବୁଟକ୍ୟାମ୍ପରେ ଅଂଶଗ୍ରହଣ କରିବେ, ସେଠାରେ ସେମାନେ ଏଫଆଇଟିଟି-ଆଇଆଇଟି ଦିଲ୍ଲୀରେ ଷ୍ଟାର୍ଟଅପ ପ୍ରତିଷ୍ଠାତା ଓ ଶିଳ୍ପ ବିଶେଷଜ୍ଞଙ୍କ ମାର୍ଗଦର୍ଶନ ହାସଲ କରିବେ। ସେମାନେ ଦିଲ୍ଲୀ, ନୋଏଡା ଓ ବେଙ୍ଗାଲୁରୁରେ ସାମସଙ୍ଗ ଆରଆଣ୍ଡଡି ଇନ୍ଷ୍ଟିଚ୍ୟୁଟ, ସାମ୍ସଙ୍ଗ ଡିଜାଇନ ଦିଲ୍ଲୀ ଏବଂ ଗୁରୁଗ୍ରାମରେ ସାମସଙ୍ଗର ଆଂଚଳିକ ମୁଖ୍ୟାଳୟ ପରିଦର୍ଶନ କରିବେ। ଏହି ଟିମ୍ଗୁଡିକ ପରବର୍ତ୍ତୀ ସମୟରେ ଟପ୍ ୨୦ରେ ସ୍ଥାନ ହାସଲ କରିବା ପାଇଁ ପ୍ରତିଯୋଗିତା କରିବେ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍କୁ ବିଜ୍ଞାପନ ସହ ୭୯୭୮୫୩୩୧୯୬୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୯୬୪ରେ ଯୋଗାଯୋଗ କରନ୍ତୁ।

# ଦଳଗତ ଜୁନିଅର ବାଳକ ବିଭାଗରେ ଉତ୍ତରାଖଣ୍ଡ ଚାମ୍ପିଅନ

ଭୁବନେଶ୍ୱର,୪।୯ (ସବ୍ୟୁ): ଭୁବନେଶ୍ୱର ସ୍ଥିତ ପୋଖରୀପୁଟ ଇଣ୍ଡୋର ଷ୍ଟାଡିୟମରେ ଯୋନେକ୍ସ-ସାନରାଇଜ ଇଷ୍ଟ ଜୋନ ଆନ୍ତଃ ରାଜ୍ୟ ବ୍ୟାଡ଼ମିଣ୍ଟନ ଚାମ୍ପିଅନସିପର ଆଜି ସମସ୍ତ ଦଳଗତ ବିଭାଗର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଅଛି । ଆଜି ଅନୁଷ୍ଠିତ ପ୍ରଥମ ଦଳଗତ ଫାଇନାଲରେ ଉତ୍ତରରାଖଣ୍ଡ ଜୁନିଅର ଦଳ ଓଡିଶା ଜୁନିଅର ଦଳ କୁ ୨-୦ ମେଚ ରେ ହରାଇ ଚାମ୍ପିଅନ ହୋଇଛନ୍ତି । ଓଡିଶା ଖେଳାଳି ସୌମ୍ୟଜିତ ସାହୁ ଉତ୍ତରାଖଣ୍ଡର ନିଶ୍ଚଳ ଚାନ୍ଦଙ୍କ ଠାରୁ ୭-୧୫, ୭-୧୫ ପଏଣ୍ଟରେ ଏବଂ ଡବଲସରେ ଦିବ୍ୟମ କେଜରିୱାଲ ଓ ଶୁଭ୍ରକେତନ ମଲ୍ଲିକ ଉତ୍ତରାଖଣ୍ଡ ର ସୌର୍ଯ୍ୟ ଅଗ୍ରୱାଲ ଓ ନିସଚଲ ଚାନ୍ଦ ଯୋଡିଙ୍କ ଠାରୁ ୧୧-୧୫, ୧୪-୧୬ ପଏଣ୍ଟରେ ହାରି ଯାଇଥିବାରୁ ଓଡିଶା ଦଳ ଏହି ବିଭାଗରେ ରନର୍ସ ଅପ ହୋଇ ସନ୍ତୁଷ୍ଟ ହୋଇଛି । ଜୁନିଅର ବାଳିକା ଦଳଗତ ବିଭାଗର ସିଙ୍ଗଲସ ଖେଳରେ ଉତ୍ତରାଖଣ୍ଡର ଆକ୍ଷିତା ମନରଲ ପଶ୍ଚିମବଙ୍ଗର ପ୍ରତିଷ୍ଠା ପଲଙ୍କୁ ୧୫-୯, ୧୫-୬ ପଏଣ୍ଟ ରେ ଏବଂ ଡବଲସ ରେ ଉତ୍ତରାଖଣ୍ଡ ଯୋଡି ଆଞ୍ଜେଲ ପୁନେରା ଓ ସମ୍ଭାବି ରାଉଥମ,ପଶ୍ଚିମବଙ୍ଗର ପର୍ଣ୍ଣା ଦତ୍ତ ଓ ଅନ୍ୱିକ୍ଷା ପାଲ ଯୋଡିଙ୍କୁ ୧୫-୬, ୧୫-୫ ପଏଣ୍ଟ ରେ




ହରାଇ ଉତ୍ତରାଖଣ୍ଡକୁ ଚାମ୍ପିଅନ କରାଇଛନ୍ତି ।

ପୁରୁଷ ଦଳଗତ ଓ ମହିଳା ଦଳଗତ ବିଭାଗ ରେ ମଧ୍ୟ ଉତ୍ତରାଖଣ୍ଡ ଦଳ ଚାମ୍ପିଅନ ହୋଇ ନିଜର ଶ୍ରେଷ୍ଠତ୍ୱ ପ୍ରମାଣିତ କରିଛନ୍ତି । ପୁରୁଷ ଡବଲସ ରେ ସିଦ୍ଧାର୍ଥ ଘିଲଦୀୟଲ ଓ ରାନୁଜ ମେହେରା ଯୋଡି ବିହାରର ଅମ୍ରିତ ରାଜ ଓ ଆର୍ଯ୍ୟନ ରାଜଙ୍କୁ ୧୫-୧୩, ୧୦-୧୫ ଓ ୧୫-୭ ପଏଣ୍ଟ ରେ ହରାଇ ବିଜୟୀ ହୋଇଛନ୍ତି । ପୁରୁଷ ସିଙ୍ଗଲ ରେ ଉତ୍ତରାଖଣ୍ଡ ର ଧ୍ରୁବ ନେଗୀ ବିହାର ର ରଣବୀର ସିଂ ଙ୍କୁ ୧୫-୪, ୧୫-୩ ରେ ଏବଂ ପରବର୍ତ୍ତୀ ସିଙ୍ଗଲ ରେ ଅଂଶ ନେଗୀ ବିହାର ର ସାକ୍ଷମ ବସ୍ତା ଙ୍କୁ ୧୫-୧୧, ୧୫-୯ ପଏଣ୍ଟ ରେ ହରାଇ ଥିବାରୁ ଉତ୍ତରାଖଣ୍ଡ ଏହି ଫାଇନାଲ ରେ ୩-୦ ମେଚ ରେ ଜିତି ଚାମ୍ପିଅନ ଓ ବିହାର ଦଳ ରନର୍ସ ଅପ ହୋଇଛନ୍ତି । ମହିଳା ଦଳଗତ ଫାଇନାଲ ରେ ମଧ୍ୟ ଉତ୍ତରାଖଣ୍ଡ ଦଳ ଉତ୍ତର ପ୍ରଦେଶ କୁ ୩-୧ ମେଚ ରେ ହରାଇ ଚମ୍ପିୟାନ ହୋଇଥିବା ବେଳେ ଉତ୍ତରପ୍ରଦେଶ ଦଳ ରନର୍ସ ଅପ ହୋଇଛି ।

ଦଳଗତ ବିଭାଗ ର ପୁରସ୍କାର ବିତରଣୀ ଉତ୍ସବରେ

ମୁଖ୍ୟ ଅତିଥି ଭାବେ କ୍ରୀଡା ଓ ଯୁବ ବ୍ୟାପାର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ସାମ୍ମାନୀତ ଅତିଥି ଭାବେ ରାଜ୍ୟ ନଗର ଉନ୍ନୟନ ସଂସ୍ଥା ର ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ ସିଂ,କ୍ରୀଡା ବିଭାଗ ର ଯୁଗ୍ମ ସଚିବ ଗୀତା ଦାସ,ଅନ୍ତର୍ଜାତୀୟ କୋଚ ଗୋବର୍ଦ୍ଧନ ରେଡଡି,ମୁଖ୍ୟ ରେଫରୀ ଇ. ପି. ଦିବାକରଣ ଓସବା ଉପସଭାପତି କାର୍ତିକ ଦାସ, ସୁରେଶ ଚନ୍ଦ୍ର ପଣ୍ଡା, ଓସବା ସମ୍ପାଦକ ନିଳିନ କୁମାର, ଶୈଳେନ୍ଦ୍ର ଚୌଧୁରୀ, ମନରଞ୍ଜନ ପଣ୍ଡା,ସୁରୁଲାଲ ମଟାରୀ ପ୍ରମୁଖ ଯୋଗ ଦେଇ ଚାମ୍ପିଅନ ଓ ରନର୍ସ ଅପ ଦଳକୁ ଟ୍ରଫି, ସ୍ୱର୍ଣ୍ଣ, ରୌପ୍ୟ ପଦକ ଏବଂ ପ୍ରମାଣପତ୍ର ପ୍ରଦାନ କରି ପୁରସ୍କୃତ କରିଥିଲେ ।

୪ ତାରିଖ ଅପରାହ୍ନରୁ ଏହି ଚାମ୍ପିଅନସିପର ବ୍ୟକ୍ତିଗତ ପ୍ରତିଯୋଗୀତା ଆରମ୍ଭ ହୋଇଯାଇ ଅଛି ଏବଂ ୬ତାରିଖ ଦିନ ଫାଇନାଲ ଖେଳ ଅନୁଷ୍ଠିତ ହେବ ବୋଲି ଓଡିଶା ରାଜ୍ୟ ବ୍ୟାଡ଼ମିଣ୍ଟନ ସଙ୍ଘ ସମ୍ପାଦକ ତଥା ଆୟୋଜନ କମିଟୀ ସମ୍ପାଦକ ନିଳିନ କୁମାର ସୂଚନା ଦେଇଛନ୍ତି ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/
store/app/details/
id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Dr. Gurukalyan Mohapatra, ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି